RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ଡିସେମ୍ବର ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର୍ ପରିପ୍ରକାଶ

# ପ୍ରାଚୀ
# PRACHEE





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ*
*ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ-ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡ଼େ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୂର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଞ୍ଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ର ପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ଼ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହା କେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉ ଭଳି ଶତଛନ୍ଦଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳ-ରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ ଦେଇଥାଏ ନୂତନ ସାହିତ୍ୟ । ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷା ଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟି ହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ, ନିଷ୍ପେଷିତର ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟି କରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ-ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ-ପତନ ସହ ଜଡ଼ିତ ଆମ ପତ୍ରିକା **'ପ୍ରାଚୀ'**ର ଷଷ୍ଠ ବର୍ଷର ନବମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା-ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ; ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଚିପୂର୍ଣ୍ଣ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍-ଭୂଷଣରେ ଭୂଷିତ ଏହି ଶବ୍ଦସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭ କରିବ ବୋଲି ଆମର ଆଶା ଓ ବିଶ୍ୱାସ ।

**ସଂପାଦକ**

# ✍ 'ପ୍ରାଚୀ'ର କଲମ ✍

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀଶକ୍ତିକୁ ଯୁଗେଯୁଗେ ସଂଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ; ପୁଣି କରୁଣା, ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତ-ଆହ୍ଲାଦଦାୟୀ ନାମ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ଗ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀ'ର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାର ଦୂର କରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ'ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । 'ପ୍ରାଚୀ' ପତ୍ରିକାଟି କଥା କହିପାରୁ ନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । କୌଣସି ନା କୌଣସି ବାସ୍ତବ ଚରିତ୍ରର ହୃଦୟାବେଗକୁ ପାଥେୟ କରି, ସମାଜରେ ସଚେତନତା ସୃଷ୍ଟି କରିବା ସଙ୍ଗେସଙ୍ଗେ ସମାଜକୁ ସୁସ୍ଥ-ସବଳ କରିବାର ଲକ୍ଷ୍ୟ ନେଇ 'ପ୍ରାଚୀ' ଆଗେଇ ଚାଲିଛି । 'ପ୍ରାଚୀ'ର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତା'ର ଗର୍ବକୁ ଚରିତାର୍ଥ କରୁଛି । ...
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ । କିନ୍ତୁ ଆଜି ମୁଁ ଅବହେଳିତ; କାରଣ ମତେ ବଞ୍ଚିରହିବା ପାଇଁ ...
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହିଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ । କିନ୍ତୁ ସେ ଜଳକୁ ବିଷାକ୍ତ କରି ...
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ...
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପିଢ଼ି ପରେ ପିଢ଼ି ମଣିଷଙ୍କ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି । କିନ୍ତୁ ଦିନକୁ ଦିନ ବହୁ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା ...
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତିମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ । ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି । କିନ୍ତୁ ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମ କରେ । କିନ୍ତୁ ବୁଝିପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ । କିନ୍ତୁ ଏ ସମାଜ କାହିଁକି କେଜାଣି ମୋ ଉପରେ ଏହି 'ପାଗଳ' ଶବ୍ଦଟି ଲଦିଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି, ମୁଁ ଜାଣେନା ...
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା'ହେଲେ, ମତେ ସମାଜର ଗୋଡ଼ ଥିବା ଲୋକମାନେ କାହିଁକି ନ୍ୟୂନଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇପାରେ ...
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲେ, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ-ବାହାରେ ଖାଲି ଛି ଛି, ଆଉ କେତେଦିନ ...
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ, କଥା ବଡ଼ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫିୟତ୍ ମାଗନ୍ତି । ଟିକେ ଭୁଲ୍ ପାଇଁ ଏତେ କଥା ...
- ❑ ମୁଁ ଦୀନହୀନ ଗୋବିନ୍ଦ । ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟ ଉପାୟ ନାହିଁ । ଘରେ ପୁଣି ରୋଗିଣା ମା' । ଅନ୍ୟ ଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଉଁଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ । ଅପେକ୍ଷାକରେ ସମୟକୁ, ସମୟ ଆସିବ ...

বାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 6, DECEMBER 2020, Issue No. IX
RNI No. : ODIODI/2015/64435
P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।



**Declaration**
**Edited, Published & Owned by :**
**Dr. Bibhudatta Khandayatray**



**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheenews.com**


## ଏଇ ସଂଖ୍ୟାରେ...

### ପ୍ରବନ୍ଧ ବିଭାଗ


▶ ଗଙ୍ଗାଧରଙ୍କ କବିତାରେ ବିଶ୍ୱପ୍ରେମ
ଡକ୍ଟର ମଣୀନ୍ଦ୍ର କୁମାର ମେହେର ୭

▶ ଦେହ ରଥରେ ମନ ସାରଥି
ଅଧ୍ୟାପକ ଗୋବିନ୍ଦ ଭଗବାନ ୯


### ଗଳ୍ପ ବିଭାଗ


▶ ବ୍ୟୋମକେଶର ବୟାନ
ବିଷ୍ଣୁ ସାହୁ ୧୨

▶ କ୍ରୋଟନ୍‌ର ଅପମୃତ୍ୟୁ
ଡକ୍ଟର ଅଜୟ କୁମାର ପଟ୍ଟନାୟକ ୨୨

▶ ଲେଉଟାଣି
ଡ. ରଂଗାଧର ମହାପାତ୍ର ୨୪

▶ ଚାଲୁଝିଅଙ୍କ ଗାଲୁଗପ
ବିବିଧ ବିଶ୍ୱ ୨୬

▶ ଖଣ୍ଡାଧାର ନାକ ବନାମ ମଲ୍ଲିଫୁଲିଆ ହସ
ସ୍ୱାଗତିକା ସେଠୀ ୨୯

▶ କେଉଁଠି ମିଳିବ ନିରୋଳା ପ୍ରେମ ? ଦିଅ... ଦିଅ.... !
ଏ. ଆର୍. ଦୀପଙ୍କର ଦାସ ୩୨

▶ ଆପଣାର ମୁହୂର୍ତ୍ତ
ଡକ୍ଟର ସୁରେଶ ଛୋଟରାୟ ୩୪

▶ ଆବାରଗିଲ୍ ଠାରୁ ନିମଗ୍ନା ପର୍ଯ୍ୟନ୍ତ
ଦେବେନ୍ଦ୍ରନାଥ ଭୂୟାଁ ୩୮

▶ ବିଷ ବିଶ୍ୱାସ
ଲକ୍ଷ୍ମୀ ଚାନ୍ଦ୍ ୪୨

▶ ଆଫ୍ରିକା ଠେକୁଆ
ରାଧାଶ୍ୟାମ ରାଉଳ ୪୬


### ରମ୍ୟରଚନା ବିଭାଗ


▶ ରାଧେ ରାଧେ
ରାଜେଶ କୁମାର ଜୈନ୍ ୪୮

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# 'ପ୍ରାଚୀ'ର ନିୟମାବଳୀ

- **'ପ୍ରାଚୀ'** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାର ଲକ୍ଷ୍ୟ । ଏହି ପତ୍ରିକାରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- 'ପ୍ରାଚୀ' ନୂତନ ଲେଖକ-ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ, ତାହା ଏଥିରେ ପ୍ରକାଶ ପାଇବ । ଲେଖକ-ଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ-ଲେଖିକାଙ୍କୁ ଜଣାଇଦିଆଯିବ ।
- 'ପ୍ରାଚୀ'କୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ-ଲେଖିକାମାନେ ନିଜ ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ-ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କ କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । 'ପ୍ରାଚୀ' ପାଇଁ ପଠାଉଥିବା ଲେଖାଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ 'ପ୍ରାଚୀ', ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ-ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ 'ପ୍ରାଚୀ' ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋଡ୍ ..................................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................... ତାରିଖ.....................................

ବ୍ୟାଙ୍କ୍........................................ ସ୍ଥାନ.........................................................

ତାରିଖ....................................... ଦସ୍ତଖତ......................................................

**ବାସ୍ତବତାର ପରିପ୍ରକାଶ 'ପ୍ରାଚୀ'**

ନୀଳାଦ୍ରି ବିହାର, ନୂଆବଜାର, କଟକ-୪, ମୋବାଇଲ୍ / ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

## ପ୍ରବନ୍ଧ ବିଭାଗ

# ଗଙ୍ଗାଧରଙ୍କ କବିତାରେ ବିଶ୍ୱପ୍ରେମ

ଡକ୍ଟର ମଣୀନ୍ଦ୍ର କୁମାର ମେହେର

ସ୍ୱଭାବ କବିଙ୍କ ମାତୃଭୂମି ଓ ମାତୃଭାଷା ପ୍ରତି ପ୍ରୀତି ବିଶ୍ୱପ୍ରୀତିରେ ଉପନୀତ ହେବା ଏକ ଭାବୋଦ୍ଦୀପକ ବିଷୟ । ତାଙ୍କ 'ମାତୃଭୂମି' କବିତାର ମଣିଷ ଶିଶୁ କ୍ରମଶଃ ପରିପକ୍ୱତା ଲାଭ କରି ଉପଲବ୍ଧି କରେ ଯେ ସମଗ୍ର ମାନବ ସମାଜ ହେଉଛି ତା'ର ସହୋଦର । ଗଂଗାଧରଙ୍କ ଭାଷାରେ :

'ଜ୍ଞାନ ବଳେ ଯେବେ ଜାଣେ ସମସ୍ତଙ୍କ
ଜନକ ଜଗତ ପତି,
ସହୋଦର ଜ୍ଞାନ କରେ ଅବନୀର
ମାନବ ସମାଜ ପ୍ରତି ।'[୧]

ସମଗ୍ର ପୃଥିବୀର ମଣିଷ ସମାଜ ପ୍ରତି ସମ୍ବେଦନଶୀଳ ହୋଇଉଠିବାର ଅନୁଭବ ହିଁ ହେଉଛି ପ୍ରକୃତରେ ବିଶ୍ୱପ୍ରୀତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯେକୌଣସି ଭାଷାର ଯେକୌଣସି ଦେଶର ମଣିଷ ପାଇଁ କଲ୍ୟାଣମୂଳକ ଚିନ୍ତାରେ ସ୍ପନ୍ଦିତ ହେବାର ଭାବ ହିଁ ବିଶ୍ୱପତିଙ୍କର ଉପଯୁକ୍ତ ଆରାଧନା । 'ବିଂଶ ଶତାବ୍ଦୀର ମାନବବାଦୀ ଦାର୍ଶନିକ ଆଲ୍‌ବର୍ଟ ସ୍ୱାଇତ୍‌ଜର୍ ତାଙ୍କର ଜୀବନ ବ୍ୟାଖ୍ୟାର ସର୍ବଶେଷ ପର୍ଯ୍ୟାୟରେ ସେହି ଦୃଷ୍ଟିଟିକୁ 'ଜୀବନ ପ୍ରତି ଶ୍ରଦ୍ଧା' ବୋଲି କହିଛନ୍ତି । ଏହି ଦୃଷ୍ଟି ବିନୀତ ହୋଇ ରହିବାର ଦୃଷ୍ଟି, ସକଳ ଜଗତ ଲାଗି ନିୟୋଜିତ ଓ ପ୍ରେରିତ ହୋଇ ରହିବାର ଦୃଷ୍ଟି । ଶ୍ରଦ୍ଧା ଦ୍ୱାରା ଭଗବାନଙ୍କୁ ପାଇଲେ ମଣିଷ ତାହାରି ମାଧ୍ୟମରେ ସାରା ପୃଥିବୀକୁ ମଧ୍ୟ ପାଏ । ଅର୍ଥାତ୍ ଏହି ପୃଥିବୀର ଯାବତୀୟ ଜୀବନ ସହିତ ସିଏ ଏକ ଏକାତ୍ମକତା ଅନୁଭବ କରେ, ଆପଣାକୁ ଏହି ସବୁଟି ସହିତ ଏକତ୍ର ବନ୍ଧା ହୋଇ ରହିଥିବା ପରି ଅନୁଭବ କରେ ।'[୨] ଗଙ୍ଗାଧରଙ୍କ ବର୍ଣ୍ଣନାରେ ମଣିଷ ସେଇ ଏକାତ୍ମତାର ଅନୁଭବରେ ଆଲୋକସ୍ନାତ ହୋଇଛି ଏହିପରି :

'ତେବେ ସେ ଜାଣଇ ଯେ କରଇ ଯେତେ
ଲୋକଙ୍କର ଉପକାର,
ବିଶ୍ୱପତିଙ୍କର ବିଶ୍ୱଗୃହେ ଅଟେ
ସେ ତେତେ ଯୋଗ୍ୟ କୁମର ।'[୩]

ଗଙ୍ଗାଧରଙ୍କ କବିତାରେ ବିଶ୍ୱପତି, ବିଶ୍ୱଗୃହ, ବିଶ୍ୱରୂପୀ, ବିଶ୍ୱବ୍ୟାପୀ, ବିଶ୍ୱମ୍ଭର, ବିଶ୍ୱହିତକର, ବିଶ୍ୱଚରାଚର, ବିଶ୍ୱନାଥ, ବିଶ୍ୱଜୀବନ, ବିଶ୍ୱସମ୍ରାଟ ଇତ୍ୟାଦି ଶବ୍ଦ ବିଭିନ୍ନ କବିତାରେ ପ୍ରଯୁକ୍ତ ହୋଇ ପାଠକ ଚିତ୍ତରେ ବିଶ୍ୱଭାବନା ଜାଗ୍ରତ କରିଦିଏ ।

ଗୋଟିଏ ଗ୍ରାମ, ଗୋଟିଏ ରାଜ୍ୟ ବା ଗୋଟିଏ ଦେଶରେ ଜନ୍ମ ହୋଇଥିଲେ ମଧ୍ୟ ସତ୍ ସାହିତ୍ୟ ସ୍ରଷ୍ଟାମାନେ ଏହି ବିଶ୍ୱଭାବନାର ଜ୍ୟୋତି ପ୍ରକଟନରେ ସିଦ୍ଧତା ଅର୍ଜନ କରିଥାନ୍ତି । ସମଗ୍ର ବିଶ୍ୱକୁ ଶ୍ରଦ୍ଧାପ୍ଳୁତ ଚକ୍ଷୁରେ ଦେଖିବା ଦ୍ୱାରା ଆପଣାର ଗ୍ରାମ ବା ଅଂଚଳ ପ୍ରତି ତାଙ୍କର ମମତା କଦାପି ଊଣା ହୋଇଯାଏ ନାହିଁ । ସେହିପରି ନିଜ ଅଂଚଳ, ରାଜ୍ୟ ବା ଦେଶକୁ ହୃଦୟ ଦେଇ ଭଲପାଇବା ଦ୍ୱାରା ବିଶ୍ୱପ୍ରେମରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହୁଏ ନାହିଁ । ଗାନ୍ଧିଜୀ କହିଛନ୍ତି, 'ସ୍ୱଦେଶ ସେବା ଓ ବିଶ୍ୱସେବା ମଧ୍ୟରେ ଅସାମଞ୍ଜସ୍ୟ ନାହିଁ ବୋଲି ମୋର ଯେଉଁ ମତବାଦ, ସେଥିପ୍ରତି ମୋର ବିଶ୍ୱାସ ବୃଦ୍ଧିଲାଭ କରିଛି । × × ନିଜ ପ୍ରତି, ପରିବାର ପ୍ରତି, ଦେଶ ପ୍ରତି ଏବଂ ପୃଥିବୀ ପ୍ରତି କର୍ତ୍ତବ୍ୟ - ଏ ସମସ୍ତେ ପରସ୍ପରଠାରୁ ବିଚ୍ଛିନ୍ନ ନୁହନ୍ତି । ଜଣେ ନିଜର କିମ୍ବା ନିଜ ପରିବାରର କ୍ଷତି କରି ଦେଶର କଲ୍ୟାଣ କରିପାରିବ ନାହିଁ, ସେହିପରି ସାରା ପୃଥିବୀର କ୍ଷତି କରି କେହି ଦେଶର ସେବା କରିପାରିବ ନାହିଁ ।'[୪] ନିଜ ମାତୃଭୂମି ଓ ମାତୃଭାଷାକୁ ଯେ ପ୍ରାଣପୂର୍ଣ୍ଣ ଭାବରେ ଶ୍ରଦ୍ଧା କରିପାରେ ସେ ଅନ୍ୟର ମାତୃଭୂମି ଓ ମାତୃଭାଷା ପ୍ରତି ମଧ୍ୟ ଅନୁଭବ କରିପାରେ ହୃଦୟର ଆବେଗ । ବଙ୍ଗଳା ଭାଷାର କବି ସୁଭାଷ ମୁଖୋପାଧ୍ୟାୟ ସେଇଥିପାଇଁ କହନ୍ତି, 'ଯିଏ ପ୍ରକୃତରେ ଆପଣାର ଭାଷାକୁ ପ୍ରେମ କରେ, ଭଲପାଏ, ସେ ଅନ୍ୟ ଭାଷାକୁ ଶ୍ରଦ୍ଧା ନ କରି ରହିପାରିବ ନାହିଁ । ଯିଏ ଆପଣାର ମା'କୁ ଭଲପାଏ, ସେ ଅନ୍ୟର ମା' ସମ୍ମୁଖରେ ମୁଣ୍ଡ ନ ନୁଆଁଇ ରହିପାରିବ କି ?'[୫]

ଗଙ୍ଗାଧର ଏହିପରି ଉଚ୍ଚତର ଭାବନାର ଥିଲେ ଜଣେ ମାନବପ୍ରେମୀ ସ୍ରଷ୍ଟା । 'ଈଶ୍ୱରଦ୍ରୋହୀ' ନାମକ କବିତାରେ ସ୍ପଷ୍ଟ ଭାବରେ କବି ପ୍ରକାଶ କରିଛନ୍ତି ଯେ ସମଗ୍ର ଜାତି ହେଉଛି ଏକ ହିଁ ଈଶ୍ୱରଙ୍କ ଅଧୀନ । ଏଥିରେ କ୍ଷୁଦ୍ର-ମହତ୍‌ର ବିଚାର ସଂକୀର୍ଣ୍ଣତାର ପରିଚାୟକ । କବିଙ୍କ ଶବ୍ଦରେ :

'ସକଳ ମାନବ ଏକ ଈଶ୍ୱର-ସନ୍ତାନ,
ବିବେକୀ ବିଚାରେ ତହିଁ ନାହିଁ ବଡ଼ ସାନ ।
ନିଜ ଦେଶ ପର ଦେଶ କରେ ଭେଦ ଜ୍ଞାନ,
ସେ ଈଶ୍ୱର ଦ୍ରୋହୀ ତାଙ୍କ ଅଧମ ସନ୍ତାନ ।'[୬]

ଅନ୍ୟ ଦେଶର ଧନ ଲୁଣ୍ଠନ କରି ଯେ ନିଜ ଦେଶକୁ ସମୃଦ୍ଧ କରିବାରେ ଲାଗିଥାଏ, ସିଏ ପ୍ରକୃତରେ ଈଶ୍ୱରଙ୍କର ବିରୋଧାଚରଣ ହିଁ କରେ । ସେହିଭଳି ଅନ୍ୟ ଦେଶରେ ନିଜର ପ୍ରଭୁତ୍ୱ କାମନା କରିବା, ଅଧମ ଆଚରଣ କରି ଅନ୍ୟ ଦେଶ ଉପରେ ଅଧିକାର ସାବ୍ୟସ୍ତ କରିବା ବ୍ୟକ୍ତିକୁ ପାପମୟ ପ୍ରାଣ ବୋଲି ଆଖ୍ୟାୟିତ କରିଛନ୍ତି କବି । ମହାତ୍ମାଗାନ୍ଧିଙ୍କ ଦୃଷ୍ଟିରେ 'ଆମେ ଆମ ଦେଶପାଇଁ ସ୍ୱାଧୀନତା ଚାହୁଁ; କିନ୍ତୁ ଅନ୍ୟର କ୍ଷତି କରି କିମ୍ବା ଅନ୍ୟକୁ ଶୋଷଣ କରି ତାହା ପାଇବାକୁ ଚାହୁଁ ନା, ଏପରିକି ଅନ୍ୟ ଦେଶକୁ ଅଧଃପତିତ କରି ମଧ୍ୟ ତାହା ପାଇବାକୁ ଇଚ୍ଛା କରୁ ନାହୁଁ ।'[୭] ଯିଏ ସମଗ୍ର ପୃଥିବୀକୁ ହୃଦୟଭରି ଭଲପାଏ, ସିଏ ଲୁଣ୍ଠନ

କରିପାରେ ନାହିଁ । କାହାରି ଉପରେ ପ୍ରଭୁତ୍ୱ ବିସ୍ତାର କରିପାରେ ନାହିଁ କିମ୍ବା ଅନ୍ୟ କାହାକୁ କ୍ଷୁଦ୍ର ବୋଲି ବିଚାର କରିପାରେ ନାହିଁ ।

ପ୍ରକୃତ ଜ୍ଞାନର ଉପଲବ୍ଧି ମଣିଷର ହୃଦୟକୁ ସତତ ପ୍ରସାରିତ ହିଁ କରିଦେବାରେ ଲାଗିଥାଏ । ବିଶ୍ୱକବି ରବୀନ୍ଦ୍ରନାଥ 'ସମଗ୍ର ବିଶ୍ୱର ମାନବଜାତିକୁ ଏକ ରକ୍ତମାଂସର ମାନବ ରୂପେ ଅନୁଭବ କରୁଥିଲେ । ଏ ଅନୁଭୂତି ତାଙ୍କର ବିପୁଳ କାବ୍ୟ-କବିତାରେ ଦେଖିବାକୁ ମିଳେ । ରବୀନ୍ଦ୍ରନାଥ କେବଳ ବିଶ୍ୱର କବି ନ ଥିଲେ, ବରଂ ବିଶ୍ୱର ମହାମାନବ ଥିଲେ ।'[୮] ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱରେ ସେହି ପ୍ରକାର ମହାମାନବତ୍ୱ ହିଁ ପ୍ରକଟିତ । 'ଯେ ସାଧୁ ଓ ସୁପୁରୁଷ, ସେ ପୃଥିବୀକୁ ଆପଣାର ଗୃହ ଓ ବିଶ୍ୱବାସୀଙ୍କୁ ଆପଣା ପରିବାରର ସଦସ୍ୟ ବୋଲି ମନେ କରେ । × × ଅନ୍ତରର ଆବେଗ ବଳରେ ମଣିଷ ବିଶ୍ୱକୁ ଅନୁଭବ କରେ । ବିଶ୍ୱପ୍ରାଣତାର ବିପୁଳ ପ୍ରବଣତା ନ ଥିବା ମଣିଷଟି ଇତରଙ୍କ ପରି ଆତ୍ମରତିରେ କେବଳ ଘାଣ୍ଟିହେଉଥାଏ । ବିଶ୍ୱକୁ ଦେଖିବାର ପ୍ରଶସ୍ତ ଗବାକ୍ଷ ହେଉଛି ବ୍ୟକ୍ତିର ଅନ୍ତରଙ୍ଗ ଆତ୍ମା । ତାହା ବିଶ୍ୱଭାବରେ ବିଗଳିତ ହେଲେ ବ୍ୟକ୍ତିର ଆତ୍ମା ଅନ୍ତରର ଉପଲବ୍ଧି କରେ । ପ୍ରତ୍ୟେକଙ୍କ ଭିତରେ ଯେଉଁ ଚୈତନ୍ୟ ପୁରୁଷ ରହିଛି ତା ମୁକ୍ତିର ମାର୍ଗ ହେଉଛି ବିଶ୍ୱମନସ୍କତା । ଆପଣାର ପ୍ରାଣରେ ବିଶ୍ୱମାନବତାକୁ ଅନୁଭବ ନ କଲେ କାହାରି ଅନ୍ତର କେବେ ପ୍ରାଣର ବ୍ୟାପ୍ତି ଓ ପ୍ରସାରଣଶୀଳତାରେ ପୁଲକିତ ହୋଇନି ।'[୯]

ସାରା ବିଶ୍ୱକୁ ମଧୁମୟ ଦୃଷ୍ଟିରେ ଦେଖିବା ପାଇଁ କବିଙ୍କ ଆହ୍ୱାନ ପ୍ରକାଶିତ ହୋଇଛି । ବିଶ୍ୱନାଥଙ୍କର କରୁଣା କନ୍ଦରରୁ ଝରିଆସୁଥିବା ମଧୁର ଝରଣା ପ୍ରତି ଉନ୍ମୁକ୍ତ ସେ । ବିଶ୍ୱଜୀବନଙ୍କର ଅକଳନୀୟ କରୁଣାରେ ରସସିକ୍ତ ତାଙ୍କର ଆତ୍ମା । ଆଉ ବିଶ୍ୱସମ୍ରାଟଙ୍କ ନିକଟରେ ତାଙ୍କର ମୁଁକାର ସମ୍ପୂର୍ଣ୍ଣ ଭାବେ ନିବେଦିତ । ବିଶ୍ୱମଣିଷକୁ ଏକ ହିଁ ପରିବାର ବୋଲି ଅନୁଭବ କରିବା ଥିଲା ତାଙ୍କ ଜୀବନର ବିଶେଷତ୍ୱ । ଆନ୍ତର୍ଜାତିକ ଶାନ୍ତି ସ୍ଥାପନ ସଂପର୍କରେ ଆଲୋକପାତ କରି ଭଗବାନଙ୍କ ଦୃଷ୍ଟିରେ ସବୁ ମଣିଷ ସମାନ ବୋଲି ଗାନ୍ଧି ଯାହା ଅନୁଭବ କରିଥିଲେ, ସେହିପରି ବିଶ୍ୱାସର ଦ୍ୟୁତି ଗଂଗାଧରଙ୍କ କବିତାରେ ବିଚ୍ଛୁରିତ ।

ଆଧୁନିକ ପାଶ୍ଚାତ୍ୟ ଶିକ୍ଷାରେ ବିଶେଷ ଶିକ୍ଷା ଗଙ୍ଗାଧର ପାଇ ନଥିବାରୁ ତାଙ୍କର ଅବଲୋକନ ବେଶି ଦୂରକୁ ଯାଇପାରି ନ ଥିଲା ବୋଲି ଡକ୍ଟର ମାନସିଂହ ମତବ୍ୟକ୍ତ କରିଛନ୍ତି ।[୧୦] ତେବେ ଭ୍ରମଣର ସୀମିତତା ସତ୍ତ୍ୱେ ସମଗ୍ର ବିଶ୍ୱଚେତନାର ସ୍ପନ୍ଦନ ନିଜ ପ୍ରାଣରେ କବି ଅହରହ ଅନୁଭବ କରୁଥିଲେ । ସାରା ବିଶ୍ୱ ଭ୍ରମଣ କରି ମଧ ଜଣେ ସଂକୁଚିତ ମନର ବିଭ୍ରାନ୍ତି ପ୍ରକାଶ କରିପାରେ । ଆଉ ଜଣେ ନିଜ ଜନ୍ମଭୂମିର ପରିଧି ଭିତରେ ଗ୍ରାମାଞ୍ଚଳରେ ଥାଇ ମଧ ସମଗ୍ର ଧରଣୀର କମ୍ପନକୁ ଆପଣାର ଶିରା-ପ୍ରଶିରାରେ ସତେଜ ଭାବରେ ଅନୁଭବ କରେ । ଶରୀରର ବିଚରଣ କ୍ଷେତ୍ର ଏଠି ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ । ଯାହା ତାତ୍ପର୍ଯ୍ୟପୂର୍ଣ୍ଣ ତାହା ହେଲା ମଣିଷ ଆତ୍ମାର ସଂପ୍ରସାରଣ । ସେଥିପାଇଁ ଗଙ୍ଗାଧର ନିଜେ କହିଛନ୍ତି, 'ଜ୍ଞାନୀ ଜ୍ଞାନ-ରଥରେ ଆରୋହଣ କରି ନିମେଷ ମଧରେ ବ୍ରହ୍ମାଣ୍ଡ ପର୍ଯ୍ୟଟନରେ ସମର୍ଥ ହୁଅନ୍ତି ।'[୧୧]

ପ୍ରକୃତରେ କବିର ମନ ପକ୍ଷୀମନ ପରି । ତେଣୁ ତା'ର ପ୍ରାଣପକ୍ଷୀ ଗୋଟିଏ ଦେଶରୁ ଆଉ ଗୋଟିଏ ଦେଶକୁ ଅତିକ୍ରମ କରିଯାଉଥାଏ ସହଜ ଭାବରେ । ସମଗ୍ର ଆକାଶରେ ଦିଗରୁ ଦିଗନ୍ତ ସେ ଚକ୍ରାକାରରେ ଉଡ଼ି ବୁଲିପାରେ । ଗଙ୍ଗାଧରଙ୍କ ଚେତନା ପକ୍ଷୀର ଉଡ଼ାଣ ଭଳି ସଂପ୍ରସାରିତ ଥିଲା ବୋଲି ତାଙ୍କ ବିଶ୍ୱପ୍ରୀତିର ମହକ ଏତେ ପ୍ରାଣବାନ୍ । ଆପଣାର କବିତାରେ ବିଶ୍ୱପ୍ରେମର ଝଲକ ପ୍ରଦର୍ଶନ କରି ମଣିଷକୁ ସେ କରିଛନ୍ତି ପ୍ରକୃତ ଜୀବନ ଅଭିମୁଖୀ ।


ପ୍ରଫେସର ଓ ବିଭାଗ ମୁଖ୍ୟ
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ
ବ୍ୟାସବିହାର, ବାଲେଶ୍ୱର-୭୫୬୦୮୯


●●

ପ୍ରାନ୍ତଟୀକା :


୧. ମେହେର ଗଙ୍ଗାଧର, ମାତୃଭୂମି : ଅର୍ଘ୍ୟଥାଳୀ : ଗଙ୍ଗାଧର ଗ୍ରନ୍ଥାବଳୀ । ପୃ.୩୦୩ ।
୨. ଦାସ ଚିତ୍ତରଞ୍ଜନ, ଭକ୍ତ ଓ ଭକ୍ତି : ଓଡ଼ିଆ ଭକ୍ତି (ସନ୍ଥ) ସାହିତ୍ୟ । ପୃ.୨୮ ।
୩. ମେହେର ଗଙ୍ଗାଧର, ମାତୃଭୂମି : ଅର୍ଘ୍ୟଥାଳୀ : ଗଙ୍ଗାଧର ଗ୍ରନ୍ଥାବଳୀ । ପୃ.୩୦୩ ।
୪. କୃଷ୍ଣ କୃପାଲାନୀ, ଆନ୍ତର୍ଜାତୀୟ ଶାନ୍ତି : ଗାନ୍ଧି କଥାମୃତ । (ଅନୁ.- ନନ୍ଦିନୀ ଶତପଥୀ) ଦ୍ୱିତୀୟ ମୁଦ୍ରଣ, ସାହିତ୍ୟ ଅକାଦେମୀ, ରବୀନ୍ଦ୍ର ଭବନ, ୩୫ ଫିରୋଜଶାହ ରୋଡ୍, ନୂଆଦିଲ୍ଲୀ-୧୧୦୦୦୧, ୧୯୮୬ । ପୃ.୧୭୨ ।
୫. ମୁଖୋପାଧ୍ୟାୟ ସୁଭାଷ, ସାମ୍ନାରେ ହିଁ କବିତାର ଯୁଗ (ଅନୁ- କ୍ଷୀରୋଦ ପରିଡ଼ା) : ଉଦ୍‌ଭାସ । ଡିସେମ୍ବର ୨୦୦୩ । ପୃ.୭୧ ।
୬. ମେହେର ଗଙ୍ଗଧର, ଈଶ୍ୱର ଦ୍ରୋହୀ : କବିତାମାଳା : ଗଙ୍ଗାଧର ଗ୍ରନ୍ଥାବଳୀ । ପୃ.୩୪୪ ।
୭. କୃଷ୍ଣ କୃପାଲାନୀ, ଆନ୍ତର୍ଜାତୀୟ ଶାନ୍ତି : ଗାନ୍ଧି କଥାମୃତ । ପୃ.୧୭୩ ।
୮. ନନ୍ଦ କୁଶ, ଧର୍ମ ଓ ସଂସ୍କୃତିର ନବ ମୂଲ୍ୟାୟନ : ବିଶ୍ୱକବି ରବୀନ୍ଦ୍ରନାଥ ଓ ଭକ୍ତକବି ମଧୁସୂଦନ । ପ୍ରଥମ ସଂସ୍କରଣ, ପ୍ରକାଶିକା- ଶାନ୍ତିସୁଧା ନନ୍ଦ, ରଘୁନାଥପୁର, କଟକ, ୧୯୮୫ । ପୃ.୪୫୫ ।
୯. ସାହୁ ଆଦିକନ୍ଦ, ମଣିଷର ବିଶ୍ୱମନସ୍କତା : ଭାବ ଗୌରବ । ପ୍ରଥମ ସଂସ୍କରଣ, କଟକ ଷ୍ଟୁଡେଣ୍ଟ୍ସ୍ ଷ୍ଟୋର, ବାଲୁବଜାର, କଟକ-୨, ୧୯୯୯ । ପୃ.୯ ।
୧୦. ମାନସିଂହ ମାୟାଧର, କାବ୍ୟଶିଳ୍ପର ଉଜ୍ଜ୍ୱଳ ତାରକା : ଗଙ୍ଗାଧର ମେହେର : ଓଡ଼ିଆ ସାହିତ୍ୟର ଇତିହାସ । ପୃ.୨୮୨ ।
୧୧. ମେହେର ଗଂଗାଧର, ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ : ଗଦ୍ୟ ରଚନାବଳୀ : ଗଙ୍ଗାଧର ଗ୍ରନ୍ଥାବଳୀ । ପୃ.୩୮୦ ।

# ଦେହ ରଥରେ ମନ ସାରଥି

**ଅଧ୍ୟାପକ ଗୋବିନ୍ଦ ଭଗବାନ**

ଶ୍ରୀମଦ୍ ସାରଥି ବାବାଙ୍କ ପ୍ରସଙ୍ଗ ଯଦିଓ ଥଣ୍ଡା ପଡ଼ିଯାଇଛି, ତଥାପି ନିଜକୁ ସାରଥି ବାବାଙ୍କ ଭକ୍ତ ବୋଲି ପରିଚୟ ଦେବା, ତାଙ୍କ ସପକ୍ଷରେ ଲେଖିବା କିମ୍ବା କହିବା ଅର୍ଥ ବିପଦକୁ ଜାଣିଶୁଣି ବରଣ କରିବା । ଗତ ପ୍ରାୟ ଦେଢ଼ବର୍ଷ ଧରି ସାରଥି-ଭକ୍ତଙ୍କ ଗଜାମରୁଡ଼ି ବିଶେଷତଃ ଆମ ରାଜ୍ୟରେ ଦେଖାଦେଇଛି । ମନେପଡୁଛି ସାରଥି ପ୍ରସଙ୍ଗ ଗଣମାଧ୍ୟମରେ ଜୋରଦାର୍ ପ୍ରଘଟ ହେବା ବେଳର କଥା । ଏହାର କିଛିଦିନ ପରେ ସୁର ସମେତ ବହୁ ବାବାଙ୍କ କାରନାମା ଲୋକଲୋଚନକୁ ଆସିଥିଲା । ବାବା ସମେତ ସେମାନଙ୍କ ଭକ୍ତମାନଙ୍କ ଭିତରେ କୋକୁଆଭୟ ଖେଳିଯାଇଥିଲା । କଟକର ଗଳିକନ୍ଦିରେ ଅଧିକାଂଶଙ୍କ ଘରେ ଲେଖା ଥିବା 'ଶ୍ରୀମଦ୍ ସାରଥି ଦେବୋ ଭବ', 'ସାରଥି ଭବନ' ଇତ୍ୟାଦିକୁ ଗୃହକର୍ତ୍ତାମାନେ ରାତିଅଧରେ ଲିଭେଇଦେଇଥିଲେ । ନମ୍ବର ୱାନ୍ ବୋଲାଉଥିବା ଭକ୍ତମାନେ ମଧ୍ୟ ସମସ୍ତଙ୍କ ଅଜାଣତରେ ନିଜ ବେକରୁ ସାରଥି ବାବାଙ୍କ ଲକେଟ୍, ତାବିଜ ପ୍ରଭୃତି କାଢ଼ି ଫିଙ୍ଗିସାରିଥିଲେ । ବାବାଙ୍କ ପାଦୁକପାଣି ବିନା ଯେଉଁମାନଙ୍କ ପାଟିକୁ ଖାଦ୍ୟ ରୁଚୁନଥିଲା, ସେମାନେ ମଧ୍ୟ ଆଜି ଏଭଳି ବ୍ୟବହାର କରୁଛନ୍ତି, ଯେମିତିକି ବାବାଙ୍କ ନାଆଁ ମଧ୍ୟ ଏମାନଙ୍କ କାନରେ କେବେ ପଡ଼ିନଥିଲା ! ପ୍ରସଙ୍ଗ ଥଣ୍ଡା ପଡ଼ିବା ପରେ ଏବେ ଅଧିକ ଜାଣିବାକୁ ମିଳୁଛି, ସତରେ ସାରଥି ଚେର କେତେ ଭିତରକୁ ଲମ୍ବିଥିଲା ! ନିଜକୁ ଜ୍ଞାନୀ, ଗୁଣୀ, ପଣ୍ଡିତ ତଥା ନେତା ବୋଲାଉଥିବା ବ୍ୟକ୍ତି ମଧ୍ୟ ତାଙ୍କ ନିକଟରେ ଅଧିଆ ପଡୁଥିଲେ । ସତରେ ଆମ ଲୋକଗୁଡ଼ାକ ଯେମିତି ବୋକା, ସେମିତି ସ୍ୱାର୍ଥପର ଓ ସୁବିଧାବାଦୀ । ସ୍ୱାର୍ଥ ଥିବାଯାକେ ରାତିଦିନ ଲମ୍ଫାଧାଡ଼ି ଲଗେଇଥିବେ; ସ୍ୱାର୍ଥରେ ଟିକେ ଆଞ୍ଚ ଆସିବାର ସୁରାକ୍ ପାଇଲେ ଏମାନେ ଛୁ, ଗୋଟାପଣେ ତୁଳସୀ । ଗୋଠ ମାତିଲେ ଖଣ୍ଡିଆ ମାତିଲା ଭଳି ସାରଥି ଓ ସୁର ଭଳି ବାବାମାନଙ୍କର ଏଇ ଚେଲାମାନେ ଏବେ ଅସାରଥି-ଅସୁରମାନଙ୍କ ସାଙ୍ଗରେ ମାତିଉଠିଛନ୍ତି । ମୁଁ କିନ୍ତୁ ଏଭଳି ବେଇମାନିକୁ ଆଦୌ ହଜମ କରିପାରୁ ନାହିଁ । ଅବଶ୍ୟ ମୁଁ କେବେ କାହାରି ଭକ୍ତ ନଥିଲି କିମ୍ବା ଆଜି ବି ନାହିଁ । ଭାବୁଛି ଏବେ ସାରଥି କିମ୍ବା ସୁର ବାବାଙ୍କ ଭକ୍ତ ବନିଯିବା ଭଲ ହେବ । ବାବାଙ୍କ ଆଶ୍ରମକୁ ଯିବା ତ ଦୂରର କଥା, ତାଙ୍କ ବାରିମୂଳ ଆଶ୍ରମ ସାମ୍ନା ପଟ ଦେଇ ମଧ୍ୟ କେବେ ଯାଇଥିବାର ମୋର ମନେ ପଡୁନାହିଁ । ଝିଣ୍ଟି ଶାସନ ପାଖଦେଇ ଅନେକଥର ଯିବା-ଆସିବା କରିଥିଲେ ବି ଭୁଲ୍‌ରେ ମଧ୍ୟ କେବେ ଝିଣ୍ଟିରେ ଝୁଣ୍ଟିପଡ଼ିନାହିଁ ମୁଁ । ପ୍ରାର୍ଥନା ଚ୍ୟାନେଲ୍‌ରେ ସାରଥି ବାବାଙ୍କ ପ୍ରବଚନ ମୋ ଜୀବଦ୍ଦଶାରେ ଅତି ବେଶିରେ ସର୍ବମୋଟ୍ ୫ ବା ୧୦ ମିନିଟ୍‌ରୁ ଅଧିକ ଶୁଣିବା କେବେ ହୋଇନଥିବ । ବହୁ ଗଣ୍ୟମାନ୍ୟ ଭଦ୍ରବ୍ୟକ୍ତି, ତଥାକଥିତ ନେତା ଓ ପ୍ରଗତିଶୀଳ ବୋଲାଉଥିବା ଚିନ୍ତାନାୟକମାନଙ୍କୁ ମୁଁ ଜାଣେ, ଯେଉଁମାନେ ସାରଥିଙ୍କ ନିକଟରେ ଲେଫ୍ଟ-ରାଇଟ୍ କରୁଥିଲେ । ଏବେ କିନ୍ତୁ ଏମାନେ ସାରଥିଙ୍କ ବିରୋଧରେ ଲମ୍ବା ଚଉଡ଼ା ଭାଷଣ ଦେବାରେ ଲାଗିପଡ଼ିଛନ୍ତି । ସାରଥିଙ୍କ ଏଇ କଳା କାରନାମା ପର୍ଦ୍ଦାଫାସ୍ ହେବାର ବହୁ ପୂର୍ବରୁ ମୁଷ୍ଟିମେୟ ସଚେତନ ନାଗରିକ ବିରୋଧ କରି ଆସୁଥିଲେ ହେଁ ଏହା ଦାନା ବାନ୍ଧିପାରି ନଥିଲା । ଏବେ ସାରଥିଙ୍କ ବିରୋଧରେ ହେଉଥିବା କ୍ରମାଗତ ପ୍ରଚାର ଓ ଚର୍ଚ୍ଚାକୁ ମୁଁ ପ୍ରାୟ ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ଦେଖିଥିବି, ଶୁଣିଥିବି । ଭାବିଲି ସନ୍ତୋଷ ରାଉଳ ଓରଫ୍ ସାରଥି ବାବା ସ୍ୱ-ଘୋଷିତ ଭଗବାନ ବୋଲାଉଥିଲାବେଳେ ତାଙ୍କୁ ୫ ମିନିଟ୍ ଶୁଣିବା ପାଇଁ ମୋର ସମୟ ନଥିଲା; ଅଥଚ ଏବେ ଭଗବାନରୁ ଗଣମାଧ୍ୟମ-ଘୋଷିତ ଭଣ୍ଡ ପାଲଟିଯିବାରୁ ତାଙ୍କ ସମ୍ବନ୍ଧରେ ଘଣ୍ଟାଘଣ୍ଟା ଶୁଣିବାକୁ ମୋର ଇଚ୍ଛା ହେଲା ଏବଂ ଏଇ ଇଚ୍ଛା ମୋତେ କେବଳ ସାରଥି-ମନସ୍କ କଲାନାହିଁ, ବିନା ସାରଥିରେ ସାରଥି-ଭକ୍ତ କରିଦେଲା । ଘୃଣା କରାଯାଉଥିବା ଲୋକଟି ସମ୍ବନ୍ଧରେ ବାରମ୍ବାର ଚର୍ଚ୍ଚା କରାଗଲେ ଯେମିତି ବେଳେବେଳେ ତା ପ୍ରତି ପ୍ରେମଭାବ ଉଦ୍ରେକ ହୋଇଯାଏ; ମୋ କ୍ଷେତ୍ରରେ ବି ଠିକ୍ ସେଇଆ ହେଲା । ସାରଥିଙ୍କୁ ନେଇ ଚର୍ଚ୍ଚା ଯେଭଳି ଜୋର୍ ଧରିଥିଲା, ବିତର୍କ ଜାରି ରହିଥିଲା – ମୁଁ ସେ ପ୍ରସଙ୍ଗକୁ ନଯାଇ ଅନ୍ୟ ଏକ ଦିଗ ଉପରେ ଆଲୋକପାତ କରୁଛି ।

ସାରଥି ବାବାଙ୍କୁ ଜେଲ୍‌ରେ ଠୁଙ୍କିଦେଲା ପରେ ବାବାବାଦ କ'ଣ ଆମ ଦେଶରୁ ସବୁଦିନ ପାଇଁ ଲୋପ ପାଇଗଲା ? ଯେଉଁମାନେ ବାବାଙ୍କ ପାଦୁକ ପାନ କରୁଥିଲେ, ତାଙ୍କ ଉଚ୍ଛିଷ୍ଟ ପାନଚୋବା ସେବନ କରୁଥିଲେ, ତାଙ୍କ ଲକେଟ୍ ଓ ତାବିଜ ପରିଧାନ କରୁଥିଲେ; ସେମାନେ କ'ଣ ସାରଥି-ସୁର ବାବାଙ୍କ ବ୍ୟତୀତ ଆଉ କେଉଁ ବାବାଙ୍କର ଭକ୍ତ ହେବେନାହିଁ ? ଆମ ଲୋକଙ୍କ ପାଇଁ ସବୁବେଳେ କେହି ନା କେହି ଜଣେ ବାବା, ମାତା, ଅବତାରୀ ପୁରୁଷ ବା ନାରୀ ଅଥବା ଭଗବାନଟିଏ ଦରକାର । ବିନା ଭଗବାନ, ବିନା ବାବାରେ ଥିବା ଲୋକମାନଙ୍କ ସଂଖ୍ୟା ଏଠି ଖୁବ୍ କମ୍ । ହାତଗଣତି କେତେଜଣଙ୍କୁ ଛାଡ଼ିଦେଲେ ପ୍ରାୟ ସଭିଏଁ କୌଣସି ନା କୌଣସି ବାବା-ମାତାଙ୍କର ଶରଣାପନ୍ନ, ଶିଷ୍ୟ-ଶିଷ୍ୟା ଅଥବା ଦୀକ୍ଷିତ । ଅଧିକାଂଶ ବାବା-ମାତା କିମ୍ବା ଗୁରୁମାନଙ୍କୁ ସେମାନଙ୍କ ଭକ୍ତମାନେ ଭଗବାନ ଜ୍ଞାନ କରନ୍ତି; ଏଥିରେ କୌଣସି ଦ୍ୱିମତ ନାହିଁ ଏବଂ ଏହି ତଥାକଥିତ ବାବା-ମାତାମାନେ ମଧ୍ୟ ନିଜକୁ ଭଗବାନ, ଭଗବାନଙ୍କ ଦୂତ,

ଈଶ୍ୱରଙ୍କ ସନ୍ତାନ, ଅବତାରୀ, ସଦ୍‌ଗୁରୁ ବୋଲାଇବାରେ କେବେ ଦ୍ୱିଧା କରନ୍ତି ନାହିଁ । ବିଭିନ୍ନ ଧର୍ମାବଲମ୍ବୀ ଭକ୍ତ ଓ ଏହି ତଥାକଥିତ ଭଗବାନମାନଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ଯୁଗଯୁଗ ଧରି ଚାଲିଛି । ଶ୍ରୀମଦ୍ ସାରଥି ନିଜକୁ ଏତେ ବଡ଼ ଓ ଏକମାତ୍ର ଭଗବାନ ବା ଜଗନ୍ନାଥ କିମ୍ବା ଶ୍ରୀକୃଷ୍ଣ ବୋଲି ଦାବି କରି ବସିବାରୁ ଅନ୍ୟ ଧର୍ମ ସମ୍ପ୍ରଦାୟର ଭଗବାନମାନେ ମଧ୍ୟ ନାକ ଟେକୁଥିଲେ, ଆତ୍ମଘୋଷିତ ଏଇ ଭଗବାନଙ୍କର ପତନ କେବେ ଘଟିବ ବୋଲି ଚାହିଁ ବସିଥିଲେ । ମଲ୍ଲୁ ଯାହା ଖୋଜୁଥିଲା, ବଇଦ (ନ୍ୟୁଜ୍ ୭) ମଧ୍ୟ ଠିକଣା ସମୟରେ ତାହା ବଢାଇଦେଲା ।

ଶ୍ରୀମଦ୍ ସାରଥି ନିନ୍ଦିତ ହେଲାପରେ ଓ ତାଙ୍କୁ ଜେଲ୍‌ରେ ଠୁଙ୍କାଗଲା ପରେ ମୁଁ ଖାଲି ସାରଥି-ମନସ୍କ ହୋଇନାହିଁ, ସାରଥି-ଭକ୍ତମାନଙ୍କ ଆଡ଼କୁ ବି ମୁହାଁଇଛି । ରାସ୍ତାରେ ଗଲାବେଳେ ବିଚରା ବୋଲ୍‌ବମ୍ ଭକ୍ତମାନଙ୍କୁ ଦେଖିଲେ ତାଙ୍କ ମୁହଁକୁ ବି ମୁଁ ବଲବଲ ହୋଇ ଚାହିଁରହେ । ଏମାନଙ୍କ ପ୍ରତି ଦୟା ଆସେ । ଖୁବ୍ ସୂକ୍ଷ୍ମ ଭାବେ ବିଚାର କଲେ - ଧନ, ଯଶ, ପ୍ରତିପତ୍ତି, କ୍ଷମତା, କାମନା, ସମ୍ଭୋଗ କାହା ଭିତରେ ନାହିଁ ? ସଭିଏଁ କ'ଣ ତଥାଗତ ବୁଦ୍ଧ ? ଏବେ ତ ଯନ୍ତ୍ରୀ ଠାରୁ ମନ୍ତ୍ରୀ, ଭୋଗୀ ଠାରୁ ଯୋଗୀ, ସଭିଏଁ 'କାମନାର ବିକାଶରେ ଦୁଃଖର ବିନାଶ' କଥା ଭାବି ସେ ମାର୍ଗର ପଥିକ ହୋଇଛନ୍ତି ।

ମଣିଷ ଯେତେଦିନ ଯାକେ ନିଜ ଭିତରେ ଭଗବତ୍ ସତ୍ତାର ଉପଲବ୍ଧି କରିନଥିବ, ନିଜକୁ ଭଗବାନ ବୋଲି ଜ୍ଞାନ କରୁନଥିବ, ନିଜ ମନ ହିଁ ନିଜ ଗୁରୁ ବୋଲି ଭାବିପାରୁ ନଥିବ; ସେତେଦିନ ଯାକେ ସାରଥି ଭଳି ବାବା, ମାତା, ଗୁରୁ ଓ ଭଗବାନର ଚକ୍କରରେ ଘୂରିବୁଲୁଥିବେ । ମଣିଷ ନିଜେ ନିଜର ସାରଥି ନହେବା ଯାକେ ନିଜର ମନ ଓ ଦେହ ରୂପକ ରଥରେ ଅନ୍ୟକୁ ସାରଥି କରୁଥିବେ । ଅନ୍ୟର ଦୋଷ ଅପେକ୍ଷା ଅସଲ ଦୋଷର ଚେର ଯେ ନିଜ ଭିତରେ ଅଛି, ଏ କଥା ହୃଦୟଙ୍ଗମ କରୁନଥିବା ଯାକେ ବାବାବାଦ ଆମ ଦେଶରୁ ହଟିବ ନାହିଁ ଏବଂ ସାରଥିମାନେ ସବୁବେଳେ ଆମ ଦେହ ଓ ମନର ସାରଥି ସାଜିଥିବେ । ଆମେ ଏଇ ସାରଥିମାନଙ୍କର ପାନଚୋବା ଖାଉଥିବା, ପାଦୁକ ସେବନ କରୁଥିବା, ଏମାନଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ ଓ ଏକାନ୍ତ ଦର୍ଶନ ଲଭିବା ପାଇଁ ଥେଇଥେଇ ନାଚିବା ସାଙ୍ଗକୁ ଗୋଲକୁଣ୍ଡାରୁ ଚିତ୍ରକୁଣ୍ଡା ଯାକେ ସାରଥିମାନଙ୍କ କାମନା-ରଥରେ ରଥୀ ହେଉଥିବା ।

ଆମ ଶାସ୍ତ୍ରରେ 'ମଣିଷ ହିଁ ଈଶ୍ୱର', 'ସକଳ ଘଟେ ନାରାୟଣ' ଇତ୍ୟାଦି ଉଲ୍ଲେଖ ରହିଛି । ତେବେ, କେହି ନିଜକୁ ଭଗବାନ ବୋଲି ଭାବିବାରେ ଅପରାଧ ରହିଲା କେଉଁଠି ? ଯେମିତି ସାପର ସନ୍ତାନ ସାପ, ବାଘର ସନ୍ତାନ ବାଘ... ସେଇଭଳି ଭାବେ - ମଣିଷ ଯଦି ଭଗବାନଙ୍କ ସନ୍ତାନ, ତା'ହେଲେ ସେ କାହିଁକି ଭଗବାନ ନୁହେଁ ? ମଣିଷ ନିଜକୁ ଭଗବାନ ବୋଲି ଭାବିନଥିବା ହେତୁ ସଇତାନର କାମ ହିଁ ସେ କରୁଛି । ଏଇ ଦୃଷ୍ଟିରୁ ସାରଥି ଓଗେର ଅନ୍ୟ ବାବାମାନେ ଯଦି ନିଜକୁ ଭଗବାନ ବୋଲି ଜ୍ଞାନ କରୁଥିବେ, ତାହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ । ଅନ୍ୟପକ୍ଷରେ ବିଚାର କଲେ - ନିଜକୁ ଭଗବାନ ବୋଲି ଭାବିବା ଓ ଭଗବାନର ସଉଦା କରାଇବା : ଦୁଇଟିଯାକ ପରସ୍ପରର ସମ୍ପୂର୍ଣ୍ଣ ବିରୋଧୀ । ନିଜ ଭିତରେ ଭଗବତ୍ ସତ୍ତାର ଉପଲବ୍ଧି କରିବା ସହ ଅନ୍ୟ ଭିତରେ ଏଇ ସତ୍ତା ଓ ଭଗବତ୍ ଭାବନା ଉଦ୍ରେକ କରାଇପାରିଥିଲେ ହିଁ ବାବାମାନେ ଯଥାର୍ଥରେ ନମସ୍ୟ ହୋଇ ରହିଥା'ନ୍ତେ । ନିଜ ଭିତରେ ଈଶ୍ୱରତ୍ୱ ଉପଲବ୍ଧି କରିବା ଓ 'ମୁଁ ଈଶ୍ୱର' ବୋଲି ଅନ୍ୟମାନଙ୍କ ଦ୍ୱାରା ଡେଙ୍ଗୁରା ପିଟେଇବା, ବିପଣି ଖୋଲିବା - ନିଶ୍ଚିତଭାବେ ଏକ ଚାଲ୍‌ବାଜି । ସାଧାରଣତଃ ଜଣକ ଭିତରେ ଈଶ୍ୱରତ୍ୱର ଉପଲବ୍ଧି ହେଲେ ସେ ଏତେ ନାଟକବାଜି କରେନାହିଁ; ବରଂ ତା ଭିତରେ ଲୁଚିରହିଥିବା ସବୁ ନାଟକବାଜି, ତାମ୍‌ସା ଧୀରେ ଧୀରେ ହ୍ରାସ ପାଇବା ଆରମ୍ଭ କରେ । ତଥାକଥିତ ବାବାମାନଙ୍କ କ୍ଷେତ୍ରରେ କିନ୍ତୁ ଏସବୁର ଓଲଟା ଘଟିଲା । କେବଳ ଶ୍ରୀମଦ୍ ସାରଥି କାହିଁକି, ଯେଉଁ ସାରଥିମାନଙ୍କ ଭିତରେ ପ୍ରକୃତରେ ଈଶ୍ୱରତ୍ୱ ଅନୁଭବ ଆସିଥିବ, ଲୋକେ ସେମାନଙ୍କ ଭକ୍ତ ବା ଅନୁଗାମୀ ହେବାରେ ଆପତ୍ତି ନାହିଁ । କ୍ରମଶଃ ଲୋକଙ୍କ ଭିତରେ ଈଶ୍ୱରତ୍ୱର ଅନୁଭବ ଆସିବାକୁ ଲାଗେ । ପରିଣାମରେ ଗୁରୁ-ଶିଷ୍ୟ, ଭକ୍ତ-ଭଗବାନ ଉଭୟେ ଏକାକାର ହୋଇଯାଆନ୍ତି । ମଣିଷ ସାରା ଜୀବନ ଯେଉଁ ଭଗବାନ ବା ଈଶ୍ୱରଙ୍କୁ ଖୋଜୁଛି, ତାହା କୌଣସି ବ୍ୟକ୍ତିବିଶେଷ ନୁହନ୍ତି; ବରଂ 'ଭଗବାନ' ଏକ ବିଶେଷ ଗୁଣ / ବିଶେଷଣ । ମଣିଷ ଭିତରେ ଏଇ ବିଶେଷ ଗୁଣର ଉଦ୍ରେକ ହେଲେ ସେ ଭଗବତ୍ ପ୍ରାପ୍ତି ଆଡ଼କୁ ମୁହାଁଏ । ମଣିଷ ନିଜକୁ ଛାଡ଼ି ବାହାରେ ଯେଉଁ ଭଗବାନଙ୍କୁ ଖୋଜୁଛି, ତାହା ଅମାବାସ୍ୟା ରାତ୍ରିରେ ଚନ୍ଦ୍ରକୁ ଖୋଜିବା ସଙ୍ଗେ ସମାନ । ମଠ-ମନ୍ଦିରରେ ଲମ୍ବାଧାଡ଼ି ଲାଗିଥିବା ପର୍ଯ୍ୟନ୍ତ କିମ୍ବା କାଉଡ଼ିଆମାନଙ୍କ ଦ୍ୱାରା ଶିବଙ୍କ ଉପରେ ପାଣିଢଳା ଚାଲିଥିବା ପର୍ଯ୍ୟନ୍ତ ଏଇ ସାରଥିମାନଙ୍କ ଆବିର୍ଭାବ ଭିନ୍ନ ଭିନ୍ନ ରୂପରେ ଘଟିଚାଲିଥିବ ।

କୌଣସି ଏକ ଐଶ୍ୱରିକ ଶକ୍ତି ବଳରେ ରାତିଅଧିଆ ବହୁତ ବଳବାନ୍, କ୍ଷମତା ଓ ପ୍ରତିପତ୍ତିର ଅଧିକାରୀ ପାଲଟିଯିବାର ଇଚ୍ଛା ବା କାମନା ହିଁ ଭଣ୍ଡ ବାବାମାନଙ୍କୁ ଭଗବାନରେ ପରିଣତ କରିଦେଇଛି । ଧର୍ମ, ରାଜନୀତି, ସାହିତ୍ୟ, ଶିକ୍ଷା, ସଂସ୍କୃତି... ସବୁଠି ଏଇ ସାରଥିମାନଙ୍କ ରାଜ୍ ଚାଲିଛି । କିଏ ଲୋକଙ୍କ ଧର୍ମୀୟ ଭାବାବେଗ ସହ ଖେଳି ଭଗବାନ ବୋଲାଉଛି ତ ଆଉ କିଏ ଲୋକଙ୍କ ରାଜନୈତିକ ଭାବାବେଗକୁ ପୁଞ୍ଜି କରି ରାଜନେତା ବୋଲାଉଛି । ଧର୍ମ ଭଳି ସାହିତ୍ୟ, ଶିକ୍ଷା, ସମାଜସେବା ଆଦି ସବୁ କ୍ଷେତ୍ରରେ ଲୋକଙ୍କ ଭାବାବେଗକୁ ଥୋପ କରି ଫାଇଦା ହାତଉଥିବା ସାରଥି ବାବାଙ୍କ ସଂଖ୍ୟା ଆମ ସମାଜରେ କିଛି କମ୍ ନୁହେଁ ।

କଥାରେ ଅଛି – 'ନେଇ ଆଣି ଥୋଇପାରିଲେ ଚୋରି ବିଦ୍ୟା ସାର ।' 'ମାଛ ଧରି ଆଣିଲେ : ବାପା ମୋର, କୁମ୍ଭୀର ଖାଇଲେ : କପାଳ ତୋର ।' ମଣିଷ ଭିତରେ ଈଶ୍ୱରତ୍ୱ ଜାଗ୍ରତ ନହେବାଯାଏ, ସଚେତନତା ସୃଷ୍ଟି ନହେବାଯାଏ; ଭକ୍ତ-ଭଗବାନ ମଧ୍ୟରେ, ନେତା-ଭୋଟ୍‌ଦାତା ମଧ୍ୟରେ, କ୍ରେତା-ବିକ୍ରେତା ମଧ୍ୟରେ ସାପ-ସିଢ଼ି ଖେଳ ଏହିପରି ଚାଲୁ ରହିଥିବ । ଆମ ସମାଜରେ ଲୋକମାନଙ୍କୁ ଯେତେଦିନ ଯାଏ କାଳିସୀ ଓ ଡାହାଣୀ ଲାଗୁଥିବ, ବୋଲ୍‌ବମ୍ ଯାତ୍ରା ଚାଲୁଥିବ, ରୋଗ ହେଲେ ଠାକୁରଙ୍କ ଉପରେ ଭରସା କରାଯାଉଥିବ; ସେତେଦିନ ଯାଏ ଜଣକ ପରେ ଜଣେ ସାରଥି ଭିନ୍ନ ଭିନ୍ନ ରୂପରେ ଜନ୍ମ ନେଉଥିବେ । ଅତଏବ ସାଧୁ ସାବଧାନ !

ବାସ୍ତବ ଦୃଷ୍ଟିରୁ ବିଚାର କଲେ, ଆମ ଦେହଟା ହିଁ ରଥ । ଦେହ-ରଥରେ ମନ ସାରଥି । ଦେହ ଓ ମନ ଅଙ୍ଗାଙ୍ଗୀଭାବେ ଜଡ଼ିତ । ଦେହ ଓ ମନକୁ ନେଇ ଜୀବନ ଗଢ଼ା । ଆମ ଜୀବନ ଛଅଟି ଅର ଥିବା ଗୋଟାଏ ଚକ ଭଳି । ପାରିବାରିକ, ଆର୍ଥିକ, ଶାରୀରିକ, ମାନସିକ, ସାମାଜିକ ଓ ଆଧ୍ୟାତ୍ମିକ – ଏଇ ଛଅଟି ଅରକୁ ନେଇ ଆମ ଜୀବନଚକକୁ ଜନନୀ-ଜଠରରୁ ଶ୍ମଶାନ ଯାକେ ସମୟର ରାସ୍ତାରେ ଗତି କରିବା ହିଁ ଜୀବନ ଅଟେ । ଆମେ ସଭିଏଁ ବୁଝିବା ଦରକାର – ମଣିଷ ଭିତରେ ଦେବତ୍ୱ ଅଛି, ପଶୁତ୍ୱ ବି ଅଛି । ପ୍ରକୃତିସୃଷ୍ଟ ଏଇ ଶ୍ରେଷ୍ଠ ଜୀବ ମଣିଷ ବାସ୍ତବିକ୍ ଏକ ଅମୃତମୟ ସୃଷ୍ଟି ଓ ଆନନ୍ଦମୟ ସତ୍ତା । ମନ ହିଁ ସବୁରି ମୂଳ । ଯାହାର ମନ ଯେଡ଼େ, ତାହାର ପ୍ରଭୁ ସେଡ଼େ ।



গল্প বিভাগ

# ବ୍ୟୋମକେଶର ବୟାନ

**ବିଷ୍ଣୁ ସାହୁ**

ବ୍ୟୋମକେଶ ଏଭଳି ଗୋଟେ କାମ କରିବସିବ, ଏହା ଥିଲା ମୋ କଳ୍ପନାର ବାହାରେ ।

ହଁ ମୁଁ ସେଇ ବ୍ୟୋମକେଶ କଥା କହୁଛି, ଯାହା ସହିତ ମୋର ବନ୍ଧୁତା ବିଗତ ଦଶବର୍ଷର । ଖାଲି ବନ୍ଧୁତା କାହିଁକି, ଅନ୍ତରଙ୍ଗତା ଓ ଘନିଷ୍ଠତା କହିଲେ ହୁଏତ ଠିକ୍ ହେବ ଏବଂ ମୁଁ କହିବାକୁ ଯାଉଥିବା ଘଟଣାର ସତ୍ୟତା ଆହୁରି ଅଧିକ ଗ୍ରହଣୀୟ ହେବ ।

ଆପଣମାନଙ୍କ ଭିତରୁ ଯିଏ ବି କେହି ବ୍ୟୋମକେଶ ନାମକ ମଣିଷଟିକୁ ଭେଟିଥାଆନ୍ତେ, ତା ସମ୍ପର୍କରେ କୌଣସି କୁତ୍ସିତ କଥା ଚିନ୍ତା କରିପାରନ୍ତେ ନାହିଁ କିମ୍ବା ତା ବିରୋଧରେ ଗୁରୁତର ଅଭିଯୋଗ ଆଣିବା ଭଳି କଥାଟାକୁ ମଧ୍ୟ ଆଦୌ ସମର୍ଥନ କରିପାରନ୍ତେ ନାହିଁ ।

ଏଥର ଆପଣମାନେ ଚିନ୍ତା କରନ୍ତୁ, ଯେଉଁ ଘଟଣାର ବର୍ଣ୍ଣନା ମୁଁ ଦେବାକୁ ଯାଉଛି ଏବଂ ତା ପୁଣି ବ୍ୟୋମକେଶ ପରି ମୋର ଜଣେ ସ୍ନେହୀ ଓ ନିର୍ଭରଶୀଳ ବନ୍ଧୁଟିର ଚରିତ୍ରକୁ କେନ୍ଦ୍ର କରି – ତାହା କେଉଁ ପରିମାଣରେ ସ୍ପର୍ଶକାତର ଏବଂ ସାଂଘାତିକ ।

ଅବଶ୍ୟ ଏଭଳି ଗୋଟାଏ ଦୁର୍ଘଟଣାର ଅବତାରଣା ନକଲେ ମଧ୍ୟ ଚଳନ୍ତା । କିଛି କ୍ଷତି ହୁଅନ୍ତା ନାହିଁ ।

କିନ୍ତୁ ବ୍ୟୋମକେଶର ଗୋଟିଏ ଭୟଙ୍କର ଦୁର୍ନାମକୁ ନେଇ ମୋ ବିବେକର ଏଇ ଯେଉଁ ଦୋଦୋପାଞ୍ଚ ଏବଂ ଏଥିଯୋଗୁଁ ମୋ ଭିତରେ ରହିଥିବା ଅସ୍ଥିରତା ମୋତେ ଏଇ ଗଳ୍ପଟିର ଅନ୍ଧକାରପୂର୍ଣ୍ଣ ଗହ୍ୱର ଭିତରକୁ ଟାଣିନେଇଯାଉଛି, ଯେଉଁଥିପାଇଁ ମୁଁ ହୋଇପଡୁଛି ନାଚାର ।

ଲାଗୁଛି, ମୁଁ ଯେମିତି ଗଭୀର ଗଣ୍ଡ ଉପରେ ଖେଳୁଥିବା ସ୍ରୋତର ଗୋଟିଏ ଭଉଁରି ଭିତରେ ପଡ଼ିଯାଇଛି । ସେଇ ଭଉଁରି ଭିତରେ ଉବୁଟୁବୁ ହେଉଛି ମୁଁ, ମୋତେ ବିଶ୍ୱାସ କରନ୍ତୁ ।

ଏଣୁ ଏସବୁ କଥା ବର୍ଣ୍ଣନା ନକରି ମୋର ନିସ୍ତାର ନାହିଁ ।

ତେବେ ମୁଁ କ'ଣ ପୂରାପୂରି ନୈରାଶ୍ୟ-କବଳିତ ହୋଇପଡ଼ିଛି ନା ହୋଇପଡ଼ିଛି ବିଚାରବୁଦ୍ଧିଶୂନ୍ୟ ? କ'ଣ ମୁଁ କରିବାକୁ ଯାଉଛି ଏହାଦ୍ୱାରା ? ମୋର ଲେଖକୀୟତାକୁ ସନ୍ତୁଷ୍ଟ କରିବାକୁ ଯାଇ ଏହା ଆଉ ମୋର ଗୋଟେ ପ୍ରୟୋଜନୀୟ ଭୂମିକା ନୁହେଁ ତ ? କେଜାଣି ?

ମୁଁ ପ୍ରକୃତରେ ଜାଣିପାରୁନାହିଁ, ମୋ ଭିତରେ କ'ଣସବୁ ଘଟିଯାଉଛି । ଏଭଳି ବାଚାଳତା ମୋ ଭିତରେ ପୁଣି ଆସୁଛି କେଉଁଠୁ ?

ପ୍ରଥମକରି ଯେଉଁଦିନ ମୁଁ ସେଇ ନିଦାରୁଣ ଘଟଣାଟି ଶୁଣିଲି, ସେଦିନ ତ ମୁଁ ପୂରାପୂରି ନିର୍ବୋଧ ପାଲଟିଯାଇଥିଲି ! ଆଜି ସେଇ ଲୋମହର୍ଷକ ଦୁର୍ଘଟଣାଟି ଘଟିବାର ଦୀର୍ଘ ତିନିବର୍ଷ ପରେ ମଧ୍ୟ ମୁଁ ଯେମିତି ଖଣ୍ଡଖଣ୍ଡ ହୋଇ ଭାଙ୍ଗିପଡୁଛି ।

ପ୍ରକୃତରେ ମୋତେ ଏଇକ୍ଷଣି ଦିଶିଯାଉଛି, ଅସଲ ସତ୍ୟଟିର ସେଇ ଶୁଭ୍ରତା, ଶାମୁକା ପେଟରେ ଢଳଢଳ ମୁକ୍ତାବିନ୍ଦୁଟିଏ ପରି । ସେଇ ଶୁଭ୍ରତା ଟିକକ ମୋତେ ଏବେ ଆଲୋକିତ କରି ରଖିଛି । ସେତକ ସତ୍ୟାଲୋକ ମୋ ଭିତରୁ ଖଲାସ କରିନପାରିଲେ, ଲାଗୁଛି ମୋ ନିଃଶ୍ୱାସ ରୁନ୍ଧିହୋଇ ରହିଥିବ ।

ଏଣୁ ମୋର ଆପଣମାନଙ୍କୁ ଅନୁରୋଧ, ଆପଣମାନେ ମୋତେ ଭୁଲ୍ ବୁଝନ୍ତୁ ନାହିଁ । ବ୍ୟୋମକେଶର ଚରିତ୍ରକୁ ନେଇ ମୋର ଏଇ ଯେଉଁ ଖୋଳତାଡ଼, ତାକୁ ଆପଣମାନେ କେବଳ ସହାନୁଭୂତିର ସହିତ ଲକ୍ଷ୍ୟ କରିବେ । ଆମ ଦୁଇଜଣଙ୍କର ବନ୍ଧୁତାକୁ ନେଇ କୌଣସି ଗୋଟିଏ ଭୁଲ୍ ସିଦ୍ଧାନ୍ତରେ ପହଞ୍ଚିଯିବେ ନାହିଁ । ସର୍ବୋପରି ଏ ଗଳ୍ପରେ ଥିବା ନକାରାତ୍ମକ ଦିଗଗୁଡ଼ିକ ପାଇଁ ମୋତେ ମାଫ୍ କରିବେ । ଆମ ଦୁଇଜଣଙ୍କ ଭିତରେ ଏତେ ବନ୍ଧୁତା ସତ୍ତ୍ୱେ ତା ସମ୍ପର୍କିତ ସ୍ପର୍ଶକାତର କଥାଗୁଡ଼ିକୁ ଗୋପନୀୟ କରି ରଖିପାରିଲି ନାହିଁ ବୋଲି ମୋତେ କ୍ଷମା କରିବେ ।

ଆଉ ରହିଲା ବ୍ୟୋମକେଶ କଥା ।

ସେ କିଭଳି ଗ୍ରହଣ କରିବ, ମୋର ଏଇ ଗଳ୍ପକୁ – ସେ ପ୍ରସଙ୍ଗ ଏଇ ମୁହୂର୍ତ୍ତରେ ମୋ ପାଇଁ ଅବାନ୍ତର । ତା ଚରିତ୍ରରେ ଯେଉଁଭଳି କ୍ଷତଟିଏ ସୃଷ୍ଟି ହୋଇଯାଇଛି ପାଖାପାଖି ତିନିବର୍ଷ ତଳେ, ଏ ଗଳ୍ପ କ'ଣ କେବେହେଲେ ତା'ଠାରୁ ଅଧିକ ଗଭୀର କ୍ଷତଟିଏ ସୃଷ୍ଟି କରିପାରିବ ? ନା – କେବେ ନୁହେଁ । ସେତିକି ମାତ୍ର ଯାହା ମୋର ସାନ୍ତ୍ୱନା ।

ଏବେ ଶୁଣନ୍ତୁ ସେ କାହାଣୀ, ଯାହାର ଅନ୍ଧକାରାଚ୍ଛନ୍ନ ଛାୟାପଥରେ ମୁଁ ଆପଣମାନଙ୍କୁ କିଛିକ୍ଷଣ ପାଇଁ ବୁଡ଼ାଇଦେବାକୁ ଯାଉଛି ।

X X X X

ବ୍ୟୋମକେଶ କେବେ ବି ଜଣେ ନିରୀହ ମଣିଷ ନଥିଲା । ତା'ର କଥାବାର୍ତ୍ତାରେ ରହିଥିଲା ଅସମ୍ଭବ ଦୃଢ଼ତା । କଠିନ ସମସ୍ୟାଗୁଡ଼ିକୁ ଭାଙ୍ଗି ଟିକ୍‌ଟିକ୍ କରିଦେଇ ସେ ତୁଳା ଭଳି ଉଡ଼ାଇଦେଇପାରୁଥିଲା ପବନରେ । ତା'ର ପୋଷାକପତ୍ର ବିଶେଷ ଦାମିକା ନଥିଲେ ବି ତାହା ତା ଚେହେରାକୁ ଏମିତି ଖାପ୍ ଖାଇଯାଉଥିଲା ଯେ, ଦେଖିବାଲୋକର ଆଖି ଅଟକିରହୁଥିଲା ।

ତା'ର ଆଖିଦୁଇଟିର ଚାହାଣି ଥିଲା ଖୁବ୍ ଗଭୀର । ହସ ଥିଲା ମପାଚୁପା ଏବଂ ଚମତ୍କାର । ତା'ର ବେପରୁଆ କେଶଶୈଳୀ ତାକୁ ଖୁବ୍ ସାଜୁଥିଲା । ଗୋଟାଏ ପରିପୂର୍ଣ୍ଣ ବ୍ୟକ୍ତିତ୍ୱର ଠାଣି ବରାବର ବାହାରିଆସୁଥିଲା ତା ହାବଭାବରୁ ।

ସାମାନ୍ୟ କଥାଟିକୁ ଅସାମାନ୍ୟ ଭାବରେ ଉପସ୍ଥାପନା କରିବାରେ ସେ ଥିଲା ମାହିର୍ । ଗୋଟିଏ ଛୋଟ ଖୁସିକୁ ସେ ପରିବର୍ଦ୍ଧିତ କରିପାରୁଥିଲା

ବଡ଼ ଖୁସିରେ । କୌଣସି ହୃଦୟବିଦୀର୍ଣ୍ଣକାରୀ ଘଟଣାକୁ ସେ ପରିଣତ କରିପାରୁଥିଲା ମୁଠାଏ ହାଲୁକା ଦୁଃଖରେ । ସେଇ ଦୁଃଖସବୁ ନିରାକରଣ କରିବାର ରାସ୍ତା ମଧ୍ୟ ବତାଇଦେବାରେ ସେ ଥିଲା ବେଶ୍ ଧୁରନ୍ଧର ।

ଗୋଟିଏ କଲେଜପଢୁଆ ଓ ଦୁଇଜଣ ମ୍ୟାଟ୍ରିକ୍ ପଢୁଥିବା ଝିଅଙ୍କ ବାପା ଭାବରେ ତା'ର ରହିଥିଲା ଅନେକ ଦାୟିତ୍ୱ । ଯଦିଓ ତା'ର ଏତେ ବଡ଼ବଡ଼ ଝିଅସବୁ ଥାଇପାରନ୍ତି ବୋଲି କେହି ଭାବୁନଥିଲେ । ତା ପତ୍ନୀଜଣକ ବିଶେଷ ସୁନ୍ଦରୀ ନଥିଲେ ମଧ୍ୟ ତା ବୁଦ୍ଧିମତ୍ତା ସହିତ ତାଳଦେଇ ଚାଲିପାରିବା ଭଳି ଦକ୍ଷତା ତାଙ୍କର ଥିଲା ।

ସେମାନେ ରହୁଥିବା କଲୋନୀର ମହିଳାମହଲରେ ତାଙ୍କର ରହିଥିଲା ଖୁବ୍ ଗୋଟେ ଖାତିର୍ । ଝିଅ ତିନିଜଣଯାକ ମଧ୍ୟ ବ୍ୟୋମକେଶର ବ୍ୟକ୍ତିତ୍ୱର ଚମତ୍କାରିତା ଓ ସଦ୍‌ଗୁଣର ଗଭୀରତା ନେଇ ଜନ୍ମ ହୋଇଥିଲେ ଏବଂ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରୁଥିଲେ ।

ଯଦିଓ ସେ ଥିଲା ଜୀବନବୀମା ନିଗମରେ ଜଣେ କ୍ୟାସିଅର୍, ତଥାପି ତା ଜୀବନଧାରଣର ମାନ ଥିଲା ଦେଖିଲା ଭଳି । ଯେଉଁ ବିଶେଷ ଗୁଣଟି ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲା, ବିଭିନ୍ନ ସଭାସମିତିକୁ ନିମନ୍ତ୍ରିତ ହୋଇ ଯାଉଥିଲା ଏବଂ ବୁଦ୍ଧିଜୀବୀ ମହଲରେ ଆଦର-ସମ୍ମାନ ଲାଭ କରୁଥିଲା - ତାହା ହେଲା, କବି ଭାବରେ ତା'ର ପ୍ରଚୁର ପ୍ରସିଦ୍ଧି ।

ସେ କବିତା ଲେଖିବାରେ ଏଭଳି ସିଦ୍ଧହସ୍ତ ଥିଲା ଯେ, ସେସବୁକୁ ସେ ଅକ୍ଳେଶରେ ମନେରଖିପାରୁଥିଲା । ମହୁଫେଣାର ଅସଂଖ୍ୟ ମଧୁବିନ୍ଦୁ ପରି ତା ତୁଣ୍ଡରେ ରହିଥିଲା ନାନାଦି କବିତାର ସ୍ମରଣୀୟ ପଙ୍‌କ୍ତିଗୁଡ଼ିକ । ତେଣୁ ସହରର ଯେକୌଣସି ଆସରରେ ସେ ନିଜର ପତିଆରା ଜାହିର୍ କରିପାରୁଥିଲା । ଅବଶ୍ୟ ସତ କହିବାକୁ ଗଲେ, ତା'ର ସୁହୃଦ୍ ଯେତିକି ଥିଲେ, ସେହି ପରିମାଣରେ ଥିଲେ ମଧ୍ୟ ତା ନିନ୍ଦୁକ ଓ ଶତ୍ରୁମାନେ ।

ତା ସହିତ ମୋର ପ୍ରଥମ ସାକ୍ଷାତର କଥା ମନେପଡ଼ିଲେ, ଏବେ ବି ଶିହରଣଟିଏ ଖେଳିଯାଏ ମୋ ଭିତରେ । ସେ ସାକ୍ଷାତ ଘଟିଥିଲା ଡିସେମ୍ବର ମାସର ଗୋଟାଏ ପ୍ରଚଣ୍ଡ ଶୀତରାତିର ଶେଷ ପ୍ରହରରେ, ଗୋଟିଏ ଘୁମନ୍ତ ପ୍ଲାଟ୍‌ଫର୍ମରେ ।

ଆଦୌ ଦେଖାସାକ୍ଷାତ ବିନା ଦୀର୍ଘ ଦୁଇବର୍ଷବ୍ୟାପୀ ବ୍ୟାପକ ଚିଠିପତ୍ରର ଆଦାନପ୍ରଦାନ ପରେ ହଠାତ୍ ଦିନେ ତା'ଠାରୁ ସମ୍ମତି ପାଇସାରି, ମୁଁ ତାକୁ ଭେଟିବାକୁ ଯାଇଥିଲି ବୋକାରୋ ଏକ୍ସପ୍ରେସ୍‌ରେ । ଅବଶ୍ୟ ସେ ମୋତେ, ଷ୍ଟେସନ୍‌କୁ ଆସି ରିସିଭ୍ କରିବ ବୋଲି କଥା ଦେଇଥିଲା । କିନ୍ତୁ ସେଦିନ ବହୁ ଲେଟ୍‌ରେ ପହଞ୍ଚିଥିଲା ଟ୍ରେନ୍ ଏବଂ ଶୀତ ବି ପଡ଼ିଥିଲା ଭୀଷଣ । ତେଣୁ ଏଭଳି ପରିସ୍ଥିତିରେ ସେ କେବେ ବି ରିସିଭ୍ କରିବା ପାଇଁ ଷ୍ଟେସନ୍‌କୁ ଆସିପାରିବ ନାହିଁ ବୋଲି ଧରିନେଇ ମୁଁ ପୂରାପୂରି ପ୍ରସ୍ତୁତ ରହିଥିଲି, ସକାଳ ହେବା ପର୍ଯ୍ୟନ୍ତ ଅନ୍ତତଃ ଦୁଇଘଣ୍ଟାର ସେଭଳି ଜମାଟବନ୍ଧା ଶୀତାର୍ତ୍ତ ନିଃସଙ୍ଗତା ଭୋଗିବା ପାଇଁ ।

କିନ୍ତୁ ସେଦିନ ଅଟକି ରହିଥିବା ଟ୍ରେନ୍‌ରୁ ମୋର ଅନିଚ୍ଛୁକ ପାଦ ଦୁଇଟି ପ୍ଲାଟ୍‌ଫର୍ମ ଉପରେ ପକାଇବାମାତ୍ରେ ବ୍ୟୋମକେଶର ଉଦ୍‌ଗ୍ରୀବ ବାହୁ ଦୁଇଟିର ଉଷ୍ମ ଆଲିଙ୍ଗନ ମୋତେ ସ୍ତବ୍‌ଧଚକିତ କରିଦେଇଥିଲା । ଟେଲିଫୋନ୍ ଯୋଗେ ଆମର ହୋଇଥିବା କଥା ଅନୁସାରେ ସେ ମୋତେ ସହଜରେ ଚିହ୍ନିପାରିବା ପାଇଁ ମୁଁ ହାତରେ ଧରିଥିଲି ମିଲ୍‌ଟନ୍ କମ୍ପାନିର ଗୋଟିଏ ଥର୍ମୋଫ୍ଲାସ୍କ, ଯାହାକି ଥିଲା ମୋ ଚା'ମନସ୍କତାର ଜ୍ୱଳନ୍ତ ନିଦର୍ଶନ ।

ସ୍ୱାଗତ ସମ୍ଭାଷଣର ସେଇ ଅଭୁଲା ପର୍ବଟି ଶେଷ ହେବା ପରେ ସେ କହିଥିଲା, "ବୁଝିଲ ବନ୍ଧୁ ! ଏ ସହରରେ ଗାଡ଼ିଚୋରଙ୍କ ସଂଖ୍ୟା ଅଗଣିତ । ତେଣୁ ପ୍ଲାଟ୍‌ଫର୍ମ ବାହାରେ, ମୋର ଭେସ୍‌ପା ସ୍କୁଟର ଉପରେ ମୁଁ ସାରାରାତି ଆଜି କଟେଇଦେଇଛି ତମକୁ ଭେଟୁଥିବାର ଉତ୍ତେଜନାରେ । ଆଜିର ଶୀତ କି ପ୍ରବଳ, ଏବେ ସିନା ମୁଁ ବୁଝିପାରୁଛି; କିନ୍ତୁ ସେତେବେଳେ ଆଦୌ ଜାଣିପାରି ନଥିଲି । କାରଣ ତମ ସାନ୍ନିଧ୍ୟର ଉଷ୍ମତା କଥା ଚିନ୍ତା କରି ମୁଁ ଆରାମରେ ଟାଳିଦେଇଥିଲି ଶୀତକୁ ।"

ସେତେବେଳେ ସେ ପ୍ରକୃତରେ କମ୍ପିଯାଉଥିଲା ପ୍ରଚଣ୍ଡ ଶୀତରେ । ତା'ର ପାଗଳାମି ମୋତେ କେବଳ ବିସ୍ମିତ କରିନଥିଲା, ବରଂ ତା ଅନବଦ୍ୟ ବନ୍ଧୁତ୍ୱର ସ୍ୱରୂପକୁ ଉନ୍ମୋଚନ କରିଦେଇଥିଲା ମୋ ନିକଟରେ ।

ତା'ର ସେଇ ସ୍କୁଟରଟି ଆମ ଦୁଇଜଣକୁ ନେଇ ପହଞ୍ଚାଇଥିଲା ଗୋଟେ ହୋଟେଲ୍‌ରେ, ଯେଉଁଠି ପାନୀୟର ବିଲ୍‌କୁଲ୍ କଡ଼ା ବନ୍ଦୋବସ୍ତଟିଏ କରି ରଖିଥିଲା ବ୍ୟୋମକେଶ ।

ମୁଁ ପିଇବାକୁ ବାଧ୍ୟ ହେଲି । କାରଣ, ବ୍ୟୋମକେଶର କବ୍‌ଜାରୁ ମୁକୁଳି ଖସିଯିବା ଆଦୌ ସହଜ ନଥିଲା । ହ୍ୱିସ୍କିର ପ୍ରଥମ ପେଗ୍‌ଟି ପିଇବା ମୋ ପାଇଁ ବେଶ୍ ଅସ୍ୱସ୍ତିକର ହୋଇଥିଲେ ମଧ୍ୟ ମୁଁ ତାକୁ ନିରାଶ କଲିନାହିଁ । ସେଦିନ ମୁଁ ପ୍ରଥମକରି ଜାଣିଲି, ବ୍ୟୋମକେଶ ପ୍ରଚୁର ପିଏ ।

ତା'ର ପ୍ରାୟ ଘଣ୍ଟାକ ପରେ, ପ୍ରଥମେ କୁହୁଡ଼ିର ଚାଦର ଘୋଡ଼ିହୋଇ ଏବଂ ପରେପରେ ଦୂର ପାହାଡ଼ ଉପରେ ସୁନାରଙ୍ଗର ଉତ୍ତରୀୟ ବିଛାଇଦେଇ ସେଦିନ ସକାଳ ଆସିଥିଲା । କିନ୍ତୁ ବ୍ୟୋମକେଶ ସେଇ ହୋଟେଲ୍ ପ୍ରକୋଷ୍ଠରେ ସେମିତି ଶୋଇକରି ରହିଲା ପ୍ରାୟ ଦିନ ଦଶଟା ପର୍ଯ୍ୟନ୍ତ ।

ମୁଁ ସେଠି ରହିଥିଲି ତିନିଦିନ । ସେହି ଦିନଗୁଡ଼ିକ ପାଇଁ ସେ ଏଲ୍.ଆଇ.ସି. ଅଫିସ୍‌ରୁ ଛୁଟି ନେଇଥିଲା ଏବଂ ତିନିଦିନରେ ସେ ତିନୋଟି ଯୁଗର ଆତ୍ମୀୟତା ଢାଳିଦେଇଥିଲା ମୋ ଛାତିରେ । ଅବଶ୍ୟ କେବଳ ମୁଁ ଏକା ନୁହେଁ, ମୁଁ ଜାଣିଥିଲି ତା'ର ସେଭଳି ଆତ୍ମୀୟତାରୁ ନିସ୍ତାର ପାଆନ୍ତି ନାହିଁ ଅନେକେ, ଯଦିଓ ସେମାନେ ସେକଥା ସ୍ୱୀକାର କରିବା ପାଇଁ ଭୀଷଣ କୁଣ୍ଠିତ ।

ଏବେ ବ୍ୟୋମକେଶ ସମ୍ପର୍କରେ ଆଉ କୌଣସି ବର୍ଣ୍ଣନା ଦେବା ଜରୁରି ନୁହେଁ । ମୋର କହିବା କଥା ହେଲା, ଘନିଷ୍ଠତାର ଗୋଟାଏ ଜୀବନ୍ତ ଭାଷା ଥାଏ । ସେ ଭାଷା ଆମେ ଉଭୟେ ବୁଝିସାରିଥିଲୁ । ପରବର୍ତ୍ତୀ ସମୟରେ ମୁଁ ଅନେକ ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇଥିଲି ତାଙ୍କ ଘରେ, ତା ପତ୍ନୀ ଆଉ ଝିଅମାନଙ୍କ ସହିତ ବିଭିନ୍ନ ଗପସପ ଓ ଥଟ୍ଟାମଜା କରି ।

ମୁଁ ଲେଖୁଥିବା ଗଳ୍ପଗୁଡ଼ିକ ପ୍ରତି ତା'ର ଦୁର୍ବଳତା ଥିଲା ବହୁତ ବେଶି । ତେବେ ଆମେ ପରସ୍ପରର ଏତେ ନିକଟବର୍ତ୍ତୀ ହୋଇପାରିବାର କାରଣ ଥିଲା, ତା'ର ପ୍ରତିଟି ସ୍ୱାତନ୍ତ୍ର୍ୟକୁ ଗ୍ରହଣ କରିନେଲା ଭଳି ମୋର ମାନସିକତା ।

ଆମ ବନ୍ଧୁତାର ଆଦ୍ୟପର୍ବରୁ ଆଜିପର୍ଯ୍ୟନ୍ତ ଆମେ ଦୁଇଜଣଯାକ ଏକାଠି ବେଶ୍ କେତେଥର ପିଆପିଇ କରିଛୁ । କିନ୍ତୁ ଗୋଟିଏ କଥା ମୁଁ ବରାବର ଲକ୍ଷ୍ୟ କରୁଥିଲି । ତାହା ହେଲା, ଅଳ୍ପ କେତେ ପେଗ୍ ପିଇସାରିବା ପରେ ସେ ନିଜର ସ୍ଥିତିକୁ ପୂରାପୂରି ଭୁଲିଯାଉଥିଲା ଏବଂ ଖୁବ୍ ଶୀଘ୍ର ଗୋଟିଏ ସୁଧାର ମେଷଶାବକ ପରି ଶୋଇପଡୁଥିଲା । ଅଥଚ ମୁଁ ଥିଲି ତା'ର ବିପରୀତ । ମାତ୍ରାଧିକ ପିଇବା ପରେ ମଧ୍ୟ ମୁଁ ଆଦୌ ଅଣାୟତ୍ତ ହେଉନଥିଲି । ମୁଁ ପିଇଦେଲା ପରେ ପ୍ରକୃତରେ ନିଦର ଚଢ଼େଇଗୁଡ଼ିକ ମୋ ଆଖିପତା ଉପରୁ ଡେଣା ଝାଡ଼ି ଉଡ଼ି ପଳାଇଯାଉଥିଲେ । ତେଣୁ ତା'ର ସୁଯୋଗ ନେଇ ମୁଁ ବ୍ୟୋମକେଶର ସେଭଳି ଗଭୀର ତୃପ୍ତିଭରା ନିଦକୁ ଉପଭୋଗ କରୁଥିଲି ଅନେକ ସମୟ ପର୍ଯ୍ୟନ୍ତ ।

ପିଆପିଇ କରିବାର ମାହୋଲ ଭିତରେ ଆମେ ଦୁଇଜଣଯାକ କେବେ ବି ଆମ ଚିରାଚରିତ ଆଚରଣର ଲକ୍ଷ୍ମଣଗାର ଅତିକ୍ରମ କରୁନଥିଲୁ । ଅବଶ୍ୟ ସେଭଳି କରିବାର ପ୍ରଶ୍ନ ହିଁ ନଥିଲା । କାରଣ ପିଇସାରିଲା ପରେ ଆମେ ଉଭୟ ନିଃସଙ୍ଗ ହୋଇପଡୁଥିଲୁ । ମୁଁ ନିଦ୍ରାହୀନତା ଭୋଗିଚାଲୁଥିଲି ଏବଂ ସେ ନିଦର କୋଳାଗ୍ରତରେ ଅଟକିରହୁଥିଲା ଦୀର୍ଘସମୟ ପର୍ଯ୍ୟନ୍ତ ।

ମୁଁ ଜାଣିଥିଲି, ନାରୀ-ଆସକ୍ତି ତା'ର ଆଦୌ ନଥିଲା । ସେଭଳି କୌଣସି ସୂଚନା ମଧ୍ୟ ନଥିଲା ତା'ର କଥାବାର୍ତ୍ତାରେ କିମ୍ବା ଇଙ୍ଗିତରେ । କିନ୍ତୁ ମଦ ପ୍ରତି ତା'ର ଦୁର୍ବଳତା ଥିଲା, ମାଛଭଜା ଚାରିକଡ଼େ ବିରାଡ଼ିଟିଏ ମ୍ୟାଉଁ ମ୍ୟାଉଁ ହୋଇ ଚକ୍କର କାଟିବା ଭଳି । ପାନୀୟର ଆସର ଭିତରେ ସେ ନିଜେ ସତେ ଯେମିତି ଢାଳିହୋଇଯାଉଥିଲା ମଦଗ୍ଲାସ୍ ଭିତରେ । ବାମନ ହାତରେ ଚନ୍ଦ୍ର ଧରାପଡ଼ିଯିବା ଭଳି ସେ ଅତ୍ୟନ୍ତ ଉଲ୍ଲସିତ ଓ ଉନ୍ମାଦିତ ହୋଇପଡୁଥିଲା ପାନପାତ୍ର ନିକଟରେ । ପ୍ରଫୁଲ୍ଲତାରେ ଢଳଢଳ ଏଭଳି ମସ୍‌ଗୁଲ୍ ଲୋକଟିଏ ମୁଁ ଖୁବ୍ କମ୍ ଦେଖିଛି ମୋ ଜୀବନକାଳ ଭିତରେ ।

ଅଥଚ ଏଇ ଆତ୍ମକୈନ୍ଦ୍ରିକ ସାମାନ୍ୟ ବିଳାସଟିକକ ପାଇଁ ତାକୁ ଯେ ଗୋଟାଏ ଅକଳ୍ପନୀୟ ମୂଲ୍ୟ ଦେବାକୁ ପଡ଼ିବ, ସେକଥା ବା ସେ ଚିନ୍ତା କରିପାରିଥାନ୍ତା କେମିତି ?

ଏବେ ଆଉ ଅଧିକ ସମୟ ମୁଁ ଆପଣମାନଙ୍କୁ ଉତ୍କଣ୍ଠାରେ ବୁଡ଼ାଇ ରଖିବାକୁ ଚାହୁଁନାହିଁ । କାରଣ ଯେଉଁ ଘଟଣାର ଭୀଷଣତାକୁ ମୁଁ ଆପଣଙ୍କ ଆଗରେ ଖୋଲିଦେବାକୁ ବସିଛି, ତା'ର ପ୍ରସ୍ତୁତି ଆପାତତଃ ଏବେ ଶେଷ ହୋଇଛି ।

ଆପଣମାନେ ଶୁଣନ୍ତୁ ।

ଦୁଇହଜାର ମସିହା ଅଗଷ୍ଟ ମାସ ଦଶ ତାରିଖ ରାତି ସାଢ଼େ ସାତଟା ବେଳେ ବ୍ୟୋମକେଶ ଗୋଟାଏ ଟେଲିଫୋନ୍ କଲ୍ ପାଇଲା ରାଜଧାନୀରୁ । ଜୀବନବୀମା ନିଗମର ହେଡ୍‌କ୍ୱାର୍ଟର୍ସରୁ ଆସିଥିଲା ସେଇ ଫୋନ୍ କଲ୍‌ଟି ।

ଆଗାମୀ ସ୍ୱାଧୀନତା ଦିବସ ଅବସରରେ ନିଗମର ଅଫିସର୍ସ କ୍ଲବ୍‌ର ବାର୍ଷିକ ଉତ୍ସବ ପାଳିତ ହେବ ରାଜଧାନୀରେ, ଖୁବ୍ ଜାକଜମକରେ । ସେଦିନର ସାନ୍ଧ୍ୟ ଅଧିବେଶନରେ ନିଗମର ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ତଥା ସ୍ୱନାମଧନ୍ୟ କବି ଭାବରେ ସମ୍ବର୍ଦ୍ଧିତ ହେବେ ବ୍ୟୋମକେଶ ଦାସ ଏବଂ ସଭା-ପରବର୍ତ୍ତୀ ନୃତ୍ୟସଙ୍ଗୀତର ମନୋରଞ୍ଜନ କାର୍ଯ୍ୟକ୍ରମରେ ସେ ତୁଲାଇବେ ସଞ୍ଚାଳକ ତଥା ସଂଯୋଜକର ଭୂମିକା - ଏହା ଥିଲା ସେଇ ଫୋନ୍ କଲ୍‌ର ଉଦ୍ଦେଶ୍ୟ ।

ଟେଲିଫୋନ୍‌ଟିକୁ ରଖିଦେଇ ଉପରକୁ ଦୁଇହାତ ଟେକି ବ୍ୟୋମକେଶ ନାଚିଉଠିଥିଲା ପ୍ରବଳ ଖୁସିରେ । ମୋତେ ବି ଫୋନ୍ କରିଥିଲା ସଙ୍ଗେସଙ୍ଗେ । ତା କଥାବାର୍ତ୍ତାରୁ ମୁଁ ମାପିନେଇପାରିଥିଲି ତା'ର ଚପଳତା, ଚାଞ୍ଚଲ୍ୟ ଏବଂ ତା ଅଫୁରନ୍ତ ଖୁସିର ଦୈର୍ଘ୍ୟପ୍ରସ୍ଥ ।

ସହର ବାହାରକୁ ଯିବାର ମାମୁଲି କୌଣସି ନିମନ୍ତ୍ରଣଟିଏ ପାଇଲେ ମଧ୍ୟ ସେ ବହୁତ ଖୁସୀ ହୁଏ । କାରଣ ସେଠାରେ ପିଇବାର କୌଣସି ସୀମା ସରହଦ ମାନିବାକୁ ପ୍ରସ୍ତୁତ ନଥାଏ ସେ ବିଲ୍‌କୁଲ୍ । ଆଉ ଯେ ତ ସହଜେ ସମ୍ବର୍ଦ୍ଧନା ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଆକଣ୍ଠ ପିଇବାର ସୁବର୍ଣ୍ଣ ସୁଯୋଗ । ସର୍ବୋପରି ନିଗମର ଉପରିସ୍ଥ କର୍ମକର୍ତ୍ତାଙ୍କ ମହଲରେ ତା'ର ଏଭଳି ଖାତିର ଥିବା କଥାଟି ଜାଣି ତା ଖୁସିର ମାତ୍ରା ଥିଲା ଢେର୍ ଅଧିକ । ତହିଁପରଦିନ ସେ ପାଇଲା ଆନୁଷ୍ଠାନିକ ନିମନ୍ତ୍ରଣପତ୍ର ।

ଅଗଷ୍ଟ ତେର ତାରିଖ ଦିନ ସେ ପହଞ୍ଚିଯାଇଥିଲା ରାଜଧାନୀରେ ଓ ଚଉଦ ତାରିଖରେ ରହିଥିଲା ନିଗମର ଗେଷ୍ଟ ହାଉସ୍‌ରେ । ସେହିଦିନ ରାତିରେ ତା'ର କେତେକ ଚିହ୍ନାଜଣା କର୍ମଚାରୀ ଓ କବିତାନୁରାଗୀ ଦୁଇତିନିଜଣ ଅଫିସର୍‌ଙ୍କ ଗହଣରେ ହୋଇଥିଲା ପାନୀୟ ଆସରର ଏକ ଲୋଭନୀୟ ବ୍ୟବସ୍ଥା ।

ପ୍ରଥମ ଦୁଇଟି ପେଗ୍ ପରେ ସେ ଚମତ୍କାର କବିତାମାନ ଆବୃତ୍ତି କରି ଶୁଣାଇଥିଲା ସମସ୍ତଙ୍କୁ । ଚତୁର୍ଥ ପେଗ୍ ପରେ କିଛି ଅସଂଲଗ୍ନ ସଂଳାପ । ଆଉସବୁ ଅତିରିକ୍ତ ପେଗ୍ ନେଇ ଅନ୍ୟମାନେ ନିଜନିଜର ନାଲିଗାର ଟପାଇବାକୁ ପ୍ରତିଯୋଗିତା ଚଳାଇଥିଲା ବେଳକୁ ବ୍ୟୋମକେଶ ଟେବୁଲ୍ ଉପରେ ହାମୁଡ଼େଇପଡ଼ି ଶୋଇଯାଇଥିଲା ଗାଢ଼ନିଦରେ । ସେ ବସିଥିବା ଚେୟାର ଉପରୁ ତା'ର ଅର୍ଦ୍ଧାଧିକ ଶରୀର ଝୁଲିପଡ଼ିଥିଲା ତଳକୁ ।

ତହିଁପରଦିନ ଅର୍ଥାତ୍ ଅଗଷ୍ଟ ପନ୍ଦର ତାରିଖ ଦିନ ଦଶଟା ବେଳକୁ ସେ ନିସ୍ତେଜ ଭାବରେ ଉଠିଥିଲା । ନିତ୍ୟକର୍ମ ସାରିବା ପରେ ସେ ସଂଗ୍ରହ କରିଥିଲା, ସେଦିନର ସନ୍ଧ୍ୟା କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପଡୁଥିବା କେତୋଟି ସୂଚନା ।

କିନ୍ତୁ ସନ୍ଧ୍ୟା ସମୟକୁ ସେ କିପରି, କେଉଁଠି ଓ କେତେ ପରିମାଣରେ ପିଆପିଇ କରିଥିଲା, ତା'ର ଟେର୍ କେହି ପାଇପାରି ନଥିଲେ । ମଞ୍ଚରେ ଅବଶ୍ୟ ତା ପାଇଁ ନିର୍ଦ୍ଦିଷ୍ଟ ଆସନ ରହିଥିଲା ଅତିଥିମାନଙ୍କ ପାର୍ଶ୍ୱରେ । କିନ୍ତୁ ସେତକ ବାତିଲ୍ କରିଦିଆଗଲା, ତା'ର ନିଶାସକ୍ତ ଚେହେରା ଓ ଅସଂଲଗ୍ନ କଥାବାର୍ତ୍ତା ସବୁ ଲକ୍ଷ୍ୟ କରି ।

ଅତ୍ୟନ୍ତ କାଉଁଦା ଏବଂ ଉତ୍ସାହହୀନ ଭାବରେ ସେ ଗ୍ରହଣ କଲା ତା'ର ସମ୍ବର୍ଦ୍ଧନା । ସମ୍ବର୍ଦ୍ଧନାର ଉତ୍ତର ଦେବା ପାଇଁ ତାକୁ ଅବଶ୍ୟ କୁହାଯାଇଥାନ୍ତା । କିନ୍ତୁ ସେତକ କରାଗଲା ନାହିଁ । କାରଣ ସଭାପତିଙ୍କ ସମେତ ଅନ୍ୟମାନେ ଭାବୁଥିଲେ ଯେ ଲୋକଟି ନିର୍ଘାତ୍ ନିଶାସକ୍ତ... ଏଣୁ ମଞ୍ଚଭାଷଣ ପାଇଁ ଅନୁପଯୁକ୍ତ ।

କିନ୍ତୁ ହଠାତ୍ ବ୍ୟୋମକେଶ ଚାଲିଆସିଲା ମାଇକ୍ ସାମ୍ନାକୁ ଏବଂ ମାଇକ୍ ଧରି କହିଲା, "ମୋତେ ଦୁଇପଦ କହିବା ପାଇଁ ସଭାପତି ଅନୁମତି ଦେବେ ବୋଲି ମୁଁ ଆଶା କରେ ।"

କହିବା ବାହୁଲ୍ୟ, ସଭାସ୍ଥଳଟି ସ୍ତବ୍ଧଚକିତ ଓ କୋଳାହଳଶୂନ୍ୟ ହୋଇଯାଇଥିଲା, ବ୍ୟୋମକେଶ କଣ୍ଠସ୍ୱରର ସ୍ୱଚ୍ଛତା ଓ ଗଭୀରତା ଲକ୍ଷ୍ୟ କରି । ଗୋଟିଏ ମଦ୍ୟପର କଣ୍ଠସ୍ୱର କିପରି ଏତେ ନିର୍ମଳ ଏବଂ ପ୍ରଭାବଶାଳୀ ହୋଇପାରେ ବୋଲି ତାଟକା ହେଉଥିଲେ ମାନ୍ୟଗଣ୍ୟ ଅତିଥିବୃନ୍ଦ ।

ସଭାପତିଜଣକ ଅନୁମତି ଦେବା ଆଗରୁ ଶୁଭିଲା ଜନତାଙ୍କ କରତାଳି । ସେଥିରେ ଆହ୍ଲାଦିତ ହୋଇ ବ୍ୟୋମକେଶର ଅବଶିଷ୍ଟ ଜଡ଼ତା ତୁଟିଯାଇଥିଲା ସତେକି । ଅନୁମତି ପ୍ରଦାନ କରିବା ବ୍ୟତୀତ ସଭାପତିଙ୍କର ଚାରା କିଛି ନଥିଲା । ଅତଏବ ପରେପରେ ବ୍ୟୋମକେଶ ଉପସ୍ଥାପନ କଲା ତା'ର ସଂକ୍ଷିପ୍ତ ଓ ଚମତ୍କାର ବକ୍ତବ୍ୟ ।

ତା'ର ଭାଷଣ ଏତେ ଚିନ୍ତାଗର୍ଭିତ ଓ ପ୍ରଭାବ-ବିସ୍ତାରକାରୀ ଥିଲା ଯେ, ବିଦ୍ୱାନ୍ ଅତିଥିଗଣ ମୁଗ୍ଧ ହୋଇପଡ଼ିଲେ । ମୁଗ୍ଧ ହେଲେ ଉତ୍ସବର ଉଦ୍ୟୋକ୍ତାବୃନ୍ଦ ଏବଂ ମୁଗ୍ଧ ହେଲେ ସେଠାରେ ଉପସ୍ଥିତ ଥିବା ଆବାଳ-ବୃଦ୍ଧ-ବନିତା । ମଞ୍ଚ ଉପରେ ବ୍ୟୋମକେଶର ବ୍ୟକ୍ତିତ୍ୱ ନିକଟରେ ଅତିଥିମାନେ ଅତ୍ୟନ୍ତ ମ୍ଳାନ ଦିଶୁଥିଲେ । ଜନତାଙ୍କ ଲଗାତାର କରତାଳି ଧ୍ୱନି ଭିତରେ ସମ୍ବର୍ଦ୍ଧନା ଓ ଅଭିଭାଷଣର ମହିମା ଯେପରି ଶିଖର ସ୍ପର୍ଶ କରିଥିଲା । ସେ ସେତିକିବେଳେ ଆତ୍ମବିସ୍ମୃତ ହେଲାଭଳି ଆବେଗ ଛଳଛଳ ହୋଇଗଲା, ଯେତେବେଳେ ସାତଆଠ ବର୍ଷର ଗୋଟିଏ ବାଳିକା ମଞ୍ଚ ଉପରକୁ ଆସି ତା ହାତକୁ ବଢ଼ାଇଦେଲା ଫୁଲତୋଡ଼ାଟିଏ ।

ପରେପରେ ଅନୁଷ୍ଠିତ ହେଲା ନୃତ୍ୟ ଓ ସଂଗୀତର ମନୋରଞ୍ଜନ କାର୍ଯ୍ୟକ୍ରମ । ବ୍ୟୋମକେଶ ସେସବୁକୁ ଏଡ଼େ ତ୍ରୁଟିହୀନ ଭାବରେ ସଂଚାଳନ କରୁଥିଲା ଯେ, ଦର୍ଶକମାନେ ଅଭିଭୂତ ହୋଇପଡ଼ିଲେ । ତାହା ଥିଲା କଳାକାର ଭାବରେ ତା'ର ଅପୂର୍ବ ସଫଳତା ।

ସେଇ ମନୋରଞ୍ଜନ କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ଥିଲା, ଟିକେ ଆଗରୁ ବ୍ୟୋମକେଶ ହାତକୁ ଫୁଲତୋଡ଼ା ଦେଇଥିବା ନୃତ୍ୟଶିଳ୍ପୀ ବାଳିକା ସୋନାଲୀ । ସୋନାଲୀ ଚକ୍ରବର୍ତ୍ତୀ । ଜୀବନବୀମା ନିଗମ ମୁଖ୍ୟ କାର୍ଯ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ହରିବନ୍ଧୁ ଚକ୍ରବର୍ତ୍ତୀର ଅଲିଅଳି କନ୍ୟା ।

ସୁନାଖଡ଼ିକାଟିଏ ପରି ଥିଲା ତା'ର ଚେହେରା । ନିଖୁଣ ମୁହଁଟିରେ ତୀକ୍ଷ୍ଣ ନାକ, ଆକର୍ଣ୍ଣବିସ୍ତୃତ କଜ୍ଜଳମଖା ଆଖି, ମସୃଣ କୋମଳ ତୁଳନାହୀନ ଗାଲ ଉପରେ ଟିପିଟିପି ଚନ୍ଦନର ଚିତ୍ର ଏବଂ ଓଡ଼ିଶୀ ନୃତ୍ୟର ଆକର୍ଷଣୀୟ ସାଜସଜ୍ଜାର ସବୁ ମିଶି ତା'ର ସାତବର୍ଷର ଅଙ୍ଗରାଜିରେ ମାଖିଦେଇଥିଲା ଲୋଭନୀୟ ଲାବଣ୍ୟ ।

ତା'ର ମନମୋହକ ନୃତ୍ୟର ଠାଣି, ଅନୁପମ କବିତାର ପଙ୍‌କ୍ତିଟିଏ ପରି ଚହଲାଇଦେଇଥିଲା ବ୍ୟୋମକେଶକୁ । ତା ସମ୍ପର୍କରେ ବର୍ଣ୍ଣନା ଦେଲାବେଳେ ସେ ଶବ୍ଦରେ ଶବ୍ଦରେ ବାଚାଳ ହୋଇପଡୁଥିଲା । ତା ତୁଣ୍ଡକୁ ଶବ୍ଦସବୁ ଓହ୍ଲାଇ ଆସୁଥିଲେ ଯେମିତି ସୁଦୂର ଅନ୍ତରୀକ୍ଷରୁ ।

ଗୋଟିଏ ଗୌରବୋଦ୍ଦୀପ୍ତ ପୁଷ୍ପର ପ୍ରସ୍ଫୁଟନ ପରି ସୋନାଲୀର ହାତ ଓ ପାଦର ଲଳିତ ଭଙ୍ଗିମା ତାକୁ ମୋହିତ କରିଦେଇଥିଲା । ତା ନୟନଯୁଗଳରେ ଓହ୍ଲାଇ ଆସୁଥିଲା ଲାସ୍ୟ, ଭୟ, ଲଜ୍ଜା, କ୍ରୋଧ ଓ ଶୃଙ୍ଗାରର ଅନୁପମ ପରିପାଟୀ । ତା'ର ଅଳ୍ପଅଳ୍ପ ହସ ଓ ଗଭୀର ଅର୍ଥପୂର୍ଣ୍ଣ ଇଙ୍ଗିତ ହୃଦୟକୁ ରସାଣିତ କରିଦେଉଥିଲା । ମଞ୍ଚରେ ରହିଥିବା ଆଲୋକର ବର୍ଣ୍ଣାଳୀକୁ ସେ ଗୌରବାନ୍ୱିତ କରୁଥିଲା, ତା କୁନିକୁନି ପାଦର ଛନ୍ଦରେ ।

ତା'ର ସେଭଳି ନୃତ୍ୟ ପ୍ରତି ତନ୍ମୟ ହୋଇପଡୁଥିବା ବ୍ୟୋମକେଶକୁ ଦେଖି ମନେହେଉଥିଲା, ସେ ଯେମିତି ହାତପାଆନ୍ତାରେ ପାଇଲେ ତାକୁ କୁଣ୍ଢେଇଧରନ୍ତା ଶ୍ରଦ୍ଧାଭରେ । ସେଇ ଅବସ୍ଥାରେ ସେ ପର୍ଦା କଡ଼ରେ ଠିଆହୋଇଥିବା ସୋନାଲୀର ବାପା ହରିବନ୍ଧୁଙ୍କୁ ଦେଖିପକାଇ, ତାଙ୍କୁ ବଧାଇ ଜଣାଇଥିଲା ତାଙ୍କ ଝିଅର କଳାନୈପୁଣ୍ୟ ପାଇଁ ।

ହରିବନ୍ଧୁଙ୍କ ଓଠରେ ଫୁଟିଉଠିଥିଲା କୃତଜ୍ଞତାର ଅଳ୍ପଟିକେ ହସ । ସେ ହାତରେ ଧରିଥିଲେ ପଲିଥିନ୍‌ର ଜରିଖୋଳଟିଏ, ଯେଉଁଥିରେ ରହିଥିଲା ସୋନାଲୀର ପିନ୍ଧା ପୋଷାକସବୁ । ଝିଅଟିର ସୌଷ୍ଠବ ନିକଟରେ ସେ କିନ୍ତୁ ଦିଶୁଥିଲେ ଅତ୍ୟନ୍ତ ସାଧାରଣ । ସେ ପିନ୍ଧିଥିବା ନିମ୍ନମାନର ଜୋତା ଓ ନଗଣ୍ୟ ପୋଷାକରୁ, ସେ ଯେ ଏଭଳି ଝିଅଟିର ବାପା, ଏକଥା ଅନୁମାନ କରିବା ମୁସ୍କିଲ୍ ଥିଲା । ତଥାପି ସେହି କାର୍ଯ୍ୟକ୍ରମ ସମୟରେ ବ୍ୟୋମକେଶକୁ ଲାଗୁଥିଲା, ହରିବନ୍ଧୁ ପରି ଜଣେ ତାତ୍ପର୍ଯ୍ୟପୂର୍ଣ୍ଣ ମଣିଷ ହୁଏତ ଏ ପୃଥିବୀରେ ନାହିଁ ।

ମନୋରଞ୍ଜନ କାର୍ଯ୍ୟକ୍ରମ ଶେଷ ହେବା ଆଗରୁ ଆରମ୍ଭ ହୋଇଗଲା ମୂଷଳଧାରାରେ ବର୍ଷା । ସହଜେ ତ ଅଗଷ୍ଟ ମାସ । ମେଘସବୁ ହଠାତ୍ ପ୍ୟାରେଡ୍ କଲାପରି ଏକାଠି ହୋଇଗଲେ ଓ ଆକ୍ରମଣରେ ଅତିଷ୍ଠ କରିପକାଇଲେ ମେଦିନୀକୁ ।

ଡ୍ରେସିଂରୁମ୍‌ର ପାଖରୁମ୍‌ଟି ଥିଲା ଗୋଟିଏ ଗେଷ୍ଟ୍‌ରୁମ୍ । ଇଲେକ୍‌ଟ୍ରିକ୍ ବଲ୍‌ବଟି ଫ୍ୟୁଜ୍ ହୋଇଯାଇଥିବାରୁ ସେଠାରେ ଜଳୁଥିଲା ଗୋଟେ ମହମବତି । ଭୀଷଣ କ୍ଳାନ୍ତି ଯୋଗୁଁ ବ୍ୟୋମକେଶ ସେଠାକୁ ଯାଇ ଶୋଇପଡ଼ିଲା ଗୋଟିଏ ଖଟରେ । ଲଗାତାର ପିଆପିଇ କରିବା ଯୋଗୁଁ ସେ ଟିକେ ଅବଶ ହୋଇପଡ଼ିଥିଲା ଏବଂ ଦରକାର କରୁଥିଲା ବିଶ୍ରାମ । ପିନ୍ଧିଥିବା ସାର୍ଟଟିକୁ କାନ୍ଥ ହ୍ୟାଙ୍ଗର୍‌ରେ ଝୁଲାଇଦେଇ ସେ ଝାଲୁଆ ଗଞ୍ଜି ପିନ୍ଧିଥିବା ଅବସ୍ଥାରେ ଗଡ଼ିପଡ଼ିଥିଲା ଖଟ ଉପରେ ।

ଏହା ଭିତରେ ଶେଷ ହୋଇଯାଇଥିଲା ସଭାର ସବୁତକ କାର୍ଯ୍ୟକ୍ରମ । ତୁମୂଳ ବର୍ଷା ଯୋଗୁଁ ଦର୍ଶକମାନେ ହଲ୍‌ରୁ ବାହାରି ନପାରି

ଖୁବ୍ କୋଳାହଳ କରୁଥିଲେ । ସୋନାଲୀ ସମେତ ଆଉ ଦୁଇତିନିଜଣ ପିଲା ଡ୍ରେସିଂରୁମ୍‌ରେ ଥିଲେ, ମେକପ୍ ଛଡ଼ାଇବା ପାଇଁ ।

ହଠାତ୍ ଗୋଟିଏ ପ୍ରଚଣ୍ଡ ଘଡ଼ଘଡ଼ି ସହିତ ବିଜୁଳି ସରବରାହ ଚାରିଆଡୁ ବିଚ୍ଛିନ୍ନ ହୋଇଗଲା । ସେଇ ଜମାଟବନ୍ଧା ଅନ୍ଧାର ଭିତରୁ ମୁକୁଳି ଆସିବା ପାଇଁ ହୁଏତ କ୍ୟାଣ୍ଡେଲ୍‌ଟିଏ ଜଳୁଥିବା ଗେଷ୍ଟ୍‌ରୁମ୍ ଭିତରକୁ ପଶିଆସିଲା ସୋନାଲୀ । ବର୍ଷା, ଘଡ଼ଘଡ଼ି ଓ ଦୁଇଦିନବ୍ୟାପୀ ପ୍ରଚୁର ମଦ୍ୟପାନ ଯୋଗୁଁ ବ୍ୟୋମକେଶର ଆଖି ତନ୍ଦ୍ରାଳୁ ଓ ନିଶାଚ୍ଛନ୍ନ ହୋଇ ରହିଥିଲା ।

ସେହି ତନ୍ଦ୍ରାଳୁ ଅବସ୍ଥାରେ ହିଁ ବ୍ୟୋମକେଶ ଆଖି ଖୋଲି ଚାହିଁରହିଥିଲା ଅପରୂପା ସୋନାଲୀକୁ । ମହମବତିର କ୍ଷୀଣ ଆଲୁଅରେ ଝିଅଟି ଦେଖାଯାଉଥିଲା ଅପୂର୍ବ । ସେ ତା'ର ଖଟ ପାଖରେ ହିଁ ଠିଆ ହୋଇଥିବାରୁ ତା ପ୍ରସାଧନ, ବେଶଭୂଷା ଓ ଦେହରୁ ବାହାରୁଥିବା ଗୋଟିଏ ଆସକ୍ତ ବାସ୍ନା ତାକୁ ଯେମିତି ଉଚ୍ଚାଟିତ କରୁଥିଲା ।

ହଠାତ୍ ଝିଅଟିକୁ ଥରେ କୋଳେଇ ଆଣିବାର ଓ ତା ଗାଲଟିରେ ସ୍ନେହର ସ୍ପର୍ଶ କରିବାର ଇଚ୍ଛାଟି ତା'ର କିଭଳି ଏତେ ବଳବତ୍ତର ହୋଇପଡ଼ିଲା, ତା ସେ ଜାଣିପାରିଲା ନାହିଁ । ସେ ଝିଅଟି ଆଡ଼କୁ ହାତ ବଢ଼ାଇଲା । ଝିଅଟି ସେଇ କ୍ଷୀଣ ଆଲୁଅରେ ତାକୁ ଚିହ୍ନିପାରିବ କି ନାହିଁ କିମ୍ବା ତା'ର ଏଭଳି ଆଚରଣ ଯୋଗୁଁ ତା'ର ପ୍ରତିକ୍ରିୟା କ'ଣ ହେବ, ସେକଥା ଚିନ୍ତା କରିବାର ଅବକାଶ ସେ ପାଇଲାନାହିଁ ।

ଯେତେବେଳେ ଝିଅଟିର ମର୍ମଥରା ଚିତ୍କାର ମେଘରାତିର ଅନ୍ଧାର ସମେତ ସମଗ୍ର ଇଲାକାଟିକୁ ଆତଙ୍କିତ ଓ ଜଡ଼ସଡ଼ କରିଦେଲା, ସେତେବେଳେ ଯାଇ ସେ ପ୍ରକୃତିସ୍ଥ ହେଲା ଏବଂ ଦେଖିଲା, ଝିଅଟି ଦେହରେ ତା'ର ଉପରିସ୍ଥ ପୋଷାକଟି ନାହିଁ, କେବଳ ପ୍ୟାଣ୍ଟିଖଣ୍ଡକ ଛଡ଼ା । ଝିଅଟି ସେପର୍ଯ୍ୟନ୍ତ ରବରର ମୂର୍ତ୍ତିଟିଏ ପରି ସେମିତି ଅଟକିରହିଛି ବ୍ୟୋମକେଶର ଦୁଇବାହୁର ବନ୍ଧନୀ ଭିତରେ । ସେ ଥିଲା ସମ୍ପୂର୍ଣ୍ଣ ଭାବରେ ଭୀତତ୍ରସ୍ତ ଏବଂ ନିର୍ବାକ୍ ।

ସେତେବେଳକୁ ଘର ଭିତରେ ଜମା ହୋଇଗଲେଣି ଉଦ୍‌ବ୍ୟସ୍ତ ଓ କ୍ରୋଧାନ୍ୱିତ ଜନତା । ଏଭଳି ଏକ ଅବିଶ୍ୱସନୀୟ ଗହଳି ଓ ଉତ୍ତେଜନାକୁ ଲକ୍ଷ୍ୟ କରି ଝିଅଟି କ୍ରମାଗତ ଭାବେ କାନ୍ଦିଚାଲିଲା ଭୟାତୁର ଭାବରେ, ଯେଭଳି କିଛି ଦୁର୍ଗନ୍ଧଯୁକ୍ତ ଅନୁଭୂତିକୁ ମନେପକାଇଲା ପରି । ବିମୂଢ଼ ବ୍ୟୋମକେଶ ସେତେବେଳେ ଯାଇ ଝିଅଟିକୁ ମୁକ୍ତ କରି ପ୍ରତ୍ୟାହାର କରିଆଣିଲା ତା ହାତଯୋଡ଼ିକ ।

ପ୍ରକୃତରେ ଝିଅଟି ସେଇ ଯେ ଡରରେ ଆଖି ବୁଜିପକାଇଥିଲା, ତା'ପରେ ଆଉ ଜମା ଖୋଲୁନଥିଲା । ଯାବତୀୟ ପ୍ରରୋଚନା ସତ୍ତ୍ୱେ ମଧ୍ୟ ସେଠାରେ କ'ଣ ଘଟିଲା, ସେକଥା ସେ ଆଦୌ କିଛି କହିପାରିଲା ନାହିଁ । କେବଳ କ୍ରନ୍ଦନ ହିଁ ଥିଲା ତା'ର ଏକମାତ୍ର ପରିଭାଷା । ସେଭଳି କ୍ରନ୍ଦନ ନିକଟରେ, କେତୋଟି ମୁହୂର୍ତ୍ତ ତଳେ ସମ୍ବର୍ଦ୍ଧିତ ହୋଇଥିବା କବି ବ୍ୟୋମକେଶ ଅଭିଯୁକ୍ତ ଆସାମୀଟିଏ ଭଳି ମ୍ଳାନ ଓ ବିମର୍ଷ ଦେଖାଯାଉଥିଲା ।

ପିଲାଟିର ଅବାରିତ କାନ୍ଦ, ଘଟଣାଟିର ଯେଉଁ କୁତ୍ସିତ ଦିଗକୁ ଇଙ୍ଗିତ କରୁଥିଲା, ତାହା ଅନୁମାନ କରିନେଇ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଜନତା ଆଦୌ ବିଳମ୍ବ କଲାନାହିଁ । କଥାଟା କାନରୁ କାନ ହୋଇ ବିଦ୍ୟୁତ୍ ବେଗରେ ଚାରିଆଡ଼େ ପ୍ରଚାରିତ ହୋଇଗଲା ।

ଗଭୀର ଅନ୍ଧକାର ଓ ତୁମୂଳ ବର୍ଷାକୁ ସୁଦ୍ଧା ଖାତିର ନକରି ଲୋକେ ପାଗଳ ଭଳି ଛୁଟିଆସୁଥିଲେ । କ୍ରୋଧରେ ହିତାହିତ ଜ୍ଞାନ ହରାଉଥିଲେ ସେମାନେ । ସେମାନେ ଯେପରି ନିଜନିଜର ଦାନ୍ତ ଓ ନଖସବୁ ବିସ୍ତାର କରି ଘେରିରହିଥିଲେ ତା ଚାରିପାଖରେ, ତାକୁ ଗୋଟାପଣେ ଗ୍ରାସ କରିଯିବା ପାଇଁ । ସେତେବେଳେ ବ୍ୟୋମକେଶର ମନେହୋଇଥିଲା, ସେ ଘର ଭିତରେ ଥିବା ଆସବାବପତ୍ର ମଧ୍ୟ ବିକୃତ ମୁହଁ ଦେଖାଇ ତାକୁ ଅବାରିତ ଭାବରେ ଭର୍ତ୍ସନା କରିଚାଲିଛନ୍ତି ।

ବ୍ୟୋମକେଶ ଲଜ୍ଜିତ ହୋଇ ଏଭଳି ଭାଙ୍ଗିପଡ଼ିଥିଲା ଯେ ସେ ଭାବୁଥିଲା, ଏତେ ଗହଳି ଓ କୋଳାହଳ ସତ୍ତ୍ୱେ ମହମବତିଟି ଲିଭିନଯାଇ ଜଳୁଛି କେମିତି ? ପୁଣି ଜଳୁଛି ବା କାହିଁକି ? ସେଭଳି ଆଲୁଅଠାରୁ ତା'ର ଟିକେ ନିସ୍ତାର ଦରକାର ଥିଲା ।

ଅକସ୍ମାତ୍ ଜଣେ ବଳିଷ୍ଠ ଯୁବକର ପ୍ରକାଣ୍ଡ ଧକ୍କାଟିଏ ଆସି ବାଜିଲା ତା ପିଠିରେ । ତା ସହିତ ସମବେତ ଚିତ୍କାର :

– ଏଇଟା ଗୋଟାଏ ପଶୁ । ସଇତାନ୍ । ଭଦ୍ରଲୋକର ମୁଖାତଳେ ଏଇଟା ଗୋଟାଏ ପିଶାଚ । ଯାକୁ ଆଜି ରକ୍ଷା ନାହିଁ ।

ପରେପରେ ପୁଣି ଏକ ମର୍ମନ୍ତୁଦ ମନ୍ତବ୍ୟ – ଏଭଳି ଗୋଟିଏ ଛୋଟପିଲାକୁ ପାପଆଖିରେ ଦେଖିଥିବା ଏ ଜହ୍ଲାଦକୁ ଫାଡ଼ିଦିଅ ଏଇଠି । ତା ଆଖିକୁ ତାଡ଼ିଆଣ । ଯେଉଁ ହାତରେ ସେ ତା'ର ପୋଷାକ ଉତାରିଛି, ସେ ହାତକୁ ଭାଙ୍ଗି ଗୁଣ୍ଡଗୁଣ୍ଡ କରିଦିଅ ଭାଇମାନେ । ଏଇଟା ପାପୀ । ମହାପାପୀ । ଯାକୁ ଏଇଠି, ଏଇ ମାଟିରେ କବର ଦେଇଦିଅ ।

ଆଉଜଣକର ଚିତ୍କାର – ଏଇଟା ଶଳା କବି ହେଇଚି ! କି କବିତା ଲେଖୁଛୁ ବେ ହାରାମଜାଦା ? ଯା ମୁଣ୍ଡଟାକୁ ଶୀଘ୍ର ମୋଡ଼ିଦେଇ ଫିଙ୍ଗିଦିଅ ନର୍ଦ୍ଦମାରେ । ନହେଲେ, ଚାଲ ଯାକୁ ସାତବେଣ୍ଟିଆ କରି ବୁଲେଇବା ରାସ୍ତାରେ । ଏମିତି କାମ କଲାବେଳକୁ ତୋ ହାତ ଛିଣ୍ଡିପଡ଼ିଲା ନାହିଁ କେମିତି ବେ ? କୋଷ୍ଠ ହୋଇଯିବ, କୋଷ୍ଠ ।

ବ୍ୟୋମକେଶର ମାନସିକ ଅବସ୍ଥା ସେତେବେଳେ କିପରି ଥିବ, ଆପଣମାନେ ଅନୁମାନ କରନ୍ତୁ । ତୀବ୍ର ବାତଚକ୍ରରେ ଘୂରୁଥିବା ଗୋଟେ ମୁଣ୍ଡ, ସ୍ଥିର କାଚଗୁଳି ପରି ଦିଶୁଥିବା ପଲକହୀନ ଆଖିଜୋଡ଼ା, ଜମାଟବନ୍ଧା ଅନ୍ଧକାର ଭଳି କାଳିମାଗ୍ରସ୍ତ ଓ କର୍ଦ୍ଦମାକ୍ତ ମୁହଁଟିଏ ନେଇ ବ୍ୟୋମକେଶ ସ୍ଥିର ଭାବରେ ଠିଆ ହୋଇଥିଲା ସେଇଠି, ସେଇ ଗୋଟିଏ ଜାଗାରେ ।

ଏହାପରେ ଗୁଡ଼ିଏ ଧ୍ୱଂସାତ୍ମକ ହାତ ଓ ପାଦର ପ୍ରହାରରେ ସେ ଭୂଲୁଣ୍ଠିତ ହୋଇଯାଇଥିଲା । ଅଳ୍ପ କେତେ ମିନିଟ୍ ମଧ୍ୟରେ ସେ ଦେଖାଗଲା ରକ୍ତାକ୍ତ ପିଣ୍ଡୁଳାଟିଏ ପରି । ସେ ଯେମିତି ହୋଇପଡ଼ିଲା ଧୂଳିଧୂସରିତ ହୋଇଥିବା ଗଦାଏ ଆବର୍ଜନା ।

ଜନତା ଜନାର୍ଦ୍ଦନଙ୍କ କ୍ରୋଧ ଶାନ୍ତ ହେଲାପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଯୋଗୁଁ, ଭାଗ୍ୟ ଭଲ - ସେ ତା'ର ପ୍ରାଣଟି ଫେରିପାଇଲା ସତ; କିନ୍ତୁ ଅତୀତର ଗରିମା ପୁଣିଥରେ ଫେରିବା ଥିଲା ଘୋର ଅସମ୍ଭବ । ସେ ସତେ ଯେମିତି ବିଧ୍ୱସ୍ତ ଦେଖାଯାଉଥିଲା, ଭଗ୍ନ ଦୁର୍ଗଟିଏ ଭଳି । ଜନତାଙ୍କ କବଳରୁ ରକ୍ଷା କରି ତାକୁ ପୁଲିସ୍ ହାତରେ ଜିମା ଦେବା ପାଇଁ କର୍ତ୍ତୃପକ୍ଷଙ୍କୁ ବହୁ କସରତ୍ କରିବାକୁ ପଡ଼ିଲା ।

ଶେଷକୁ, ଗୋଟିଏ କୋମଳମତି ବାଳିକା ପ୍ରତି ଯୌନଶୋଷଣ ଅଭିଯୋଗରେ ତାକୁ ସସ୍‌ପେଣ୍ଡ କରାଗଲା । ତା'ର ସେଭଳି ଜାନ୍ତବ ଆକ୍ରମଣର ସାକ୍ଷୀ ଦେବାକୁ ବାହାରିପଡ଼ିଲେ ଅନେକେ । ଫଳରେ ତାକୁ କିଛିଦିନ ଜେଲ୍ ହାଜତରେ ରଖାଗଲା । ପରେ ଅଦାଲତରେ ପେଶ୍ କରାଗଲା ।

କୋର୍ଟର ପ୍ରସ୍ତୁତିପର୍ବ ଆରମ୍ଭ ହେଲା । ପରେପରେ ଶୁଣାଣି । ସରକାରୀ ଓକିଲଜଣକ ତାଙ୍କ ଜ୍ୱାଳାମୟୀ ଶୈଳୀରେ ବିଭିନ୍ନ ଦୃଷ୍ଟାନ୍ତ ଉଦ୍ଧାର କରି ଘଟଣାଟିକୁ ଏ ଶତାବ୍ଦୀର ଜଘନ୍ୟତମ କାଣ୍ଡ ବୋଲି ଅଭିହିତ କଲେ ଏବଂ ବିଶାଳ ଜନତା ମଧ୍ୟ ଓକିଲଙ୍କ କଥାକୁ ଅମୃତ ପରି ଆକଣ୍ଠ ପାନ କରିଚାଲିଲେ ।

ଉତ୍ତେଜିତ ଜନତାଙ୍କ ଚିତ୍କାର ଓ ଭଙ୍ଗାରୁଜା ରୋକିବା ପାଇଁ ପୁଲିସ୍‌ର ହସ୍ତକ୍ଷେପ ଆବଶ୍ୟକ ପଡ଼ିଲା । ମାଜିଷ୍ଟ୍ରେଟ୍ ତାଙ୍କ ବକ୍ତବ୍ୟ ଶେଷ ନକରୁଣୁ ଜନତା ଭିତରେ ସୃଷ୍ଟି ହେଲା ବିସ୍ଫୋରଣ - ଯାବଜ୍ଜୀବନ କାରାଦଣ୍ଡ ନୁହେଁ, ଏ ପାପୀକୁ ମୃତ୍ୟୁଦଣ୍ଡ ଦିଅନ୍ତୁ ଜଜ୍ ସାହେବ । ସମସ୍ତେ ଦେଖିବା ଭଳି ସ୍ଥାନରେ ଏହାକୁ ଫାଶୀ ଦିଆଯାଉ ।

ବହୁକଷ୍ଟରେ ଅଦାଲତ ପ୍ରକୋଷ୍ଠରେ ନିରବତା ଫେରାଇ ଆଣିବାକୁ ସମର୍ଥ ହୋଇଥିବା ମାଜିଷ୍ଟ୍ରେଟ୍ କହିଲେ -

- "ଅଭିଯୁକ୍ତ ଆସାମୀ ! ତୁମେ ନିଜ ପକ୍ଷ ନେଇ ଏବେ କ'ଣ କିଛି କହିବ ?"

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବ୍ୟୋମକେଶ ନିଜ ତରଫରୁ କୌଣସି ଓକିଲ ଦେବା ପାଇଁ ରୋକ୍‌ଠୋକ୍ ମନା କରିଦେଇଥିଲା । ତେଣୁ ସେ ବଡ଼ କ୍ଳାନ୍ତ ଭାବରେ, ଆଦୌ କୌଣସି ତତ୍ପରତା ନଦେଖାଇ ଝୁଙ୍କିପଡ଼ିଥିବା ତା ମୁଣ୍ଡକୁ ଉଠାଇ ରଖିଲା, କିଛି କହିବା ପାଇଁ । ଏପରି ଭଙ୍ଗୀରେ ସେ ସାମ୍ନାକୁ ଚାହିଁଲା, ଯେପରିକି ତା ବେକରେ ଅନ୍ୟୂନ ଏକ କ୍ୱିଣ୍ଟାଲ୍ ଓଜନର ପଥରଖଣ୍ଡେ କିଏ ବାନ୍ଧିଦେଇଛି ।

ବ୍ୟୋମେକେଶର ଚେହେରାରେ ଆଉ ସେ ତେଜ ନଥିଲା । ସେ ଦେଖାଯାଉଥିଲା, ଯେମିତି ବହୁଦିନରୁ ଅବ୍ୟବହୃତ ଗୋଟିଏ ରଙ୍ଗଛଡ଼ା ଆସ୍‌ଟ୍ରେ । ବଡ଼ ରିକ୍ତ ଏବଂ ପାଂଶୁଳ । ତା ନିଃଶ୍ୱାସ ସରିଆସୁଥିବା ଭଳି ସେ ଦିଶୁଥିଲା ରୋଗିଣା । ଅଧାଅଧି ପାଚିଯାଇଥିବା ବିକ୍ଷିପ୍ତ କେଶତକ ଫୁରୁଫୁରୁ ଉଡୁଥିଲା ଫ୍ୟାନ୍ ପବନରେ ।

କିନ୍ତୁ ତା'ର ଚକ୍ଷୁଦୁଇଟି ଥିଲା ପୂର୍ବପରି ତୀକ୍ଷ୍ଣ । ସ୍ୱରରେ ନଥିଲା କୌଣସି ମଳିନତା । ଅତ୍ୟନ୍ତ ପଚମାନ ଓ ଭଙ୍ଗୁର ଯେଉଁ ଶରୀର, ସେ ତାକୁ ଏହାଭିତରେ ଚରମ ଅବହେଳା କରିପକାଇଥିଲା । ଅବଶ୍ୟ ସେଥିପାଇଁ ମଧ୍ୟ ସେ ନିଜକୁ ଗୌରବାନ୍ୱିତ ମନେକରୁଥିଲା ବୋଲି ମୁଁ ଭାବୁଥିଲି ।

ଜନତାଙ୍କ ଉପରେ ସେ ଯେତେବେଳେ ତା'ର ଆଖିଦୁଇଟିକୁ ଦୁଇଥର ଘୂରାଇଆଣିଲା, ସେତେବେଳେ ସେମାନେ ଦେଖାଯାଉଥିଲେ ଖୁବ୍ ହିଂସ୍ର ଏବଂ ସମୁଦାୟ ହଲ୍ ଭିତରେ ଗୁମୁରିଉଠିଲା ଗୋଟାଏ ଚାପା ଉତ୍ତେଜନା । ସେମାନଙ୍କ ଚାହାଣିରୁ ଯେପରି ଛୁଟିଆସୁଥିଲା ତୀବ୍ର ଘୃଣା ଓ ଅକଥ୍ୟ ଗାଳିର ମୁନିଆଁ ତୀରସବୁ ।

କିନ୍ତୁ ବ୍ୟୋମକେଶ ଆଦୌ ବିଚଳିତ ବୋଧ କଲାନାହିଁ । ଟିକେ ହସିଲା । ତା ବ୍ୟକ୍ତିତ୍ୱର ପାଉଁଶ ଭିତରୁ ସେ ହସର ଅଗ୍ନି ଆଖିପିଛୁଳାକେ ଆସି ସମସ୍ତଙ୍କୁ ଏକପ୍ରକାର ଚମକାଇଦେଲା ।

ସେ ତା'ର ବକ୍ତବ୍ୟ ଆରମ୍ଭ କରି କହିଲା :

- "ମାନ୍ୟବାର ବିଚାରପତି, ସରକାରୀ ଓକିଲ ମହାଶୟ ଓ ଉପସ୍ଥିତ ଭଦ୍ରମଣ୍ଡଳୀ..."

ବକ୍ତବ୍ୟ ଦେଲାବେଳେ ସେ କୌଣସି ଅତିରିକ୍ତ ଶକ୍ତି ଖଟାଉନଥିଲା; କିନ୍ତୁ ତା'ର ଶବ୍ଦ ଓ ଉଚ୍ଚାରଣ ଥିଲା ପୂର୍ବ ଭଳି ଚକ୍‌ଚକ୍ ଏବଂ ପ୍ରଭାବ ବିସ୍ତାର କଲାଭଳି । ତା'ର କଣ୍ଠସ୍ୱରର ଗଭୀରତା ସମୁଦାୟ ହଲ୍‌ଟିରେ ରାଜତ୍ୱ କଲା ଭଳି ମନେହେଉଥିଲା ।

ଆଉ ଅଟକିନଯାଇ ସେ କହିଲା :

- "ମୋର ବକ୍ତବ୍ୟ ନିହାତି ମାମୁଲି । ଯେଉଁ ସାତବର୍ଷର ଝିଅଟି ଉପରେ ଯୌନଶୋଷଣ ଅଭିଯୋଗରୁ ମୁଁ ଆଜି କାଠଗଡ଼ାରେ, ସେ ଝିଅ କେବଳ ହରିବନ୍ଧୁ ଚକ୍ରବର୍ତ୍ତୀର ନୁହେଁ; ମୋର ମଧ୍ୟ ଝିଅ ବୋଲି ମୁଁ ସ୍ୱୀକାର କରୁଛି ।"

ଜନତା ଚିତ୍କାର କଲା - ଧପ୍‌ପାବାଜ... ଧପ୍‌ପାବାଜ...

- "ମୁଁ ଜାଣେ, ଆପଣମାନେ ଉତ୍ୟକ୍ତ । ପୁଣି ମୁଁ ବି । ମଞ୍ଚ ଉପରେ ଛମ୍‌ଛମ୍ କୁନିପାଦ ପକାଇ ନୃତ୍ୟର ଝୋଟିଚିତା ଆଙ୍କୁଥିବା ଗୋଟିଏ ଅବୋଧ ବାଳିକାର ଦୁର୍ଦ୍ଦଶା ପାଇଁ ଉତ୍ୟକ୍ତ ଆପଣମାନେ । ମୁଁ କିନ୍ତୁ ଉତ୍ୟକ୍ତ, ସେଇ ଝିଅଟିର ମନ୍ଦଭାଗ୍ୟ ଓ ବଦନାମ ଯୋଗୁଁ ସମ୍ପୂର୍ଣ୍ଣଭାବେ ଧୂଳିସାତ୍ ହୋଇଯାଇଥିବା ମୋ ପରିବାର - ଉଭୟଟା ପାଇଁ । ...

- "ହଁ, ସେଇ ପରିବାର, ଯେଉଁ ପରିବାରରେ ଅଛନ୍ତି - ବାହାରକୁ ମୁହଁ ଦେଖାଇପାରୁ ନଥିବା ତିନୋଟି ବଢ଼ିଲା ଝିଅ, ଆତ୍ମହତ୍ୟାର ଘନଘନ ପ୍ରରୋଚନାକୁ ଚାପିରଖିଥିବା ମୋର ମୁମୂର୍ଷୁ ପତ୍ନୀ, ମୃତ୍ୟୁର ବିଛଣାରେ ଶୋଇଥିବା ମୋ ବାପା ଏବଂ ସମ୍ପୂର୍ଣ୍ଣଭାବେ ପାଗଳୀ ହୋଇଯାଇଥିବା ମୋ ମା'ବୁଢ଼ୀ... ବାସ୍ । ଏମାନଙ୍କ ବ୍ୟତୀତ ଆଉ ସମସ୍ତ ପୃଥିବୀ ମୋ ପାଇଁ ଅବାନ୍ତର । ...

- "ମୁଁ ଜାଣେ, ଏବେ ଅଦାଲତ ମୋର ବିଚାର କରି ଯେଉଁ ଦଣ୍ଡ ମୋତେ ଦେବ, ତାହା ଖୁବ୍ ନଗଣ୍ୟ - ଯାହାକୁ ମୁଁ ଜମା ଖାତିର କରେନା ବୋଲି ମୋର ସ୍ୱର ଏଭଳି ସ୍ପଷ୍ଟ ଏବଂ ଦୃଢ଼ । ପ୍ରକାଣ୍ଡ ବାତ୍ୟାରେ ଟଳମଳ ହେଉଥିବା ମୋର ଏଇ ଯେଉଁ ଶରୀର, ଯେଉଁ ଶରୀର ଏବେ

ସ୍ୱେଚ୍ଛାମୃତ୍ୟୁ ବରଣ କରିବା ପାଇଁ ଦିନ ଗଣିଗଣି ଚାଲିଛି, ତାକୁ ବା କେଉଁ କଠୋର ଦଣ୍ଡ ଦେଇପାରିବ ଏଇ ଆଇନ? କ'ଣ ବା ଦଣ୍ଡ ଦେବ ତାକୁ, ଯାହାର ସବୁ ସୁନାମ, ଶାନ୍ତି ଏବଂ ସଦ୍‌ଭାବନାସବୁ ମାଟିରେ ମିଶିଯାଇଛି ? ...

– "କାନ ଶୁଣିନଥିବା ପରି ସେଦିନର ଯେଉଁ ଦୁର୍ଘଟଣା, ଯାହାର ଖଳନାୟକ ହେଉଛି ଏଇ ବ୍ୟୋମକେଶ – ସେ ବିଷୟରେ କହିବା ଆଗରୁ ମୁଁ କହିରଖୁଛି, କିପ୍ରକାର ଯମଦଣ୍ଡ ମୁଁ ଭୋଗିସାରିଛି ଏଇ କେତେଦିନ ଭିତରେ । ଗୋଟାଏ ଅସିଦ୍ଧ ଓ ଅଘୋଷିତ ଅପକର୍ମ ପାଇଁ ମୁଁ କିପ୍ରକାର ମୂଲ୍ୟ ଦେଇସାରିଲିଣି, ଏବେ ସେଇକଥା ଆପଣମାନେ ଦୟାକରି ଶୁଣନ୍ତୁ ।"

– "ଆଇ ଅବ୍‌ଜେକ୍ଟ ୟୋର୍ ଅନର୍ !" ଗର୍ଜିଉଠିଲେ ସରକାରୀ ଓକିଲ । "ମୁଦାଲାଙ୍କ ବକ୍ତବ୍ୟ ଅତିରଞ୍ଜିତ ଓ ନଟ୍ ଟୁ ଦି ପଏଣ୍ଟ୍ ।"

ବ୍ୟୋମକେଶର ବକ୍ତବ୍ୟରେ କିନ୍ତୁ ଜନତା କ'ଣ ଲକ୍ଷ୍ୟ କରିଥିଲା କେଜାଣି, ଜନତା ସରକାରୀ ଓକିଲଙ୍କୁ ସମର୍ଥନ ନକରି ତୁନି ରହିଥିଲା ଓ ସମଗ୍ର ହଲ୍‌ଟିରେ ଛାଇଯାଇଥିଲା ନିଶୂନ୍ ନିରବତା ।

ଜଜ୍ କହିଲେ, "ଅବ୍‌ଜେକ୍‌ସନ୍ ଓଭରରୁଲ୍‌ଡ ।"

ବ୍ୟୋମକେଶ ପୁଣି ଆରମ୍ଭ କଲା :

– "ମୁଁ ଆଜି ଭାରି ଖୁସି ଯେ ମୁଁ ମୋ ଅନ୍ତରାତ୍ମାର କଥା କହିବା ପାଇଁ ମୋତେ ବିରଳ ସୁଯୋଗଟିଏ ଦିଆଯାଉଛି । ଶୁଣନ୍ତୁ – ଏ ପୃଥିବୀରୁ ମୁଁ ଯାହା ଆଶା କରିଥିଲି, ତା'ଠାରୁ ଢେର୍ ଅଧିକା ମୁଁ ପାଇସାରିଛି । ତାହା ହେଉଛି ମୋର ପତିବ୍ରତା ସ୍ତ୍ରୀ, ତିନୋଟି ସୁନ୍ଦରୀ ଓ ବୁଦ୍ଧିମତୀ ଝିଅ ଏବଂ ସର୍ବୋପରି ମୋ ବାପା, ମା'... ମୋ ପରିବାର । ସେମାନେ ସମସ୍ତେ ଥିଲେ ମୋର ଶକ୍ତି । ଏସବୁଥିରୁ ମୁଁ ପାଉଥିବା ଆତ୍ମସନ୍ତୋଷ ଓ ସୁନ୍ଦର ପୃଥିବୀର ପରିଭାଷା ମୋ କଲମରେ ଫୁଟାଉଥିଲା କବିତା...

– "ମଣିଷର ଚରିତ୍ର ଗଠନ ସମ୍ପର୍କରେ ମୁଁ ଅନେକ କାହାଣୀ କହୁଥିଲି ମୋ ପିଲାମାନଙ୍କୁ । ବିଶ୍ୱସାହିତ୍ୟ ଓ ମହାପୁରୁଷମାନଙ୍କର ବହୁ ଦୃଷ୍ଟାନ୍ତ ଦେଇ ମୁଁ ସେମାନଙ୍କ ଭିତରେ ସୃଷ୍ଟି କରିଥିଲି ଭଲ ମଣିଷ ହେବାର ପ୍ରଚୁର ସମ୍ଭାବନା । ମୋ ପତ୍ନୀଙ୍କର ଗର୍ବ ରହିଥିଲା ମୋ କବିତା, ମୋ ଓଜସ୍ୱିନୀ ଭାଷଣ ଓ ମୋର ଚରିତ୍ରକୁ ନେଇ । ମୋ ବାପା ମା' ମୋ ଉପରେ ଅଜାଡ଼ିଦେଇଥିଲେ ଅଫୁରନ୍ତ ସ୍ନେହ ଓ ଉପରକୁ ଉପରକୁ ଉଡ଼ିଚାଲିବାର ଆଶୀର୍ବାଦ । ...

– "ହେଲେ, ଏ ଦୁର୍ଘଟଣା ମୋର ଡେଣା ଭାଙ୍ଗିଦେଲା । ସବୁକିଛି ଅନ୍ଧାର ଭିତରେ ପୋତିହୋଇଗଲା ଗୋଟିଏ ମୁହୂର୍ତ୍ତରେ । ଯେଉଁ ମୁହୂର୍ତ୍ତଟି ପାଇଁ ମୋର ମଦ୍ୟପାନ ହିଁ କେବଳ ଦାୟୀ । ଜଣେ ମଦ୍ୟପକୁ ବିଶ୍ୱାସ ନକରିବାଟା ହେଲା ମୋର ସମଗ୍ର ସାଧନା ଓ ଶାନ୍ତି ଉପରେ ବଜ୍ରାଘାତ । ...

– "ଏତେ ପରିପୂର୍ଣ୍ଣ ଓ ସନ୍ତୁଷ୍ଟ ଥିବା ସତ୍ତ୍ୱେ ମୁଁ କିଭଳି ମଦର ଖପ୍‌ପରରେ ପଡ଼ିଗଲି, ସେକଥା ନିଜେ ଜାଣିପାରିନଥିଲି । ମୋର ଏଇ ବିଳାସଟିକକ ମୁଁ ଅତି ସଚେତନ ଭାବରେ ଲୁଚାଇ ରଖିଥିଲି ମୋ ପତ୍ନୀଙ୍କ ନିକଟରୁ । ପିଲାମାନେ ସେସବୁ ଜାଣିବାର ପ୍ରଶ୍ନ ହିଁ ନଥିଲା । ...

– "ସେଇ ମଦ ମୋତେ ଏବେ ନିଃସ୍ୱ ଓ ସର୍ବହରା କରି ଛାଡ଼ିଲା । ଯେଉଁଦିନ ମୁଁ ମୋର କ୍ଷତାକ୍ତ ଶରୀର ଏବଂ ତହିଁରୁ ଅଧିକ କ୍ଷତାକ୍ତ ମନକୁ ନେଇ ଜାମିନ୍‌ରେ ଘରକୁ ଫେରିଲି, ସେତେବେଳକୁ ସମ୍ବାଦପତ୍ରଗୁଡ଼ିକରୁ ସେଇ ଜଘନ୍ୟ ଅଧ୍ୟାୟର ବିବରଣୀ ମୋର ପୂରା ପରିବାର ଜାଣିସାରିଥିଲେ । ...

– "ମୁଁ ନିଃସଙ୍ଗ ହୋଇ ପଡ଼ିରହିଲି ବିଛଣାରେ । ମୁଁ ଚାହିଁଥିଲେ, ଖୁବ୍ ସହଜରେ ଆତ୍ମହତ୍ୟା କରିପାରିଥାନ୍ତି । କିନ୍ତୁ ସେଭଳି ଲୁଚିଛପି ମରିବା ପ୍ରତି ମୋ ବିବେକର ସମର୍ଥନ ନଥିଲା । ମୋ ପତ୍ନୀ ମୋତେ ନିହାତି ଅପରିଚିତର ଦୃଷ୍ଟିରେ ଦେଖିଲେ । ସେ ମୋତେ ଦେଖି ଭାବୁଥିଲେ, ମୁଁ ଯେମିତି ପୁଳାଏ ଆବର୍ଜନା । ଯେଉଁ ପିଲାମାନେ ମୋତେ ଦେଖିଲାକ୍ଷଣି ମୋ କୋଳରେ ଆସି ଆଉଜିପଡୁଥିଲେ, ସେମାନେ ଆଉ ମୋ କୋଠରିର ଦ୍ୱାରମୁହଁ ମଧ୍ୟ ମାଡୁନଥିଲେ । ଓଃ ଭୀଷଣ କଷ୍ଟଦାୟକ ଓ ମର୍ମନ୍ତୁଦ ସେ ମୁହୂର୍ତ୍ତଗୁଡ଼ାକ । ...

– "ସେମାନଙ୍କ ପାଠପଢ଼ା ପ୍ରାୟତଃ ବନ୍ଦ ହୋଇଗଲା । ବଜାରଘାଟ ଓ ସ୍କୁଲ କଲେଜ ଯିବା ବି ସେମାନେ ବନ୍ଦ କରିଦେଲେ । ମୋ ସ୍ତ୍ରୀ ମଧ୍ୟ ଠାକୁରଘର କିଳିଦେଇ ତା ଭିତରେ ପଶିରହୁଥିଲେ ଅଧିକାଂଶ ସମୟ । ...

– "ଦିନେ କ'ଣ ହେଲା ଜାଣନ୍ତି ? ମୁଁ ଜାଣିପାରୁନି, ପ୍ରକୃତରେ ଏସବୁ କହିବା ପାଇଁ ମୁଁ ସମର୍ଥ ହେବି କି ନା । ସେଦିନ ଥାଏ ରବିବାର । ସବୁଦିନ ପରି ସେଦିନ ମଧ୍ୟ ପ୍ରାର୍ଥନା କରିବାକୁ ବସିଥିଲି ଠାକୁରଙ୍କ ସାମ୍ନାରେ । ହଠାତ୍ ମୋ ସ୍ତ୍ରୀ ଆସି ମୋ ଆଗରେ ଅଜାଡ଼ିଦେଲେ ମୋ କବିତାର ସବୁତକ ପାଣ୍ଡୁଲିପି ଏବଂ ପ୍ରକାଶିତ ଯେତେକ କବିତାବହି । ମୋର ଧ୍ୟାନ ଭାଙ୍ଗିଗଲା ସେହି ନିଷ୍ଠୁର, ଅମାନୁଷିକ ଶବ୍ଦରେ । ତା'ପରେ ମୁହୂର୍ତ୍ତକ ମଧ୍ୟରେ ଗୋଟିଏ ବୋତଲ କିରାସିନି ଏବଂ ତା ଉପରେ ଗୋଟିଏ ଜଳନ୍ତା ଦିଆସିଲିକାଠି । ଲେଲିହାନ ଅଗ୍ନି ଚାଟିଦେଇଯାଉଥାଏ ମୋ ଜୀବନର ସର୍ବଶ୍ରେଷ୍ଠ ସମ୍ପଦଗୁଡ଼ିକୁ । ସେଭଳି ହିଂସ୍ର ଅଗ୍ନିର ଅଟ୍ଟହାସ୍ୟରେ ମୁଁ ଯେମିତି ଅନ୍ଧ ହୋଇଗଲି । ଆପଣମାନେ କୁହନ୍ତୁ, ଗୋଟିଏ ଜୀବନ୍ତ ମଣିଷ ପୋଡ଼ିହୋଇ ମରିବାବେଳେ କି ଯନ୍ତ୍ରଣା ପାଏ, କେତେ କଲବଲ ହୁଏ ? ଓଃ ଏତେ ଜ୍ୱଳନ ଭିତରେ ମୁଁ ଯେ କେମିତି ବଞ୍ଚିରହିପାରିଲି, ତା ମୁଁ ବୁଝିପାରୁନି । ଏବେ ଏ ମୋର ଶରୀର, ଯାହାକୁ ଆପଣମାନେ ଦେଖୁଛନ୍ତି, ତାହା ଏକ ପ୍ରେତର ଶରୀର ହୋଇ ତିଷ୍ଠିରହିଚି ଯାହା । ...

– "ମୋ ସ୍ତ୍ରୀ ବିଲ୍‌କୁଲ୍ ପାଟି ଖୋଲୁନଥିଲେ । ସେ ଗୋଟିଏ ବାଡ଼ି ଧରି ସେଇ ଜଳନ୍ତା ପାଉଁଶଗୁଡ଼ିକୁ ଖେଞ୍ଚିଚାଲିଥିଲେ । ମୁଁ ସେସବୁ ନିଜ ଆଖିରେ ଦେଖୁଥିଲି ଏବଂ ଶୁଣିଚାଲିଥିଲି ରକ୍ତଜୁଡୁବୁଡୁ ମୋ କଲିଜାର ପ୍ରାଣଥରା ଚିତ୍କାର । କବାଟଫାଙ୍କ ଭିତରୁ ମୋ ପିଲାମାନେ ମଧ୍ୟ ସେସବୁ ଦେଖୁଥିଲେ । ଏଇ ଦାହପ୍ରକ୍ରିୟାଟି ସତେଯେମିତି ତାଙ୍କୁ ଦେଉଥିଲା ପ୍ରକାଣ୍ଡ ଉଶ୍ୱାସ । ହଁ... ସେଇ ପିଲାମାନେ... ଯେଉଁମାନେ ମୋ ବହି ଓ କବିତାକୁ ଫୁଲଚନ୍ଦନ ଦେଇ ପୂଜା କରୁଥିଲେ ଆଗରୁ ଏବଂ ଛାତିଫୁଲାଇ କହୁଥିଲେ – ଆମ ବାପା ଜଣେ କବି । ...

– "ଏବେ କହନ୍ତୁ ଆପଣମାନେ, ଏହାଠାରୁ ବଳି ଆଉ କେଉଁ ଓଜନଦାର ଦଣ୍ଡ ଅଛି ଆଇନବହିରେ, ଯାହା ମୋତେ ଭୋଗିବାକୁ ପଡ଼ିବ । ବନ୍ଧୁବାନ୍ଧବ, ସାଇପଡ଼ିଶା, ସାଙ୍ଗସାଥୀ ଯାହାଠାରୁ ଘୃଣାରେ, ତାଚ୍ଛଲ୍ୟରେ ଓ ଟିଙ୍ଗିକାରରେ ମୁହଁ ଫେରାଇ ନେଇଛନ୍ତି, ତାକୁ ଆପଣ ଯେଉଁ ଦଣ୍ଡ ଦେବେ, ତାହା ଖୁବ୍ ହାସ୍ୟାସ୍ପଦ ହେବନାହିଁ କି ? ...

– "ଏବେ ମୁଁ ଯାଉଛି ସେଇ ପ୍ରସଙ୍ଗକୁ... ସୋନାଲୀ... ସୋନାଲୀ ଚକ୍ରବର୍ତ୍ତୀ... ମୋ ଝିଅ... ମୋ ଧନ ସୋନାଲୀ ଉପରେ ବଳାତ୍କାର ପ୍ରସଙ୍ଗ । ମୁଁ ଆପଣମାନଙ୍କୁ ମୋର ସ୍ୱର୍ଗୀୟ ଶୁଭକାମନା ଓ ଅଭିନନ୍ଦନ ଜଣାଉଛି ଏଇଥିପାଇଁ ଯେ, ଆପଣମାନେ ମୋ ପ୍ରତି ବହୁତ ସଦୟ ହୋଇଛନ୍ତି... ଧୈର୍ଯ୍ୟଧରି ମୋ ବକ୍‌ବାସ୍ ଶୁଣୁଛନ୍ତି । ମୋର ପ୍ରଣାମ ଗ୍ରହଣ କରନ୍ତୁ ଆପଣମାନେ... ମୋର ଏତିକି ନିବେଦନ । ...

– "ହଁ ବନ୍ଧୁଗଣ... ଦୁଇହଜାର ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ ସନ୍ଧ୍ୟା ସମୟକୁ ମୁଁ ପୂରାପୂରି ମାତାଲ୍ ଥିଲି । ହଁ... ପୂରାପୂରି । ଏପରିକି ସମ୍ବର୍ଦ୍ଧନାର ଉତ୍ତର ଦେଲାବେଳେ ଆଉ ମନୋରଞ୍ଜନ କାର୍ଯ୍ୟକ୍ରମ ପରିଚାଳନା କଲାବେଳେ ମୁଁ ଯାହାସବୁ କହୁଥିଲି, ସେସବୁ ଥିଲା ସେଇ ପାନୀୟର ପ୍ରଭାବ । ମୁଁ ଶବ୍ଦ ପରେ ଶବ୍ଦ ଏବଂ ବାକ୍ୟ ପରେ ବାକ୍ୟ କେମିତି କହିଚାଲିଥିଲି, ତାହା ମୁଁ ଜାଣିପାରି ନଥିଲି । ମୁଁ ଯେମିତି ପ୍ରବଳ ସ୍ରୋତ ମୁହଁରେ ଖାଲି ଭାସିଚାଲିଥିଲି । ଜନତାଙ୍କ କରତାଳି ମୋତେ ଆଗକୁ ଆଗକୁ ଟାଣିନେଉଥିଲା । ...

– "ସୋନାଲୀ ନାଚୁଥିଲା ମଞ୍ଚରେ । ଫୁଲର ପାଖୁଡ଼ା ପରି ଦିଶୁଥିଲା ତା ପାଦ । ଗାଲଦୁଇଟି ଲାଗୁଥିଲା ଚନ୍ଦ୍ରମଣ୍ଡଳ ପରି ଉଜ୍ଜ୍ୱଳ । ନୃତ୍ୟ ନୁହେଁ, ସେ ଯେପରି କବିତାର ସ୍ୱର୍ଗୀୟ ପଙ୍‌କ୍ତିଗୁଡ଼ିକ ଲେଖିଚାଲିଥିଲା ମୋ ଚେତନାରେ । ମୋତେ ଲାଗୁଥିଲା, ସେଭଳି ନୃତ୍ୟ ଦେଖୁଦେଖୁ ମୁଁ ହୁଏତ ଅଚେତ ହୋଇଯିବି । ସେ ଯେମିତି ଦିଶୁଥିଲା, ଦେବଲୋକର କେଉଁ ନୃତ୍ୟପଟ୍ଟୀୟସୀ ଗାନ୍ଧର୍ବୀଟିଏ ଭଳି । ମୁଁ ତାକୁ ସେଇ ମଞ୍ଚ ଉପରକୁ ଯାଇ କୁଣ୍ଢାଇପକାଇବି ବୋଲି ଭାବିଥିଲି । ଓଃ... ମୁଁ ମୂର୍ଖ... ମୁଁ ପାମର... ମୁଁ ଅଜ୍ଞାନ... କାହିଁକି ଯେ କଲିନାହିଁ ତାହା ? ତା'ର ଏକାଗ୍ରତାକୁ ବିନଷ୍ଟ କରିବାକୁ ସାହସ ଜୁଟାଇ ନପାରିବାରୁ ସେଭଳି ଇଚ୍ଛାକୁ ମୁଁ ଚାପିରଖିଲି ବୁକୁତଳେ । ...

– "ଯେତେବେଳେ ଗେଷ୍ଟରୁମ୍‌କୁ ଆସି କ୍ଲାନ୍ତ ଭାବରେ ମୁଁ ପଡ଼ିରହିଥିଲି ଖଟ ଉପରେ, ସେତେବେଳେ ବର୍ଷା ବର୍ଷୁଥିଲା । ବିଜୁଳି ନଥିବାରୁ ଚାରିଆଡ଼େ ଥିଲା ଅନ୍ଧକାର । ମହମବତିଟିଏ ଯାହା ଜଳୁଥିଲା ରୁମ୍ ଭିତରେ । ମୋର ଆଖି ଭାରୀ ହୋଇଆସିଥିଲା କ୍ଲାନ୍ତି ଏବଂ ଝାପ୍‌ସା ମଦର ନିଶାରେ । ସୋନାଲୀ ସେଇ ମୁହୂର୍ତ୍ତରେ କେମିତି ସେ କୋଠରି ଭିତରକୁ ପଶିଆସିଲା ମୁଁ ଜାଣେନା । ...

– "କିନ୍ତୁ ତାକୁ ମୁଁ ଯେତେବେଳେ ପାଖରେ ପାଇଲି, ମୋର ଅବଦମିତ ଇଚ୍ଛା ଜାଗିଉଠିଲା । ତାକୁ ଚୁମାଟିଏ ଦେବାକୁ, ତାକୁ ଛାତିରେ ଜଡ଼ାଇ ଧରିବାକୁ ମୁଁ ଯେମିତି ଅଧୀର ହୋଇପଡ଼ିଲି । ସେତେବେଳେ ମୁଁ ଆଉ ମୋ କାବୁରେ ନଥିଲି । ତା'ର ସେ ପୋଷାକ ପରିହିତ ଶରୀରକୁ ନୁହେଁ, ପଦ୍ମପାଖୁଡ଼ା ପରି ତା'ର ସେଇ କୁନିଦେହର ସ୍ପର୍ଶ ମୁଁ ତୀବ୍ରଭାବରେ ଲୋଡ଼ୁଥିଲି । ଭାବପ୍ରବଣତାର ଗୋଟାଏ ପ୍ରକାଣ୍ଡ ଜୁଆର ଭିତରେ ବୁଡ଼ିଯାଇ ମୁଁ ଗୋଟିଏ ପଲକରେ ତା ଦେହର ପୋଷାକକୁ ଟାଣି ଉଠାଇଦେଲି । ଆଦୌ କୌଣସି ବିକାର କିମ୍ବା ଆବିଳତା ନଥିଲା ମୋ ଭିତରେ... ମୋତେ ବିଶ୍ୱାସ କରନ୍ତୁ । ...

– "ଆପଣ ଏବେ କୁହନ୍ତୁ, କୌଣସି ଗାଧୁଆଘର ଭିତରେ ଜଣେ ସ୍ତ୍ରୀଲୋକ ଯଦି ଆଉ କାହାର ସାନପୁଅଟିକୁ ଗାଧୋଇଦେବା ପାଇଁ ପୋଷାକ ଖୋଲି ତା ଦେହକୁ ସ୍ପର୍ଶ କରନ୍ତି, ସେତେବେଳେ ତାଙ୍କର କିଛି ବିକାର କିମ୍ବା ଉତ୍ତେଜନା ଥାଏ କି ? ସେଇ ପିଲାଟିର କୁନିଦେହର ସ୍ପର୍ଶ ତାଙ୍କ ଭିତରେ ମାତୃତ୍ୱର ଝର ଫିଟାଇଦିଏ ନାହିଁ କି ? ...

– "ମୁଁ ଈଶ୍ୱରଙ୍କ ନାମରେ ଶପଥ ନେଇ କହୁଛି ଯେ, ସେଦିନ ଏହା ଥିଲା ମୋର ସେହିପରି ଗୋଟାଏ ଭାବାଳୁତା । ମୁଁ ଜାଣିନଥିଲି, ଏହାର ଅନ୍ତରାଳରେ କୁତ୍ସିତ କଳ୍ପନାଜଳ୍ପନାର ଏତେ ଅନ୍ଧକାର ଥାଇପାରେ । ସେହି ସମୟର ଅନ୍ଧକାର ଓ ନିର୍ଜନତା କଥା ମୁଁ ଚିନ୍ତା କରିପାରି ନଥିଲି । ଆଉ ଏକଥା ମୁଁ ବି ଭୁଲିଯାଇଥିଲି ଯେ, କିଛି ସମୟ ପୂର୍ବରୁ ମୁଁ ଥିଲି ମାତାଲ୍ । ମୋ ଚେତନାରେ କେବଳ ଥିଲା ସୋନାଲୀ ଏବଂ ସୋନାଲୀ ।

– "ଏହାପରେ ଯାହାଯାହା ଘଟିଲା, ତା'ର ସାକ୍ଷୀ ଅଛି ଜନତା । ସେମାନେ ଏବେ କରନ୍ତୁ ମୋର ବ୍ୟଭିଚାରର ବର୍ଣ୍ଣନା । ମୋର ସେ ବିଷୟରେ କିଛି କହିବାର ନାହିଁ । ମୁଁ ଜାଣେ, ମଦ ପିଇ ମାତାଲ୍ ହେବା ମୋର ଅପରାଧ । ଯଦି ବି ତାହା ଅପରାଧ, ତେବେ ମୁଁ ବିନମ୍ରତାର ସହ ଈଶ୍ୱରଙ୍କ ଦୋହି ଦେଇ କହିବି – ଏଇ ଜନତାର ଗୋଟିଏ ବିଶାଳ ଅଂଶ ସେଇ ଅପରାଧରେ ମଧ୍ୟ ଅପରାଧୀ । ମୋର ମଦ୍ୟପ ଚେହେରା ଓ ନିର୍ଜନ ପରିବେଶକୁ ମିଶାଇ ଯେଉଁମାନେ ମୋତେ ଖଳନାୟକ ସଜାଇଛନ୍ତି, ସେମାନଙ୍କୁ ମୁଁ ବି ଦୋଷ ଦେଉନାହିଁ । ସେଠି ଯାହା ଘଟିଯାଇଛି, ତା'ର ସ୍ରଷ୍ଟା ହେଉଛି ମୁଁ ନିଜେ... ମୋ ଛଡ଼ା ଆଉ କେହି ନୁହେଁ । ତେଣୁ ଆଇନର ସବୁତକ ଆକ୍ରୋଶର ସମ୍ମୁଖୀନ ହେବା ପାଇଁ ମୁଁ ନିଜକୁ ପ୍ରସ୍ତୁତ କରି ରଖିଛି । ...

– "ଶେଷରେ ମୋର ଏତିକି ପ୍ରାର୍ଥନା – ମୋ ପ୍ରିୟ ସୋନାଲୀକୁ ଆଉ ମାତ୍ର ଥରୁଟିଏ ପାଇଁ ମୋ ସମ୍ମୁଖକୁ ଅଣାଯାଉ । ଯେଉଁ କୁନିଝିଅଟି ସେଦିନ ଶ୍ରଦ୍ଧାର ଫୁଲତୋଡ଼ାଟିଏ ଟେକିଧରିଥିଲା ମୋ ଆଗରେ, ସେ ମୋ ପାଖକୁ ଆସି ଥରେ ମାତ୍ର ମୋ ଆଖିରେ ଆଖି ମିଶେଇଦେଉ... ଏତିକି ମାତ୍ର ମୋର ଶେଷଇଚ୍ଛା ।"

କଥା କହୁକହୁ ବ୍ୟୋମକେଶର ତଣ୍ଟି ଶୁଖିଗଲା । ସେ ପାଣି ମାଗିଲା ପିଇବାକୁ ।

ଜନତା ଚିତ୍କାର କଲା – ନା ନା, ଟୋପାଏ ବି ନୁହେଁ ।

ସରକାରୀ ଓକିଲ ମନ୍ତବ୍ୟ ଦେଲେ – ନାଟକ... ନାଟକ । ଏଇଟା କୋର୍ଟ । କୌଣସି ରଙ୍ଗମଞ୍ଚ ନୁହେଁ ।

ବିଚାରପତି ରାୟ ଶୁଣାଇଲେ – ସାତବର୍ଷ ସଶ୍ରମ କାରାଦଣ୍ଡ ।

ବ୍ୟୋମକେଶ ଆଦୌ ବିଚଳିତ ହେଲାନାହିଁ । ସେ ଧୀରସ୍ଥିର ହୋଇ ବିଚାରପତିଙ୍କ ରାୟ ଶୁଣିଲା ଓ ତାକୁ ପହରା ଦେଉଥିବା ପୁଲିସ୍‌ମାନଙ୍କୁ ଶ୍ରଦ୍ଧାରେ ଅନାଇଲା । ଶୂନ୍ୟକୁ ଚାହିଁ ଦୁଇହାତ ଉପରକୁ ଟେକିଲା । ପରେପରେ କାଠଗଡ଼ାରୁ ବାହାରି ସେ ମୁହଁପୋତି ଚାଲିବାକୁ ଆରମ୍ଭ କଲା । ଲାଗୁଥିଲା, ସେ ଯେମିତି ଏହାପରେ ଚାଲିଚାଲି ଅନ୍ଧାରଭର୍ତ୍ତି କେଉଁ ସୁଡ଼ଙ୍ଗ ଭିତରକୁ ପଶିଯିବ !

ବନ୍ଧୁଗଣ !

ଏତିକିରେ ଏ କାହାଣୀ ଶେଷ ହେବା କଥା । କିନ୍ତୁ ତାହା ହେଉନାହିଁ । କାହାଣୀର ଅନ୍ତିମ ପର୍ବ ତଥାପି ବାକିଅଛି । ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସେତକ ଶୁଣିବା ପାଇଁ ଆପଣଙ୍କର ଆଗ୍ରହ ଓ ଧୈର୍ଯ୍ୟ ଉଭୟଟା ଥିବ ବୋଲି ମୁଁ ଆଶା କରୁଛି ।

ସବୁବେଳେ ବ୍ୟୋମକେଶ ମୋ ପାଇଁ କିଛି ନା କିଛି ତ୍ୟାଗ କରୁଥିଲା । ମୁଁ କିନ୍ତୁ ଥିଲି ତା ତୁଳନାରେ ବହୁତ ଡରୁଆ ଓ ପଛବୁଦ୍ଧିଆ । ହଠାତ୍ ମୋର କ'ଣ ହେଲା କେଜାଣି, ମୁଁ ଭୀଷଣ ସାହସୀ ହୋଇଉଠିଲି । ଭାବିଲି, ହରିବନ୍ଧୁ ଚକ୍ରବର୍ତ୍ତୀ ଘରକୁ ମୋତେ ନିଶ୍ଚୟ ଯିବାକୁ ପଡ଼ିବ । ତା ସହିତ କଥା ହେଲାପରେ, ମୁଁ ହୁଏତ ବ୍ୟୋମକେଶ ପାଇଁ କିଛିଟା କରିପାରିବି ।

ଏହାପରେ ମୁଁ କେମିତି ଓ କେଉଁ ପରିସ୍ଥିତିରେ ହରିବନ୍ଧୁର ପରିବାରକୁ ପ୍ରଭାବିତ କରିପାରିଲି ଏବଂ ଘଟଣାଟି ପଛରେ ରହିଥିବା ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଦିଗଟିକୁ ତାଙ୍କ ଆଗରେ ଖୋଲିଦେଇପାରିଲି, ତା'ର ବିବରଣୀ ଦେବା ଏଠାରେ ଅପ୍ରାସଙ୍ଗିକ । ବ୍ୟୋମକେଶର ଶେଷଇଚ୍ଛାଟିକୁ କଳେବଳେ କୌଶଳେ ପୂର୍ଣ୍ଣ କରିବା ପାଇଁ ମୁଁ ଆହାର ଓ ନିଦ୍ରା ସବୁକିଛି ଭୁଲିଯାଇ ଲାଗିପଡ଼ିଥିଲି ।

ବହୁ ବାଦାନୁବାଦ ଏବଂ ବିଚାରବିମର୍ଶ ପରେ ସମୁଦାୟ ପରିବାରଟି ରାଜି ହେଲା, ମୋ ସହିତ ଯାଇ ଜେଲ୍ ହାଜତ ଭିତରେ ବ୍ୟୋମକେଶକୁ ଭେଟିବା ପାଇଁ । ଏଥିପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ଅନୁମତି ମିଳିଯାଇଥିଲା ।

ସେଦିନ ଥିଲା ରବିବାର ।

ଜେଲ୍‌କୁ ଯିବା ପାଇଁ ମୋ ସହିତ ଥିଲା ବିଷଣ୍ଣ ଓ ଆଶଙ୍କା-ବିଜଡ଼ିତ ଚକ୍ରବର୍ତ୍ତୀ ପରିବାର ।

ଜେଲ୍‌ର ବିଶାଳକାୟ ପ୍ରାଚୀର ଓ ଲୁହାଗେଟ୍ ଦେଖି ସୋନାଲୀ ମୋତେ ପଚାରିଲା- "ଏଇଟା କ'ଣ ?"

– "ଏ ହେଉଛି ଜେଲ୍ ହାଜତ । ଏଠାରେ ଚୋର, ଡକାୟତ ଓ ଖୁନୀ ଆସାମୀମାନଙ୍କୁ ରଖାଯାଏ ।" ମୁଁ କହିଲି ।

ତେବେ ସେମାନେ ସେଠାକୁ କାହିଁକି ଯାଉଛନ୍ତି ବୋଲି ସୋନାଲୀ ପଚାରିବାରୁ ତା ମା କହିଲେ, ସେ ତାଙ୍କର ଜଣେ ବହୁଦିନର ବନ୍ଧୁଙ୍କୁ ଭେଟିବାକୁ ଯାଉଛନ୍ତି, ଯାହାକୁ ଗୋଟାଏ ମିଛ ଚୋରି କେଶ୍‌ରେ ଫସାଇଦିଆଯାଇଛି ।

ଜେଲ୍ ହାଜତ ଭିତରେ ଥିଲା କଠିନ ନିରବତା । କର୍ମଚାରୀମାନେ ଖାକି ପୋଷାକପତ୍ର ପିନ୍ଧି କର୍ତ୍ତବ୍ୟରତ ଥିଲେ । ଦୂରରେ ଧଳା ଡୋରିଆ ହାଫ୍‌ପ୍ୟାଣ୍ଟ୍ ଓ କୁର୍ତ୍ତାସବୁ ପିନ୍ଧି କେତେଗୁଡ଼ିଏ କଏଦୀ ବଗିଚା ସଫା କରୁଥିଲେ । ସୋନାଲୀ ଖୁସି ହୋଇ ସେମାନଙ୍କୁ ସିନେମାରେ ଦେଖିଥିବା କଏଦୀମାନଙ୍କ ସହିତ ତୁଳନା କରୁଥିଲା । ଚକ୍ରବର୍ତ୍ତୀ ଦମ୍ପତି କିନ୍ତୁ ସେପର୍ଯ୍ୟନ୍ତ ତୁନି ରହିଥାନ୍ତି । ଜଣାପଡୁଥାଏ, କେହି ଯେମିତି ସେମାନଙ୍କ ରକ୍ତସବୁ ଶୋଷିନେଇଛି ।

ଜଣେ ସିପାହିଙ୍କ ତତ୍ତ୍ୱାବଧାନରେ ଆମେ ବ୍ୟୋମକେଶ ରହୁଥିବା ପ୍ରକୋଷ୍ଠ ନିକଟରେ ପହଞ୍ଚିଯାଇଥିଲୁ । ଆମେ ଗ୍ରୀଲ୍‌ଗେଟ୍ ନିକଟରେ ଠିଆହୋଇ ତାକୁ ଅପେକ୍ଷା କରୁଥିଲୁ । ସୋନାଲୀ ସେଠାରେ ଠିଆ ହୋଇଥିଲା, ଲୁହା ଗ୍ରୀଲ୍‌କୁ ଧରି । ବ୍ୟୋମକେଶକୁ ତଲବ କରାଗଲା ।

କଏଦୀ ପୋଷାକରେ ଆସିଲା ବ୍ୟୋମକେଶ । ଯେଉଁ ପୋଷାକ, ଜଣେ ମଣିଷର ସବୁତକ ସୁଗୁଣକୁ ଢାଙ୍କିପକାଇ ତାକୁ ତଳିତଳାନ୍ତ କରିଦିଏ, ସେଭଳି ପୋଷାକରେ ମଧ୍ୟ ସେ ଦୃପ୍ତ ଦିଶୁଥିଲା । ତା ମୁହଁରେ ଦୁଃଖ କିମ୍ବା ପରିତାପର ଲେଶମାତ୍ର ଚିହ୍ନ ନଥାଏ ।

ସେ ଆମମାନଙ୍କୁ ଦେଖି ହସିଲା । ଯେମିତି, ସୋନାଲୀର ପରିବାର ତାକୁ ଭେଟିବା ପାଇଁ ଯିବା ଆଦୌ ଅସ୍ୱାଭାବିକ ନୁହେଁ, ସେହିପରି ହାବଭାବ ରହିଥିଲା ତା ମୁହଁରେ । ହାତରେ ଥିଲା ବହି ଖଣ୍ଡେ । ସମ୍ଭବତଃ କିଛିକ୍ଷଣ ଆଗରୁ ସେ ସେଇଟିକୁ ପଢୁଥିଲା । ହରିବନ୍ଧୁର ପତ୍ନୀ ତା ଆଡ଼େ କିନ୍ତୁ ଚାହିଁ ନପାରି ପଛକୁ ମୁହଁ ବୁଲାଇନେଲେ ।

ସୋନାଲୀ ଧରିଥିବା ଗ୍ରୀଲ୍‌କୁ ଲାଗି ଅପରପାର୍ଶ୍ୱରେ ପିଲାଟାର ଉଚ୍ଚତା ସହିତ ନିଜକୁ ସମାନ କରିବା ପାଇଁ ବ୍ୟୋମକେଶ ସେଠାରେ ଆଣ୍ଠେଇପଡ଼ିଲା । ସେ ଅବଶ୍ୟ ନିରବ ରହିଥିଲା, କିନ୍ତୁ ତା ମୁହଁ ଦିଶୁଥିଲା, ପ୍ରଖର ଭାବରେ ଭାଷାମୟ ।

ସୋନାଲୀ ତାକୁ କିଛିସମୟ ନିରୀକ୍ଷଣ କରି କିଛି ଗୋଟାଏ ମନେପକାଇବା ପରି ହେଲା । ପରେପରେ ଖୁସିରେ ଉଚ୍ଛୁଳିଉଠି କହିଲା –

–"ଅଙ୍କଲ୍ ! ତମେ ଏଠି କ'ଣ କରୁଚ ?"

–"ମୁଁ ଦଣ୍ଡ ପାଉଚି ।" ହସିହସି କହିଲା ବ୍ୟୋମକେଶ ।

–"କ'ଣ ପାଇଁ ଅଙ୍କଲ୍ ଏଠି ଦଣ୍ଡ ପାଉଛନ୍ତି ମା' ?" ସେ ଖୁବ୍ ଆଶ୍ଚର୍ଯ୍ୟ ହୋଇ ତା ମା'କୁ ପଚାରିଲା ଓ ପୁଣି କହିଲା, "ବାବା, ତମେ ମୋତେ ଆଗରୁ କାହିଁକି କହିଲନାହିଁ, ଏଇ ଅଙ୍କଲ୍‌ଙ୍କୁ ଦେଖା କରିବାକୁ ଆସୁଛ ବୋଲି ? କେତେ ବଢ଼ିଆ କବିତା ବୋଲନ୍ତି ଏଇ ଅଙ୍କଲ୍, କେଡ଼େ ସୁନ୍ଦର କଥା କହନ୍ତି !"

ତଥାପି ଚକ୍ରବର୍ତ୍ତୀ ଦମ୍ପତି ଥିଲେ ପୂରାପୂରି ନିରବ ।

–"ହଁ ରେ ମା', ତୁ ସେଦିନ ମୋତେ ଫୁଲତୋଡ଼ାଟିଏ ଦେଇନଥିଲୁ କି ? ଥରେ ମନେ ପକା ତ !" ବ୍ୟୋମକେଶ କହିଲା ହସିହସି ।

–"ହଁ ଅଙ୍କଲ୍, ସେଦିନ ସିନା ଫୁଲତୋଡ଼ା ଦେଇଥିଲି; ହେଲେ ଆଜି ଆଉ ଗୋଟିଏ ଜିନିଷ ତମକୁ ଦେବି । ତମେ ନବ ନା ?" ସୋନାଲୀ ଅତି ଖୁସିରେ ଯେମିତି କଢ଼ରୁ ଫୁଲ ହୋଇ ଫୁଟିଯାଉଥିଲା ।

–"ନିଶ୍ଚୟ ନେବି । କ'ଣ ଦବୁ ଦେ' ।" ବ୍ୟୋମକେଶ ସେଇ ଗ୍ରୀଲ୍ ଭିତରେ ଦୁଇହାତକୁ ଗଳାଇ ଆଞ୍ଜୁଳା କରି ରଖିଲା ପିଲାଟା ସାମ୍ନାରେ ।

ସୋନାଲୀ କିନ୍ତୁ ଖୁବ୍ ଫୁଲାଣିଆ ଭାବରେ ବ୍ୟୋମକେଶର ସେଇ ଆଶାୟୀ ହାତକୁ ନାକଚ କରି ଗ୍ରୀଲ୍‌ରେ ଚାପିହୋଇ ରହିଥିବା ବ୍ୟୋମକେଶର ଗାଲରେ ସୁଦୀର୍ଘ ଚୁମାଟାଏ ଦେଲା, ଆମ ସମସ୍ତଙ୍କୁ ତାଜୁବ୍ କରି ।

ପରିବେଶଟି ଥିଲା ପୂରାପୂରି ଥମ୍‌ଥମ୍ । ପ୍ରବଳ ଖୁସିରେ ଆତ୍ମହରା ହୋଇ ବ୍ୟୋମକେଶ କାନ୍ଦିପକାଇଲା । ତା ଆଖିର ସେଇ ଲୁହତକ ଥିଲା ଅତ୍ୟନ୍ତ ସଂକ୍ରାମକ । ଆମ ସମସ୍ତଙ୍କ ଆଖିକୁ ମଧ୍ୟ ଲୁହ ଆସିଯାଇଥିଲା । ଚକ୍ରବର୍ତ୍ତୀ ଦମ୍ପତିଙ୍କର ବାକ୍‌ସ୍ଫୂର୍ତ୍ତି ହେଲାନାହିଁ । ମୁଁ ମଧ୍ୟ ଠିଆ ହୋଇଥିଲି ଦାରୁଭୂତ ମୁରାରି ପରି ।

ବନ୍ଧୁଗଣ !

ଆପଣମାନଙ୍କୁ ମଧ୍ୟ ଏଇଭଳି ବିମୂଢ଼ ଓ ନିର୍ବାକ୍ କରିଦେବା ଏ କାହାଣୀର ଉଦ୍ଦେଶ୍ୟ ନୁହେଁ । ମାମଲାରେ ବିଚାରପତିଜଣକ କ'ଣ ରାୟ ଶୁଣାଇଲେ, ସେକଥା ଏବେ ଛାଡ଼ିଦିଅନ୍ତୁ ।

ମୋର ଆପଣମାନଙ୍କୁ ଗୋଟିଏ ମାତ୍ର ପ୍ରଶ୍ନ – ଦର୍ଶକଭରପୂର ଅଦାଲତରେ ବ୍ୟୋମକେଶ ଯେଉଁ ବୟାନ ଦେଇଥିଲା, ତାକୁ ଆପଣ ଏବେ ବିଶ୍ୱାସ କରୁଛନ୍ତି ତ ? ? ?

'ବିଷ୍ଣୁଲୋକ', ଦେଉଳି ଗ୍ରାମେଶ୍ୱର (ୟୁ.ପି. ସ୍କୁଲ ପଛ)
ଜଗତସିଂହପୁର ଟାଉନ୍, ଜଗତସିଂହପୁର

●●

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# କ୍ରୋଟନ୍‌ର ଅପମୃତ୍ୟୁ

**ଡକ୍ଟର ଅଜୟ କୁମାର ପଟ୍ଟନାୟକ**

ସବୁଦିନ ପରି ଆଜି ବି ସରୋଜ ବାବୁ ଆସିଲେ । ଡ୍ରାଇଭର ଗାଡ଼ିରୁ ଓହ୍ଲାଇ ଗେଟ୍ ଖୋଲିଲା, ସଲାମ ଠୁଙ୍କି ଗାଡ଼ି ଘୂରେଇଲା; ଗ୍ୟାରେଜ୍‌ରେ ରଖିବ ।

ଗାଡ଼ି ଶବ୍ଦ ଶୁଣି ସବୁଦିନ ଏଇମିତି ଫାଟକ ପାଖକୁ ଦୌଡ଼ିଆସେ ସୁମନ । ବାବୁଙ୍କ ହାତରୁ ଡାଇରୀ ଓ କାଗଜପତ୍ର ନେଇ ଆଗେଆଗେ ବାଟ କଢ଼ାଏ ଶୋଇବା ଘର ଟେବୁଲ୍ ପାଖକୁ । ବାବୁ ଚଷମା ଓହ୍ଲାଇ ବଢ଼ାଇଦିଅନ୍ତି । ତାକୁ ଡ୍ରୟାରରେ ରଖେ ସେ । ତା'ପରେ ଟାଇ, ଟାଇପିନ୍, ଓଭରକୋଟ୍ ଇତ୍ୟାଦି ଯଥାସ୍ଥାନରେ ରଖିଦେଇ ବଦଳାଇବା ପାଇଁ ନାଇଟ୍ ସୁଟ୍ ଦେଇଯାଏ । ପୋଷାକ ବଦଳାଇ ଡ୍ରଇଁ ରୁମ୍‌ରେ ପହଞ୍ଚିଲା ବେଳକୁ ପରଦିନର ଖବରକାଗଜ, କଫି ଓ ସିଗାରେଟ୍ ସରୋଜ ବାବୁଙ୍କ ଅପେକ୍ଷାରେ ଥାଆନ୍ତି । ସେଗୁଡ଼ିକର ସଦ୍‌ବ୍ୟବହାର ସାଙ୍ଗକୁ ସରୋଜ ବାବୁଙ୍କର ସେଇ ନିତିଦିନିଆ ପ୍ରଶ୍ନ –

–"ମାଆ ?"

–"କ୍ଲବ୍‌ରୁ ଫେରିନାହାନ୍ତି ।"

–"ରିଙ୍କି ଶୋଇଚି ?"

–"ହଁ ।"

–"ଆଉ ପିଙ୍କୁ ?"

–"ମିଶ୍ରବାବୁଙ୍କ ପୁଅ ସାଙ୍ଗରେ ପାଠ ପଢୁଛନ୍ତି । ଏଇ ନେଇଆସୁଛି !"

ରିଙ୍କି ଛ'ମାସର ଝିଅ । ଏଇ କିଛି ସମୟ ହେଲା ଅଗଣାସାରା ବୁଲେଇ ବୁଲେଇ ଦୁଧ ବୋତଲକ ପିଆଇ ଶୁଆଇଦେଇଛି ସୁମନ, ଏ ଘରର ଆୟା । ବଡ଼ପୁଅ ପିଙ୍କୁକୁ ତିନିବର୍ଷ । ଲୋଏର୍ କେ.ଜି.ରେ ପଢ଼େ । ନିତି ଅଫିସ୍‌ରୁ ଫେରି ତା ସାଙ୍ଗରେ କିଛି ସମୟ ଗପିବା ସରୋଜ ବାବୁଙ୍କର ଏକ ନିତ୍ୟନୈମିତ୍ତିକ କାର୍ଯ୍ୟ । ନହେଲେ ମନଟା ହାଲୁକା ଲାଗେନା । ଆଉ ମାଆ ହେଉଛନ୍ତି ଏ ଘରର ଗୃହିଣୀ, ଯେ କି ପ୍ରାୟ ଘରେ ରହନ୍ତିନି । ସାଙ୍ଗସାଥୀ, କ୍ଲବ୍, ପାର୍ଟି ଇତ୍ୟାଦି ନେଇ ସେ ବ୍ୟସ୍ତ । କୋଟିପତି ପିତାଙ୍କର ଅଲିଅଳି କନ୍ୟା ସେ । ପିଲାଟିଦିନରୁ ଯେଉଁ ତଥାକଥିତ ଆରିଷ୍ଟୋକ୍ରାସି ଭିତରେ ବଢ଼ିଆସିଛନ୍ତି, ସେଇ ରଙ୍ଗୀନ ଆଲୋକରେ ପ୍ରଜାପତିଟିଏ ହୋଇ ଉଡ଼ିବୁଲିବା ସିଦ୍ଧାନ୍ତରେ ହିଁ ସେ ବିଶ୍ୱାସ କରନ୍ତି । ଭାରତୀୟ ସଂସ୍କୃତି, ଆଦର୍ଶ ଏବଂ ଆଧ୍ୟାତ୍ମିକତାକୁ ମନୋରଞ୍ଜନମର୍ମୀ କଥା-କାହାଣୀ କହି ହସରେ ଉଡ଼େଇଦିଅନ୍ତି । ବହୁବାର ବୁଝେଇବାର ଅସଫଳ ଚେଷ୍ଟା କରି କେତେ ଯେ ଭର୍ତ୍ସନା ଶୁଣିନାହାନ୍ତି ସରୋଜ ବାବୁ! ସୁମନ କିନ୍ତୁ ସବୁ ଶୁଣେ । ନାରୀ ହୋଇ ଜଣେ ନାରୀର ଉଚ୍ଛୃଙ୍ଖଳତା ସହିପାରେନି ସେ । ବିଚରା ବାବୁଙ୍କ ପ୍ରତି ସହାନୁଭୂତିରେ ହୃଦୟ ତା'ର ବିକଳିଉଠେ । ଆଖିଲୁହକୁ ପଣତରେ ପୋଛିଦେଇ ଘରକାମରେ ମନ ଦିଏ । ହେଲେ ମନରେ ତା'ର ଭୀଷ୍ମପ୍ରତିଜ୍ଞା – ନିରୀହ, ନିଷ୍ପାପ ଶିଶୁଦୁଇଟିକୁ ଏଇ ଜ୍ୱାଳାମୁଖୀ ସଭ୍ୟତାର ଶିକାର ହେବାକୁ ଦେବନି ସେ । ତାଙ୍କୁ ସେ ପ୍ରଜାପତି ନୁହେଁ, ମହୁମାଛି କରି ଗଢ଼ିବ ।

ସରୋଜବାବୁ ସବୁ ଦେଖନ୍ତି, ଜାଣନ୍ତି । ଉଡ଼ନ୍ତା ପ୍ରଜାପତିର ରଙ୍ଗ ବାରି ନପାରିଲେ ବି ମହୁମାଛିର ଗୁଞ୍ଜରଣ କାନପାରି ଶୁଣନ୍ତି । ଆଖି ତାଙ୍କର ଆପେଆପେ ବନ୍ଦ ହୋଇଯାଏ । ରଙ୍ଗ ସହିହୁଏନା ବୋଧହୁଏ । ଏଇ ରଙ୍ଗୀନ ସ୍ୱପ୍ନର ପରଶ ପାଇଁ କେତେ ଉନ୍ନିଦ୍ର ରଜନୀ କଟେଇନାହାନ୍ତି ସେ !! ପାଞ୍ଚବର୍ଷ ତଳେ ଥାକଥାକ ବହି ଭିତରେ ନିଜକୁ ହଜେଇଦେଇ କି ରଙ୍ଗୀନ ଭବିଷ୍ୟତର କଳ୍ପନା କରିନାହାନ୍ତି ସତରେ !!! କିନ୍ତୁ ଆଜି ସେଇ କୃତ୍ରିମ ରଙ୍ଗ ହିଁ ତାଙ୍କୁ ଅସହ୍ୟ ବୋଧ ହେଉଛି ।

ଆଖିର ପଲକ ତଳୁ ଏବେ ବି ଅତୀତର କେଇପୃଷ୍ଠା ସ୍ପଷ୍ଟ ହୋଇ ପଡ଼ିହେଉଛି । ସରୋଜ ବାବୁଙ୍କ ସ୍ୱପ୍ନ ଥିଲା ସେ ସର୍ବୋଚ୍ଚ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚପଦସ୍ଥ ଅଫିସର ହେବେ । ସ୍ୱପ୍ନ ସାର୍ଥକ ହେଲା । ମନରେ ଥିଲା, ଖୁବ୍ ବଡ଼ ଘରେ ବାହା ହେବେ । ନିଜ ବ୍ୟକ୍ତିତ୍ୱ ବଳରେ ଉଭୟେ ସମାଜରେ ପ୍ରତିଷ୍ଠିତ ହେବେ, ଯଶ ଅର୍ଜିବେ । ସାଧାରଣ ପରିବାରର ଅଭାବ ଅନଟନ ଭିତରେ ବଞ୍ଚିଥିବା ଜୀବନ ପାଇଁ ବାପାମାଆଙ୍କ ମନରୁ ସବୁ ଗ୍ଲାନି ଧୋଇହୋଇଯିବ । କିନ୍ତୁ ମନର ସାଧ ମେଣ୍ଟିବାର ବର୍ଷ କେଇଟାରେ ଆଜି ସେ ସ୍ୱପ୍ନର ରଙ୍ଗସବୁ ବିବର୍ଣ୍ଣ ଦିଶିଲାଣି । ସରକାରୀ ବଙ୍ଗଳା, ଗାଡ଼ି, ଦାମୀ ଆସବାବପତ୍ର ସବୁ ତାଙ୍କୁ ବିଦ୍ରୂପ କଲାପରି ମନେହେଉଛି, ଠିକ୍ ଯେମିତି ସ୍ତ୍ରୀଙ୍କର ଗହଣା, କସ୍‌ମେଟିକ୍‌ସ ଆଉ ଦାମୀ ପୋଷାକସବୁ ।

ସେଦିନ ଅଗଣା ଭିତରେ ବୁଲୁବୁଲୁ ହଠାତ୍ ବାବୁଙ୍କର କ'ଣ ହେଲା କେଜାଣି, ମାଳୀକୁ ଡକେଇ ଆଦେଶ ଦେଲେ, ଅଗଣାରୁ ସମସ୍ତ କ୍ରୋଟନ୍ ଗଛ ଓପାଡ଼ି ଦିଆଯିବ ଆଉ ତା ଜାଗାରେ ବାଡ଼ିପଟର ଗେଣ୍ଡୁଫୁଲର ବଗିଚା ହେବ । ସୁମନ ରିଙ୍କିକୁ ଶୁଆଉଶୁଆଉ ସବୁ ଶୁଣୁଥିଲା । ମନେମନେ ନହସି ରହିପାରିଲାନି । କି ଅଦ୍ଭୁତ ଖିଆଲ ବାବୁଙ୍କର ! ତଳଦିନେ ପାହାନ୍ତାରୁ କୁଡ଼ିଆଘରୁ ବାହାରି କାମକୁ ଆସିଲାବେଳେ ବାଟରୁ ଗେଣ୍ଡୁଫୁଲଟିଏ ଛିଣ୍ଡେଇ ମୁଣ୍ଡରେ ଖୋସି ଆସୁଥିଲା ସେ ।

ଏବେ ରିଙ୍କି ଜନ୍ମ ପରଠାରୁ ସୁମନ ଆଉ ତା କୁଡ଼ିଆକୁ ଯାଏନି, ଏଇଠି ରହେ । ରିଙ୍କିଟା ଭାରି କାନ୍ଦୁରୀ, ଜନ୍ମରୁ ରୋଗିଣାଟାଏ । ତା କାନ୍ଦରେ ରାତିସାରା ମାଆ ବି ଭଲରେ ଶୋଇପାରନ୍ତିନି । ଏଣୁ ସୁମନକୁ ବାଡ଼ିପଟ ଷ୍ଟୋରରୁମ୍‌ରେ ରହି ଛୁଆଟିର ଦାୟିତ୍ୱ ନେବାକୁ ହେଲା । ସେହିଦିନଠାରୁ ଅନେକ ରାତିରେ ପାର୍ଟି, ପିକ୍‌ନିକ୍ ନେଇଁ ମାଆଙ୍କର ବାହାରେ ରହିବାକୁ ହେଲେ ବି ପିଲା ଦୁହିଙ୍କର କିଛି ଅସୁବିଧା ହୁଏନି ।

ସେମାନେ ସୁମନଙ୍କୁ 'ଆୟା' ବୋଲି ଡାକିଲେ ବି ମାଆ ବୋଲି ମନରେ ଭାବିଥାନ୍ତି ନିଶ୍ଚୟ ।

ବୁଦ୍ଧି ହେଲାଦିନରୁ ସୁମନ ତା ମାଆଙ୍କ ସାଙ୍ଗରେ ବସ୍ତିର କୁଡ଼ିଆଘରେ ରହୁଥିଲା । ଦୁନିଆରେ ତା ମାଆକୁ ଛାଡ଼ି ତା'ର ଜ୍ଞାତିକୁଟୁମ୍ବ ବୋଲି ଆଉ କାହାକୁ ସେ ଜାଣେନି । ନିଜ ବାପ ସମ୍ପର୍କରେ ଜାଣିବାକୁ ବହୁ ଚେଷ୍ଟା କରି ସୁଦ୍ଧା ସଫଳ ହୋଇପାରିନି ସେ । ମାଆର ଆଖିଲୁହ ତାକୁ ସେ ଦିଗରେ ଆଗେଇବାକୁ ଦେଇନି । ଆଖପାଖର ବାବୁମାନଙ୍କ ଘରେ କାମ କରି ମାଆ-ଝିଅ ବେଶ୍ ଖୁସିରେ କାଳ କାଟୁଥାନ୍ତି । ହଠାତ୍ ମାଆର ବିୟୋଗରେ ଏକୁଟିଆ କୁଡ଼ିଆରେ ପଡ଼ିରହିଲା ସୁମନ । ରିଙ୍କିର ଜନ୍ମ ସତରେ ତା ଜୀବନର ଗତିପଥ ବଦଳେଇଦେଲା । ବାରଦୁଆର ବୁଲି କାମ କରିବା ଛାଡ଼ି ଏବେ ଗୋଟାଏ ଘରକୁ ସମ୍ଭାଳିବା ଦାୟିତ୍ୱ ତା'ର । ଖାଇପିନ୍ଧି ବେଶ୍ ଚଳିଯାଏ । ପଇସା ତା'ର କ'ଣ ହେବ ! ବାବୁ କିନ୍ତୁ ଜୋର୍ କରି ତା ନାଁରେ ଡାକଘରେ ଖାତା ଖୋଲି ମାସକୁ ମାସ କେଜାଣି କେତେ ଜମା କରାଇଦିଅନ୍ତି । ସେ ସମ୍ବନ୍ଧରେ କେବେ କିଛି ଜାଣିବାକୁ ଇଚ୍ଛା କରିନି ସୁମନ । ପିଲା ଦୁଇଟିର ମମତା ସତେଯେମିତି ତାକୁ କୋଟିନିଧିର ଅଧିକାରୀ କରେଇଦେଇଛି ।

ଷ୍ଟୋର୍‌ରୁମ୍‌ରେ ରହିଲେ ବି ସରୋଜ ବାବୁଙ୍କ ଘରର କେନ୍ଦ୍ରରେ ରହେ ସୁମନ । ସବୁ ରୁମ୍‌ର ଦାୟିତ୍ୱ ତାକୁ ହିଁ ନେବାକୁ ହୁଏ । ମାଆଙ୍କର ବାହାରେ ବୁଲିବା ସଉକ ଆଜିକାଲି ଖୁବ୍ ବଢ଼ିଯାଇଛି । ମାସମାସ ଧରି ବାହାରେ ରହିଲେ ବି ବାବୁ ଆଉ ହତାଶାର ଦୀର୍ଘଶ୍ୱାସ ଛାଡୁନାହାନ୍ତି । ଗଲା-ଆସିଲା ବେଳେ ଇତର ଲୋକଙ୍କ ଭଳି ପଦେ ଦି'ପଦ 'ହଁ', 'ନାଇଁ'ର କଥାଭାଷା... । ବାସ୍ ସେତିକି ।

ସରୋଜ ବାବୁ ଯନ୍ତ୍ରଣାର ନିଆଁକୁ ପିନ୍ଧାପୋଷାକ ଢାଙ୍କି ଘୋଡ଼େଇବାର ଯେତେ ଅପଚେଷ୍ଟା କଲେ, ନିଆଁ ସେତିକି ଜୋର୍‌ରେ ଜଳିଉଠିଲା । ଜାଳିପୋଡ଼ି ଛାରଖାର କରିଦେଲା । ସେ ଶଯ୍ୟାଶାୟୀ ହେଲେ । ମାଆ ସେତେବେଳକୁ କୌଣସି ଧର୍ମସଭାରେ ଯୋଗଦେବା ପାଇଁ ଓଡ଼ିଶା ବାହାରକୁ ଯାଇଥା'ନ୍ତି । ଏକପଟରେ ଦି'ଦି'ଟା ପିଲାଙ୍କର ଜଞ୍ଜାଳ ଆଉ ଅନ୍ୟପଟରେ ବାବୁଙ୍କ ଶାରୀରିକ ଯନ୍ତ୍ରଣା । ସୁମନ ନିଜ ଜୀବନକୁ ବାଜି ଲଗାଇ ବାବୁଙ୍କର ସେବା-ଯତ୍ନ କଲା । ଶେଷରେ ଶ୍ରମ ତା'ର ସାର୍ଥକ ହେଲା । ସରୋଜ ବାବୁ ସୁସ୍ଥ ହୋଇଉଠିଲେ । ଡାକ୍ତର ଚକ୍ରବର୍ତ୍ତୀ ସରୋଜ ବାବୁଙ୍କ ପିଠି ଥାପୁଡ଼େଇ କହିଲେ, "ମେଡିସିନ୍ ନୁହେଁ, ମିସେସ୍ ମହାପାତ୍ରଙ୍କ ସେବା-ଯତ୍ନ ହିଁ ଆପଣଙ୍କୁ ସୁସ୍ଥ କରିପାରିଛି ।" ସୁମନକୁ ବାହାରକୁ ଡାକିନେଇ କହିଲେ, "ଦେଖନ୍ତୁ, ମୋ କାମ ଶେଷ ହୋଇଛି, ଏଣିକି ଦାୟିତ୍ୱ ଆପଣଙ୍କର । କେବଳ ମେଣ୍ଟାଲ୍ ସକ୍‌ରୁ ହିଁ ଏସବୁ ହୋଇଗଲା । ଏ ଷ୍ଟେଜ୍‌ରେ ତାଙ୍କୁ ଖୁବ୍ ବିଶ୍ରାମ ଏବଂ ପ୍ରଚୁର ସ୍ନେହ, ମମତା ଦରକାର । ଆପଣ ଚବିଶଘଣ୍ଟା ତାଙ୍କ ପାଖରେ ରହିବେ । ଛୁଆ ଦିହିଙ୍କି ବରଂ କୌଣସି ଆୟା ଜିମା ଦେଇ ଆପଣ ମିଷ୍ଟରଙ୍କୁ ନେଇ କିଛିଦିନ ବାହାରେ ବୁଲାଇ ଆଣନ୍ତୁନା !"

ଷ୍ଟୋର୍‌ରୁମ୍‌ରେ ତାଲା ଲଗାଇ ସରୋଜ ବାବୁଙ୍କ ପାଖରେ ଛାଇ ପରି ରହିବାକୁ ହେଲା ସୁମନକୁ । ସରୋଜ ବାବୁ ବି ଛୁଆଟିଏ ଭଳି ସୁମନ କୋଳରେ ମୁଣ୍ଡ ଗୁଞ୍ଜିଲେ । ଆଭିଜାତ୍ୟର ମୁଖାଟିକୁ ଖୋଲି ଦୂରକୁ ଫିଙ୍ଗିଦେଲେ । କ୍ରମଶଃ ଗୋଟିଗୋଟି କରି ସମସ୍ତ ଆବରଣ ଖୋଲିଗଲା । ଦେହ ଦେହରେ, ମନ ମନରେ ଓ ଆତ୍ମା ଆତ୍ମାରେ ମିଶି ଏକାକାର ହୋଇଗଲା । ବହୁକାଳରୁ ଆକୁଳ ନୟନରେ ଚାହିଁରହିଥିବା 'ନିଷିଦ୍ଧ ଫଳ'କୁ ସେ ଏବେ ହାତମୁଠାରେ ପାଇଛନ୍ତି ।

ଅନଭ୍ୟସ୍ତା ସୁମନର ସୁକୋମଳ ତନୁଲତା ପୁରୁଷର ଶକ୍ତ ବନ୍ଧନୀରେ  ପେଷିହୋଇ ପଡୁଥିଲା । ତଥାପି ସମର୍ପଣର ଗୌରବରେ ଉଜ୍ଜ୍ୱଳି ଉଠୁଥିଲା ତା'ର ଚେହେରା, ଝଟକୁଥିଲା କାନ୍ତି । ଜନନୀର ସୌଭାଗ୍ୟ ପାଇସାରିବା ପରେ ଜାୟା ହୋଇଛି ସେ । ପରିଣିତା ନହୋଇ ପ୍ରଣୟର ମଧୁ ଆକଣ୍ଠ ପାନକରି ଆଜି ସେ ନିଜ ଗନ୍ଧରେ ନିଜେଇ ମାତାଲ୍ ।

ଆଖି ଫିଟେଇ ଚାହିଁଲେ ସରୋଜ ବାବୁ । ପ୍ରସ୍ଫୁଟିତା ସୁମନ ଆଜି ପୂର୍ଣ୍ଣ । ମନରେ ପରିତୃପ୍ତିର ଶାନ୍ତି, ତନୁରେ ମଧୁ-କ୍ରୀଡ଼ାର କ୍ଲାନ୍ତି । ମୁଦ୍ରିତ ପଲକ ଉପରେ ଏବେ ବି ହସ ଲାଖିରହିଛି । ବାରବାର ଓଠ ବୁଲେଇଆଣିଲେ ସରୋଜ ବାବୁ । ଅନାବୃତ ମାଂସଳ ବକ୍ଷ ଉପରେ ମଥା ରଖି ଗବାକ୍ଷ ଦେଇ ଚାହିଁଲେ ସେ -

ମନ୍ଦ ମଳୟର ସ୍ପର୍ଶରେ ଗେଣ୍ଡୁଫୁଲଗୁଡ଼ିକ ମୁଣ୍ଡ ହଲାଇ ନାଚୁଥା'ନ୍ତି । ଅଦୂରରେ କଣ୍ଟକିତ ବୁଦାମୂଳେ କ୍ଷତବିକ୍ଷତ ପକ୍ଷ ନେଇ ପ୍ରଜାପତିଟି ଯନ୍ତ୍ରଣାରେ ଛଟପଟ ହୋଇ ଡେଉଁଥିଲା ଏ ଫୁଲରୁ ସେ ଫୁଲକୁ, ଏ କଣ୍ଟାରୁ ସେ କଣ୍ଟାକୁ । କ୍ରୋଟନ୍ ଗଛର ମୁର୍ଦ୍ଦାରସବୁ ମୁହଁମାଡ଼ି ପଡ଼ିଥାନ୍ତି । ତଥାପି ଗେଣ୍ଡୁଫୁଲଗୁଡ଼ିକ ସତେ ଯେମିତି ସମୀରର ତରଙ୍ଗରେ ସନ୍ତରିତ ହେଉଥାନ୍ତି । ସୁଖର ସାଗରରେ ହାତଗୋଡ଼ ହଲାଇ ସେ ବି ଧୀରେଧୀରେ ସନ୍ତରଣ କରିବାକୁ ଲାଗିଲେ । ତା'ପରେ... ଅତଳ ସାଗର... ହସ୍ତପଦ କ୍ଲାନ୍ତ, ଅବଶ । ତରଙ୍ଗ ବି ଶାନ୍ତ-କ୍ଲାନ୍ତ । ପବନ ସ୍ଥିର । ଗେଣ୍ଡୁଫୁଲଗୁଡ଼ିକ ପରସ୍ପର ଉପରକୁ ଆଉଜିପଡ଼ି ନିଦ୍ରା ଯାଇଛନ୍ତି ବୋଧହୁଏ । ରାତିର ନିଃଶବ୍ଦତାର ବୁକୁ ଚିରି ଉଗ୍ରସେନର ଚିତ୍କାର - "ହୋସିଆର୍ !"

ତପୋବନମ୍, ପ୍ଲଟ୍ ସଂ.-୧୦୩୨/୨୪୦୨
ପ୍ରଗତିନଗର, ୟୁନିଟ୍-୮, ଭୁବନେଶ୍ୱର

●●

# ଲେଉଟାଣି

ଡ. ରଂଗାଧର ମହାପାତ୍ର

ରାତି ବାରଟା ପରେ ଅର୍ଦ୍ଧରାତ୍ରିର ନିଝୁମ୍ ନିରବତା । ଶ୍ରାବଣର ଝିପିଝିପି ବର୍ଷା । ମେଘ ଆଢୁଆଳରେ ଜହ୍ନର ଲୁଚକାଳି ଖେଳ । ଝିଙ୍କାରୀର ଝିଙ୍କାର ସହ ବର୍ଷାର ରିମ୍‌ଝିମ୍ ଶବ୍ଦ । ଘରସାମନା ଗଛଡାଳରେ ପେଚାଟିଏ ବସି 'ହୁଁ' ରାବ ଦଉଛି । ବାଦୁଡ଼ିମାନଙ୍କର ରାତ୍ରକାଳୀନ ଫଳସଂଗ୍ରହରେ ମଦମତ୍ତ ପ୍ରୟାସ ଯୋଗୁଁ ଫଡ଼୍‌ଫାଡ଼୍ ଶବ୍ଦ ଆସୁଥାଏ । ବେଙ୍ଗର କଟର୍ କଟର୍ ଶବ୍ଦ ସହ ଉଠିଆସୁଥାଏ ଦୂରରୁ ଶ୍ୱାନର 'ଭୌ' ଲମ୍ବା ସ୍ୱର । ଏସବୁ ମିଶି କେମିତି ଗୋଟାଏ ଭୀତି ସଞ୍ଚାର କରୁଥାଏ ମନରେ ।

ଲମ୍ବା ନିରବତା ମଧ୍ୟରେ ପ୍ରକୃତିମିତ୍ର ଜୀବଙ୍କର ଭିନ୍ନଭିନ୍ନ ଶବ୍ଦର ଗୁଞ୍ଜରଣରେ ରାତ୍ରି ଏକ ରହସ୍ୟମୟୀ ନାରୀ ରୂପେ ପ୍ରତୀୟମାନ ହେଉଥିଲା । ଭୀତି ସଞ୍ଚାର କରୁଥିଲା ସତ; କିନ୍ତୁ ବର୍ଷାଭିଜା ରାତିର ନିଆରା ଆକର୍ଷଣରେ ପୁଲକିତ ହେଉଥିଲା ମଉସୁମୀ । ଆଉ କିଞ୍ଚିତ୍ ଭୟତ୍ରସ୍ତ ହେଉଥିଲା ମଧ୍ୟ । ରାତ୍ରିଭୋଜନ ପୂର୍ବରୁ ନିଜର କିଛି ଆସବାବପତ୍ର ଓ ଟଙ୍କା ଆଟାଚିରେ ଭରିସାରିଛି । ଡାଇନିଂ ଟେବୁଲ୍‌ରେ ରାତ୍ରିଭୋଜନ । ନିଜ ବାପା, ମାଆ ଓ ସାନଭାଇ ବୁଦ୍ଧଦେବ ସହ ଭୋଜନରେ ଆସୀନ । ଏକତ୍ର ଭୋଜନ ହେଉଥିଲେ ମଧ୍ୟ ପୂର୍ବର ସରସତା ନଥିଲା । କେମିତି ଗୋଟାଏ ଅସ୍ୱାଭାବିକ ନିରବତା ଓ ଅଶ୍ୱସ୍ତି ଆଚ୍ଛନ୍ନ କରିଥିଲା । ସଭିଙ୍କ ମୁଖମଣ୍ଡଳ ଥିଲା ଈଷତ୍ ଗମ୍ଭୀର । ମାଆଙ୍କ ଆଖି ଲୁହରେ ଛଳଛଳ । ଏଣୁତେଣୁ ଖାଇଦେଇ ଚଞ୍ଚଳ ଚାଲିଯାଇଥିଲା ଉପରେ ଥିବା ତା' ଶୟନକକ୍ଷକୁ ମୌସୁମୀ । ଭାରାକ୍ରାନ୍ତ ଦେହ ଓ ଅବସନ୍ନ ମନରେ ଲେଉଟିପଡ଼ିଲା ଶେଯରେ । ଶୋଇଶୋଇ କେତେ କଅଣ ଭାବିଯାଉଥିଲା..... !

ଏକ ବିରାଟ ପ୍ରଶ୍ନବାଚୀ – କଅଣ କରିବ ସେ ? ସତରେ ସେ ଏପରି ଚରମ ପଦକ୍ଷେପ ନେଇଯିବ ! ନିଜେ ସ୍ୱତଃ ଅଡୁଆ ସୂତାରେ ଯେପରି ଛନ୍ଦିହୋଇଯାଉଥିଲା । ଅସ୍ଥିରତାର ବେଗ ବଢୁଥିଲା । ଛାତି ଧଡ଼୍‌ଧଡ଼୍ ହେଉଥିଲା ଅଜଣା ଭୟରେ, ଆଶଙ୍କାରେ । ଆଉ ପ୍ରାୟ କିଛିଘଣ୍ଟା ଭିତରେ ଅର୍ଦ୍ଧରାତ୍ରିରେ ସେ ପଳାୟନ କରିବ ଇପ୍‌ସିତ ଯୁବ ପ୍ରେମିକ ସହ, ଯିଏକି ଶିକ୍ଷିତ ଓ ଯୋଗ୍ୟ ମଧ୍ୟ । ଏଇ ଜାତିଗତ ପାର୍ଥକ୍ୟଟା ସାଜିଛି ବାଧକ । ଭଲପାଉଥିବା ଯୁବକଟି ଅପେକ୍ଷା କରିଥିବ ତାଙ୍କ ଘରଠାରୁ ଟିକେ ଦୂରରେ । ତ୍ୱରିତ ସଂପର୍କ ପାଇଁ ମୋବାଇଲ୍ ଫୋନ୍ ହିଁ ସମ୍ବଳ ।

ଆଖିକୁ ନିଦ ନାହିଁ । ମୌସୁମୀର ପଲକ ପଡୁନାହିଁ । କପାଳରେ ହାତଦେଇ କଅଣ ଯେ ଭାବିଯାଉଛି ତା'ର ଇୟତ୍ତା ନାହିଁ । ଜୀବନରେ ଏଇ ପ୍ରଥମଥର ଏକ ସନ୍ଧିକ୍ଷଣରେ ପହଞ୍ଚିଯାଇଛି ମୌସୁମୀ । ନିଷ୍ପତ୍ତିର ଦୋଛକିରେ ଦଣ୍ଡାୟମାନ । ତେବେ ସେ କଅଣ ସତରେ ପଳାୟନ କରିବ ପରିବାରର ଅଗୋଚରରେ ? ଅସ୍ଥିରଭାବେ ଖାଲି କଡ଼ ଲେଉଟାଉଥିଲା ବାରମ୍ବାର ମୌସୁମୀ । ଉଃ.... ! ! ନିଜ ହାତଘଣ୍ଟାକୁ ଚାହୁଁଥିଲା । ଅପେକ୍ଷା କରୁଥିଲା ମିସ୍‌କଲ୍‌କୁ ମୋବାଇଲ୍‌ରେ ।

ଧୀରେଧୀରେ ଅତୀତର ଦୃଶ୍ୟପଟ୍ଟ ଉଙ୍କିମାରୁଥିଲା ମନରେ । ଅଲିଅଳରେ ବଢ଼ାଇଥିବା ବାପାମାଆଙ୍କର କରୁଣ ମୁହଁ ଦୁଇଟି । ଦୀର୍ଘ ତେଇଶବର୍ଷର ଖେଳରୋଳକୁ କଅଣ ଉପେକ୍ଷା କରିପାରିବ ? ସାନଭାଇ ଦୁଦ୍ଧଦେବ (ବୁଦ୍ଧୁ)ର ଗୁଲୁଗୁଲିଆ ମୁହଁଟା କାହିଁକି ବାରମ୍ବାର ଆସିଯାଉଥିଲା ଆଖିକୁ । ଏଇ ଭାଇଟି ତା'ର ଭାଇ ଆଉ ସାଥି । ଯେତେବେଳେ ଦେଖିବ ଭାଇ-ଭଉଣୀ ଟୁପୁରଟାପର୍ ହେଉଥିବେ । କଅଣ ଯେ କଥା ହୁଅନ୍ତି ଈଶ୍ୱର ଜାଣନ୍ତି । ଏତେ ନିବିଡ଼ ମାୟାସଂପର୍କରୁ ଏଡ଼ାଇ ଚାଲିଯିବ ସେ ! ସେ ଶକ୍ତି ତା'ଠାରେ ଅଛି ତ ! ଧୀରେଧୀରେ ଦୁର୍ବଳ ହୋଇଯାଉଥିଲା ଦେହ ଆଉ ଅବସନ୍ନ ହେଉଥିଲା ମନଟି । କ୍ଳାନ୍ତ ଲାଗୁଥିଲା ତାକୁ । କଅଣ କରିବ, ନ କରିବ, ସଠିକ୍ ଚିନ୍ତା କରିପାରୁ ନଥିଲା ମୌସୁମୀ । ଯେପରି ଏକ ଅଡୁଆ ଜାଲରେ ପଡ଼ି ସେ ଛଟପଟ ହେଉଛି । ଅଣନିଃଶ୍ୱାସୀ ବୋଧ କରୁଛି । ପାର୍ଶ୍ୱରେ ଥିବା ଟି'ପୟ ଉପରୁ ଥଣ୍ଡା ବୋତଲରୁ ପାଣି ଢକଢକ କରି ପିଇଗଲା । ଆଉ ମୁହଁରେ ଛାଟିନେଲା କିଛି । କିଛିସମୟର ଆଶ୍ୱସ୍ତି ପରେ ଖଟଧାରରେ ବସିଲା । ମନ ତା'ର ଚଞ୍ଚଳ, ଇତସ୍ତତଃ ଆଉ ଦୋଳାୟିତ ।

ଭସାମେଘ ପରି ଅପସରିଯାଉଥିଲେ ଅତୀତର ସ୍ମୃତିପଟଳ ମୌସୁମୀ ମନରେ । ମାଆଟି ତା'ର ସତରେ କେତେ ଦରଦୀ ! କେବେକେବେ ଉପରେ ଟିକେ ଆକଟିଲେ ବି ସ୍ନେହ ଆଉ ଯତ୍ନରେ କେବେ ହେଳା କରନ୍ତିନାହିଁ । ଯେପରି ସୁଗୃହିଣୀ, ସେପରି ଦୟାଶୀଳା । କାହାର ଦୁଃଖ ଶୁଣିଲେ କାତରିଯାଆନ୍ତି ମାଆ । କଦବା କ୍ୱଚିତ୍ ଝିଅ ଚିଡ଼ିଥିଲେ ବି ମାଆ ମନରେ ଧରନ୍ତିନି । ଲାସ୍ୟମୟୀ..... ହାସ୍ୟମୟୀ... କରୁଣାମୟୀ ମାଆ ଯୁଗେଯୁଗେ ମହୀୟସୀ । ନା ମାଆର ବିକଳ୍ପ ଅଛି, ନା ମାଟିର । ମାଟିମାଆ ସର୍ବସଂହା । ଏଇ ମଣିଷଜାତିଟାର ସକଳ ଅଦଉତି ସହିଆସିଛି କାହିଁ କେବେଠାରୁ । ମାଆ ସଦାଦିନେ ସ୍ୱର୍ଗଠାରୁ ବଡ଼ । ଲାସ୍ୟମୟୀ ମାଆ ଝିଅ ଉପରେ ରାଗନ୍ତିନାହିଁ, ଉପରନ୍ତୁ ଏକାଏକା ଅନ୍ୟ କୋଠରିରେ ଅନ୍ଧାରରେ ବସି ଲୁହ ଝରାନ୍ତି । ମୌସୁମୀ ମାଆଙ୍କୁ ଦେଖି ଝାଉଁଳିଯାଏ, ତରଳିଯାଏ । ପରେପରେ ମା' ମଧ୍ୟ ଭୁଲିଯାଆନ୍ତି ନିଜ ଝିଅର ବିରକ୍ତିଭାବକୁ ।

ବାପା ଜଣେ ଅଧ୍ୟାପକ । ପଢ଼ିବା ଓ ପଢ଼ାଇବା ପରେ ଆଉ ଯାହା ବୁଝନ୍ତି ତାହା ହେଉଛି ପିଲାମାନଙ୍କ ଶିକ୍ଷା ବିଷୟରେ । ଘରେ ସଉଦା କେତେବେଳେ ସେ ନିଜେ ଅଥବା ପୁଅ ଆଣେ । ଘରେ ବାକି ସମୟ ପଢ଼ିବା ଓ ଲେଖିବାରେ ବିତିଯାଏ । ମୌସୁମୀର ମାଆ ବେଳେବେଳେ ବିରକ୍ତ ହୋଇ କୁହନ୍ତି, "ହଇହେ, ତୁମକୁ ସଂସାର କରିବାକୁ କିଏ କହିଲା ?" ସ୍ମିତ ହସିଦିଅନ୍ତି ବୁଦ୍ଧୁର ବାପା । କେବେ କଟୁକଥା କୁହନ୍ତି ନାହିଁ ଝିଅ ଓ ପୁଅ ଦୁଇଜଣଙ୍କୁ । ବରଂ ସେମାନଙ୍କୁ ଆପଣା ଶିକ୍ଷାରେ ସ୍ୱାଧୀନଚେତା ହେବାକୁ ପରାମର୍ଶ ଦିଅନ୍ତି । ପିଲାମାନଙ୍କ

ନିଷ୍ପତ୍ତିକୁ ଏଡ଼ାଇ ଦିଅନ୍ତି ନାହିଁ, କର୍ତ୍ତୃତ୍ୱ ଜାହାରି କରନ୍ତି ନାହିଁ ଏଇ ଦରଦୀ ବାପାଟି । ଏହି ଶିକ୍ଷକ ଓ ଲେଖକ ବାପାଟି ଯେପରି ନିରାସକ୍ତ ଆଉ ନିର୍ବିକାର । ବସ୍ତୁବାଦୀ ଓ ଭୋଗବାଦୀ ସଂସାର ପ୍ରତି ଯେପରି ସେ ପରାଂମୁଖ ।

ତେବେ ଏଇ ଦରଦୀ ବାପା ଓ ସ୍ନେହମୟୀ ମାଆଙ୍କୁ କଅଣ ଏଡ଼ାଇଯିବ ସେ ! ଉପେକ୍ଷା କରି ଚାଲିଯିବ ତା' ଇପ୍‌ସିତ ଯୁବସାଥୀ ସହ ! ଏହା କଅଣ ସମ୍ଭବ ?

ଝିଅର ଏଇ ବିବାହ ପ୍ରସଙ୍ଗ ନେଇ ମାଆ ଓ ବାପାଙ୍କ ଭିତରେ ବହୁବାର ଆଲୋଚାନା ହୋଇଛି ସତ; କିନ୍ତୁ କିଛି ସମାଧାନ ହୋଇପାରିନି । ବିଷର୍ଣ୍ଣତାରେ ପରିସମାପ୍ତି ହୁଏ ଆଲୋଚନା । ବାପାଙ୍କ ନିରବତାକୁ ନେଇ ଦୋଷସବୁ ଲଦିଦିଅନ୍ତି ବୁଦ୍ଧୁର ମାଆ । କୁହନ୍ତି ବିରକ୍ତ ହୋଇ ସେ, "ତୁମର ନିପାରିଲାପଣ ଆଉ ଉଦାସୀନତା ହିଁ ଏଇ ଝଡ଼ର କାରଣ ।" ସହିଯାଆନ୍ତି ଅଧମ ବାପାଟି ବିଚରା । ଆଉ କଅଣ କରନ୍ତେ ଯେ !

ହଁ, ଝଡ଼ର କାରଣ - ଜାତିଗତ ବୈଷମ୍ୟ । ତେବେ ଏଇଟା କଅଣ ବିରାଟ ବୋଝ ନା ସମସ୍ୟା ? ମଣିଷ ଏକ ସାମାଜିକ ପ୍ରାଣୀ । ସମାଜକୁ ସାଥିରେ ନେଇଯିବାକୁ ପଡ଼େ । ସମାଜରେ ରହୁଛୁ ଯେତେବେଳେ ଅପବାଦ ମୁଣ୍ଡାଇବାକୁ ବାଧ୍ୟ । କିନ୍ତୁ ଏହାର କଅଣ କୌଣସି ସରଳ ସମାଧାନ ନାହିଁ ? ଯେଉଁଥିପାଇଁ ସମାଜରେ ଏବେ "ଅନର୍ କିଲିଂ" ଭଳି ବୀଭତ୍ସ ଓ ଅମାନୁଷିକ କାର୍ଯ୍ୟ ଘଟିଯାଉଛି । ଏହି ବୀଭତ୍ସ କାର୍ଯ୍ୟ ହେଉଛି ସେମାନଙ୍କ ଦ୍ୱାରା; ଯେଉଁମାନେ ଅଶିକ୍ଷିତ, ଅସଂସ୍କୃତିସଂପନ୍ନ, ଅନୁଦାର ଓ ଅହଂଧାରୀ । ପୁରୁଷପ୍ରଭାବୀ ସମାଜର ଏହା ଏକ କଦାକାର ନମୁନା । କିଛି ପାଷାଣ୍ଡ, ମୁର୍ଖ ଓ ନରାଧମଙ୍କର କଦର୍ଯ୍ୟ କାର୍ଯ୍ୟକଳାପ । ଆପଣାର ରକ୍ତକୁ ହତ୍ୟା କରି କଅଣ ପରିବାରର ସମ୍ମାନ ରକ୍ଷା କରାଯାଇପାରେ ? ଆଦୌ ନୁହେଁ । ବରଂ ଏହାପରେ ସାରା ପରିବାର ଦୋଷୀ ହୋଇ ଜେଲ ଦଣ୍ଡ ଭୋଗିବା ସାର ହୁଏ । ସମ୍ମାନ ରସାତଳଗାମୀ ହୁଏ । ତେବେ 'ଅନର୍ କିଲିଂ' କେଉଁଥିପାଇଁ ?

କିନ୍ତୁ ଏଇ ସମାଜରେ ଏବେ ବି କିଛି ମଣିଷ ଅଛନ୍ତି, ଯେଉଁମାନେ ପରିବାରର ମତାମତକୁ ସମ୍ମାନ ଜଣାନ୍ତି । ପ୍ରାପ୍ତବୟସ୍କ ସନ୍ତାନର ମତାମତକୁ ଧୈର୍ଯ୍ୟର ସହ ଶୁଣନ୍ତି ଓ ସମାଧାନ କରନ୍ତି । ସମସ୍ତେ "ଖାପ୍" ପଞ୍ଚାୟତର ଲୋକ ନୁହନ୍ତି କି ତାଲବାନୀ ଶାସକ ନୁହନ୍ତି । ପ୍ରତ୍ୟେକ ସନ୍ତାନର ମୌଳିକ ଅଧିକାର ପ୍ରତି ପିତା, ମାତା, ଓ ସମାଜ ସଚେତନ ହୋବା ଉଚିତ ।

ଏଇ ତ ଦୁଇଦିନ ତଳର ଘଟଣା । ବାପା, ମାଆ ଓ ସାନଭାଇ ପାଖରେ ବସିଥାଏ ମୌସୁମୀ । ପଡ଼େ ବିବାହ ପ୍ରସଙ୍ଗ । ନିଷ୍ପତ୍ତି ହୋଇପାରିଲା ନାହିଁ । ଜାତିଗତ ତାରତମ୍ୟ ଯୋଗୁଁ । ବାପା ଯଦିଓ ଅମତ ନୁହନ୍ତି, ତଥାପି ଏକମତ ବି ନୁହେଁ । କିନ୍ତୁ କଟୁକଥା କହି ପିତୃତ୍ୱ ଜାହିର୍ କରିବାକୁ ଚେଷ୍ଟା କରିନାହାନ୍ତି ଆଦୌ । ଆଜିର ଭାରତୀୟ ସମାଜ ଉଦରୀକରଣ ଓ ପାଶ୍ଚାତ୍ୟ ସଭ୍ୟତାରେ ଉବୁଟୁବୁ । ସମୟସ୍ରୋତରେ ଭାସୁଛନ୍ତି ସଭିଏଁ । ମୌସୁମୀ ଶିକ୍ଷିତା, ମେଧାବୀ ଓ ବୁଦ୍ଧିମତୀ । ତେବେ ଏଇ ସନ୍ଧିକ୍ଷଣରେ ନିଜ ଝିଅକୁ କିପରି ବୁଝାଇବେ ଭାବିପାରୁନାହାନ୍ତି । ନିଜେ ସନ୍ତାନ ହିଁ ଅନୁଭବ କରିବା ଉଚିତ ପିତାମାତାଙ୍କ ଅସହାୟତା ।

କିନ୍ତୁ ବିଶେଷ ଉତ୍ତର ଦେଇନଥିଲା ମୌସୁମୀ । ନିରବରେ ବସିରହିଲା । ଶେଷରେ ବାପା କହିଥିଲେ, "ମୌସୁମୀ, ମାଆ ଓ ମାଟି ମୁଦ୍ରାର ଦୁଇପାର୍ଶ୍ୱ । ଏଇ ମାଟି ଓ ମାଆର ବିକଳ୍ପ ଆଦୌ ନାହିଁ । ଉଭୟ ସର୍ବସଂହା । ଉଭୟ ମଣିଷ ସାମାଜର ଉତ୍ପୀଡ଼ନ କାହିଁ କେତେ ଯୁଗରୁ ସହିଆସୁଛନ୍ତି । ଟିକେ ବି ପ୍ରତିବାଦ ନଥାଏ । ରୋଷେଇଘରେ ମାଆଟି ରୋଷେଇ କରୁଥିବା ବେଳେ ମନେପଡ଼େ ବିଦେଶରେ ଥିବା ନିଜ ପିଲା । ଆଖିରୁ ଦୁଇଟୋପା ଲୁହ ଗଡ଼ିଯାଏ ଅମାନିଆ ହୋଇ । ଭାବେ... ପିଲାଟା ଥିଲେ ଖାଇଥାଆନ୍ତା ! ମାଟି ଆଉ ମାଆ... ମାଆ ଆଉ ମାଟି... ସେଇ ମାଟି ମାଆ ! !"

ଶେଷରେ ବାପା ଧୀର ସ୍ୱରରେ କହିଲେ, "ଏ ପରିବାରର ସମ୍ମାନ ତୋ' ପାଖରେ ବନ୍ଧାପଡ଼ିଲା । ମୁକୁଳାଇବା ଦାୟିତ୍ୱ ତୋର । ଯାହା ତୋ' ନିଷ୍ପତ୍ତି ଉପରେ ନିର୍ଭର କରେ । ତୁ ଚାହିଁଲେ ଦୀର୍ଘ ଚବିଶବର୍ଷର ସ୍ନେହ ଆଉ ମାୟାରୁ ଉଜାଡ଼ିଦେଇପାରୁ ଅଥବା ସଜାଡ଼ିପାରୁ ।"

....ଭାବର ନିରବତାକୁ ଭଙ୍ଗ କରିଥିଲା ଯୁବକର ମିସ୍‌କଲ୍ । ମଉସୁମୀ କହୁଥିଲା, "ଅପେକ୍ଷା କର ତୁମେ । ମୁଁ ଟିକେ ପରେ ଫୋନ୍ କରିବି ।"

ଆଗରେ ଅନିଶ୍ଚିତ ଭବିଷ୍ୟତ । ସଂପର୍କ ଓ ବିଶ୍ୱାସର ଗ୍ୟାରେଣ୍ଟି ନାହିଁ । ତେବେ ଏତେଦିନର ମାୟାକୁ ଏଡ଼ିଯିବ କଅଣ ସେ ! ! କରୁଣାମୟୀ ମାଆଙ୍କ ଛଳଛଳ ଆଖିଯୋଡ଼ିକ ଭାଙ୍ଗିଦେଉଥିଲା ମୌସୁମୀର ଦମ୍ଭକୁ । ବାପାଙ୍କର ଶେଷକଥା ପଦକ ତୁହାଇ ତୁହାଇ ମନେପଡୁଥିଲା, "ମାଆ, ଆମ ସମ୍ମାନ ତୋ' ପାଖେ ବନ୍ଧା ରହିଲା । ନିଷ୍ପତ୍ତି ତୋର ।"

ନିଜର ଆସବାବପତ୍ର ଧରି ତଳକୁ ଓହ୍ଲାଇଆସୁଥିବା ମୌସୁମୀ ଶିଡ଼ିର ଶେଷପାହାଚରେ ଲଥିକରି ବସିପଡ଼ିଲା । ଦୁର୍ବଳତାବୋଧ ଆବୋରି ବସୁଥିଲା । ଅସହାୟ ମଣୁଥିଲା ସେଇ ମୁହୂର୍ତ୍ତରେ । ଆଖିରୁ ଝରୁଥିଲା ଅସହାୟତାର ଅଶ୍ରୁ ।

ପୁନଶ୍ଚ ମିସ୍‌କଲ୍ ଯୁବକର ।

.....ଆପଣାର ଲାଗୁଥିବା ସାରା ଘରଟିକୁ ଥରେ ଚାହିଁଲା । ଘରେ ସଂପୂର୍ଣ୍ଣ ନିରବତା.... ବିଚରା ସାନଭାଇ ବୁଦ୍ଧୁର ଶୁଖିଲା ମୁହଁଟି ଆଖିଆଗରେ ନାଚିଉଠିଲା । ବିଚଳିତ ମନ, ନିଷ୍ପତ୍ତି ଦୋଦୁଲ୍ୟମାନ ।

ନିଜଆଡୁ ଫୋନ୍ କଲା ଧୀରେ ଯୁବକକୁ.... "ତୁମେ ଏବେ ଫେରିଯାଅ । ଆମେ ନେଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଉଛି । ଅଲ୍‌ବିଦା ।" ଏହା କହି ମୋବାଇଲ୍ ଫୋନ୍ ଅଫ୍ କରିଦେଲା ।

ମୌସୁମୀ ଆପଣା ଶୟନକକ୍ଷକୁ ସନ୍ତର୍ପଣରେ ଫେରିଆସୁଥିଲା ।

ଯାଜପୁର ରୋଡ୍

●●

# ଚାଲୁଝିଅଙ୍କ ଗାଲୁଗପ

**ବିବିଧ ବିଶ୍ୱ**

ମିସ୍‌କଲ୍‌କୁ ମୁଁ ପ୍ରଚୁର ଘୃଣା କରେ । ତେଣୁ ମୁଁ କାହାକୁ ମିସ୍‌କଲ୍ କରେନି କି କେହି ମିସ୍‌କଲ୍ କଲେ ଉତ୍ତର ଦିଏ ନାହିଁ ।

ସେଦିନ ସନ୍ଧ୍ୟାରେ ମୁଁ ଏକ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାବେଳେ ମୋ ନମ୍ବରକୁ ଏକ ମିସ୍‌କଲ୍ ଆସିଲା । ମୁଁ ଆଶ୍ଚର୍ଯ୍ୟ ହେଲି । ଦେଖିଲି ମଲ୍ଲିକାର । ଏତେଦିନର ନିରବତା ପରେ ହଠାତ୍ ମଲ୍ଲିକାର ମୁଁ କେମିତି ମନେ ପଡ଼ଗଲି ? ତେବେ ଯଦି ବି ମନେ ପଡ଼ିଲି, ତାହା ପୁଣି ମିସ୍‌କଲ୍‌ର ? ମିସ୍‌ମାନଙ୍କ ମିସ୍‌କଲ୍ ଦେବାଟା ଏକ ନଖରାମି । ଏକ ପୁରୁଣା ରାଗ କହିଲେ ମଧ୍ୟ ଭୁଲ୍ ହେବ ନାହିଁ ।

ତେବେ ମଲ୍ଲିକା ସହ କଥା ହେବାର ଇଚ୍ଛା ସତ୍ତ୍ୱେ ମୁଁ ତା'ର ଏହି ମିସ୍‌କଲ୍ ଜନିତ ନଖରାମି ଯୋଗୁଁ ତାକୁ କଲ୍‌ବ୍ୟାକ୍ କଲି ନାହିଁ । ଭାବିଲି କିଛି ସମୟ ଅପେକ୍ଷା କରାଯାଉ, ଦେଖାଯିବ କ'ଣ ହେଉଛି !

ପୁଣି ଦୁଇମିନିଟ୍ ଯାଇଛି କି ନାହିଁ ପୁନଶ୍ଚ ଏକ ମିସ୍‌କଲ୍ । ଏଥର ମୋତେ ଟିକେ ଚିଡ଼ା ଲାଗିଲା । କ'ଣ କରିବି ଭାବିପାରୁ ନଥିଲି ।

ଆଉ ଅଧିକ କିଛି ଭାବିବା ଆଗରୁ ତା ନମ୍ବରରୁ ଏକ ମେସେଜ୍ ଆସିଲା । ଆଉ ଲେଖାଥିଲା- "କଲ୍ ମି ଅର୍ଜେଣ୍ଟ !" ମୁଁ ଆଶ୍ଚର୍ଯ୍ୟ ।

ରାଗ ଲାଗୁଥିବା ସତ୍ତ୍ୱେ ତାକୁ ଫୋନ୍ ଲଗାଇଲି । ସେପଟୁ ସେ ଭାରି କଅଁଳ ସୁରରେ ହସି ହସି କହିଲା- "କେମିତି ଅଛ ? ଆଜିକାଲି ମୋତେ ଭୁଲିଗଲଣି । ଟିକିଏ ବି ମନେ ପକାଉନ ।"

ମୁଁ ମନେ ମନେ ଭାବିଲି- ତୁମେ ବି କେଉଁ ମନେ ପକାଉଛ ବା ? ଆଉ ଯଦି ବି ମନେ ପକାଉଛ, ତାହା ପୁଣି ମିସ୍‌କଲ୍‌ର । ଏଇଟା କ'ଣ ତମ ମନେ ପକାଇବାର ଷ୍ଟାଇଲ୍ ନା ମନେ ପକାଇବାର କିଛି ନୂଆ ଫର୍ମୁଲା ? ତେବେ କଥାକୁ ନ ବଢ଼ାଇ ମୁଁ ତାକୁ ସିଧା ପଚାରିଲି- "ଏମିତି କ'ଣ ଅର୍ଜେଣ୍ଟ ଥିଲା ଯେ କଲ୍ ପର କଲ୍, ଆଉ ମେସେଜ୍ ?"

ଏବେ ସେ ଟିକିଏ ସଙ୍କେଇ ହୋଇ କହିଲା - "ବୁଝିଲ ତମେ ! ମୁଁ କେତେ ଅସୁବିଧାରେ ଅଛି । ମୋବାଇଲ୍‌ରେ ବାଲାନ୍‌ସ ନାହିଁ । ଆଉ ଏ ଲେଡିଜ୍ ହଷ୍ଟେଲ୍‌ରେ ସନ୍ଧ୍ୟା ଛଅଟା ପରେ ବାହାରକୁ ଯିବା ମନା । ମୁଁ କ'ଣ କରିବି ଯେ ? ମୋର ଗୋଟିଏ ଅର୍ଜେଣ୍ଟ କଲ୍ କରିବାର ଅଛି ।" ଏତିକି କହି ସେ ଟିକିଏ ସଙ୍କେଇ ହେଲା ।

ମୁଁ ଏଥର ଫସିଗଲି । ଯେଉଁଠି ଯେତେ ବେଶୀ ଚିକ୍‌କଣ କଥା, ସେଇଠି ବେଶୀ ସେତେ ସମସ୍ୟା । ମୁଁ ଭଦ୍ରାମି ଦୃଷ୍ଟିରୁ ପଚାରିଲି- "କେତେ ଟଙ୍କାର ରିଚାର୍ଜ କଲେ ଚଳିବ ? କୁହ ମୁଁ କରିଦେବି ।"

ମୋ ମୁହଁରୁ କଥା ସରିଛି କି ନାହିଁ, ସେ ଫଟ୍‌କିନା ଉତ୍ତର ଦେଲା- "ୟୁ ଆର୍ ସୋ ସୁଇଟ୍ ୟାର୍ । ତୁମେ ହିଁ ମୋ ମନକଥା ବୁଝିପାର ।"

ମୁଁ କହିଲି- "ଚଳିବ । ନୋ ଫର୍ମାଲିଟି । ମୁଁ ଦଶମିନିଟ୍ ମଧ୍ୟରେ ତମ ନମ୍ବରରେ ରିଚାର୍ଜ କରିଦେଉଛି ।"

ମଲ୍ଲିକା ସେପଟୁ କହିଲା- "ଥ୍ୟାଙ୍କସ୍ ୟାର୍ । ହଁ, ବେଶୀ ଲେଟ୍ କରିବନି । ମୁଁ ଅପେକ୍ଷା କରିଛି ।"

ତା'ର ତାଗିଦ୍‌ପଣିଆ ଦେଖି ମୁଁ ଆଚମ୍ବିତ ହେଲି । ମୋ ଉପରେ ସେ କୃତକୃତ୍ୟ ହେବା ଛାଡ଼ି ତାଗିଦ୍ କରୁଛି ଯେ ତାକୁ ଶୀଘ୍ର ରିଚାର୍ଜ ଦରକାର ।

ମୁଁ ମଲ୍ଲିକାର ଏ ହାବଭାବ ଦେଖି ମନେମନେ ଟିକେ ହସିଲି ।

ସମୟ ରାତି ଆଠଟା ପ୍ରାୟ । ଆଜି ମାସର ଶେଷ ରବିବାର । ଆମ ପାଖର ସବୁ ଦୋକାନ ବନ୍ଦ । ମୋତେ ଆଗକୁ ଯିବାକୁ ପଡ଼ିବ । ଦେଖିଲି ଘର ବାଇକ୍‌ଟି ବି ନାହିଁ । କିଏ ନେଇଛି ବୋଧେ । ତେଣୁ ସାଇକେଲ୍‌ରେ ଯିବାକୁ ମନସ୍ଥ କଲି । ସାଇକେଲ୍‌ଟି ଗଡ଼ାଇଲା ବେଳକୁ ଜାଣିବାକୁ ପାଇଲି ପଛ ଚକା ପଞ୍ଚର୍ । ଏତେ ରାତିରେ ସାଇକେଲ୍ ଦୋକାନ ବି ବନ୍ଦ । କ'ଣ କରିବି ? କଥା ଦେଇଛି ମାନେ ରଖିବାକୁ ପଡ଼ିବ । ଅଗତ୍ୟା ନିଷ୍ପତ୍ତି ନେଲି ମୁଁ ଚାଲିଚାଲି ଆଉ ଟିକଯାଏଁ ଯିବି । ଦୂରତା ପ୍ରାୟ ଏକ କିଲୋମିଟର । ସନ୍ଧ୍ୟା ସମୟ । ଇଭିନିଂ ୱାକ୍ ବି ହୋଇଯିବ ।

ଶେଷରେ ମୁଁ ଚାଲିଚାଲି ଯିବାକୁ ମନସ୍ଥ କଲି ।

ମନେମନେ ଭାବୁଥିଲି, ଏମିତି କ'ଣ ନିହାତି ଜରୁରୀ ପଡ଼ିଗଲା ଯେ, ରାତିଅଧରେ ତା'ର କଥା ହେବାଟା ଜରୁରୀ ହେଲା ? କାଲି ସକାଳ ଯାଏଁ ଅପେକ୍ଷା କରିଥାଆନ୍ତା । ନହେଲେ ଯାହା ସହିତ କଥା ହେବାର ଥାନ୍ତା, ତାକୁ ମିସ୍‌କଲ୍ ଦେଇଥିଲେ ତ ସେ କଲ୍ କରିଥାନ୍ତା !

କିନ୍ତୁ କ'ଣ ଏମିତି ହେଲା ଯେ, ତା'ର କଥା ହବାଟା ଏତେ ଜରୁରୀ ହୋଇପଡ଼ିଲା, ପୁଣି ଏତେ ରାତିରେ ??

ପୁଣି ମୁଁ ଭାବିଲି, ଏଇ ପ୍ରଶ୍ନଟାର ଉତ୍ତର ଜାଣିବା ମୋ ପାଇଁ ଏତେ ଆବଶ୍ୟକ ନୁହେଁ । ମୋର ରିଚାର୍ଜ କରିଦେଲେ କାମ ଶେଷ । ସେ କାହା ସହିତ କଥା ହେଲା, ନହେଲା, ମୋର ଏଥିରେ ଯାଏ କେତେ, ଆସେ କେତେ ? ଏମିତି ବି ତା ଘରଲୋକଙ୍କ ସହ କଥା ଥାଇପାରେ, ତା ଭାଇଭଉଣୀ, ସାଂଗସାଥୀଙ୍କ ସହ କଥା ଥାଇପାର ! କାହା ସହ ବି ଥାଇପାରେ; ମୋର ଏଥିରେ କିଛି କରିବାର ନାହିଁ ।

ରାସ୍ତାରେ ମୁଁ ଗୋଟାଏ ପରେ ଗୋଟାଏ ପାଦ ପକେଇ ଆଗକୁ ଚାଲୁଥିଲି । ଯଦିଓ ମନେମନେ ତା କଥା ହିଁ ଭାବୁଥିଲି । ମଲ୍ଲିକାର ଯାବତୀୟ ନଖରାମି, ତା ମୁକୁଳା ଯୌବନ ଓ ଅଳ୍ପ ସମୟ ମଧ୍ୟରେ ମନକୁ ଜିଣିନେବାର ଚାଲୁ ଫର୍ମୁଲାକୁ ମଧ୍ୟ ମନେ ପକାଉଥିଲି । ମଲ୍ଲିକା ଏକ ତରଳ ଯୌବନର ଉଷ୍ଣୁମ ଜୁଆର ନା, ମଲ୍ଲିକା ଏକ ଆଧୁନିକ କବିତାର ଦୁର୍ବୋଧ ପଂକ୍ତିର ନାମ, ମଲ୍ଲିକା ଏକ ଜଙ୍ଗଲି ଝରଣାର ଚହଲା ପାଣିର ନାଁ ? ସବୁ ବୁଝି ବି କିଛି ବୁଝି ହୁଏନା, ସବୁ ପଢ଼ି ବି କିଛି

ମନେ ରଖେନା । ଦୋକାନ ପାଖେଇ ଆସୁଥାଏ । ଦେଖିଲି ଦୋକାନ ଖୋଲା ଅଛି । ମନେମନେ ଆଶ୍ୱସ୍ତ ହେଲି । ଯାହାହେଉ ଆଉ ନିରାଶ ହେବାକୁ ପଡ଼ିବ ନାହିଁ ।

ଦେଖିଲି ପୁଣି ମଲ୍ଲିକାର ମିସ୍‌କଲ୍ । ମନେମନେ ବିରକ୍ତ ବି ହେଲି । ଟିକିଏ ସମୟ ଅପେକ୍ଷା କରିବାର ଧୈର୍ଯ୍ୟ ବି ନାହିଁ ତା'ର । ଫୋନ୍ ଲଗାଇଛି ତାକୁ । ମୁଁ କିଛି କହିବା ଆଗରୁ ସେ ଟିକିଏ କଅଁଳ ମାତ୍ର ବେଶ୍ ତାଗିଦ୍‌ପଣିଆର ଟିକିଏ ଶୀଘ୍ର ରିଚାର୍ଜ କରିଦେବା ପାଇଁ କହିଲା । ମନର ବିରକ୍ତି ସତ୍ତ୍ୱେ ମୁଁ ଦୋକାନ ପାଖରେ ପହଞ୍ଚିଯାଇଛି ଓ ଗୋଟିଏ ମିନିଟ୍ ମଧ୍ୟରେ ରିଚାର୍ଜ କରିଦେଉଛି ବୋଲି ଜଣାଇଲି । ତେବେ ରିଚାର୍ଜ ହେଲା କି ନାହିଁ, ଫୋନ୍ କରି ଜଣାଇବାକୁ ତାକୁ ମୁଁ କହିଲି ।

ଦୋକାନୀକୁ କହି ତା' ନମ୍ବରରେ ଶହେ ଟଙ୍କାର ରିଚାର୍ଜ କରାଇଲି । ଦୋକାନୀ ରିଚାର୍ଜ ହୋଇଛି ବୋଲି ମଧ୍ୟ ସଂକେତ ଦେଲା । ତେବେ ମୁଁ ଏ ସଂପର୍କରେ ମଲ୍ଲିକାଠୁ ଉତ୍ତର ଅପେକ୍ଷା କରୁଥିଲି ।

ହେଲେ ଏ କ'ଣ ନୋ ରିପ୍ଲାଏ ? ସେପଟୁ କିଛି ଉତ୍ତର ଆସେନା । ଗୋଟିଏ ମିନିଟ୍, ଦୁଇ ମିନିଟ୍, ପାଞ୍ଚ ମିନିଟ୍ ଅପେକ୍ଷା ଯାଏଁ କଥାଗଲା, ହେଲେ ବି ଉତ୍ତର ଆସେନା । ତାକୁ ଫୋନ୍ ଲଗାଏ, ତା ନମ୍ବର ବିଜି । ଆଶ୍ଚର୍ଯ୍ୟ । ଫୋନ୍‌ଟିଏ କରି ଜଣାଇବାର ସାମାନ୍ୟ ସମ୍ଭ୍ରମତା ଟିକକ ବି ସେ ଭୁଲିଗଲା ।

ଭାବିଲି, ଏଠି ଅପେକ୍ଷା କରି ଲାଭ କ'ଣ ? ଘରକୁ ଫେରିଆସିବା ହିଁ ଭଲ । ଫେରିବାବେଳେ ଭାବିଭାବି ଆସୁଥିଲି ।

ଘରେ ପହଞ୍ଚି ପୁଣି ତାକୁ ଫୋନ୍ ଲଗାଏ । ମାତ୍ର ସେଇ ଦଶା । ଫୋନ୍ ଏନ୍‌ଗେଜ୍ । ଏମିତି କ'ଣ ଏତେ ଜରୁରୀ ପଡ଼ିଲା ଯେ, ମୋ କଲ୍ ୱେଟିଙ୍ଗ୍ ସତ୍ତ୍ୱେ ସେ ଉତ୍ତର ଫେରାଇ ନାହିଁ ?

ମନରେ ମୋର ନାନା କଳ୍ପନା । ତାକୁ ନେଇ ଅନେକ ଭାବାନ୍ତର । ସେ କେମିତିକା ହୋଇଥାଇପାରେ ବୋଲି ମୋ ମନରେ ଅନେକ ଆଶା ଓ ଆଶଙ୍କା ।

ତେବେ ଅଧିକ କିଛି ନଭାବି ତାକୁ ଏକ ମେସେଜ୍ ଦେଇ ଶୋଇପଡ଼ିଲି । ଯହିଁରେ ଲେଖା ଥିଲା- "କଥାବାର୍ତ୍ତାରୁ ଯଦି ଫୁର୍‌ସତ୍ ମିଳେ, ତେବେ କଲ୍ କରିପାର ।"

ରାତିରେ କେତେବେଳେ ତା ନମ୍ବରରୁ ମେସେଜ୍‌ଟିଏ ଆସିଛି, ମୁଁ ଜାଣିପାରିଲି ନାହିଁ । ସକାଳୁ ଦେଖେ ତ ଲେଖା ହୋଇଛି- "ସରି । ଖରାପ ଭାବିବନି । ମୁଁ ଟିକିଏ ଟେନ୍‌ସନ୍‌ରେ ଥିଲି ।"

ଭାବୁଥିଲି କଲ୍‌ବ୍ୟାକ୍ କରିବି ବୋଲି । ହେଲେ ସକାଳଟାରୁ ତା ସହ କଥା ହେବାକୁ କାଇଁ ଆଦୌ ମନ ବଳିଲାନି । ଏମିତି ବି କାଲିର କଥା ମନରୁ ଯାଇନଥାଏ । ପୁଣି ସକାଳଟାରୁ ଯଦି କିଛି ନୂଆ ବରାଦ ଆସିଯାଏ ? ଚିକ୍‌କଣ ମିଠାମିଠା କଥା କହି ଯଦି ପୁଣି କିଛି ନୂଆ ଫରମାଇସ୍ କରେ ? ଏମିତି ନାନା ଆଶଙ୍କା ଓ ବିରକ୍ତିରେ ଚୁପ୍ ରହିବାକୁ ଉଚିତ ମଣିଲି । ଭାବିଲି ଅପେକ୍ଷା କରାଯାଉ, ତାକୁ କେତେବେଳେ ଫୁରସତ ମିଳୁଛି !

ସକାଳ ଯାଇ ମଧ୍ୟାହ୍ନ ହେଲା । ଅପରାହ୍ଣ ଯାଇ ସନ୍ଧ୍ୟା ହେଲା । ତଥାପି ନିରବ । ନୋ କଲ୍, ନୋ ମେସେଜ୍ । ଆଶ୍ଚର୍ଯ୍ୟ !! ଏମିତି କ'ଣ ହୋଇଥାଇପାରେ ଯେ, ତାକୁ କଲ୍ କରିବାକୁ ଫୁର୍‌ସତ୍ ଟିକିଏ ମଧ୍ୟ ମିଳିଲା ନାହିଁ ? କିଛି ସିରିୟସ୍ ପ୍ରୋବ୍ଲେମ୍ ?

ଏମିତି ଏକ ଦୋଛକିରେ ମୁଁ ଥାଏ- କଲ୍ କରିବି କି ନାଇଁ । ଶେଷରେ ଭାବିଲି, କଲ୍ କରାଯାଉ । ଦେଖାଯାଉ ତା'ର ଏବେ ପୁଣି କିଛି ନୂଆ କାହାଣୀ ?

ମୁଁ ମୋ ଆଡୁ କଲ୍ କଲି । ସେ ରିସିଭ୍ କଲା । ତା କଣ୍ଠ ମାନ୍ଦାମାନ୍ଦା ଲାଗୁଥିଲା । ମନଟା ଉଦାସ ଲାଗୁଥିଲା । କିଛି ଗୋଟାଏ ହୋଇଥିବ ନିଶ୍ଚୟ । ନହେଲେ ସବୁବେଳେ ଖିଲିଖିଲି ହସୁଥିବା ମଲ୍ଲିକା ଆଜି ଏତେ ସରଳ କାହିଁକି ?

କାରଣ ପଚାରିବାରୁ କହିଲା ମନ ଭଲ ନାହିଁ । କାହିଁକି ମନ ଭଲ ନାହିଁ ପଚାରିବାରୁ କହିଲା- ମୁଡ୍ ଭଲ ନାହିଁ । ମୁଡ୍ ଭଲ କାହିଁକି ନାହିଁ ପଚାରିବାରୁ କହିଲା ଛାଡ଼ ସେସବୁ କଥା ।

ମୁଁ ବୁଝିପାରୁ ନଥିଲି ସେ ଏମିତି କାହିଁକି କରୁଛି ? କହିବାକୁ ଚାହୁଁନି କି ଇଏ ଗୋଟେ ପୁଣି ନୂଆ କିଛି ବାହାନା ? ଉଖାରି ପଚାରିଲେ ପୁଣି କିଛି ନୂଆ କଥା କରିବନି ତ ?

ତଥାପି କହିଲି- "ଠିକ୍ ଅଛି । ଯଦି ମୁଡ୍ ଠିକ୍ ନାହିଁ, ତେବେ କହି ନପାର । ମୁଡ୍ ତ ଠିକ୍ ହେଲେ ଜଣାଇବ ।"

ଏବେ ଠିକ୍ ଫୋନ୍ ରଖିବାକୁ ଯାଉଛି, ସେ ସକ୍‌ସକ୍ ହୋଇ କହିଲା- "ଆକ୍‌ଚୁଆଲି କଥା କ'ଣ କି, ମୁଁ କାଲିଠୁ ଟିକେ ଟେନ୍‌ସନ୍‌ରେ ଅଛି । ଗୋଟେ ପର୍ସନାଲ୍ ମ୍ୟାଟର୍‌ରେ ଡିଷ୍ଟର୍ବ ଅଛି । ଭାବି ନଥିଲି ଅବିନାଶ ଏମିତି କରିପାରେ ?"

ମୁଁ ଚମକିପଡ଼ିଲି ।

ଅବିନାଶ ! ସେ ପୁଣି କିଏ ? କ'ଣ କଲା ତମର ? ସେ କହିଲା- "ସେଇଟା ଗୋଟେ ପ୍ରତାରକ । ମୋତେ ଭଲପାଏ ବୋଲି ଦିନରାତି ଫୋନ୍‌ରେ ଗପୁଥିଲା । ଆଗପଛ ଚକ୍କର୍ କାଟୁଥିଲା । କେତେଥର ପ୍ରୋପୋଜ୍ ନକରିଚି ସିଏ ? ହେଲେ ଦେଖ, କିଛିଦିନ ରୋମାନ୍‌ସ କଲାପରେ ଏବେ ଆଉ ଧରାଦଉନି ସେ । ଫୋନ୍ କଲେ ରିସିଭ୍ କରୁନି, ମେସେଜ୍ କଲେ ଉତ୍ତର ଦେଉନି ।"

ଓ ହୋ ! ତା'ହେଲେ କଥାଟା ଏଇଠି । ମାନେ ପ୍ୟାର୍, ଇସ୍କ ଏଣ୍ଡ୍ ଧୋକା । ସେଥିପାଇଁ ମୁଡ୍ ଖରାପ ।

ତଥାପି ତାକୁ ଆଶ୍ୱାସନା ଦେଇ କହିଲି- "ବ୍ୟସ୍ତ ହୁଅନା । ପ୍ରେମରେ ଏମିତି ହୁଏ । ସିରିୟସ୍ ହୁଅନା । ସେ ଯଦି ଧରାଦେଉନି, ତାକୁ ତୁମେ ଗୋଡ଼ାଅନା । ତା ପଛରେ ଧାଅଁନି । ସେ ବଳେ ବୁଝିଯିବ ।"

ମୋ କଥାରେ ସେ ଟିକେ ଚିଡ଼ିଗଲା । କହିଲା- "ତମେ ବୁଝିପାରିବନି । ପ୍ରେମରେ ଧୋକା ଖାଇଲେ ହୃଦୟକୁ କେତେ କଷ୍ଟ ହୁଏ, ତମେ ଜାଣିପାରିବନି । ତମେ ଯେବେ ପ୍ରେମରେ ପଡ଼ିବ, ତେବେ ଯାଇ ଜାଣିବ ।"

ମନେମନେ ହସିଲି ମୁଁ ତା ଅସହାୟତା ଉପରେ । ଅଳ୍ପ ହସି କହିଲି- "ମୁଁ ବି ପ୍ରେମ କରିଛି । ଜାଣଛି ପ୍ରେମରେ କେତେ ଆନନ୍ଦ ଓ ପ୍ରତାରଣାରେ କେତେ କଷ୍ଟ ।"

-"ପ୍ରେମ ଆଉ ତମେ? ତମେ ବି ପ୍ରେମ କରୁଥିଲ? କାହିଁ ମତେ ତ ବିଶ୍ୱାସ ହେଉନି । ହେଲେ କାହାକୁ?"

-"ତମକୁ । ଏକଦା ମୁଁ ତମକୁ ଭଲପାଉଥିଲି ।" କହୁକହୁ ମୋ ପାଟିରୁ ବାହାରିଗଲା ଏଇ ଧାଡ଼ିଟି । ପୁଣି ଭାବିଲି, କିଛି ପ୍ରଳୟ ହୋଇଯିବନି ତ?

ସେ ଟିକେ ହସିଲା- "ନୋ ଜୋକ୍ ୟାର୍ । ମୁଁ ସିରିୟସ୍ ।"

ମୋର ବି କହିବାକୁ ଇଚ୍ଛା ହେଉଥିଲା- "ମୁଁ ବି ସିରିୟସ୍ ଥିଲି ଗୋଟେ ସମୟରେ । ହେଲେ ତମ ଚଞ୍ଚଳ ମନ ଓ ଅପରିପକ୍ୱ ନିଷ୍ପତ୍ତି ତମକୁ କୌଣସି ଗୋଟେ ଜାଗାରେ ଅଟକିବାକୁ ସିଗ୍ନାଲ୍ ଦେଉନଥିଲା ।" କିନ୍ତୁ ସେ ବିଷୟରେ ଏବେ କିଛି ତାକୁ କହିଲି ନାହିଁ । କହି ବି କିଛି ଲାଭ ନାହିଁ । ଏବେ ସେ ଯେ ଆଉ କାହା ଧ୍ୱନିରେ ମସ୍ତ୍ ।

ମୁଁ କିଛି ଉତ୍ତର ଦେଲି ନାହିଁ । ଖାଲି ଟିକେ ହସି କହିଲି- "ଛାଡ଼ ସେକଥା ।"

ସେ କିନ୍ତୁ ସେମିତି ନିରବ ଥିଲା ।

ମୁଁ କିନ୍ତୁ ତାକୁ ପଚାରିଲି- "ଆଚ୍ଛା କାଲି ସନ୍ଧ୍ୟାରେ ତମେ ଫୋନ୍‌ରେ କାହା ସଙ୍ଗେ କଥା ହେଉଥିଲ? ତମ ନମ୍ବର ଅନେକ ସମୟ ଯାଏଁ ଏନ୍‌ଗେଜ୍ ଥିଲା ।"

ସେ କହିଲା- "ଅବିନାଶ ସହ । ଅନେକଥର କଲ୍ କରିବା ପରେ ସେ ଫୋନ୍ ରିସିଭ୍ କଲା । ତା ସହ ବହୁ ଯୁକ୍ତିତର୍କ ହେଲା । ପାଟିତୁଣ୍ଡ ହେଲା । ଆଉ ଶେଷରେ ସେ ମୋତେ କ'ଣ କହିଲା ଜାଣ?"

-"କ'ଣ?" ମୁଁ ଉତ୍ସୁକତାର ସହ ପଚାରିଲି ।

-"ସେ ମୋତେ କ୍ୟାରେକ୍ଟରଲେସ୍ ବୋଲି କହିଲା । ତମ ଉପରେ ମୋର ବିଶ୍ୱାସ ହେଉନି ଆରୋପ ଲଗାଇଲା । କହୁଛି କ'ଣ ନା ମୋର ଅନେକ ବୟଫ୍ରେଣ୍ଡ୍ ଅଛନ୍ତି । ତାଙ୍କ ସହ ମୋର କୁଆଡ଼େ ଆଫେୟାର୍ସ ଅଛି, ଇଡିୟଟ୍ କୋଉଠିକାର ।"

କହିଲାବେଳେ ସେ ବହୁତ ଇତସ୍ତତଃ ହୋଇଯାଉଥିଲା । ପୁଣି ସେ କହିଲା- "ମୁଁ କ'ଣ ଜାଣିନି, ସେ ଏମିତି କାହିଁକି କରୁଛି ! ଏବେ ଗୋଟେ ନୂଆ ଝିଅ ସାଙ୍ଗେ ବୁଲୁଛି ତ! ମୋ'ଠି ମନ ଭରିଗଲା । ମୁଁ କ'ଣ ଜାଣିନି ଅବିନାଶର କ୍ୟାରେକ୍ଟର ! ପଚାରିଲେ କହିବ କ'ଣ ନା- ସେ ମୋର ବେଷ୍ଟଫ୍ରେଣ୍ଡ । ଫ୍ରେଣ୍ଡ୍ ଓନ୍‌ଲି । ଫ୍ରେଣ୍ଡ ନା... !!!"

ମୁଁ ଏବେ ବୁଝିପାରୁଥିଲି ତା ମନୋଦଶା । ଆଉ ମଧ୍ୟ ଜାଣିପାରୁଥିଲି ତା ନମ୍ବର କାହିଁକି କାଲି ଏନ୍‌ଗେଜ୍ ବତାଇଥିଲା । ହେଲେ ପ୍ରେମରେ ମସ୍‌ଗୁଲ୍ ଥିବା ଝିଅମାନେ ଯେପରି ଅନ୍ଧ, ପ୍ରେମରେ ପ୍ରତାରିତ ହେଉଥିବା ଝିଅମାନେ ସେପରି ଆହତ ନାଗୁଣୀ । ପ୍ରେମରେ ଉବୁଟୁବୁ ଥିବାବେଳେ ଯେପରି ପ୍ରେମିକର ଗୁଣଗାନ କରିବାରେ ପଛାନ୍ତି ନାହିଁ, ପ୍ରତାରିତ ହେଲାପରେ ସେମିତି ଚଉଦପୁରୁଷ ଉଦ୍ଧାର କରିବାକୁ ପଛାନ୍ତି ବି ନାହିଁ ।

ମଲ୍ଲିକା ତା'ର ଚଉଦପୁରୁଷ ଉଦ୍ଧାର କରିବାରେ ଲାଗିଥିଲା । ହେଲେ ମୋର ତା' ଚାଲୁଗପ ଶୁଣିବାର ମୁଡ୍ ନଥିଲା । ମଲ୍ଲିକାଠୁ ଏମିତି ଅନେକଥର ଚାଲୁଗପ ଶୁଣିବାରେ ପୂର୍ବରୁ ଅଭ୍ୟସ୍ତ ହୋଇସାରିଥିଲି । ମୁଁ ତା କବଳରୁ ନିଜକୁ ଉଦ୍ଧାର କରିବା ପାଇଁ ରାସ୍ତା ଖୋଜୁଥିଲି ।

ମିଶନରୋଡ୍, ସୁନ୍ଦରଗଡ଼

●●


POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ଖଣ୍ଡାଧାର ନାକ ବନାମ ମଲ୍ଲିଫୁଲିଆ ହସ

ସ୍ୱାଗତିକା ସେଠୀ

ଚାରିଦିନ ଲଗାତାର ବର୍ଷା ପରେ ଆଜି ସକାଳୁ ଆକାଶରେ ଗେଞ୍ଜିହୋଇ ରହିଥିବା କଳା ବାଦଲ ସବୁକୁ ଠେଲି ଟିକେ ଫାଙ୍କାରେ ସୂର୍ଯ୍ୟ ନାରାୟଣ ବସ୍ତିର ଅବସ୍ଥାକୁ ଉଙ୍କିମାରି ଦେଖୁଛି । ଚାରିଆଡ଼ କାଦୁଅ ପଚପଚ । ଭଙ୍ଗା ଆଜବେଷ୍ଟସ୍, ତାରପୋଲିନ୍, ନଡ଼ା, ଡାବଲ୍ ଅବା କିଛି ନ ଜରି ପୋଷ୍ଟର୍‌କୁ ଘରର ନାଁ ଦେଇ କେତେକ ବାଉଁଶ ଧରିଛି । ସେଇସବୁକୁ ଭାଗ କରିଦେଇ ପ୍ରବାହିତ ହେଉଥିବା କାଦୁଅ ନର୍ଦ୍ଦମା ପାଣି ମିଶା ସ୍ରୋତଟା ନାରାୟଣ ବସ୍ତିର ରାସ୍ତାକୁ ଚିହ୍ନାଉଥିଲା । "ଘନୁଆ....ଆରେ ବାପା... ଘନୁଆ !'' ମା'ର ଗୁଲୁଗୁଲିଆ ଡାକରେ ନିଦ ମୋର ଭାଙ୍ଗିଯାଇଥିଲା, ହେଲେ ଅଳସ ଭାଙ୍ଗି ନଥିଲା । ଏଇ ତିନିଦିନ ମୋର ଛୁଟି । ଆଉ ଏ ବର୍ଷା ପାଇଁ ତିନିଦିନ ହେଲା କୁଆଡ଼େ ଯାଇନି । ମା' ମୋ ପାଖରେ ଗରମ ଚା' ଗ୍ଲାସ୍‌ଟା ରଖିଦେଇ ତରତର ହୋଇ ତା' କାମକୁ ବାହାରିଗଲା । ପଛପଟୁ ନିଦୁଆ ପାଟିରେ କହିଲି, "ମା' କେନାଲ୍‌ରେ ବେଶି ପାଣି ଆସିଥିବ, ମାଛ ଆଣି ଦେବି । ତୁ ଉପରବେଳା କାମରୁ ଆସିଲେ ରାନ୍ଧିଦେବୁ ।" ସେ ବୁଲିପଡ଼ି ମୋତେ ଚାହିଁ ହସିଦେଇ ଚାଲିଗଲା । ବୁଢ଼ିଆଣୀ ଜାଲ ପରି ଆବୁରୁଜାବୁରୁ ଗାର ପଡ଼ିଥିବା ମୁହଁରେ ତା'ର ସେଇ ଗୁଡାଖୁଘଷା ଦାନ୍ତଦେଖା ସହ ସତରେ ମୋତେ ଛନ୍ଦିପକାଏ, ବାନ୍ଧିପକାଏ । ତେଣୁ ନାରାୟଣ ବସ୍ତିର ଏକ କୁଡ଼ିଆରେ ମୁଁ ତା' ସହ ରହେ । ନହେଲେ ଏଇ ବସ୍ତିରେ ଏମିତି କୋଉ ଭେଣ୍ଡିଆ ପୁଅ ତା' ମା' ସାଙ୍ଗରେ ରହେନି । ହେଲେ କେମିତି କେଜାଣି ମୋ ବାପାଟା ମା'ର ଏ ବାନ୍ଧିଦେଉଥିବା ହସକୁ ଏଡ଼ାଇ କୁଆଡ଼େ ଚାଲିଗଲା ? ସେତେବେଳେ ମୁଁ ଛୋଟ ଥିଲି, ମା' ବାପାକୁ ଖୋଜିବା ପାଇଁ ଥାନାକୁ ବରାବର୍ ଦଉଡୁଥିଲା, ଯାକୁ ତାକୁ ପଚାରୁଥିଲା, ହେଲେ ମୋ ବାପାକୁ ଖୋଜିବାର ଏ ଚେଷ୍ଟା ତା'ର କେବେ ବନ୍ଦ ହୋଇଗଲା ମୋର ଆଉ ମନେପଡୁନି ।

ମା' ପାଇଁ ମୁଁ ତା' ଗଣ୍ଠିଧନ, ନୟନତାରା । କେତେ ଆଶା ନେଇ ମୋତେ ସ୍କୁଲରେ ନାଁ ଲେଖାଇଥିଲା । ଥରେ ସାର୍ ମାଡ଼ ମାରିବାରୁ ସ୍କୁଲ୍ ନଯିବା ପାଇଁ ଅଡ଼ିବସିଲି । ମା' ମୋତେ ଅନେକ ବୁଝାଇଲା, ବାଧ୍ୟ କଲା । ହେଲେ ମୁଁ କହିବାରୁ ସେ ମଧ୍ୟ କିଛିଦିନରେ ବୁଝିଗଲା ଯେ ସାର୍‌ମାନେ ସବୁ ଖରାପ । ଆମ ଦୁହିଙ୍କ ପେଟ ପୋଷିବା ପାଇଁ ମା' କେତେ ଘର ପାଇଟି କରେ । ସ୍କୁଲ୍ ଛାଡ଼ିବା ପରେ ମୋ ପାଖେ ସମୟର ଅଭାବ ନଥିଲା । ଆଉ ସାଇରେ ମୋ ପରି ପିଲାଙ୍କ ଅଭାବ ନଥିଲା । ସାରାଦିନ ସହରର ରାଜରାସ୍ତାରେ ଏଣେତେଣେ ବୁଲିବା, ସିନେମା ଦେଖିବା, ଛକରେ ବସି ବାରମଜା ଖାଇବାରେ ଦିନସବୁ ଖୁବ୍ ସୁନ୍ଦର ବିତିଯାଉଥିଲା । ଆସ୍ତେଆସ୍ତେ ସିଗାରେଟ୍ ଟାଣିଲି, ପରେ ଦିନେ ମଦ ମଧ୍ୟ ଚାଖିଲି । ସେ ଅନୁଭୂତି ଅପୂର୍ବ ରୋମାଞ୍ଚ ଆଣିଦେଇଥିଲା । ଦେହଟା ମୋର ଭାରି ହାଲୁକା ଲାଗିଲା, ସତେ ଯେପରି ମୁଁ ଭାସମାନ । ରାତିରେ ଘରକୁ ଫେରିଲାବେଳକୁ ବସ୍ତି ତଳମୁଣ୍ଡ ଡିଙ୍କିଆ କଳରୁ ଢଣଢଣ କରି ବାସନ୍ତି ପାଣି ମାରୁଥିଲା । ଯେଉଁ ବାସନ୍ତିକୁ ମୁଁ କଣେଇ ଦେଖୁଥିଲି, ସେଦିନ ତାକୁ ସଳଖି ଦେଖିଲି । କାଳେ ଓଦା ହୋଇଯିବ ବୋଲି ସେ ତା' ସାଲୁଆର୍‌କୁ ଆଣ୍ଠୁ ପର୍ଯ୍ୟନ୍ତ ଟେକିଦେଇଥିଲା । ମୋତେ ଲାଗିଲା ସତେ ଯେପରି ସେତେବେଳେ ସଦ୍ୟ ଦେଖି ଫେରିଥିବା ସିନେମା 'ରେସ୍'ର ହିରୋଇନ୍ କାଟ୍ରିନା କୈଫ୍ ମୋତେ ଲମ୍ବା ସୁଗଠିତ ଗୋଡ଼କୁ ଦେଖାଇ ହସୁଛି । ସିଧାସିଧା ଯାଇ କାତୁ ଜାବୁଡ଼ି ଧରିଲି । ସେ ଚିତ୍କାର କଲା । ତା' ପାଟି ଶୁଣି ବସ୍ତିଲୋକଙ୍କ ସାଙ୍ଗରେ ମା' ମଧ୍ୟ ସେଠାରେ ପହଞ୍ଚିଯାଇଥିଲା । ପ୍ରଥମଥର ପାଇଁ ମା' ମୋ ଉପରକୁ ହାତ ଉଠାଇଲା । ତା'ପରଦିନ ସେ ତା' ବାବୁଙ୍କ ଘରକୁ ମୋତେ କିଛି କାମରେ ଲଗାଇବା ପାଇଁ ନେଇଆସିଥିଲା । ବାବୁ ଭଲ ଲୋକ । ସେଇଠି ରହି ଘରର ବୋଲହାକ କଲି, ବୁଢ଼ା ଡ୍ରାଇଭରଠୁ ଗାଡ଼ିଚଲା ଶିଖିଲି । ତାହା ମୋ ପାଇଁ ପୁଣି ନୂଆ ଏକ ରୋମାଞ୍ଚ ଆଣି ଦେଇଥିଲା । ଗାଡ଼ି ଚଲାଇବାବେଳେ ଲାଗୁଥିଲା ସତେ ଅବା ମୁଁ ଆକାଶରେ ଉଡୁଛି । ମୋ ଦିନ ବଦଳି ଯାଇଥିଲା । ମା' ସାଙ୍ଗରେ ସକାଳୁ କ'ଣ ଦିଇଟା ଖାଇଦେଇ ବାବୁଙ୍କ ଘରକୁ ଆସିବା ଓ ରାତିରେ ଘରକୁ ଫେରିବା । ନୂଆ ଜାଗା, ନୂଆ ପରିବେଶ, ନୂଆ ଜୀବନ ମୋତେ ଭଲ ଲାଗିଆସିଥିଲା । ଆମ ଘର ଅବସ୍ଥା ଆଗ ଅପେକ୍ଷା ଅଧିକ ସ୍ୱଚ୍ଛଳ ହୋଇଯାଇଥିଲା । ଦିନେ ରାତିରେ ଖାଇବାବେଳେ ମା' କହିଲା, "ଆରେ ମୁଁ ତ ବୁଢ଼ୀ ହେଲିଣି, ଆଉ କେତେଦିନ ଧରି ତତେ ରାନ୍ଧି ଖୁଆଉଥିବି ? ତତେ ହାତକୁ ଦି'ହାତ କରିଦେଲେ ମୋ କାମ ସରିଲା । ଝିଅଟେ ଠିକ୍ କରିଛି । ତୁ କହିଲେ ଏଇ ମଗୁଶିରକୁ କାମ ବଢ଼ାଇଦେବା । ଜାଣିଛୁ ଝିଅଟିକି ?"

"ମୁଁ କେମିତି ଜାଣିବି ?" ତଳକୁ ସେମିତି ମୁହଁ କରି ଖାଉଖାଉ କହିଲି । "ଏଇ ଆମ କୁମାରୀ ଝିଅ, ବାସନ୍ତି ।" ମା' କଥା ଶୁଣି ପଖାଳ କଂସାରୁ ପାଟିକୁ ନେଉଥିବା ଗୁଣ୍ଡାଟା ହାତରୁ ଖସିପଡ଼ିଲା । ଟିକେ ଲାଜେଇଗଲି । ତା'ପରଠାରୁ ବାସନ୍ତି ସଙ୍ଗେ କେତେଥର କଥା ହୋଇଛି । କେତେଥର ତାକୁ ନିଜ ଛାତିରେ ଜାବୁଡ଼ି ମଧ୍ୟ ଧରିଛି । କିନ୍ତୁ ସେ ଆଉ ପ୍ରତିବାଦ କରିନି ବା ପାଟି କରି ସାଇଲୋକଙ୍କୁ ଏକାଠି କରିନି ।

"ବାବୁଘର ନାହାନ୍ତି ବୋଲି ଘରଟାରେ ଖାଲି ଶୋଇଥିବୁ ନା କ'ଣ ?" ବାସନ୍ତିର ପ୍ରଶ୍ନ ଭାବନାରେ ବିରାମ ଲଗାଇଲା । ଆମ ଘରେ କିଏ କାଳେ ତାକୁ ଦେଖିଦେବ ବୋଲି ସେ କନ୍‌କନ୍ ହୋଇ ପଳାଇଯାଉଥିଲା ।" ଆଜି କେନାଲ୍‌ରୁ ମାଛ ଆଣିବି । ମା' ଆସିଲେ ତୁ ଆସି ରାନ୍ଧିଦେବୁ ।" କିଛି ନକହି ତା' ବେଣୀକୁ ପଛକୁ ଛାଟି ହସିଦେଇ ଚାଲିଗଲା ବାସନ୍ତି । ଓଃ ! ତା' ମଲ୍ଲିଫୁଲିଆ ହସ । ଜାଣିଥିଲି ମା' ଆସିଲେ କୁମାରୀ ମାଉସୀ ସାଙ୍ଗରେ ସେ ନିଶ୍ଚୟ ଉପରବେଳା ଘରକୁ ଆସିବ । ଆଉ ଡେରି ନକରି ଛପରରେ ଗେଞ୍ଜା ହୋଇଥିବା ବନିଶୀ କଣ୍ଟା ଧରି ତାଳଦଣ୍ଡା କେନାଲ୍ ଆଡ଼େ ବାହାରିପଡ଼ିଲି ।

ହଁ, ଚାରିଦିନର ବର୍ଷା ପରେ କେନାଲ୍‌ରେ ଖୁବ୍ ପାଣି ଆସିଥିଲା । କେନାଲ୍ କଡ଼ ଗଛ ତଳେ ଖଣ୍ଡେ ପଥର ଦେଖି ବସିଲି । ଏତେଦିନ ପରେ ଆଜି ଆକାଶ ଟିକେ ଫର୍ଚ୍ଚା ଦିଶୁଛି । ବନିଶୀ କଣ୍ଟାରେ ଥୋପ ଲଗାଇ ପାଣିକୁ ଛାଟିଲି । ପାଣିରେ ସୂର୍ଯ୍ୟକିରଣ ପ୍ରତିଫଳିତ ହୋଇ ମୋ ଆଖିରେ ପଡୁଥିଲା । ଆଖି ଆପେ ବୁଜି ହୋଇଗଲା । ଆଖିଆଗରେ ନାଚିଗଲା ବାସନ୍ତିର ହସ । ତା' ଖଣ୍ଡାଧାର ନାକଟା ଟେକି ସେ ଯେତେବେଳେ ହସିଦିଏ ଭାରି ଅପୂର୍ବ ଦିଶେ, ସତରେ । ଆହୁରି ସୁନ୍ଦର ଦିଶନ୍ତା, ଯଦି ନାକରେ ଗୋଟେ ନୋଥ ପିନ୍ଧିଥା'ନ୍ତା । ହସିଲାବେଳେ ନୋଥର ଝୁମୁକା ତା' ଓଠ ଉପର ଦେଇ ଦାନ୍ତ ପାଖକୁ ଲାଗିଆସନ୍ତା... । ମନେପଡ଼ିଗଲା । କାଲି ବର୍ଷାରାତିରେ ମା' କିରାସିନି ଆଣିବାକୁ ପଠାଇଥିଲା । ଫେରିବାବେଳେ ବସ୍ତିର ପିଲାବେଳର ସାଙ୍ଗ ରମେଶ ଓ ମଙ୍ଗୁ ସହ ଦେଖା ହୋଇଯାଇଥିଲା । ସେମାନେ ରଘୁ ଦୋକାନରେ ଚା' ପିଉଥିଲେ । ମୁଁ ମଧ୍ୟ ଯାଇ ସେଇ ଦୋକାନ ବେଞ୍ଚରେ ଟିକେ ବସିଗଲି । ତାଙ୍କ ପାଖରୁ ତ ଶିଖିଥିଲି କିଶୋର ବୟସର ରୋମାଞ୍ଚ ସବୁ, ଯେଉଁଥିରେକି ବାବୁଘରେ କାମ କଲାଦିନଠାରୁ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି । ରଘୁ ମୋ ହାତକୁ ବାମ୍ଫ ଉଠୁଥିବା ଚା' ଗିଲାସଟେ ବଢ଼ାଇଦେଲା । ଗରମ ଚା' ଓଠରେ ଲଗାଉ ଲଗାଉ ରମେଶ କହିଲା, "ଆଜି କେମିତି ବାଟ ହୁଡ଼ିଗଲୁ ? ବାସନ୍ତି ନାହିଁ କି ? ସେ ଏମିତି ଯାଦୁ କଲା ଯେ ତୁ ଆମକୁ ପୂରା ଭୁଲିଗଲୁ ।" ଟିକେ ଲାଜେଇଗଲି । କହିଲି, "ଆରେ ନା, ନା । ସେ ଗଳିମୁଣ୍ଡରେ ଯେଉଁ ନୀଳ ଦୋତାଲା କୋଠା ଅଛି, ତାଙ୍କର ଗାଡ଼ି ଚଲାଉଛି । ଏଇ କିଛିଦିନ ହେଲା ସେମାନେ କୁଆଡ଼େ ଯାଇଛନ୍ତି । ତେଣୁ ମୋର ଏବେ ଟିକେ ଛୁଟି ।"

"ଭଲ ମାଲ୍ ବାଲା ଘରେ କାମ କରୁଛୁ ତ ? ତା'ହେଲେ ବିଭା ହେଲେ ବାସନ୍ତିକୁ ସୁନାରେ ଛାଉଣି କରିଦେବୁ... ।" ମଙ୍ଗୁ ରମେଶ ପାଟିରୁ କଥା ଛଡ଼ାଇନେଇ କହିଲା । ସେ କଥାରେ ସେମାନେ ସମସ୍ତେ ଠୋ ଠୋ ହୋଇ ହସିଉଠିଥିଲେ ଓ ସେମାନଙ୍କ ସହ ମୁଁ ମଧ୍ୟ । ସତରେ ବାସନ୍ତିର ଖଣ୍ଡାଧାରୁଆ ନାକରେ ମୁଁ ସୁନା ନୋଥଟେ ପିନ୍ଧାଇଦିଅନ୍ତି ଓ ସେ ନାକ ଟେକି ହସନ୍ତା, ଏଇ ସ୍ୱପ୍ନ ମୋତେ ସବୁବେଳେ ବିଭୋର କରେ । ହେଲେ ମୁଁ ଆଉ ସୁନା ? ଆକାଶ କଇଁଆକୁ ଚିଲିକା ମାଛ । ମୋର ଅସମ୍ଭବ ସ୍ୱପ୍ନ ଭାଙ୍ଗି ଦୀର୍ଘନିଶ୍ୱାସ ଆପେ ବାହାରିଆସିଲା, "ସୁନା ଛାଉଣି... ପାଗଳ ନା କ'ଣ ? ନୋଥଟେ ଗଢ଼ିଦେବାର ମୁଣ୍ଡ ମୋର ନୁହେଁ ।" ଏହା ସମସ୍ତଙ୍କ ହସକୁ ଅଧାରୁ ବନ୍ଦ କରିଦେଇଥିଲା । ରଘୁ ତା' ଘଷରା ପ୍ଲାଷ୍ଟିକ୍ ଚିନିଡବାକୁ ବନ୍ଦ କରୁକରୁ କହିଲା, "ତୋର ମୁଣ୍ଡ କାହିଁ ନାହିଁ ? କହ ବରଂ ଇଚ୍ଛା ନାହିଁ ।" "!!!"

ତିନିହେଁ ମିଳିତ ଭାବରେ କହିଥିଲେ, "ନୁହେଁ ଆଉ କ'ଣ ?"

"!!!"

ମଙ୍ଗୁ କହିଥିଲା, "ଦେଖ୍ ମୁଁ ବାପଛେଉଣ୍ଡ ପିଲା । ମା' ଆଉଥରେ ବାହା ହେଲା ପରେ ସାବତ ବାପା ମଦ ପିଇ ମୋତେ ନିତି ପିଟିଲା । ତୁ ତ ଜାଣୁ, ସେଦିନ ମଧ୍ୟ ପିଟିଲାରୁ ମୁଁ ତାକୁ ଧକାଏ ଦେଇ ଆଉ ଘର ଛାଡ଼ିଲି । ମୋ ଆଗକୁ କିଏ ଥିଲା ନା ମୋ ପଛକୁ ? ଆଉ ଏବେ ଦେଖ୍ ମୁଁ ଏବେ ଅଟୋ କିଣିଛି ।"

ମୁଁ ଜାଣେ ମଙ୍ଗୁ କେମିତି ତା' ଅଟୋ କିଣିଛି, ଯାହାକି ସେ ଇଚ୍ଛା ହେଲେ କେବେ କେବେ ଚଲାଏ । ହେଲେ ତା' ସ୍ତ୍ରୀ, ମାନେ ରୀନା ଭାଉଜ ରକମ ରକମ ଶାଢ଼ୀ ପିନ୍ଧେ । କାଚରା ପସରା ଆସିଲେ ତା' ଘର ଆଗରେ ଘଡ଼ିଏ ରହି ବେପାର କରେ । ଏଇ ରଘୁ ଲୋକଙ୍କ ଆଖି ପାଇଁ ଚା' ଦୋକାନ କରିଛି । ହେଲେ ତା' ଚା' ଦୋକାନ ଦିନେ ବସ୍‌ଷ୍ଟାଣ୍ଡରେ ଏତେତେଣେ ବୁଲୁଥିବା ଏଇ ଛୋଟୁ ଚଲାଏ । ଆଉ ରମେଶ କଥା ଛାଡ଼ । ଆଜି ବୁଲି ବୁଲି ଫଳ ବିକେ ତ କାଲି କ୍ୟାଲେଣ୍ଡର, ତା'ପରଦିନ ଖେଳନା । ରାତିର ନିସ୍ତବ୍ଧତାରେ କିନ୍ତୁ ଏଇ ତିନିଜଣଙ୍କର ଏକା ବେଉସା, ରାତିଏ ଗଲେ ହାତୀଏ । ବସ୍ତିଲୋକ ଜାଣନ୍ତି । ହେଲେ କା'ର କ'ଣ ଯାଉଛି ? ନିଜ ପେଟ ଚାଖଣ୍ଡକ ପାଇଁ, ମୁଣ୍ଡ ଗୁଞ୍ଜିବା ପାଇଁ ସମସ୍ତଙ୍କ ଚିନ୍ତା ।

"ହଇବେ ! ଓଦା ହେଲେ ଗଜା ହେଇଯିବୁ ବୋଲି ଡର ମାଡୁଛି କି ? ଯା ଶଳା ଶୀଘ୍ର ଚା' କେଟିଲି, ଡେକଚି ମାଜିବୁ, ଯା । ଗିଲାସଗୁଡ଼ା ଭିତରେ ରଖ ।" ଛୋଟୁକୁ ବର୍ଷାରେ ଧକାଟିଏ ମାରିଲା ରଘୁ । ଗୋଡ଼ ଖସଡୁ ଖସଡୁ ଛୋଟୁ ନିଜକୁ ସମ୍ଭାଳିନେଲା । ଏଥର ରଘୁ ମୋ ଆଡ଼କୁ ଝୁଙ୍କିଆସି ଆସ୍ତେ ପଚାରିଲା, "ଆରେ ! ତୋ ବାବୁଘର ଆଉ କେତେଦିନ ପରେ ଆସିବେ ?"

"ଆଉ ତିନି ଚାରି ଦିନ ପରେ ।"

"ତୁ ତାଙ୍କ ଘର ଭିତରକୁ କେବେ ଯାଇଛୁ ?"

"ଆରେ ଯାଇଛି କ'ଣ ପଚାରୁଛୁ ? ମା' ସେଇଠି କାହିଁ କୋଉ ଦଶବାରବର୍ଷ ହେଲା କାମ କରୁଛି । ପିଲାବେଳେ ବୋଲହାକ କରୁଥିଲି । ଏବେ ପରା ମୁଁ ତାଙ୍କ ଗାଡ଼ି ଚଲାଉଛି । ଭାରି ଭଲ ଲୋକ ସେ ବାବୁ, ମା' ଦିଦି ଓ ରାଜ୍ ଭାଇ । ମୋତେ ଭାରି ସ୍ନେହ କରନ୍ତି । ସତେ ଅବା ମୁଁ ତାଙ୍କ ନିଜର କିଏ ।" ଏସବୁ କହିଲାବେଳେ ଛାତି ମୋର ଗର୍ବରେ ଫୁଲିଉଠୁଥିଲା ।

"ହଁ... ! ମୋତେ ଆଉ ସେ ପ୍ରେମ କଥା ଶୁଣାନା । ମୁଁ ଜାଣେ ସେ ଶଳାଗୁଡାଙ୍କୁ । କାମ କରାଇବା ପାଇଁ କେତେ ସରବୋଲା କଥା କହିବେ, କାମ ସରିଗଲା ପରେ ନାତ ମାରି ବାହାର କରିଦେବେ ଶଳା ।" ତାଚ୍ଛଲ୍ୟରେ ମଙ୍ଗୁ କହିଲା ।

ପ୍ରତିବାଦ କରିଥିଲି, "ନା, ସେମାନେ ସେମିତି ଲୋକ ନୁହନ୍ତି ।"

"ତୋ ଦୁନିଆ ତ ତୋ ମା' କାନିରେ ବନ୍ଧା । ଦୁନିଆ ଦେଖିଲୁ କେତେବେଳେ ଯେ ଜାଣିପକାଇଲୁ ?"

ସେ ତିନିଜଣଙ୍କ ସମ୍ମିଳିତ ସ୍ୱର ମୋତେ ଟିକେ ଚହଲାଇଦେଲା । ମଙ୍ଗୁ ପ୍ରସ୍ତାବଟେ ଦେଲା, "ଆରେ ଘନୁଆକୁ ତା' ବାବୁଘରର ଭିତର ବାହାର ସବୁ ଜଣା । ବର୍ଷାଟା ତ ଆଉ ଦିନେ ଦୁଇଦିନ ରହିବା ପରି ଲାଗୁଛି । ଆଉ ତା'ହେଲେ କାଲି ରାତିରେ ଘନୁଆ ଆମକୁ ତା' ବାବୁଘର ଆଡ଼େ ଟିକେ ନେଇଯିବ, ନା କ'ଣ କହୁଛୁ ଘନୁଆ ?"

ଅବାକ୍ ହୋଇଗଲି, "ତମେ ସବୁ ରାତିରେ ସେଠାକୁ ଯାଇ କ'ଣ କରିବ ? ଘରେ ତ କେହି ନାହାନ୍ତି ।"

"ସଫା କରିବୁ ।" କହି ମୋ କଥାରେ ସମସ୍ତେ ଠୋ ଠୋ ହୋଇ ହସିଉଠିଥିଲେ ।

"କହିଲୁ ଦେଖି ଘନୁଆ, ବାହାଘରରେ ତୋ ବାସନ୍ତିକୁ ସାମାନ୍ୟ ନୋଥଟେ କ'ଣ ଗଢ଼ାଇଦେବୁନି ? ତୋ ମା' ଆଉ କେତେ ବୁଢ଼ୀ ହେଲାଯାଏଁ ଏମିତି ପରଘରେ ପାଇଟି କରୁଥିବ ?" ମଙ୍ଗୁ ତା' ହସ ହଠାତ୍ ବନ୍ଦ କରି ବେଶ୍ ଗାମ୍ଭୀର୍ଯ୍ୟରେ ମୋତେ ପଚାରିଲା ।

ଏଇ ପ୍ରଶ୍ନସବୁ ଗୁଡ଼େଇ ତୁଡ଼େଇ ମୋ ମସ୍ତିଷ୍କକୁ ଛନ୍ଦିପକାଉଥିଲା । ସତରେ ପରଘରେ ଅଇଁଠା ବାସନ ମାଜିବା ପାଇଁ ମୋ ମା'ର ଢେର୍ ବୟସ ହୋଇଯାଇଛି । ଆଉ ମୋ ସ୍ୱପ୍ନ, ବାସନ୍ତିର ଖଣ୍ଡାଧାରୁଆ ନାକରେ ସୁନା ନୋଥଟା ଚିକ୍‌ଚିକ୍ କରୁ । କିନ୍ତୁ ... ଛାଡ଼ ମୁଁ ଗାଡ଼ି ଚଲାଇ ଭଲ ଦୁଇ ପଇସା କମଉଛି । କିଛିଦିନ ଭିତରେ ବୋଧେ... ବୋଧେ... ଓଃ ବିଜୁଳି ସାଙ୍ଗକୁ ସେ ଘଡ଼ଘଡ଼ି ଶବ୍ଦ ! ମୋ କାନ୍ଧ ଉପରେ ରଘୁ ହାତର ଚାପ ମୋ ଭାବନାସବୁକୁ ପଥର କିରଦେଲା । ରମେଶ ନଇଁଆସି କାନ ପାଖରେ ଫୁସ୍‌ଫୁସ୍ କରି କହିଲା, "ଆରେ ରାତିର କଥା । କେହି ଜାଣିବେନି । ସକାଳ ହେଲେ ପୁଣି ଯିଏ ଯୁଆଡ଼େ । ଦିନ ଆଲୁଅରେ ତୁ ସେମିତି ତୋ ବାବୁଘର ଗାଡ଼ି ଚଲେଇବୁ । ଖାଲି କାଲି ରାତିଟା ବାସନ୍ତି ପାଇଁ ନୋଥ କ'ଣ, ହାର ଗଢ଼େଇଦେବୁ ।" ମୋତେ ରମେଶର ଏଇ କେଇପଦ କଥା ଜମା ଭଲ ଲାଗୁ ନଥିଲା ।

"ନା, ନା, ସେ ଚୋରିହାରିରେ ମୋର ପଶିବାର ନାହିଁ ।" କହୁକହୁ ମୁଁ ମୋ କିରୋସିନି ବୋତଲ ଧରି ଘରମୁହାଁ ହେଲି । ପଛରୁ ସେମାନଙ୍କ ମିଶାମିଶି ସ୍ୱର ଶୁଭୁଥିଲା, "ଆବେ ଥରକର କଥା, ଟିକେ ଭାବି ଦେଖ୍ । କାଲି କଥା ହେବା । ତୋର କେତେ ଲାଭ....'' ଅନ୍ଧାର ରାତିରେ ଜୋର୍ ଜୋର୍ ପାଦ ବଢ଼ାଇଲି । ପଛକୁ ବୁଲି ଚାହିଁ ନଥିଲି । ମନଟା ଅନ୍ଧାରୁଆ ହୋଇଯାଉଥିଲା । କିରୋସିନିରେ ମା' ଲଣ୍ଠନ ଜଳାଇବ । ଘର ଭିତର ଅନ୍ଧାକାର ଦୂରେଇଯିବ ।

ଏତେ ସମୟ ହେଲାଣି, ହେଲେ ବନିଶୀରେ ଏପର୍ଯ୍ୟନ୍ତ ମାଛ ଗୋଟେ ପଡ଼ିନି । ଆଖିଟା ଆସ୍ତେ ବୁଜିହୋଇ ଆସିଥିଲା । ଆଖିଆଗରେ ନାଚିଯାଉଥିଲା ବାସନ୍ତିର ଖଣ୍ଡାଧାରୁଆ ନାକ । ସେଥିରେ ଚମକୁଥିଲା ମୁଁ ଗଢ଼ାଇଦେଇଥିବା ନୋଥ । ଓଃ ! କି ସୁନ୍ଦର ତା'ର ସେ ଲାଜୁଆ ଲାଜୁଆ ହସ ! ଅନ୍ଧାରିଆ ହୋଇଆସିଲାଣି । ମେଘଟା ପୁଣି ମାଡ଼ିଆସିଲା, ନା ସଞ୍ଜ ନଇଁଗଲା, ନା ମୋ ଭିତରର ଅନ୍ଧାରଟା....!!! ମୋ ପିଲାଦିନର ଉଭଟ ସାଥୀମାନେ ପହଞ୍ଚିଯାଇଥିଲେ । କାଲି ରାତିର ରମେଶର ପ୍ରସ୍ତାବଟା ବୋଧେ ବାସ୍ତବତାର ଚିତ୍ର ଥିଲା । ହଁ, କେବଳ ଥରେ ତ ଜୀବନରେ, ଖାଲି ବାସନ୍ତି ପାଇଁ, ବାହାଘର ପୂର୍ବରୁ ନୋଥଟେ ପାଇଁ । ଆଉ ପୁଣି କେବେ ନୁହେଁ । ଦିନ ଆଲୁଅରେ ରାତି ଅନ୍ଧାର କଥା କେହି ଜାଣିବେନି । ନିଜ ହୃତପିଣ୍ଡରେ ହେଉଥିବା ହାତୁଡ଼ି ପାହାରକୁ କାନ ନଦେଇ ବାବୁଙ୍କ ଘର ଭିତରକୁ ରମେଶ, ମଙ୍ଗୁ ଓ ରଘୁ ସହ ମାଡ଼ିଗଲି । ଏଇ ତ ସେଦିନ ଦିଦିଙ୍କୁ ତାଙ୍କ ବାହାଘରର ହାର କିଣିବା ପାଇଁ ଦୟାଲ୍ ଗହଣା ଦୋକାନକୁ ଗାଡ଼ିରେ ନେଇ ଯାଇଥିଲି । ହାରଟା ଦିଦିଙ୍କୁ ଖୁବ୍ ମାନୁଥିଲା । ଦିଦିଙ୍କ କପ୍ ବୋର୍ଡ ଖୋଲି ତବାରୁ ହାରଟା ଉଠାଇ ମୁଠାଇ ଧରିଲି । ଆଖି ମୋର ଝଲସିଗଲା । ଏଥିରେ ବାସନ୍ତିର ନୋଥ କ'ଣ, ହାର ଓ ଚୁଡ଼ି ମଧ୍ୟ ଗଢ଼ାଇଦେବା । ମା'କୁ ଏଥର ପର ଘରେ କାମ କରିବା ପାଇଁ ମନା କରିବି । ହେଲେ ଏତିକି ପଇସା କ'ଣ ମୋ ଜୀବନକୁ ଏମିତି ରାତିକରେ ବଦଳାଇ ସୁନ୍ଦର କରିଦେବ ? ଏହାପରେ କ'ଣ ମୋର ଜୀବନସାରା ଆଉ କିଛି ଅଭାବ ରହିବନି ? ନା, ଏଇଟା ତ ଏକ ଶୋଷ । ଆଉ ଏଇ ଶୋଷ କ'ଣ କେବେ ଥରକେ ମେଣ୍ଟିଛି ? ତେବେ କ'ଣ ପୁଣି ଥରେ... ପୁଣି ଆଉ ଥରେ... ପ୍ରତ୍ୟେକ ଥର ଶେଷଥର ପାଇଁ କହି ଏପରି କରିଚାଲିଥିବି ? ହେଲେ ବାସନ୍ତିର ଖଣ୍ଡାଧାରୁଆ ନାକ... ? ହଠାତ୍ ମା'ର ରୁକ୍ଷ ହାତମୁଠା ମୋ କଚେଟିକୁ ମୁଠାଇ ଧରିବାର ଅନୁଭବ କଲି । ତଣ୍ଟି ଶୁଖି ଅଠାଅଠା ହୋଇଗଲା । ଜିଭଟା ଟାଣିହୋଇଯାଉଥିଲା କାହିଁ କେଉଁ ଭିତରକୁ । ମୋ ଶତଚେଷ୍ଟା ସତ୍ତ୍ୱେ ପାଟି ମୋର ଫିଟୁ ନଥିଲା । ମା' ସେମିତି କହିଚାଲିଥାଏ "ଆରେ ଏଠି ତୁ ଏ ସମୟରେ କ'ଣ କରୁଛୁ ? ଚାଲ୍ ଘରକୁ ଚାଲ୍...'' ମା' ହାତମୁଠାରୁ ନିଜକୁ ମୁକୁଳେଇବାର ଅସଫଳ ଚେଷ୍ଟା କରୁଥାଏ । "ଏଇ ଥରକ ମା' । ଏଇ ଥରକ । ରାତି ଅନ୍ଧାର କଥା କେହି ଜାଣିବେନି...'' ମୁଁ କହିବାକୁ ଚାହୁଁଥିବା କଥାଗୁଡ଼ିକ କେବେଳ ଗଁ ଗଁ ଶବ୍ଦ ସୃଷ୍ଟି କରିପାରୁଥିଲା । ହଠାତ୍ ଚାରିଆଡ଼େ ଫର୍ଚ୍ଚା ଦିଶିଲା । ଆଉ ମୁଁ ନିଜକୁ କେନାଲ୍ ହୁଡ଼ାର ସେଇ ପଥର ଉପରେ ଆବିଷ୍କାର କଲି । ସେଇ ପଥର ଉପରେ ବସିବସି ମୁଁ କେମିତି ଶୋଇପଡ଼ିଥିଲି । ମା' ମୋତେ ହାତ ଧରି ଉଠାଉଥିଲା । ବର୍ଷାରେ ଧୋଇହୋଇ ଅଧିକା ସବୁଜିଆ ଦିଶୁଥିବା ଘାଷ ଉପରେ କେତେବେଳେ ମୋ ଅଜାଣତରେ ବନିଶୀ କଣ୍ଟାଟା ହାତରୁ ଖସିପଡ଼ିଥିଲା । ତାକୁ ତଳୁ ଉଠାଇବାବେଳେ ସିନ୍ଦୁର ରଙ୍ଗର ସାଧବବୋହୂ ଉପରେ ଆଖି ପଡ଼ିଗଲା । ତା' ଦେହରେ ପଡ଼ିଥିବା ବର୍ଷାପାଣିଟୋପା ଉପରେ ସୂର୍ଯ୍ୟକିରଣ ପଡ଼ି ମୋତି ପରି ଚିକ୍‌ଚିକ୍ କରୁଥିଲା । ସେ ସାଧବବୋହୂ କିଛି ଗହଣା ପିନ୍ଧି ନଥିଲା; କିନ୍ତୁ ଅନନ୍ୟ ଦିଶୁଥିଲା । ମା' ମୋ ହାତକୁ ସେମିତି ମୁଠେଇ ଧରି ଆଗେଆଗେ ଚାଲିଥାଏ । "ଏଇଠି ଶୋଇ ତୋର ଭଲ ମାଛ ଧରା ହେଲା । ମୁଁ ମାଛ ଆଣି ତେଣେ ରାନ୍ଧିସାରିଲିଣି । ଚାଲେ ଗଣ୍ଡେ ଖାଇଦେବୁ । ବେଳ ଉଛୁର ହେଲାଣି ।" ମୁଁ ତା' ହାତରେ ବନ୍ଧାପଡ଼ି ସେମିତି ତା' ପଛେପଛେ ଚାଲିଥାଏ । ମୋ ନିଦୁଆ ଆଖିରେ ବାସନ୍ତିର ନିର୍ମଳ ହସହସ ମୁହଁ ନାଚିଯାଉଥିଲା । ତା'ର ମୋତି ପରି ଦାନ୍ତସବୁ ଚିକ୍‌ଚିକ୍ କରୁଥିଲା । ସେଇ ହସରେ ପ୍ରଜ୍ୱଳିତ ତା' ମୁହଁରେ ଆଉ କିଛି ଗହଣାର ଆବଶ୍ୟକତା ନଥିଲା । ମୋ ହୃଦୟର ପ୍ରେମ ସେଇ ମନକିଣା, ହୃଦୟଜିଣା ହସରେ ପ୍ରତିଫଳିତ ହେଉଥିଲା ।

୧୦୫-ଏ.କେଶରୀ ଏନକ୍ଲେଭ୍, ୟୁନିଟ୍-୮

●●

# କେଉଁଠି ମିଳିବ ନିରୋଳା ପ୍ରେମ ? ଦିଅ... ଦିଅ.... !

**ଏ. ଆର୍. ଦୀପଙ୍କର ଦାସ**

ନାରୀ 'ମଣିଷ' ନୁହେଁ । ନାରୀ 'ଶରୀର' । ପୁଳାଏ ମାଂସ । ନାରୀ ହେଉଛି 'ସ୍ତନ' । 'ନିତମ୍ବ' । ନାରୀ ହେଉଛି 'ଜରାୟୁ' । 'ଯୌନାଙ୍ଗ' । ସେଇଥିପାଇଁ ତ ନାରୀମାନେ ପୁରୁଷର ମେଦବହୁଳ ଆବେଗକୁ ସମ୍ମାନ ଦେବାକୁ ଯାଇ ନିଜର ସ୍ତନକୁ ମେଦବହୁଳ କରନ୍ତି । ଛାତିରେ ସିଲିକନ୍ ଲଗାଇ ନିଜ ସ୍ୱାସ୍ଥ୍ୟର କ୍ଷତି କରନ୍ତି ।

କାରଣ ପ୍ରଥମ ଲିଙ୍ଗରେ ଦ୍ୱିତୀୟ ଲିଙ୍ଗର ପ୍ରେମ ହୁଏନା । ଉଚ୍ଚ-ନୀଚ, ପ୍ରଭୁ-ଦାସୀଙ୍କ ମଧ୍ୟରେ ପ୍ରେମ ହୁଏନା । ଦୁହିଙ୍କ ମଧ୍ୟରେ ଯଦିବା କିଛି ହୁଏ, ତାହା ପ୍ରେମ ନୁହେଁ- ଏକପ୍ରକାର ଅଲିଖିତ ଚୁକ୍ତି । ମୁଁ ତୁମକୁ ଭାତ-ଲୁଗା ଦେବି । ଶାଢୀ-ଗହଣା ଦେବି । ନିରାପତ୍ତା ଦେବି । ତୁମେ ମୋତେ ସତୀତ୍ୱ ଦେବ । ମୋ ନାମକୁ ସ୍ୱୀକାର କରିବ । ଶଙ୍ଖା-ସିନ୍ଦୂର ପିନ୍ଧି ମୋର ସମ୍ପତ୍ତି ହେବ । ବଶମ୍ବଦ ଭୃତ୍ୟା ହେବ । ଯେହେତୁ ନାରୀ ଏଠି ପଣ୍ୟ, ତେଣୁ ପଣ୍ୟ ସହ ବ୍ୟବସାୟ ହୁଏ; ପ୍ରେମ ହୁଏନା । ସେହେତୁ ପୁରୁଷର ପ୍ରତାରଣା ନାରୀ ଠିକ୍‌ଭାବେ ବୁଝିପାରେନା, ତେଣୁ ନିଜକୁ ସୁଖୀ ମନେକରେ ।

-'ତମେ ପୁରୁଷଗୁଡ଼ା ସ୍ୱାର୍ଥପର, କାମୁକ । ଆମେ ଶରୀର ସଜେଇ ହେଇ ବସିବୁ । ତମେମାନେ ଆସିବ, ବାଛିବ, କିଣିବ ଓ ଖାଇବ । କାରଣ ତମ ଭଳି ସବୁ ପୁରୁଷଙ୍କ ପାଖରେ ସବୁ ନାରୀ ଭୋଗ୍ୟ ବସ୍ତୁ, ବେଶ୍ୟା, ଦାସୀ । ସେଇଥିପାଇଁ ତ ନାରୀକୁ କେମିତି ଉପଭୋଗ କରାଯାଇ ପାରିବ, କଳ୍ପନା କରାଯାଇଛି ଚଉଷଠୀ ଆସନ ।'

ମୁଁ ଲଥ୍‌କରି ବସିପଡ଼ିଲି ସୋଫାସେଟ୍ ଉପରେ । କ'ଣ କହୁଛି ଜାହାନ୍ନାରା !

ଜାହାନ୍ନାରା କିନ୍ତୁ ଯେମିତି ପ୍ରଗଲ୍‌ଭା ହୋଇଯାଇଥିଲା । ଚିତ୍କାର କରୁଥିଲା ସେ : 'ପାଖାପାଖି ଶୋଇଥିବେ ଦି'ଜଣ ! କାହା ସହ କାହାର ସମ୍ପର୍କ ନଥିବ, କାହା ମନ କେଉଁଠି ଥିବ ! କ'ଣ ଲାଭ ଏମିତି ପ୍ରଥାଗତ ଦାମ୍ପତ୍ୟ ଜୀବନରେ ? ରାତିରାତି ସ୍ୱାମୀ ପାଖରେ ନିଜକୁ ସମର୍ପିଦେବା, ସ୍ୱାମୀ ସନ୍ତାନର ମା' ହେବା ଆଉ ପାନରୁ ଚୂନ ଖସିଗଲେ ଛାଡ଼ପତ୍ର ପାଇବା; ଯେମିତି ପାଇଲି ସିରାଜୁଲ ପାଖରୁ... ଖୁବ୍ ଅଶାନ୍ତମୟ, ଜଞ୍ଜାଳମୟ । ତା'ଠୁ ବରଂ ଭଲ, ଝିଅଟିଏ ହୋଇ ଝିଅଟିଏକୁ ଭଲପାଇବା, ଆପଣେଇ ନେବା, ବିବାହ କରିବା, ସାରାଜୀବନ ପାଖେପାଖେ ରହିବା !'

ସମସ୍ତେ କହିବେ : ଷ୍ଟୁପିଡ୍ ଲେସ୍‌ବିଆନ୍ ! ସମକାମୀ । ପ୍ରକୃତି ବିରୁଦ୍ଧ । ଅସ୍ୱାଭାବିକ । ଅନ୍‌ନ୍ୟାଚୁରାଲ୍ ଅଫେନ୍ସ ! ଯୌନବିକୃତି ! ହୁଃ, ହୁ କେୟାର୍‌ସ୍... କ'ଣ ହେଲା ସେଇଠୁ ? ଆଜି ପୁଣ୍ୟତୋୟା ଗଙ୍ଗା ଯେଉଁ ଭାରତରେ ପ୍ରବାହିତ ହେଉଛି, ତାହାକୁ ମର୍ତ୍ତ୍ୟକୁ ଯେଉଁ ଭଗୀରଥ ଆଣିଥିଲେ, ସେ ବି ଜନ୍ମ ହୋଇଥିଲେ ଲେସ୍‌ବିୟାନିଜମ୍‌ରୁ । ସମକାମିତାରୁ । ସ୍ୱୀକୃତି ଦେଇଥିଲେ ମହାଦେବ । ଋଗ୍‌ବେଦରେ ରହିଛି ଅଗ୍ନି ଏବଂ ସୋମର ମିଳନକଥା । ତମ ଇତିହାସରେ ଥିବା ଲିଓନାର୍ଡୋ, ମାଇକେଲ୍ ଏଞ୍ଜେଲ୍, ସକ୍ରେଟିସ୍, ଆଲେକ୍‌ଜାଣ୍ଡର, ସୁକିନ୍ଦର ଶାହା, ଅସ୍କାର ୱାଇଲଡ୍, ଫିରୋଜ ଶାହା, ମାମୁଦ ଭଳି ଚିଫ୍ ବ୍ରାକେଟର ସେଲିବ୍ରିଟିମାନେ ବି ସମକାମୀ ଥିଲେ । ବାତ୍ସାୟନଙ୍କ 'କାମସୂତ୍ର', ଦୀପା ମେହେଟ୍ଟାଙ୍କ 'ଫାୟାର'ରେ ଏଇ ସମକାମିତା । ମୁଁ ତ ସମକାମୀ ହେବି । ବାହା ହେବି ଅଲିଭାକୁ । ତା' ସହ ସେୟାର କରିବି ମୋ ଯୌନଜୀବନକୁ ସିନା, ହେଲେ ତମ ଭଳି ଜଣେ କାପୁରୁଷ, ଭୀରୁ ପାଖରେ ମୋ ସାରାଜୀବନ ବନ୍ଧା ପକେଇ ପାରିବିନି । ୟୁ ଚିଟର୍... ହିପୋକ୍ରାଟ୍... । ମୋ ଚିଠି, ଫଟୋ ସବୁ ମୋତେ ୱାପସ୍ କରିଦିଅ । କୁଇକ୍... ।

ଆଶ୍ଚର୍ଯ୍ୟ ଲାଗଲା, କିଛିଦିନ ତଳେ ଜାହାନ୍ନାରା ପାଇଁ ମୁଁ 'ପୃଥିବୀର ଶ୍ରେଷ୍ଠ ପୁରୁଷ' ଥିବା ବେଳେ ହଠାତ୍ କେମିତି କାପୁରୁଷ ହୋଇଗଲି ? ମୋଷ୍ଟ ରୋମାଣ୍ଟିକ୍ ଥିବାବେଳେ ହଠାତ୍ କେମିତି ଭୀରୁ ହୋଇଗଲି ? ? ସେମିତି ତ କିଛି କହିନି ଜାହାନ୍ନାରାକୁ ! କେବଳ ଏତିକି କହିଥିଲି :

-'ତମ ଛାତି କ'ଣ ଦୁର୍ବଳ ? ପ୍ୟାଡେଡ୍ ବ୍ରା ପିନ୍ଧୁଛ ଯେ !'

-'କେମିତି ଜାଣିଲ !'

-'ଆଜି ବାଥ୍‌ରୁମ୍‌ରେ ଡ୍ରେସ ଚେଞ୍ଜ୍ କଲାବେଳେ ଦେଖିଦେଇଥିଲି ।' ସହଜ ଭାବରେ ଉତ୍ତର ଦେଲି ମୁଁ ।

-'ଛାତି ଦୁର୍ବଳ ହେଲେ କ'ଣ ହେଲା, ମନ ତ ସବଳ । ବଡ଼ । ତମେ ତ ଭଲପାଇଛ ମୋତେ, ମୋ ମନକୁ । ମୋ ଶରୀରକୁ ତ ନୁହଁ... ।'

-'ହଁ ଜାହାନ୍ନାରା, ମୁଁ ତମ ଶରୀରକୁ ଭଲପାଉଛି । ତାହା ଯଦି ନହୁଅନ୍ତା, ତା'ହେଲେ କୌଣସି ପୁରୁଷ ବିବାହ ପରେ, 'ମୁଁ ଯୌନମିଳନରେ ଅକ୍ଷମ' ବୋଲି ଯଦି କହେ, ତା' ବିରୁଦ୍ଧରେ ନାରୀଟେ କାହିଁକି ବିବାହ-ବିରୁଦ୍ଧ ମୋକଦ୍ଦମା କରନ୍ତା । ଯୌନତା ଉପରେ ଆଧାରିତ ଏକ ସାମାଜିକ ଚୁକ୍ତି ହେଉଛି ବିବାହ । ମଣିଷ ତା' ଉପରେ ପ୍ରେମ, ସହମର୍ମିତା ବା ଅନ୍ୟ ଫ୍ଲେଭର୍‌ର ଟଫି ଦେଇଛି ଭଲ, କିନ୍ତୁ ବିବାହର ମୂଳ କଥା ଯୌନତା । ବିବାହରେ ଦେହ ଯଦି ଫାକ୍ଟର ନ ହୁଅନ୍ତା, ତା'ହେଲେ ନାରୀ-ପୁରୁଷଙ୍କ ମଧ୍ୟରେ ବିବାହ ହୁଅନ୍ତା କାହିଁକି ? ତେବେ ତମର ଯଦି ଅଭାବ ଅଛି ବୋଲି ଅନୁଭବ କରୁଥାଅ, ତା'ହେଲେ ଏଇ ଅପ୍‌ଟିକାଲ୍ ଇଲ୍ୟୁଜନ୍‌ରେ ... ।'

ଆଉ କିଛି ଶୁଣିବା ଅବସ୍ଥାରେ ନଥିଲା ଜାହାନ୍ନାରା । ରାଗରେ ପାଚି ଲାଲ ହୋଇଯାଇଥିଲା । ମୁଁ ଯେ ତା' ସହ ଏକଦମ୍ ଥଟ୍ଟା କରୁଛି, ସେକଥା ବୁଝିବା ପାଇଁ ବି ତା'ର ଧୈର୍ଯ୍ୟ ନ ଥିଲା । ଭ୍ୟାନିଟି ବ୍ୟାଗ୍‌କୁ କାନ୍ଧରେ ରଖୁରଖୁ, କେବଳ ସେଦିନ ଏତିକି କହିଥିଲା ସେ : 'ଜାହାନ୍ନାରା ନୁହଁ, ତମର ଯୌନତା ଦରକାର । ମନ ନୁହଁ, ତମର ଦେହ ଦରକାର । ପ୍ରେମ ନୁହଁ, ତୁମର ବକ୍ଷ ଦରକାର । ଏୟା ନା ...? ଠିକ୍ ଅଛି । ଗୁଡ୍‌ବାଏ... ।'

ଅଣଚାଶ ଗତିରେ ସେଦିନ ଜାହାନ୍ନାରା ବାହାରିଯାଇଥିଲା ମୋ ବସାରୁ । ତା'ପରଠୁ ଅନେକ ତାକୁ ଖୋଜିଛି ମୁଁ । ଦିଲ୍ଲୀସାରା ହନ୍ତାଳିଦେଇଛି । କୁତବ୍‌ମିନାର, ଇଣ୍ଡିଆ ଗେଟ୍‌, ଲାଲ୍‌କିଲ୍ଲା, ଲୋଟସ୍ ଟେମ୍ପଲ୍, କାଲକାଜି, ବୁଦ୍ଧ ଗାର୍ଡେନ୍, ଚିତ୍ତରଂଜନ ପାର୍କ; ଯେଉଁଠି ଯେଉଁଠି ଆମେ ବୁଲୁଥିଲୁ- ସବୁଠି ଖୋଜିଛି । ପାଇନି । ଓଖ୍‌ଲାରେ ଯେଉଁ ଅଫିସ୍‌ରେ ସେ ରିସେପ୍‌ସନିଷ୍ଟ ଥିଲା, ସେ ଅଫିସ୍‌କୁ ବାରଂବାର ଯାଇଛି, ଦେଖା ପାଇନି ।

ବାସ୍ତବରେ ଜାହାନ୍ନାରା କି ତା' ପରିବାର ସମ୍ପର୍କରେ ମୁଁ ବିଶେଷ କିଛି ଜାଣି ନଥିଲି । କେବଳ ଏତିକି ଜାଣିଥିଲି, ସେ ଆଲାହାବାଦର ଏକ ଅଭିଜାତ ଘରାନାର ମୁସ୍‌ଲିମ୍ ଝିଅ । ଚାକିରି ଅନ୍ୱେଷଣରେ ଓଡ଼ିଶାରୁ ଯାଇ ଦିଲ୍ଲୀରେ ପହଞ୍ଚିବା ପରେ, ଓଖଲାରେ ଥିବା ଯେଉଁ କମ୍ପାନୀରେ ମୁଁ ରହିଲି, ସେହି କମ୍ପାନୀରେ ତା' ସହ ସାକ୍ଷାତ, ଆଳାପ । ସେ ଆଳାପ ନିବିଡ଼ ହେଲା । ଘନିଷ୍ଠ ହେଲା । କିଛିଦିନ ପରେ ଆମେ ନୂହେଁ ଆବିଷ୍କାର କଲୁ ଯେ ଆମେ ପ୍ରେମରେ ପଡ଼ିଯାଇଛୁ । ବିବାହର ନିଷ୍ପତ୍ତି ବି ନେଇଥିଲୁ, ଯଦିଓ ସେ ଥିଲା ଜଣେ ସ୍ୱାମୀ ପରିତ୍ୟକ୍ତା ।

ପୁଣି ଗର୍ଜନ କଲା ଜାହାନ୍ନରା । ମୁଁ ପ୍ରକୃତିସ୍ଥ ହେଲି । ଟେବୁଲ୍ ଡ୍ରୟାର ଖୋଲି ସେ ଦେଇଥିବା ଚିଠି, ଫଟୋ ସବୁ ଫେରାଇଦେଲି । ଲାଲ୍ ଗୋଲାପରୁ ଝଡ଼ିପଡ଼ିଥିବା ପାଖୁଡ଼ା ବି ଦେବାକୁ ଭୁଲିଲି ନାହିଁ । ଥରୁଟିଏ ସେ ମୋତେ ଅନେଇଲା ଓ ଚାଲିଗଲା ଅଲିଭା ନାମ୍ନୀ ସେହି ଝିଅଟି ସହ; ଯେଉଁ ଝିଅ ଏବେ ତା'ର ସେକ୍ସ ପାର୍ଟନର, ଲାଇଫ୍ ପାର୍ଟନର୍ । ସବୁକିଛି ।

ପ୍ରତିଟି ନାରୀ-ପୁରୁଷ ଜନ୍ମଗତ ଭାବେ ବାଇସେକ୍‌ସୁଆଲ୍ ବା ଉଭୟଲିଙ୍ଗୀ । ଜନ୍ମଠାରୁ ମଣିଷ ସମକାମିତାର ସମ୍ଭାବନା ନେଇ ପୃଥିବୀକୁ ଆସେ । ସିଗ୍‌ମଣ୍ଡ ଫ୍ରଏଡ୍‌ଙ୍କ ଏଭଳି ତତ୍ତ୍ୱ ପରେ ବି ବୈଜ୍ଞାନିକ ଡିନ୍ ହାମାର୍ 'ଏକ୍ସ' କ୍ରୋମୋଜୋମ୍ ମଧ୍ୟରେ 'ଏକ୍ସ କ୍ୟୁ ୨୮' ନାମକ ଏକ ଜିନ୍ ଚିହ୍ନିତ କରିଛନ୍ତି; ଯାହା ପୁରୁଷର ଯୌନଚରିତ୍ର କ୍ଷେତ୍ରରେ ଖୁବ୍ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଛି । ଏହାକୁ କୁହାଯାଉଛି 'ଗେ ଜିନ୍' । ମାତ୍ର ଲେସ୍‌ବିଆନ୍ ବା ସମକାମୀ ନାରୀଙ୍କ କ୍ଷେତ୍ରରେ ଜିନ୍‌ଗତ କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ ।

ଅପରପକ୍ଷରେ, ପୁରୁଷମାନଙ୍କ ଦ୍ୱାରା ଯେଉଁ ନାରୀମାନେ ହିଂସାର ଶିକାର, ବିଶେଷକରି ଯୌନଗତ ହିଂସାର ଶିକାର ହେଉଛନ୍ତି, ସେମାନେ ପ୍ରତିକ୍ରିୟାଶୀଳ ହୋଇପଡୁଛନ୍ତି । ପୁରୁଷମାନଙ୍କ ପ୍ରତି ସେମାନଙ୍କର ଘୃଣା ବଢ଼ିଚାଲୁଛି ବୋଲି ସେମାନେ ଜଣେ ନାରୀକୁ ଜୀବନସାଥୀ ଭାବେ ବାଛିନେଉଛନ୍ତି ବୋଲି ସମାଜବିଜ୍ଞାନ କହେ । ଚିକିତ୍ସାବିଜ୍ଞାନ କହେ ଭିନ୍ନ କଥା : କେତେକ କ୍ଷେତ୍ରରେ ଝିଅଟେ ଜନ୍ମ ହେବା ପରଠାରୁ ତା' ଦେହରେ ପୁରୁଷର ଲକ୍ଷଣ ପ୍ରକାଶ ପାଏ । ତା' ଦେହରେ ପୁରୁଷ ହର୍ମୋନ୍ ଟେଷ୍ଟୋଷ୍ଟୋରନ୍ ମିଳେ, ଯେଉଁଥିପାଇଁ ତା' ଦେହ ପୁରୁଷ ଭଳି ବିକଶିତ ହୁଏ ଓ ପୁରୁଷ ଭଳି ଜଣେ ନାରୀକୁ ହିଁ ବିବାହ କରିବାକୁ ପସନ୍ଦ କରେ !

ତା'ହେଲେ ଅଲିଭା ଦେହରେ କ'ଣ ପୁରୁଷ ହର୍ମୋନ୍ ଟେଷ୍ଟୋଷ୍ଟୋରନ୍ ରହିଛି ? ସେ କ'ଣ ମନ ଓ ଆତ୍ମାରେ ଜଣେ ପୁରୁଷ; ଯିଏକି ତା'ଠାରୁ ତା' ଜାହାନ୍ନାରାକୁ ଛଡ଼େଇ ନେଇପାରିଲା ? କେଜାଣି !!

ସିଗାରେଟ୍‌ରେ ନିଆଁ ଧରାଇ ଅନ୍ୟମନସ୍କ ଭାବେ ଟି'ପୟକୁ ଅନେଇଲି । ଟୁକୁରା କାଗଜ ଖଣ୍ଡେ ଟେ । ବୋଧେ ଜାହାନ୍ନାରା ଛାଡ଼ିଦେଇ ଯାଇଛି । ଉଠେଇ ଆଣିଲି । ତା' ଦେହରେ ଲେଖାଥିଲା :

ଆମେ ସମକାମୀ, ଆମ ସଂଗଠନ :

ସ୍ନେହପୂର୍ବା- କେରଳ ସାକ୍ଷୀ- ନୂଆଦିଲ୍ଲୀ

ସାଫୋ- କଲିକତା ସଙ୍ଗିନୀ- ଦିଲ୍ଲୀ

ସଙ୍ଗିନୀର ହେଲ୍ପ ଲାଇନ୍ : ୦୦୯୧-୧୧-୬୮୫୧୯୭୦

ଇ.ମେଲ୍ : sangini97@hotmail.com

ପୋଡାଡ଼ିହା, ରୁପ୍‌ସା ଜଂ-୨୮, ବାଲେଶ୍ୱର

●●



# ଆପଣାର ମୁହୂର୍ତ୍ତ

**ଡକ୍ଟର ସୁରେଶ ଛୋଟରାୟ**

ଝର୍କା ଖୋଲିଲେ ଦେଖାଯାଏ ଦୂରପାହାଡ଼, ନୀଳ ସବୁଜିମା, ମାଇଲ ମାଇଲ ଧାନକ୍ଷେତ, ଶୁଖିଲା ନଈର ପିଠି, ଗୋରୁପଲ, ଗହୀରମଝି ବିଲରେ ହଳହଳ ବଳଦ, ଧାଡ଼ିଧାଡ଼ି ନୁଆଁଣିଆ ଛଣ ଛପର ଘର, ହେଭି ଇଲେକ୍ଟ୍ରି ଲାଇନ୍ ତାର ଉପରେ ଧାଡ଼ିଏ କାନ୍ତର କୁନି କୁନି ଚଢ଼େଇ... ଏମିତି କେତେ କ'ଣ । ଆଉ ଏତେ ଦୂରରୁ ମଣିଷ ସବୁ କଣ୍ଢେଇ ପରି ଲାଗନ୍ତି । ଦଶମହଲା ଆପାର୍ଟମେଣ୍ଟ ଉପରୁ ବନ୍ଦନା ଆସିବା ଦିନରୁ ହିଁ ଏ ଦୃଶ୍ୟ ଦେଖିଆସୁଛି । ନିଃସଙ୍ଗତା ଓ ସବୁ କ୍ଳାନ୍ତି ନିମିଷକେ ଏଇ ଦୃଶ୍ୟରେ ଅଦୃଶ୍ୟ ହୋଇଯାଏ ଓ ତାକୁ ସେହି ସମୟତକ କୁଆଁରୀ କୁଆଁରୀ ଲାଗେ । ମନେହୁଏ ତଳକୁ ପାହାଚରୁ ପାହାଚ ଡେଇଁ ପ୍ରଜାପତି ଧରିନିଅନ୍ତା । ବଗିଚାରୁ ସବୁ ଫୁଲ ଛିଣ୍ଡେଇପକାନ୍ତା କିମ୍ବା ଧାଇଁବୁଲନ୍ତା ବଗିଚାସାରା । ଲୁଡୁ, ବୋହୂଚୋରିଠୁ ମୋବାଇଲ୍ ଗେମ୍‌ରେ ହଜିଯାଆନ୍ତା । ବନ୍ଦନା ସବୁଦିନ ଏମିତି ଏକ ଭାବନାରେ ବୁଡ଼ିଯିବା ବେଳକୁ ସାମ୍ନା ଘରର ଝର୍କା ଖୋଲିବାର ଏକ ନିର୍ଦ୍ଦିଷ୍ଟ ଶବ୍ଦରେ ତା'ର ସ୍ୱପ୍ନ ଭାଙ୍ଗିଯାଏ ଓ ସେ ପ୍ରକୃତିସ୍ଥ ହୋଇଯାଏ । ନିଜକୁ ଦେଖେ । ମଥାରେ ସିନ୍ଦୂର, ହାତରେ ଶଙ୍ଖା ଦେଖିବା ପରେ ତାକୁ ସେସବୁ ଓଜନିଆ ଓଜନିଆ ଲାଗେ । ଦଲକାଏ ହେମାଳିଆ ପବନ ତାକୁ ଛୁଇଁଦେବା ପରେ ସେ ପୁଣି ଆଖି ପାଇବା ଯାଏଁ ଦୂରକୁ ଚାହିଁଲା । ଦଳଦଳ ପକ୍ଷୀଙ୍କ ଘରବାହୁଡ଼ାର କିଚିରିମିଚି ଶବ୍ଦ ଶୁଣି ସେ ଦୀର୍ଘଶ୍ୱାସ ପକାଏ ଓ ନଥ୍ କିନା ଝର୍କା ଆଡ଼କୁ ମୁହଁ କରି ସୋଫା ଉପରେ ରିଲାକ୍ସ ମୁଡ୍‌ରେ ବସିଯାଏ । ଠିକ୍ ସେଇ ବେଳକୁ ପଡ଼ୋଶୀ ଘରର ଝର୍କା ପାଖକୁ କେହି ଟୁଲ୍‌ଟେ ଟାଣି ବସିବାର ଶବ୍ଦ ବନ୍ଦନା ଶୁଣେ । ଅନୁମାନ କରିନିଏ ଯେ, କେହିଜଣେ ତା'ରି ପରି ଦୀର୍ଘନିଃଶ୍ୱାସଟିଏ ପକେଇ ବସିପଡ଼ିଲା ବୋଧେ ।

ସବୁଦିନ ଏଇ ଶବ୍ଦ ସହିତ ପରିଚିତ ହୋଇଗଲାଣି ବନ୍ଦନା । ନିଜେ ଝର୍କା ଖୋଲିବା ବେଳେ ସେପଟେ ଆଉ ଗୋଟିଏ ଝର୍କା ଠିକ୍ ଏଇ ସମୟରେ ଖୋଲେ । ପୁଣି ସେ ବନ୍ଦ କରିବା ବେଳକୁ ସେପାଖ ଝରକାଟି ବନ୍ଦ ହୋଇଯାଏ । ପ୍ରଥମେ ପ୍ରଥମେ ସେ ବୁଝିପାରୁ ନଥିଲା, କ'ଣ ପାଇଁ କିଏ ଏମିତି କରୁଛି ? କିମ୍ବା ସେ ନୂଆ ହୋଇ ଆସିଛି ବୋଲି ତାକୁ କିଏ ପିଛା କରୁଛି, ନତୁବା ଚୋରି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛି । ଏକାଏକା ଘରଟା ଭିତରେ ସେ ଭୟ କରିବା ସ୍ୱାଭାବିକ । କାରଣ ଫ୍ଲାଟ୍ ଘରର ଅଢ଼େଇ ଫୁଟ ମାତ୍ର ବ୍ୟବଧାନ, ସେପଟ ଘରେ କିଏ ସବୁ ରୁହନ୍ତି, କେତେବେଳେ ଆସନ୍ତି, କ'ଣ କାମ କରନ୍ତି, ଏସବୁ ଜାଣିବା ମୁସ୍କିଲ୍ । ଏତେ କମ୍ ବ୍ୟବଧାନରେ ରହି ବି କାହା ସହିତ କାହାର ସଂପର୍କ ନଥାଏ । ବନ୍ଦନାକୁ ଏ ନୂଆ ଶୈଳୀର ଜୀବନଟା ଲାଗୁଥିଲା ସେ ଯେମିତି ଏକ ନୂଆ ପୃଥିବୀରେ ଅଛି । ବନ୍ଦୀଟିଏ ପରି ଜୀବନ ବିତୁଛି । ଯେଉଁଠି ମଣିଷର ସଂପର୍କ ମଣିଷ ନୁହେଁ । ଆଉ କିଛି । ସାରା ଦିନ ଘରଟା ଭିତରେ ସେ ଅଣନିଃଶ୍ୱାସୀ ହୋଇଯାଏ । ଇଏ କିଭଳି ଜୀବନ ବୋଲି ସେ ବେଳେବେଳେ କାନ୍ଦିପକାଏ । ପୁନଃ କୋଠରିର ନିଃସଙ୍ଗତା ଭିତରେ ବୁଡ଼ିଯାଏ ।

ଏଠି ଏବେ ବିତିଯାଇଥିବା ଦିନମାନଙ୍କ କଥା ମନେପଡ଼ିଲେ ହସ ଲାଗେ ବନ୍ଦନାକୁ । ଯେଉଁଦିନ ଶାନ୍ତନୁଙ୍କୁ ଲିଫ୍ଟରେ ସେ ପ୍ରଥେମ ଦେଖିଥିଲା । ଶାନ୍ତନୁ ଲିଫ୍ଟର ବଟମ ଚିପି ଉପରକୁ ଉଠିଯିବା ବେଳକୁ ଅତି ସନ୍ତର୍ପଣରେ ସେ ପଶିଗଲା ଓ ଦେଖିଲା, ବେଶ୍ ଶାନ୍ତ, ସରଳ, ଗମ୍ଭୀର ବ୍ୟକ୍ତି ଜଣେ ଠିଆ ହୋଇଛନ୍ତି । ଲିଫ୍ଟରେ ଆଉ କେହି ନଥିବାରୁ ତାକୁ କାହିଁକି ଡରଡର ଲାଗିଲା । ବନ୍ଦନା ଭିତରୁ ଚାଲିଗଲା ସିନା, ହେଲେ କେମିତି ପାଞ୍ଚ ନମ୍ବର ଫ୍ଲାଟ୍‌ରେ ଓହ୍ଲେଇବାକୁ ପଡ଼ିବ, କେଉଁ ମଫସଲ କଲେଜରେ ପ୍ଲସ୍ ଥ୍ରୀ ଯାଏ ପଢ଼ିଥିବା ବନ୍ଦନାକୁ ମାଲୁମ୍ ନଥିଲା ଲିଫ୍ଟର ସୂତ୍ର । ଏଇ ପ୍ରଥମଥର ସେ ଲିଫ୍ଟରେ ଯାଉଛି । ଲିଫ୍ଟର ସେଇ ଛୋଟ କୋଠରି ଭିତରେ ଠେଲି କେହି କାହାକୁ କହୁ ନଥିଲେ ହେଁ ଶାନ୍ତନୁ ବୋଧହୁଏ ଅନୁମାନ କରିନେଇଥିଲେ ତା'ର ଅସହାୟତାକୁ । ଏମିତି ଏକ ନିଛାଟିଆ ରୁଦ୍ଧ କାଠରି ଭିତରେ ଏକାଏକା ଖୁବ୍ ଭୟ ଲାଗୁଥିଲେ ହେଁ ନିରବ ହୋଇ ଠିଆ ହେବା ବ୍ୟତୀତ ଅନ୍ୟ ଉପାୟ କିଛି ନଥିଲା । ହଠାତ୍ ଭଦ୍ରବ୍ୟକ୍ତି କହିଲେ- "ଆପଣ ପାଞ୍ଚରେ ଓହ୍ଲେଇବେ ବୋଧେ ?" ବନ୍ଦନା ହଁ କି ନା କିଛି କହିଲାନି । ଏଥର ଶାନ୍ତନୁ କହିଲା- "ଏଇ ତ ପାଞ୍ଚ ହୋଇଗଲା । ଆସନ୍ତୁ ।" ବନ୍ଦନା ଆଶ୍ୱସ୍ତ ହେଲା, ଯେମିତି ଏକ ଆଶୁ ବିପଦରୁ ତାକୁ ରକ୍ଷା ମିଳିଗଲା । କିଛି ନକହି ପିଞ୍ଜରା ଭିତରୁ ସର୍କସ୍‌ର ବାଘ ବାହାରିଆସିବା ପରି ଚଞ୍ଚଳ ବାହାରିଆସିଲା ଏବଂ ଦେଖିଲା ନିଜ ଫ୍ଲାଟ୍‌ରେ ନିରାପଦରେ ପହଞ୍ଚିଯାଇଛି । ପଛେପଛେ ଶାନ୍ତନୁ, ଯେହେତୁ ସାମ୍ନାସାମ୍ନୀ ଫ୍ଲାଟ୍ । ବନ୍ଦନା ତାଲା ଖୋଲିବା ବେଳେ କଣେଇ ଚାହିଁଲା ପଛକୁ, ଦେଖିଲା ଶାନ୍ତନୁ ପିଠିକରି ତାଲା ଖୋଲୁଛନ୍ତି । ଏ ଭଦ୍ରଲୋକ ତା'ହେଲେ ତା'ର ପଡ଼ୋଶୀ, ଏଥର ତା'ର ସନ୍ଦେହ ରହିଲାନି । ବନ୍ଦନା କ'ଣ କହିବ କହିବ ହୋଇ କିଛି ନକହି ଭିତର ପଟୁ କବାଟ ବନ୍ଦ କରିଦେଲା । ମନକୁ ମନ ଭାରି ବ୍ୟସ୍ତ ହେଲା । ଅନ୍ତତଃପକ୍ଷେ ତାଙ୍କୁ ଧନ୍ୟବାଦ ଜଣାଇବା ଏକ ସାଧାରଣ ଭଦ୍ରାମି ସେ ଦେଖେଇପାରିଲାନି !

ବନ୍ଦନା ମନେମନେ ସ୍ଥିରକଲା, ପଡ଼ୋଶୀ ଯେହେତୁ, କୌଣସି ସମୟରେ ସେ ଏ କଥାଟି ଦୋହରାଇଦେବ । ଏବଂ ଉତ୍ତମ ପେଡ଼ୋଶୀଟି ପାଇ ତାକୁ ଖୁସି ଖୁସି ଲାଗିଲା ।

ସହରୀ ଜୀବନ ଏମିତି ଖାପଛଡ଼ା । ସବୁଦିନ ସମସ୍ତଙ୍କୁ ଦେଖିହୁଏନି । ବନ୍ଦନା ଶାନ୍ତନୁଙ୍କୁ ପୁନଃ ଦେଖିବାକୁ ପାଇଲାନି, ଯଦିଓ

କେତେଥର କବାଟ ଫିଟେଇ ଦେଖିବାକୁ ଚେଷ୍ଟା କରିଛି । ପଡ଼ୋଶୀଟି ସଂପର୍କରେ କିଛି ଜାଣିବାର ଆଗ୍ରହ ପ୍ରକାଶ କରି ବିଫଳ ହୋଇଛି ବାରଂବାର । ଏବଂ କୌଣସି ସୂତ୍ର ଖୋଜି ବି ପାଇନି । କିନ୍ତୁ ପ୍ରତ୍ୟହ ସେଇ ନିର୍ଦ୍ଦିଷ୍ଟ ସମୟରେ ବନ୍ଦନା ଝର୍କା ଖୋଲିବା ବେଳକୁ ଶାନ୍ତନୁଙ୍କ ଝର୍କା ଖୋଲିବାର ଶବ୍ଦକୁ କାନ ପାରିଥାଏ । ଏବଂ ଅଦୃଶ୍ୟ ଅନୁଭବ କରିନିଏ ଶାନ୍ତନୁଙ୍କ ଉପସ୍ଥିତିକୁ । ମନେମନେ ଏ କଥା ବି ସେ ଅନୁମାନ କରିନେଇଥିଲା – ଅନ୍ୟ ପୁରୁଷମାନଙ୍କ ପରି ସେ ନୁହନ୍ତି । ନିହାତି ଶାନ୍ତ, ଭଦ୍ର, ମାର୍ଜିତ ବ୍ୟକ୍ତିଟିଏ । ଆଉ ବା କ'ଣ ସେ ତାଙ୍କୁ ନେଇ ଭାବିପାରନ୍ତା !

ପ୍ରାୟତଃ ସବୁଦିନ ସକାଳୁ ଶାନ୍ତନୁଙ୍କ ଘରର ଝଣଝଣ ଶବ୍ଦରେ ବନ୍ଦନାର ନିଦ ଭାଙ୍ଗେ । ଏବଂ ମନେମନେ ଭାବେ, ଶାନ୍ତନୁଙ୍କ ପିଲାମାନଙ୍କର ଏ ଦୁଷ୍ଟାମି । ଆଜି ସକାଳୁ କିନ୍ତୁ ସେସବୁର ବ୍ୟତିକ୍ରମ ହୋଇଯାଇଛି । ବନ୍ଦନା ଉଠିଲା ବେଳକୁ ଶୋଇବା ଘରସାରା ବାନ୍ତିର ଉତ୍କଟ ଗନ୍ଧରେ ନାକ ଫାଟିଯାଉଛି । ଗତରାତିରେ ଏତେଗୁଡ଼ାଏ ପିଇଦେଇ ଆସିଥିଲ ଯେ, କ୍ୟାସିୟର୍ କ୍ୟାସ୍‌ତକ ବନ୍ଦନା ହାତକୁ ବଢ଼େଇଦେବା ପରେ ଡ୍ରାଇଭର ସହ ମିଶି ଶେଯରେ ଶୁଆଇବାକୁ ପଡ଼ିଥିଲା । ପୁଣି ରାତିରେ ଏମିତି କାଣ୍ଡ । ପ୍ରଥମେ ପ୍ରଥମେ ଏ ମଦୁଆ ଲୋକଙ୍କୁ ଦେଖିଲେ ବନ୍ଦନାକୁ ଭୀଷଣ ଡର ମାଡୁଥିଲା । ତା ଭାଗ୍ୟ ଏମିତି ଯେ, ଡର ଯେଉଁଠି ରାତି ହୋଇଛି ସେଇଠି । ଅତଏବ କ୍ରମେ ଏସବୁ ଦେହସୁଆ ହୋଇଗଲାଣି । ଏ ଘରକୁ ଆସିବା ପରଠୁ ଦେଖୁଛି । ଏଇ ଅଜବ ପୁରୁଷଟି ସବୁରାତି ଆକଣ୍ଠ ପାନ କରି ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରି ଶୋଇଯାଉଛି । କେବେ ବି ପଚାରି ନାହିଁ ବନ୍ଦନା ବୋଲି ତା'ର ସ୍ତ୍ରୀ ଏ ଘରେ ଅଛି ? ସବୁ ଭୋକ ମରିଯାଇଥିବା ଦେହରେ ଭୋକ ଆସିବ କେଉଁଠୁ ? ଘର ସମ୍ଭାଳିବା, ଘରର ଦାୟିତ୍ୱ ନେବା ଭଳି ଦାୟିତ୍ୱ ତା ଉପରେ ପକେଇ ସେ ବେଶ୍ ତାଙ୍କ ବ୍ୟବସାୟରେ ମସ୍‌ଗୁଲ୍ । ବାସ୍, ଏଇ ତ ଜୀବନ । ସପ୍ତାହେ ହେବ ଚାକରାଣୀ ଆସୁନି । ସେ ଆସିଲେ ଏ କାମକୁ ମନା କରିଦେବ । କାଲେ ଚାକରାଣୀ ଚାଲିଆସିବ ଓ ଘର ଭିତରେ ଏପରି ଏକ ଭୌତିକ କାଣ୍ଡ ଦେଖି ଗୁଡ଼ାଏ ନୀତିବାଣୀ କାହ୍ନୁବାଡ଼କୁ ଦେଖେଇ କହିବ, ଯାହା ବନ୍ଦନା ବାଧ୍ୟବାଧକତାରେ ଶୁଣିବ ! କିନ୍ତୁ କିଛି କହିପାରିବନି । ପଣତ କାନିଟା ମୁହଁରେ ଗୁଡ଼େଇ ବନ୍ଦନା ବାନ୍ତିତକ ସଫା କରି ଫିନାଇଲ୍ ପକେଇଲା । ଦୁଇଚାରିଟା ଅଗରବତି ଲଗେଇ ପଙ୍ଖା ଛାଡ଼ିଦେବା ବେଳକୁ ଦାଣ୍ଡ କବାଟ ଦୁମ୍‌ଦୁମ୍ ବାଡ଼େଇ କିଏ ଡାକୁଛି, ଯେମିତି ଟିକିଏ ଡେରି କଲେ କବାଟ ଭାଙ୍ଗିଦେବ ! ବନ୍ଦନା ବିରକ୍ତ ହୋଇ କବାଟ ଖୋଲୁଖୋଲୁ ଶାନ୍ତନୁ ଘର ଭିତରକୁ ସଡ଼କରି ଚାଲିଆସି କହିଲେ– "ମ୍ୟାଡାମ୍, ଆପଣଙ୍କ ଗ୍ୟାସ ଲିକ୍ ହୋଇଯାଇଛି ନିଶ୍ଚୟ । ବାହାରକୁ ଭୀଷଣ ଗନ୍ଧ, ଅଥଚ ଆପଣ ଜାଣିପାରୁ ନାହାନ୍ତି କେମିତି ?"

ବନ୍ଦନା ତରତରରେ ଲୁଗାଟା ସଜାଡ଼ି ଧାଇଁଗଲା ରୋଷେଇ ଘରକୁ । ପଛେପଛେ ଶାନ୍ତନୁ । ଆଗରୁ ବଡ଼ପାଟିରେ ହୁସିଆର କରିଦେଲେ– "ଡିଆସିଲି କିମ୍ବା ଲାଇଟର୍ ଲଗାନ୍ତୁନି ।" ଏବଂ ସେ ନିଜେ ମଧ୍ୟ ଗ୍ୟାସ୍‌କୁ ବନ୍ଦ କରିଦେଲେ । ଝର୍କାସବୁ ଖୋଲିଦେବା ପରେ ଗ୍ୟାସ୍ ଗନ୍ଧ ଯାଇ କେବଳ ଫିନାଇଲ୍‌ର ବାସ୍ନା ରହିଗଲା । ବନ୍ଦନା ଶାନ୍ତନୁଙ୍କ ଉପରେ ଅନ୍ୟ କୌଣସି ଖରାପ ଧାରଣା ଆଣିପାରିଲା ନାହିଁ । ବହୁଦିନ ପରେ ସେ କାହିଁକି ଜଣେ ନିଜର ନିଜର ଲୋକ ପରି ଲାଗିଲା । ଶାନ୍ତନୁଙ୍କୁ ବନ୍ଦନା କହିଲା– "ଏ ଗ୍ୟାସ୍‌ର ବ୍ୟବହାର ମୋତେ ଜଣା ନାହିଁ ବୋଲି ମୁଁ ହିଟର୍ ବ୍ୟବହାର କରେ । ତେବେ ଗ୍ୟାସ୍ କିଏ ଖୋଲିଲା ? ବୋଧହୁଏ ସକାଳୁ ସେ ଚା' ପିଇ ଯାଇଛନ୍ତି ଓ ଗ୍ୟାସ୍ ବନ୍ଦ କରିବାକୁ ଭୁଲିଯାଇଛନ୍ତି ।"

ଶାନ୍ତନୁ ଫେରିଆସିଲେ... ଅଥଚ ଏଥର ବି ବନ୍ଦନା କିଛି କହିପାରିଲାନି । ଏମିତିକି ବସିବାକୁ । ସାହାଯ୍ୟ କରିବାକୁ ଆସିଥିବା ଭଦ୍ରଲୋକଙ୍କୁ ଆଜି ବି ଧନ୍ୟବାଦ ଜଣାଇପାରିଲାନି । କ'ଣ ମନେକରୁଥିବେ ସେ ? ନିହାତି ଅଭଦ୍ରାମି ହେଲା । ଆସନ୍ନ ବିପଦରୁ ରକ୍ଷା କରିଥିବା ଶାନ୍ତନୁଙ୍କ ପ୍ରତି ମନରେ କୌଣସି ଦ୍ୱିଧା ନରଖି ବନ୍ଦନା ପଛେପଛେ ଶାନ୍ତନୁଙ୍କ କବାଟ ପେଲି ତାଙ୍କ ଘରକୁ ପଶିଗଲା ।

ବନ୍ଦନା ଦେଖିଲା – ଘରସାରା ନିସ୍ତବ୍ଧତା ଖେଳିଯାଇଥିଲା । ଘରର ସାଜସଜା ବେଶ୍ ଆଧୁନିକ ଓ ରୁଚିକର । ଗୋଟେ ଛୋଟ ପରିବାର ରହୁଥିବା ପରି ମନେହେଲା । ଶାନ୍ତନୁ ରୋଷେଇ ଘରେ କ'ଣ କରୁଥିଲେ ବୋଧେ । ପାଦଶବ୍ଦ ଶୁଣି ଚାଲିଆସିଲେ ଓ ବ୍ୟସ୍ତ ହୋଇ କହିଲେ– "ଆରେ ମ୍ୟାଡାମ୍ ଆପଣ ? ଆଉ କ'ଣ କିଛି ଅସୁବିଧା ହେଲା କି ?"

ବନ୍ଦନା କ'ଣ କହିବାକୁ ଆସି କିଛି ନକହି ଠିଆହୋଇ ରହିଲା । ମନେମନେ ଭାବିଲା– କହିଦେବ କି "ଆପଣଙ୍କୁ ଧନ୍ୟବାଦ ଦେବାକୁ ଆସିଛି" ବୋଲି ! ହେଲେ ତାକୁ କେମିତି ଅଡୁଆ ଅଡୁଆ ଲାଗିଲା । କିଛି କହିପାରିଲାନି । ସବୁ ଭୁଲିଗଲା । ଶାନ୍ତନୁ ବସିବାକୁ ଅନୁରୋଧ କରି କହିଲେ– "ଆପଣ ବସନ୍ତୁ । ମୁଁ ଚା' କରି ଆଣୁଛି ।" ବନ୍ଦନା କିଛି ବୁଝିପାରିଲାନି । ଘରେ କେହି ଥିବା ପରି ମନେହେଉ ନଥିଲା । ତେବେ ଶାନ୍ତନୁ କ'ଣ ଏକା ? ସଂସାର କରି ନାହାନ୍ତି ? ପୁରୁଷ ଲୋକଟିଏ ଚା' କରି ଆଣି ଅତିଥିସେବା କରିବ ସ୍ତ୍ରୀଲୋକଟି ଥାଉଥାଉ, ଏକଥା ତାକୁ ପସନ୍ଦ ହେଲାନି ଓ ରୋଷେଇ ଘରକୁ ଯାଇ କହିଲା– "ଆପଣ ଉଠନ୍ତୁ, ମୁଁ ଚା' କରିଦେଉଛି ।" ବନ୍ଦନା ରୋଷେଇ ଘର ଦେଖି ଅନୁମାନ କରିନେଲା ସ୍ତ୍ରୀଲୋକଟିଏ ଏ ଘରେ ରହୁଛି । ବନ୍ଦନା ଚା' କପ୍ ଶାନ୍ତନୁ ହାତକୁ ବଢ଼େଇଦେଇ କହିଲା– "ଆପଣଙ୍କ ମ୍ୟାଡାମ୍ କାହିଁ ଦେଖାଯାଉ ନାହାନ୍ତି ?"

– "ଅଫିସ୍ ଚାଲିଗଲେଣି । ମୁଁ ବେକାର, ଏଣୁ ଘରେ ବସିଛି ।"

ବନ୍ଦନାକୁ କଥାଟା ଭଲ ଲାଗିଲାନି । ତଥାପି ପିଲାମାନଙ୍କ କଥା ପଚାରିବାକୁ ଏପଟ ସେପଟ ଚାହିଁଲା । ବନ୍ଦନାର ହାବଭାବରୁ ଶାନ୍ତନୁ

ଠଉରେଇନେଲେ ଓ କହିଲେ- "ନା, ଆମେ କେବଳ ଦୁଇ । ଦଶ ବର୍ଷ ବିତିଗଲାଣି । କାରଣ ଅନିମା ପିଲା ଚାହାନ୍ତିନି ।" ବନ୍ଦନା ଏଥର ଉଠି ଠିଆ ହେଲା । ହୁଏତ ଶାନ୍ତନୁ ଅନ୍ୟ କିଛି ଭାବିପାରନ୍ତି ।

ଶାନ୍ତନୁଙ୍କ ଅମାୟିକ ବ୍ୟବହାର, ଭଦ୍ରତା ବନ୍ଦନା ହୃଦୟରେ କେଉଁଠି ଏମିତି ଗୋଟିଏ ଖଟକା ସୃଷ୍ଟି କରିଛି ଯେ, ତା ଜୀବନର ଖାଁ ଖାଁ ଶୂନ୍ୟତା ଭିତରେ ପୂର୍ଣ୍ଣତା ଭରିଯିବା ପରି ମନେହେଲା । କେବଳ ଟିକେ ପଡ଼ୋଶୀର ପରିଚୟ, କେଇପଦ କଥାରେ ଶାନ୍ତନୁ ଯେମିତି ତା'ର ସମଗ୍ର ସତ୍ତାକୁ ଯା ଭିତରେ ଗ୍ରାସ କରିଦେଲାଣି ! ସେ ନିଜକୁ ଶାନ୍ତନୁଙ୍କୁ ନେଇ ଅନେକ ସ୍ୱପ୍ନରେ ହଜେଇଦେଲାଣି । କେଉଁଠୁ ଟିକେ ଶବ୍ଦ ଆସିଲେ ସେ ମନେକରୁଥିଲା ଯେମିତି ଶାନ୍ତନୁ ହିଁ ଏ ଶବ୍ଦ ସୃଷ୍ଟି କରୁଛନ୍ତି । ସେ ବାରମ୍ବାର ଚମକିଉଠୁଥିଲା ଓ ବେଳେବେଳେ କବାଟ ଖୋଲି ନିଜର ଭ୍ରମ ସଂଶୋଧନ କରୁଥିଲା ।

ବନ୍ଦନା ଏଯାଏଁ କେବେ ବି ଅନୁଭବ କରିନଥିଲା ଜଣେ ପୁରୁଷର ଆନ୍ତରିକତା । ଯଦିଓ ସେ ଜାଣିଛି ଅନେକ ପୁରୁଷ ଉପରେ ପଡ଼ି ଆନ୍ତରିକତା ଦେଖେଇ ହୁଅନ୍ତି, ହେଲେ ଶାନ୍ତନୁ ସେମାନଙ୍କଠୁ ସଂପୂର୍ଣ୍ଣ ଭିନ୍ନ । ବାପାଙ୍କର ଆର୍ଥିକ ଅନଟନ ତଥା ତା ତଳିଆ ଭାଇଭଉଣୀଙ୍କ ଭବିଷ୍ୟତ ପାଇଁ ତାକୁଇ ଏଇ ବୟସ୍କ ଦୋଭେଇ ପୁରୁଷଟି ପାଖରେ ବଳି ପଡ଼ିବାକୁ ପଡ଼ିଛି । ଏଠୁ ମୁକୁଳିଯିବାର ଉପାୟ ନାହିଁ । ଏଠି କେବଳ ବ୍ୟବସାୟକୁ ନେଇ ଏଠିକାର ଜୀବନ । ଏଠି ପୁରୁଷ ବୁଝେନା ନାରୀକୁ । କେବଳ ବିବାହ ନାମକ ଏକ ଧରାବନ୍ଧା ନିୟମରେ ବନ୍ଧା ହୋଇ ସାରା ଜୀବନ ଶୋ'କେସ୍‌ରେ ସାଇତା ହୋଇ ରହିବାରେ ଜୀବନ କିମ୍ବା ଗୋଟେ କ୍ରୀତଦାସର ଜୀବନ ବିତେଇବା । ବେଳେବେଳେ ତା ନିଜକୁ ନିଜେ ପ୍ରଶ୍ନ କରେ ବନ୍ଦନା । ଇଏ କ'ଣ ନାରୀର ଜୀବନ ? ନାରୀ ଜୀବନର ସାର୍ଥକତା ? ତେବେ ଜଣେ ସ୍ୱୟଂସଂପୂର୍ଣ୍ଣ ନାରୀର ସ୍ୱାଦ ପାଇଁ ଶାନ୍ତନୁଙ୍କ କଥା ଭାବିବାରେ ଭୁଲ୍ ରହିଲା କେଉଁଠି ?

ସକାଳୁ ସକାଳୁ ବନ୍ଦନା ଘର ସଜାଡ଼ିବାରେ ଲାଗିପଡ଼ିଲା । ଆଜି ଶାନ୍ତନୁଙ୍କୁ ଖରାବେଳେ ନିମନ୍ତ୍ରଣ । ଶାନ୍ତନୁ 'ହଁ' 'ନା' ଭିତରେ ଆସିଲେ । ଖାଇବା ଟେବୁଲ୍‌ରେ ବନ୍ଦନା ନିଜ ହାତରେ ତିଆରି କରିଥିବା ସବୁ ଆଇଟମ୍ ସଜେଇଦେଲା । ଜଣକୁ ଦେବାରେ କେତେ ସତରେ ଆନନ୍ଦ, ଗ୍ରହୀତା ବୋଧହୁଏ ଅନୁଭବ କରିପାରିବନି । "ଯାକୁ ଖାଆନ୍ତୁ । ଆରେ ଏଥିରେ ଆଦୌ ହାତ ମାରିନାହାନ୍ତି ! କେମିତି ଲାଗୁଛି ? ବେସର ତ ସେମିତି ଥୁଆ ହୋଇଛି ? କିଛି ଖରାପ ହୋଇନି ତ ?" ଅନର୍ଗଳ କହିଚାଲିଥିଲା ବନ୍ଦନା ଶାନ୍ତନୁଙ୍କ ଉତ୍ତରକୁ ଅପେକ୍ଷା ନକରି । ଶାନ୍ତନୁ ଚାହିଁରହିଥିଲେ ବନ୍ଦନାକୁ । ସେହ୍ନ-ଶ୍ରଦ୍ଧାପୂର୍ଣ୍ଣ ଆତିଥେୟତାରେ ପେଟ ପୂରିଯାଉଥିଲା । ତାକୁ ଲାଗିଲା, ପାଖରେ ବସି ଯେମିତି ବୋଉ ଖାଇବାକୁ ଦେଇ ପିଠି ଆଉଁସିଦେଉଛି ! ତା ହୃଦୟରେ କେଉଁଦିନରୁ ଜମାଟବନ୍ଧା ନିଃସଙ୍ଗତା ଯେମିତି ଏଇ କେଇପଦ କଥାରେ ନଈଟିଏ ହୋଇ ବୋହିଗଲା । ଆଖି ଛଳଛଳ ହୋଇଗଲା ଆନନ୍ଦରେ ଓ ସଙ୍ଗେସଙ୍ଗେ ତା ପାଟିରୁ ବାହାରିପଡ଼ିଲା- "ବସନ୍ତୁ, ଏକାଠି ଖାଇବାରେ ଆପଣଙ୍କର ଆପତ୍ତି ଅଛି କି ?"

"ନା ନା, ମୁଁ ପରେ ଖାଇବି ।" କହିଲା ବନ୍ଦନା ।

ଶାନ୍ତନୁଙ୍କର କ'ଣ ଲେହଲା କେଜାଣି ବନ୍ଦନାର ହାତକୁ ଧରି ବସେଇଦେଲେ । ଶାନ୍ତନୁଙ୍କୁ ପାଇ ବନ୍ଦନା ଏତେ ଖୁସି ହୋଇଯାଇଥିଲା ଯେ, ସେ କ'ଣ କରିବ କିଛି ବୁଝିପାରୁ ନଥିଲା । କେବଳ ବୋକୀ ଝିଅଟେ ପରି ଚାହିଁରହିଥିଲା ଖାଇବା ଟେବୁଲ୍‌କୁ ଓ ଶାନ୍ତନୁଙ୍କୁ । ସେ ଯେମିତି ଏତେ ଖୁସିରେ କାନ୍ଦିପକେଇବ ! ସତକୁ ସତ ତା ଆଖିରୁ କେଇଟୋପା ଆନନ୍ଦାଶ୍ରୁ ନିଗିଡ଼ିପଡ଼ିଲା ।

ଶାନ୍ତନୁ କହିଲା- "ଆଇ ଆମ୍ ସରି । ଆପଣଙ୍କୁ କଷ୍ଟ ଦେଲି ।"

ବନ୍ଦନା କହିଲା- "ନା ନା, ଦିନଦିନ ଦୁଃଖରେ ଶଢୁଥିବା ବେଳେ ଏ ଖୁସିର ଅଶ୍ରୁ ।"

- "ମାନେ ?"

"କଥାଟି ଅତି ସହଜ ।" କହିଲା ବନ୍ଦନା ।

- "ଆପଣଙ୍କ ସ୍ୱାମୀ ତ... ।"

- "ହଁ, ଅଛନ୍ତି । ମୋ ହାତର ଶଙ୍ଖା, ମଥାର ସିନ୍ଦୂର ହିଁ ତା'ର ଯଥେଷ୍ଟ ପ୍ରମାଣ ।"

- "ଆପଣ କ'ଣ... ?"

- "ଦ୍ୱିତୀୟ ସ୍ତ୍ରୀ । ପ୍ରଥମାର ମୃତ୍ୟୁ ପରେ ମୁଁ ଆସିଛି ଏ ଘରର ସୋ'କେଶ୍‌କୁ ।"

- "ଘରର ଆର୍ଥିକ ପରିସ୍ଥିତି ହେତୁ ଯୌତୁକ ଦେଇ ବାହା ଦେବାର ସାମର୍ଥ୍ୟ ନଥିଲା ବାପାଙ୍କର । ଛୋଟଛୋଟ ଭାଇଭଉଣୀଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ମୋତେ ଏସବୁକୁ ଆଦରିନେବାକୁ ବାଧ୍ୟ କରିଛି । ତେବେ ବିବାହ କରିଦେଲେ କ'ଣ ସବୁ କର୍ତ୍ତବ୍ୟ, ଦାୟିତ୍ୱ ସରିଗଲା ?" ବନ୍ଦନାର ନିଜସ୍ୱ କାହାଣୀ ଶୁଣି ଶାନ୍ତନୁର ମନ ଓଦା ହୋଇଗଲା । ତାକୁ ଲାଗିଲା ବନ୍ଦନା ପରି ସେ ପୁରୁଷଟିଏ ହୋଇ ବି ଶଢୁଛି ଏଯାବତ୍ । ସତୀର୍ଥ, ସମଧର୍ମା ମଣିଷଟିଏ ନିକଟରେ ପାଇ ଶାନ୍ତନୁର ପୁଞ୍ଜୀଭୂତ କୋହ ଫାଟିପଡ଼ିଲା ଆପେଆପେ । ସେ ସ୍ଥାନକାଳ ଭୁଲି କହିପକାଇଲା- "ସ୍ତ୍ରୀଟିଏ ସାରା ଜୀବନ ପୁରୁଷଠୁ ତା'ର ଦାବି ହାସଲ କରିନେଇ ଚାଲିଛି । ହେଲେ କେବେ ବୁଝିଛି ପୁରୁଷର ମନ, ତା'ର ହୃଦୟକୁ ?"

"ବୁଝିପାରିଲିନି ?" କହିଲା ବନ୍ଦନା ।

ନିଜ କଥା ବ୍ୟତୀତ ଅନ୍ୟର କଥା ପଡ଼ିଲେ ସମସ୍ତେ ଏଭଳି ଅବୁଝା ହୁଅନ୍ତି ।

- "ଆପଣଙ୍କର... ?"

- "ହଁ, ସ୍ତ୍ରୀଟିଏ ଅଛି । ସାମାଜିକ ସ୍ୱୀକୃତି ମିଳିଛି ଏକାଠି ରହିବାକୁ, ବାସ୍ । ଆଉ କ'ଣ ? ଆପଣଙ୍କ ପରି ମୁଁ ବି ଅନିମାଙ୍କ

ସୋ'କେଶ୍‌ରେ ଟଙ୍ଗା ହୋଇଛି । ଘରର ଆର୍ଥିକ ଅନଟନରେ ସନ୍ତୁଳିହେଉଥିବା ବାପାଙ୍କର ଗୁଡ଼ାଏ ଖର୍ଚ୍ଚ କରି ପାଠ ପଢ଼ି ବେକାର ପୁଅ ପାଇଁ ଏବଂ ସାନ ଭାଇଭଉଣୀଙ୍କ ପାଠପଢ଼ା ଇତ୍ୟାଦିକୁ ନଜରରେ ରଖି ରୋଜଗାରକ୍ଷମ ବୋହୂଟିଏ ବାନ୍ଧିଦେଇଛନ୍ତି ବେକରେ । ସେଇଠୁ ମୁଁ ବନ୍ଧା ହୋଇଛି ଏ ଘରର ଚାରିକାନ୍ଥ ଭିତରେ । ରୋଷେଇଠୁ ଅନିମା ଅଫିସ୍ ଯିବା ଯାଏଁ ସବୁ ମୋତେ ହିଁ କରିବାକୁ ପଡ଼େ । କାରଣ ତାଙ୍କରି ରୋଜଗାରରେ ଆଉ କେତେଜଣଙ୍କ ଭାଗ୍ୟ ଭବିଷ୍ୟତ ନିର୍ଭର କରେ । ଏଣୁ ସବୁ ସହିବାକୁ ପଡ଼େ ବିନା ପ୍ରତିବାଦରେ ସେହି ବନ୍ଦ କୋଠରିରେ । ଯେତେ ଆପଣାର କରିବାକୁ ଚେଷ୍ଟା କରିଛି ବିଫଳ ହୋଇଛି । ରୋଜଗାରିଆ ସ୍ତ୍ରୀର ଗର୍ବ, ଅହଙ୍କାର ଯୋଗୁଁ ସବୁ ବଦଳିଯାଇଛି । ଅନିମାଙ୍କ ଇଚ୍ଛାରେ ଘର ଚାଲେ । ମୋତେ ଚାଲିବାକୁ ପଡ଼େ । ଏମିତିକି ସେକ୍ସ ବି । ମୁଁ ଏବେ କହିପାରେ କି ବିବାହ ପରେ ନାରୀର କର୍ତ୍ତବ୍ୟ, ଦାୟିତ୍ୱବୋଧ... ଏସବୁ କ'ଣ କିଛି ନାହିଁ ? କେବଳ ଅଛି ପୁରୁଷର ?"

ବନ୍ଦନା ଏସବୁ ଶୁଣି ସ୍ଥାଣୁ ପାଲଟିଯାଇଥିଲେ । କହିଲେ- "ଆପଣ ପୁରୁଷ । ଏତେ ଦୁର୍ବଳ କାହିଁକି ?"

"କାରଣ ସେଇ ଅର୍ଥାଭାବ ।" କହିଲା ଶାନ୍ତନୁ । ବନ୍ଦନା ଉପଦେଶ ଦେବା ପରେ ମୁରବୀପଣିଆ ଦେଖେଇ କହିଲା- "ଚାକିରି ନହେଲେ ବ୍ୟବସାୟ କରିପାରିଥାଆନ୍ତେ ?"

"ହେଲେ ପୁଞ୍ଜି କାହିଁ ଯେ, ପୁରୁଷଟିଏ ଅଣ୍ଟାଭିଡ଼ି ବାହରିପାରିବ ?" ଉତ୍ତର ଦେଲା ଶାନ୍ତନୁ ।

ବନ୍ଦନା ଶାନ୍ତନୁର ହାତ ଖାଇବା ଥାଳିରେ ଧୋଇଦେଇ ସିଧା ବେଡ୍‌ରୁମ୍‌କୁ ଟାଣିନେଲା । ଗଦି ଟେକି ଦେଖେଇଦେଲା ଗଦାଏ ନୋଟ୍ ଏବଂ କହିଲା- "ଆପଣ ମୁକ୍ତି ଚାହାନ୍ତି... ମୁକ୍ତି... ? ତେବେ ଯେତେ ପାରନ୍ତି ନେଇଯାଆନ୍ତୁ । ନିଜେ କିଛି କରନ୍ତୁ । ନିଜେ ଠିଆ ହୁଅନ୍ତୁ ସମାଜ ସାମ୍ନାରେ ।"

- "କିନ୍ତୁ ଆପଣ ଯେ କହୁଥିଲେ... ?"

- "ମୋ କଥା ଯଦିଓ ଆପଣଙ୍କ ପରି, ତଥାପି... ।"

ଶାନ୍ତନୁ କେଜାଣି କାହିଁକି ସବୁକିଛି ଭୁଲିଯାଇ ବନ୍ଦନାକୁ ନିଜ ଛାତି ଉପରକୁ ଟାଣିଆଣିଲା । ବନ୍ଦନା ବିନା ପ୍ରତିବାଦରେ ସାନ୍ତନୁଙ୍କ ଲୋମଶ ଛାତିରେ ନିସ୍ତେଜ ହୋଇଗଲା । ଯେମିତି ବହୁ ଅପେକ୍ଷାରତ ନିରାପଦ ସ୍ଥାନଟିଏ ମିଳିଯାଇଛି । ନିରବତା ଖେଳିଗଲା ଘରସାରା । ବନ୍ଦନା ପ୍ରଥମଥର ଅନୁଭବ କଲା ଜଣେ ପୁରୁଷର ଗନ୍ଧ । ଆଃ... କେତେ ଆପଣାର ! ଖାଇବା ଟେବୁଲ୍ ଉପରେ ବିଲେଇ ଡେଇଁ ବାସନ ତଳେ ପକାଇବା ଶବ୍ଦରେ ଦୁହେଁ ପ୍ରକୃତିସ୍ଥ ହୋଇଗଲେ ।

ଶାନ୍ତନୁ କହିଲେ- "ନାରୀର ମନ ଓ ପୁରୁଷର ଭାଗ୍ୟ କେତେବେଳେ ବଦଳିଯାଏ ତା'ର କୌଣସି ଗ୍ୟାରେଣ୍ଟି ନାହିଁ । ତେବେ ଆମର ଏ ସଂପର୍କ କେବଳ ପ୍ରେମ ପ୍ରଣୟ କିମ୍ବା ଭାବପ୍ରବଣତାର ନୁହେଁ ବନ୍ଦନା, ବରଂ ଅନେକ ବିଶ୍ୱାସ, ଅନେକ ଆଶ୍ୱସନା ଏବଂ ଅନେକ ଭରସାର ସଂପର୍କ ।"

ବନ୍ଦନା କହିଲା- "ଆମ ଦୁହିଙ୍କର ଅବସ୍ଥା ଏକାପରି, ଅତଏବ ଏମିତି ଏକ ଆପଣାର ମୁହୂର୍ତ୍ତରେ ଆଉ ଡେରି କାହିଁକି ? ଚାଲ ଆମେ ଚାଲିଯିବା ସାଥୀ ହୋଇ ସବୁଦିନକୁ । ସୁନା ପଞ୍ଜୁରିର ମୋହ, ମାୟା, ବନ୍ଧନକୁ ତୁଟାଇ ବହୁଦୂରକୁ । ଯେଉଁଠି କେବଳ ମଣିଷ, ମଣିଷ ପରି ବଞ୍ଚିପାରିବ । ସେଠି କେବଳ ତୁମେ ପୁରୁଷଟିଏ ଆଉ ମୁଁ ନାରୀଟିଏ । ବାସ୍ ।"

ଚିତ୍ରକକ୍ଷ, ନବୀନାବାଗ, ଖୋର୍ଦ୍ଧା-୭୫୨୦୫୫

●●

# ଆବାରଗିଲ୍ ଠାରୁ ନିମଗ୍ନା ପର୍ଯ୍ୟନ୍ତ

**ଦେବେନ୍ଦ୍ରନାଥ ଭୂୟାଁ**

ତା' ଆଖି ସାମ୍ନାରେ ଟଙ୍ଗା ହୋଇଥିବା କାନ୍ଥଘଣ୍ଟାର ସେକେଣ୍ଡ କଣ୍ଟାଟାକୁ କାଢ଼ି ଫିଙ୍ଗିଦେବାକୁ ଇଚ୍ଛା ହେଉଥିଲା ନିମଗ୍ନାର । ସତେ ଯେମିତି ଚାଲିବାହିଁ ତା' କାମ । ନିର୍ବୋଧଟା ଜାଣିପାରୁନି ଗୋଲାକାର ପଥରେ ଚାଲିବାର ଅନ୍ତ ନାହିଁ ବୋଲି । ରାତି ସାଢ଼େ ଆଠ ବାଜିବା ବାଜିବା ହେଉଥିଲା । କାଲିର ବୋର୍ଡ ଅଫ୍ ଡାଇରେକ୍ଟର୍ସ ମିଟିଙ୍ଗ୍ ପାଇଁ ମାଇନ୍ୟୁଟ୍ସ ଟାଇପ୍ କରି ବସ୍‌ଙ୍କ ଟେବୁଲ ଉପରେ ଥୋଇବା ପରେ ଯାଇ ତା' କାମ ସରିବ । ବେଶ୍ ବ୍ୟସ୍ତ ବିବ୍ରତ ହୋଇଉଠିଲା ପ୍ରାଇଭେଟ୍ ସେକ୍ରେଟାରୀ ନିମଗ୍ନା ମହାପାତ୍ର । ଗରମ ଚା' କପେ ପିଇ ନିଜକୁ କିଛିଟା ସତେଜ କରିନେବା ପରେ ପୁଣି କାମରେ ମନ ଦେଲା ।

କାନ୍ଥଘଣ୍ଟାରେ ରାତି ଦଶଟା ପନ୍ଦର ବାଜିଥିଲା । ପଚିଶି ପୃଷ୍ଠାର ମାଇନ୍ୟୁଟ୍ସ ବସ୍‌ଙ୍କ ଟେବୁଲ ଉପରେ ଥୋଇ ଘରକୁ ଯିବା ପାଇଁ ଚଞ୍ଚଳ ହୋଇଉଠିଲା ନିମଗ୍ନା । ଗ୍ରାଉଣ୍ଡ ଫ୍ଲୋର୍ ପାର୍କିଂ ପ୍ଲେସ୍ ପୂରାପୂରି ଖାଲି । କେବଳ ତା' ସ୍କୁଟିଟା ନିହାତି ଏକୁଟିଆ ହୋଇ ଠିଆ ହୋଇଥିଲା । ଭ୍ୟାନିଟି ବ୍ୟାଗ୍‌କୁ ସ୍କୁଟିର ଡିକିରେ ରଖି ଇଗ୍ନେସନ୍ ସୁଇଚ୍ ଚିପିଲା, ଷ୍ଟାର୍ଟ ହେଲାନି । ବିରକ୍ତିରେ ଥରେ ଦି'ଥର ନୁହେଁ, ବାରମ୍ବାର ସୁଇଚ୍ ଚିପିଲା ପରେ ବି ସ୍କୁଟିଟା ମୂକ ବଧିର ପରି ନିରବ ରହିଥିଲା । ଅନ୍ୟ ବିକଳ୍ପ ଭାବରେ କିକ୍ ମାରି ଷ୍ଟାର୍ଟ କରିବାର ପ୍ରୟାସ ବି ବିଫଳ ହେଲା । ମୋବାଇଲ୍‌ରେ ସମୟ ଦେଖିଲା । ରାତି ଏଗାରଟା । ଧୀରେ ଧୀରେ ମୁଖ୍ୟରାସ୍ତା ଉପରକୁ ଗଲା, କାଳେ ଟ୍ୟାକ୍ସି କିମ୍ବା ଅଟୋଟିଏ ମିଳିଯାଇପାରେ । ରାସ୍ତାର ଏପଟକୁ ସେପଟକୁ ଅନେଇଲା । ଗାଡ଼ି ମଟର ଆସିବାର ସ୍ୱର ଶବ୍ଦ ଶୁଭିଲାନି । ଚାରିଆଡ଼େ ଶୂନ୍‌ଶାନ୍ । ଦଶ ମିନିଟ୍ ପାଖାପାଖି ଅପେକ୍ଷା କଲାପରେ ଅଟୋଟିଏ ତା ପାଖରେ ଅଟକିଲା । ଡ୍ରାଇଭର ପଚାରିଲା, "କୁଆଡ଼େ ଯିବେ ମାଡ଼ାମ୍?"

"ଗୌତମ ନଗର, କେତେ ପଇସା ନେବ?" ପଚାରିଲା ନିମ୍ନଗା ।

"ଆପଣ ଆଗେ ଘରେ ପହଞ୍ଚନ୍ତୁ । ଯାହା ଓ୍ୱାଜିବି ଭଡ଼ା ଦେବେ । ଅସୁବିଧାରେ ପଡ଼ିଛନ୍ତି ବୋଲି କ'ଣ ଅଧିକା ପଇସା ନେବି?" ଏକା ନିଃଶ୍ୱାସକେ କହିଗଲା ଅଟୋ ଚାଳକ ।

ନିମଗ୍ନା ଅଟୋ ଚାଳକକୁ କଣେଇ କଣେଇ ଲକ୍ଷ୍ୟ କଲା । ବୟସ ବାଇଶି/ତେଇଶିରୁ ବେଶୀ ହେବନି । ତା'ର ମାର୍ଜିତ କଥାବାର୍ତ୍ତାରୁ ଅନୁମାନ କରିନେଲା ପିଲାଟି ନିଶ୍ଚୟ କେଉଁ ଭଲ ପରିବାରର । ପରିସ୍ଥିତିରେ ପଡ଼ି ଅଟୋ ଚଲଉଛି ବିଚରା ।

ନିମଗ୍ନାର ଭାବନାରେ ବ୍ୟାଘାତ ଘଟେଇ ଅଟୋବାଲା କହିଲା, "ଶୀଘ୍ର ବସନ୍ତୁ ମାଡାମ୍ । ରାତି ଅନେକ ହେଲାଣି । ଆଜିକାଲି ରାଜଧାନୀର ହାଲ୍‌ଚାଲ୍ ଭଲ ନାହିଁ ।" ନିମଗ୍ନା ବାକ୍ୟବ୍ୟୟ ନକରି ସିଟ୍‌ରେ ବସିପଡ଼ିଲା । ଅଧ କିଲୋମିଟର ପାଖାପାଖି ଯିବା ପରେ ଅଟୋବାଲା ଗୋଟିଏ ପେଟ୍ରୋଲ ପମ୍ପରେ ତେଲ ପକେଇବା ପରେ କାହା ସହିତ କିଛି ସମୟ ମୋବାଇଲ୍‌ରେ କଥାବାର୍ତ୍ତା ହୋଇ ସିଟ୍‌ରେ ବସିଲା । ନିମଗ୍ନା ଟିକିଏ ବିରକ୍ତିଭରା ସ୍ୱରରେ କହିଲା, "ରାତି କେତେ ହେଲାଣି ତୁମକୁ କ'ଣ ଜଣାପଡୁନି? ଏମିତି ଏଠିସେଠି ଅଟକିଲେ, ମୋବାଇଲ୍‌ରେ କଥାବାର୍ତ୍ତା ହେଲେ ଘରେ ପହଞ୍ଚିବା ବେଳକୁ ରାତି ପାହିଯିବ ।"

ଅଟୋବାଲା ଆଶ୍ୱାସନା ଦେଇ କହିଲା, "ଆପଣ ମୋଟେ ବ୍ୟସ୍ତ ହୁଅନ୍ତୁନି ମାଡାମ୍ । ନିଧଡ଼କ ହୋଇ ବସନ୍ତୁ । ମୁଁ ସଟ୍‌କଟ୍ ରାସ୍ତାରେ ଯାଇ ଆପଣଙ୍କୁ ଦଶ ମିନିଟ୍ ଭିତରେ ଘରେ ପହଞ୍ଚେଇଦେବି ।"

ହଠାତ୍ ଅଟୋଟା ମେନ୍ ରୋଡ୍ ଛାଡ଼ି ଗୋଟିଏ ଅଣଓସାରିଆ ଆବୁଡ଼ାଖାବୁଡ଼ା ରାସ୍ତାରେ ଚାଲିବାକୁ ଆରମ୍ଭ କଲା । ରାସ୍ତାକଡ଼ର ବତିଖୁଣ୍ଟରେ ଡିବିରି ପରି ବିଜୁଳି ଆଲୁଅଗୁଡ଼ାକ ଜଳୁଥିଲା । ଚାରିଆଡ଼େ ଶୂନ୍‌ଶାନ୍ । ରାସ୍ତାର ଦୁଇକଡ଼ରେ ଝାଟିମାଟିର ଝୁମ୍ପୁଡ଼ି ଘର । ରହିରହି ବୁଲା କୁକୁରମାନେ ଭୁକିଉଠୁଥିଲେ । ନିମଗ୍ନା ଖୁବ୍ ଡରିଗଲା । ତାକୁ ମନେହେଲା ଅଟୋକୁ ବାଇକ୍‌ଟିଏ ଫଲୋ କରୁଛି । ମନର ଭୟକୁ ଲୁଚେଇ କହିଲା, "ସଟ୍‌କଟ୍ ବୋଲି ଏ ଅପନ୍ତରା ରାସ୍ତାରେ ଆସିବା କ'ଣ ଦରକାର ଥିଲା ?"

ହଠାତ୍ ଅଟୋବାଲା ଷ୍ଟାର୍ଟ ବନ୍ଦ କରିଦେଇ ପଛକୁ ମୁହଁ ବୁଲେଇ କହିଲା, "ଶାଳୀ ! ବେଶୀ ଫୁଲେଇ ହେଉଛି । ଭଲ ଗତି ଅଛି ତ ଚୁପ୍‌ଚାପ୍ ବସ୍ ।" ଏତିକି ଭିତରେ ଫଲୋ କରୁଥିବା ବାଇକ୍‌ଟା ଅଟୋ ପାଖରେ ଅଟକିଲା । ବାଇକ୍‌ର ହେଡ୍ ଲାଇଟ୍‌କୁ ନିମଗ୍ନାର ମୁହଁ ଉପରେ ପକେଇ ବାଇକ୍ ଚଳଉଥିବା ଟୋକାଟା ଜୋର୍‌ରେ ହସୁହସୁ କହିଲା, "ଆଜି ଖାସା ମାଲ୍‌ଟିଏ ମାଣିଛୁରେ ପବନା । ପୂରାପୂରି କଷିଟା, କଞ୍ଚା ଖାଇଯିବାକୁ ଇଚ୍ଛା ହେଉଛି । ଆଜି ତୋତେ ମାଲାମାଲ୍ କରିଦେବି ।"

ନିମଗ୍ନା ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି ଭୟରେ ଥରିଉଠିଲା । କ'ଣ କରିବ ନକରିବ ବୁଝିବା ଅବସ୍ଥାରେ ସେ ନଥିଲା । ଆଖିଆଗରେ ତାଣ୍ଡବନୃତ୍ୟ କରୁଥିଲେ ଦିଇଟା ରାକ୍ଷସ । ଭାବିଲା ଦେହର ସବୁ ଜୋର୍ ଲଗେଇ ଦଉଡ଼ିବ, ଚିତ୍କାର କରିବ । କିନ୍ତୁ ସେ ସୁଯୋଗ ତାକୁ ମିଳିଲାନି । ଅଟୋବାଲା ତା' ମୁହଁକୁ ରୁମାଲରେ ଏମିତି ଭାବରେ ବାନ୍ଧିଦେଲା ଯେ, ପାଟିରୁ କଥା ବାହାରିଲାନି । ତା କଣ୍ଠଫଟା ଚିତ୍କାର କେବଳ ଅଁ ଅଁ ହୋଇ ବିକୃତ ଭାବରେ ଶୁଭିଲା ।

ସେମାନେ ବାଇକ୍‌ର ଡିକିରୁ ହୁଇସ୍କି ବୋତଲ ବାହାର କରି ପିଇଲେ । ନିମଗ୍ନାକୁ ଜୋର୍ ଜବରଦସ୍ତ କିଛି ପିଆଇଦେଲେ । ରାକ୍ଷସ ଦି'ଜଣଙ୍କ ସାମର୍ଥ୍ୟ ଆଗରେ ସେ ଏକାବେଳେକେ ଦୁର୍ବଳ ହୋଇପଡ଼ିଲା । ସେମାନେ ତାକୁ ଗୋଟିଏ ପରିତ୍ୟକ୍ତ କୁଡ଼ିଆ ଭିତରକୁ ଟେକିନେଲେ । ତା'ର କ୍ଷୀଣ ପ୍ରତିରୋଧ, ଅନୁନୟ ବିନୟ ସେମାନଙ୍କ ହୃଦୟକୁ ତରଳାଇପାରିଲାନି ।

ନିମଗ୍ନା ଆଖି ଖୋଲିଲା, ତା ଚାରିକଡ଼ରେ ରାଜୁତି କରୁଥିଲା ମୃତ୍ୟୁ ପରି ଶୀତଳ ନିରବତା । ଆଖି ଆଗରେ ରହିରହି ଦିଇଟା ବିକୃତ ମୁହଁ ନାଚିଯାଉଥିଲା । ବହୁ କଷ୍ଟରେ ସଳଖି ଠିଆ ହେଲା । ରିକ୍ସାଟିଏ କରି ଘରେ ପହଞ୍ଚିଲା । ନିଜକୁ ଯଥାସମ୍ଭବ ସଜାଡ଼ିନେଇ ଘରର କଲିଂ ବେଲ୍ ଚିପିଲା । ମା' ପ୍ରଭାବତୀ କବାଟ ଖୋଲିଲେ । ଭିତରୁ ରିଟାୟାର୍ଡ ମେଜର ସନାତନ ମହାପାତ୍ରଙ୍କ ସ୍ୱର ଶୁଭିଲା, "ତୁ ଚାକିରି କରିଛୁ ନା ଆଉ କିଏ କରିଛି ? ସେମିତିକା ଚାକିରି କରିବା ଦରକାର ନାହିଁ । ତୋର ଏଭଳି ଆଚରଣକୁ ବାହାର ଲୋକେ ମୋଟେ ସହଜରେ ଗ୍ରହଣ କରିପାରିବେ ନାହିଁ । ତିଳକୁ ତାଳ କରି ନାନା କୁତ୍ସାରଟନା କରିବେ ।" ବାପାଙ୍କ କଥା ନିମଗ୍ନାର କାନରେ ପଶୁନଥିଲା । ସିଏ ଝଡ଼ବେଗରେ ବେଡ୍‌ରୁମ୍‌କୁ ପଶିଯାଇ ଭିତରୁ କବାଟ ବନ୍ଦ କରିଦେଲା । ପ୍ରଭାବତୀଙ୍କ ମନକୁ ନାନା ପାପ ଛୁଇଁଲା ।

ଦିନ ଦଶଟା ବଜିବାକୁ ଯାଉଥିଲା । ନିମଗ୍ନାର ବେଡ୍‌ରୁମ୍ କବାଟକୁ ଚାତକୀ ପରି ଚାହିଁରହିଥିଲେ ପ୍ରଭାବତୀ । ଆଉ ଧୈର୍ଯ୍ୟ ଧରିପାରିଲେନି । କବାଟରେ ନକ୍ କଲେ, ପାଟି କରି ଡାକିଲେ । ତଥାପି କବାଟ ଫିଟିଲାନି କି କିଛି ଉତ୍ତର ମିଳିଲାନି । କବାଟ ପାଖରେ ବିକଳ ହୋଇ କାନ୍ଦିବା ଛଡ଼ା ତାଙ୍କୁ କିଛି ବୁଦ୍ଧିବାଟ ଦିଶିଲାନି । କିଛି ସମୟ ପରେ କବାଟ ଫିଟିଲା । ତରବରରେ ଭିତରକୁ ପଶିଯାଇ କବାଟ ବନ୍ଦ କରିଦେଲେ ପ୍ରଭାବତୀ । ଭିତରେ କିଟିମିଟିଆ ଅନ୍ଧାର । ହଠାତ୍ ନିମଗ୍ନା ମା'ଙ୍କ ଛାତିରେ ମୁହଁ ରଖି ପିଲାଙ୍କ ପରି କାନ୍ଦିଉଠିଲା । ପ୍ରଭାବତୀ ଏକାବେଳକେ ହତବାକ୍ ହୋଇଗଲେ । ଝିଅକୁ କୁଣ୍ଢେଇ ଧରି ଆକୁଳରେ ପଚାରିଲେ, "କହ ମା' କ'ଣ ହୋଇଛି ତୋର ? ଅଫିସ୍‌ରେ କ'ଣ କିଛି ଅସୁବିଧା ହୋଇଛି । ଡାଡିଙ୍କ କଥାକୁ କ'ଣ ମନରେ ଧରିଛୁ ?"

ନିମଗ୍ନା ଛାତିତଳୁ ଉଠିଆସୁଥିବା କୋହକୁ ଚାପିଧରି କହିଲା, "ମମି ! ମୁଁ କାଲି ରାତିରେ ଜୀବନର ସର୍ବସ୍ୱ ହରେଇଦେଇଛି । ଏକ ନିଛାଟିଆ ଜାଗାରେ ମୁଁ ଦି'ଜଣ ଯୁବକଙ୍କ ଦୈହିକ କାମନାର ଶିକାର ହୋଇଛି ।" ନିମଗ୍ନାର କଥା ଶୁଣି ଭୂତ ଦେଖିବା ପରି ଚମକିପଡ଼ିଲେ ପ୍ରଭାବତୀ । ପେଟ ଭିତରୁ ତାଙ୍କର ଗୋଟିଏ ନିଆଁହୁଳା ବାହାରିଆସିଲା । ଚିନ୍ତାଶକ୍ତି ଲୋପ ପାଇବାକୁ ବସିଲା ।

ହଠାତ୍ ନିମଗ୍ନା ପାଗଳୀଙ୍କ ପରି ଚିତ୍କାର କରି କହିଲା, "ମୁଁ ସେ ରାକ୍ଷସମାନଙ୍କୁ କଦାପି ଛାଡ଼ିବିନି । ମୋର ଆଉ ଏ ଦୁନିଆରେ ବଞ୍ଚିବାର ସ୍ପୃହା ନାହିଁ; କିନ୍ତୁ ମରିବା ପୂର୍ବରୁ ସେମାନଙ୍କୁ ମାରିବି । ଝିଅର ଉଗ୍ରରୂପ ଦେଖି ଡରିଗଲେ ପ୍ରଭାବତୀ । ପରକ୍ଷଣରେ ଝିଅ ମୁହଁରେ ହାତ ରଖି ତାଗିଦ୍ କଲା ପରି କହିଲେ, "ଚୁପ୍ କର ନିମଗ୍ନା, ଏକାଥରେ ଚୁପ୍ ରହ । ଚୁପ୍ ରହିବାରେ ହିଁ ତୋର ମଙ୍ଗଳ; ଆମ ସମସ୍ତଙ୍କର ମଙ୍ଗଳ । କେମିତି ନେବୁ ସେ ଉଦ୍‌ଭ୍ରାନ୍ତ ଯୁବକଙ୍କ ଉପରେ ପ୍ରତିଶୋଧ ? ଥାନା, କୋର୍ଟ କିମ୍ବା ମହିଳା କମିଶନ୍‌କୁ ଗଲେ ଖାଲି ନିଜେ ବଦ୍‌ନାମ ହେବାହିଁ ସାର ହେବ । କଥା ପ୍ରଘଟ ହେବା ପରେ ଲୋକେ ତୋତେ ଧର୍ଷିତା ବୋଲି ଆକ୍ଷେପ କରି ନାନା କୁତ୍ସାରଟନା କରିବେ । ସବୁ ଦୋଷ ତୋ ମୁଣ୍ଡରେ ଲଦିଦେବେ । ତୋର ବଞ୍ଚିବା ଦୁର୍ବିସହ ହୋଇପଡ଼ିବ । ଯାହା ଘଟିଯାଇଛି ତାକୁ ଏକ ଦୁଃସ୍ୱପ୍ନ ଭାବି ପାଶୋରିପକା । ତୋର କଥାବାର୍ତ୍ତା, ଚାଲିଚଳନ, ଆଚରଣ ଯେମିତି ପୂର୍ବପରି ରହେ । ଇମୋସ୍‌ନାଲ୍ ହୋଇ କାହା ଆଗରେ ଏକଥାକୁ ଯେମିତି ପ୍ରକାଶ ନକରୁ । ଏପରିକି ତୋ ଡାଡି ଯେମିତି କିଛି ଟେର୍ ନ ପାଆନ୍ତି ।"

ଆଶ୍ଚର୍ଯ୍ୟ ଚକିତ ହୋଇ ମା'ଙ୍କ ଯିବା ବାଟକୁ ଚାହିଁରହିଲା ନିମଗ୍ନା । ତାଙ୍କର ରକ୍ଷଣଶୀଳ ମାନସିକତାରେ ସେ ଅତି ଗଭୀର ଭାବରେ ମର୍ମାହତ ହେଲା । କେମିତି ସେ ମା' ହୋଇ ନିଜ ଝିଅର ଅନ୍ତର ତଳର ବ୍ୟଥାକୁ ଉପଲବ୍ଧି କରିପାରୁ ନାହାନ୍ତି ? ହୃଦୟତନ୍ତ୍ରୀକୁ ଅତି ନିବାରୁଣ ଭାବରେ ଟାଣି ଓଟାରି ଛିନ୍‌ଭିନ୍ କରିଦେଇଥିବା ଘଟଣାକୁ ଭୁଲିଯିବା ତା' ପାଇଁ ଏକାବେଳକେ ଅସମ୍ଭବ । ମନଟା ତା'ର ରକ୍ଷଣଶୀଳ ମାନସିକତା ବିରୋଧରେ ବିଦ୍ରୋହ କରିଉଠିଲା ।

ପନ୍ଦର ଦିନ ଛୁଟି ପରେ ନିମଗ୍ନା ଅଫିସ୍ ଗଲା । ସ୍ୱାଭାବିକ ଢଙ୍ଗରେ ଅଫିସ୍ କାମ କଲା । କେହି କିଛି ଜାଣିଲେନି । ପ୍ରଭାବତୀ ଝିଅର ଚିରାଚରିତ ଜୀବନଶୈଳୀକୁ ଲକ୍ଷ୍ୟ କରି ମନେମନେ ଆତ୍ମସନ୍ତୋଷ ଲାଭ କଲେ । ନିମଗ୍ନା ଦେହର କ୍ଷତ ସମୟର ଧୂଳି ଲାଗି ସମତୁଲ ହୋଇଗଲା; କିନ୍ତୁ ଅନ୍ତର ତଳର କ୍ଷତ ଅକ୍ଷତ ହୋଇ ରହିଥିଲା । ସାମାନ୍ୟ ଆଘାତ ଲାଗିଲେ ସେ କ୍ଷତରୁ ରକ୍ତ ଝରୁଥିଲା, ଅସହ୍ୟ ଯନ୍ତ୍ରଣା ହେଉଥିଲା । ମାନବ ରୂପୀ ପଶୁ ଦି'ଟାଙ୍କ କଦାକାର ମୁହଁ ତା' ଆଖିସାମ୍ନାରେ ଭାସିଯିବା ମାତ୍ରେ ସିଏ ଘୃଣାରେ ଆଖି ବନ୍ଦ କରିନେଉଥିଲା । ସେ କାଳରାତ୍ରିର ଯନ୍ତ୍ରଣାକାତର ମୁହୂର୍ତ୍ତକୁ ପାଶୋରିପକେଇବା ତା' ପାଇଁ ମୋଟେ ସହଜ ନଥିଲା । ସିଏ ଭିତରେ ଭିତରେ ଅହରହ ଦଗ୍ଧ ହୋଇ ମରୁଥିଲା ।

ପ୍ରଦେଶର ଏକ ପ୍ରମୁଖ ସ୍ୱେଚ୍ଛାସେବୀ ସଂସ୍ଥା 'ସ୍ୱୟଂସିଦ୍ଧା' ରାଜଧାନୀରେ ନାରୀ-ଚେତନାଧର୍ମୀ ଆଲୋଚନାଚକ୍ରଟିଏର ଆୟୋଜନ କରୁଥିଲେ । ଦେଶ-ବିଦେଶର ଦଶଜଣ ସ୍ୱନାମଧନ୍ୟ ବାଗ୍ମୀ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରେ ଜଣେ ଥିଲେ ବିଶ୍ୱସୁନ୍ଦରୀ ଲିନୋର ଆବାରଗିଲ୍ । ଖବରକାଗଜରେ ସେଇ ଆଲୋଚନାଚକ୍ର ସମ୍ବନ୍ଧରେ ବିଜ୍ଞାପନ ପଢ଼ିବା ପରେ କାହିଁକି କେଜାଣି ନିମଗ୍ନାର ପ୍ରବଳ ଇଚ୍ଛା ହେଲା ସେଥିରେ ଯୋଗଦେବା ପାଇଁ । ଇଚ୍ଛା ଥିଲେ ଉପାୟ ଆପେଆପେ ମିଳିଥାଏ । ଅନେକ ପ୍ରୟାସ ପରେ ଆଲୋଚନାଚକ୍ର ପାଇଁ ପ୍ରବେଶପତ୍ରଟିଏ ଯୋଗାଡ଼ କରିପାରିଲା ।

ଆଲୋଚନାଚକ୍ରର ଦିନ ଯେତେ ଯେତେ ପାଖେଇ ଆସୁଥିଲା, ନିମଗ୍ନା ମନର ଉତ୍ସୁକତା ସେତିକି ବଢ଼ି ବଢ଼ି ଚାଲିଥିଲା । ତା'ର ଦୃଢ଼ବିଶ୍ୱାସ ଥିଲା, ଆଲୋଚନାଚକ୍ରରେ ଭାଗନେବାକୁ ଯାଉଥିବା ବାଗ୍ମୀଙ୍କର ଦିଗ୍‌ଦର୍ଶନ ଓ ମହାନ୍ ବାଣୀ ନିଶ୍ଚୟ ତାକୁ ଲକ୍ଷ୍ୟପଥରେ ଆଗେଇଯିବା ପାଇଁ ପ୍ରେରଣା ଦେବ । ଅବଶେଷରେ ସେ ଇପ୍‌ସିତ ଦିନଟି ଆସିଲା ।

ସୁସଜ୍ଜିତ ସଭାମଞ୍ଚ । ଶହଶହ ବିଜ୍ଞ ତଥା ଜିଜ୍ଞାସୁ ଶ୍ରୋତା ମଞ୍ଚତଳେ ନିରବତା ରକ୍ଷା କରି ବସିରହିଥିଲେ । ମଞ୍ଚାସୀନ ଦଶଜଣ

ବକ୍ତାଙ୍କ ଭିତରୁ ପାଞ୍ଚଜଣ ଥିଲେ ମହିଳା ଓ ପାଞ୍ଚଜଣ ପୁରୁଷ । ଧାଡ଼ିର ଠିକ୍ ମଝିରେ ବସିଥିବା ବେଦେଶିନୀ ଜଣଙ୍କ ସମସ୍ତଙ୍କଠୁ ବାରିହୋଇ ପଡୁଥିଲେ । ଭାବଗମ୍ଭୀର ମୁଖମଣ୍ଡଳ, ଗୋରା ତକ୍‌ତକ୍ ଦେହ, ପାଞ୍ଚଫୁଟ ଆଠଇଞ୍ଚ ପାଖାପାଖି ଉଚ୍ଚତା, ବଳିଷ୍ଠ ଶରୀର । ସିଏ ଥିଲେ ବିଶ୍ୱସୁନ୍ଦରୀ ଲିନୋର ଆବାରଗିଲ୍ । ଜଣକ ପରେ ଜଣେ ବକ୍ତା ନାରୀ ସଶକ୍ତୀକରଣ, ନାରୀ ସ୍ୱାଧୀନତା, ଆତ୍ମନିର୍ଭରଶୀଳତା ଆଦି ବିଭିନ୍ନ ବିଷୟରେ ସୁଦୀର୍ଘ ତଥା ଭାବଗର୍ଭକ ଭାଷଣ ଦେବା ସହିତ ସ୍ୱ-ସ୍ୱ ମନ୍ତବ୍ୟ ଉପସ୍ଥାପନ କଲେ । ସେମାନଙ୍କର ବକ୍ତବ୍ୟ ଶୁଣିବା ପରେ ନିମଗ୍ନା ବେଶ୍ ନିରାଶ ହୋଇପଡ଼ିଲା । ସେମାନଙ୍କର ଦିଗ୍‌ଦର୍ଶନ ବାସ୍ତବତାଠାରୁ ବେଶ୍ ଦୂରରେ ଥିବା ପରି ମନେହେଲା ତାକୁ ।

ଶେଷ ବକ୍ତା ଭାବରେ ମାଇକ୍ ଆଗରେ ଠିଆ ହେଲେ ଆବାରଗିଲ୍ । ପ୍ରଥମେ ସେ ଜଣେ ଭାରତୀୟ ପରି ଉପସ୍ଥିତ ଶ୍ରୋତାଙ୍କୁ ହାତ ଯୋଡ଼ି ପ୍ରଣାମ କରିବା ପରେ ନିଜର ବକ୍ତବ୍ୟ ରଖିବାକୁ ଯାଇ କହିଲେ, "ମୋ ନାଁ ଲିନୋର ଆବାରଗିଲ୍ । ମୁଁ ଇସ୍ରାଏଲ୍‌ର ବାସିନ୍ଦା । ବାପମା'ଙ୍କର ମୁଁ ହେଉଛି ଏକମାତ୍ର ସନ୍ତାନ । ସେମାନେ ମୋତେ ନିଜ ଶୈଳୀରେ ଜିଇଁବାର ପୂର୍ଣ୍ଣସ୍ୱାଧୀନତା ଦେଇଥିଲେ । ବିଶେଷକରି ମା' ଥିଲେ ମୋ ପ୍ରେରଣାର ଉତ୍ସ । ମା' ଅପେକ୍ଷା ସିଏ ବେଶୀମାତ୍ରାରେ ଥିଲେ ମୋର ବାନ୍ଧବୀ । ୧୯୯୮ ମସିହାରେ ମୁଁ ମର୍ଯ୍ୟାଦାପୂର୍ଣ୍ଣ ବିଶ୍ୱସୁନ୍ଦରୀର ମୁକୁଟ ପିନ୍ଧିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲି । ସେତେବେଳେ ମୋର ବୟସ ଥିଲା ଅଠର । ଆପଣମାନେ ଆଶ୍ଚର୍ଯ୍ୟ ହେବେ, ବିଶ୍ୱସୁନ୍ଦରୀ ମୁକୁଟ ପିନ୍ଧିବାର ଠିକ୍ ସାତ ସପ୍ତାହ ପୂର୍ବରୁ ଇଟାଲୀରେ ମୁଁ ମୋର ଟ୍ରାଭେଲ୍ ଏଜେଣ୍ଟ୍‌ର ଯୌନ କାମନାର ଶିକାର ହୋଇଥିଲି । ସେ ବୀଭତ୍ସ ଘଟଣାରେ ମୁଁ ମାନସିକ ଭାରସାମ୍ୟ ହରେଇ ଭାଙ୍ଗିପଡୁଥିବା ବେଳେ ମା'ଙ୍କ ପାଖରୁ ଫୋନ୍ କଲ୍‌ଟିଏ ପାଇଲି । ମୁଁ ହେଲୋ କହିବା ମାତ୍ରେ ସେ ମୋର ମନୋଦଶାକୁ ପଢ଼ିପାରି ପଚାରିଲେ, "କଣ ହୋଇଛି ତୋର ? ନିଶ୍ଚୟ କିଛି ଗୋଟିଏ ସମସ୍ୟାରେ ପଡ଼ିଯାଇଛୁ । କିଛି ନ ଲୁଚେଇ ସ୍ପଷ୍ଟ ଭାବରେ କହ ।" ମୁଁ କେବଳ ଗୋଟିଏ ଅବୋଧ ଶିଶୁ ପରି କାନ୍ଦୁଥିଲି । କିଛି କହିବା ପାଇଁ ଶବ୍ଦ ଖୋଜି ପାଉନଥିଲି । ହଠାତ୍ ଅନ୍ୟ ମୁଣ୍ଡରୁ ମା'ଙ୍କର ଧମକପୂର୍ଣ୍ଣ କଥା ଶୁଭିଲା, "ଏଇଟା କାନ୍ଦିବାର ବେଳ ନୁହେଁ, ଧୈର୍ଯ୍ୟର ସହ ବିପଦକୁ ମୁକାବିଲା କରିବାର ସମୟ । ମୁଁ ଛାତିତଳୁ ଉଠିଆସୁଥିବା କୋହକୁ ଚାପିରଖି ଏତିକି କହିବାକୁ ସମର୍ଥ ହେଲି, "ମା ! ମୁଁ ଧର୍ଷଣର ଶିକାର ହୋଇଛି ।" ସେପଟରୁ ମା'ଙ୍କର ନିର୍ଦ୍ଦେଶପୂର୍ଣ୍ଣ ବାକ୍ୟଟିଏ ଶୁଭିଲା, "ଡୋଣ୍ଟ ଟେକ୍ ସାୱାର୍ ।" ଅଚାନକ ଟେଲିଫୋନ୍ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ମୋ ମା' ଥିଲେ ଅସାଧାରଣ । କେହି ସାଧାରଣ ମା' ହୋଇଥିଲେ ହୁଏତ କହିଥାଆନ୍ତେ, "ଏମିତି ବେପରୁଆ ହୋଇ ବୁଲାବୁଲି କରିବା କ'ଣ ଦରକାର ଥିଲା ? ଲୋକଟାର ଚରିତ୍ର ବିଷୟରେ ନଜାଣି ତା ସହିତ ଅପରିଚିତ ଜାଗାରେ ବୁଲିବାଟା ନିର୍ବୋଧତା ଛଡ଼ା ଆଉ କିଛି ନୁହେଁ । ତା'ଛଡ଼ା ଅମାର୍ଜିତ ବେଶଭୂଷା ଏଭଳି ଅଘଟଣର କାରଣ ହୋଇଥାଏ" ଇତ୍ୟାଦି ଇତ୍ୟାଦି । ତା'ପରେ ସେ ଚେତାବନୀ ଶୁଣେଇଥାଆନ୍ତେ, "ଯାହା ହେବାର ତ ହେଲାଣି । କଥା ଯେମିତି ବାହାରେ ପ୍ରକାଶ ନହୁଏ । ସାଧାରଣ ମା'ଙ୍କଠୁ ଏମିତିକା ମନ୍ତବ୍ୟ ଓ ଚେତାବନୀ ଶୁଣିବା ପରେ ପୀଡ଼ିତା ଜଣକ ଅନ୍ତରତଳ ସନ୍ତାପକୁ ଚାପିରଖି ନିରବ ରହିବାକୁ ବାଧ ହୁଅନ୍ତା । ଆମେସବୁ ବୁଝିବା ଦରକାର, ଜଣେ ନାରୀ ପକ୍ଷରେ ଯୌନପୀଡ଼ନର ନିର୍ମମ ଆଘାତକୁ ଜୋର୍ ଜବରଦସ୍ତ ଚାପିରଖିବା ଯାହା, ନିଜ ହାତରେ ନିଜ ମୁଣ୍ଡକୁ ଗୁଳି କରିବା ସେଇଆ । ମା'ଙ୍କର ତିନୋଟି ଶବ୍ଦରେ ସ୍ପଷ୍ଟ ଇଙ୍ଗିତ ଥିଲା, "ଟୁ ଅଣ୍ଡରଗୋ ଏ ମେଡିକାଲ୍ ଟେଷ୍ଟ ।" ମୋତେ ଅସଦାଚାର କରିଥିବା ଟ୍ରାଭେଲ୍ ଏଜେଣ୍ଟ ଥିଲା ଜଣେ ହେବିଚ୍ୟୁଏଟେଡ୍ ରେପିଷ୍ଟ । ତାକୁ କଠୋର ଶାସ୍ତି ଦେବା ମୋ ଜୀବନର ଏକମାତ୍ର ଲକ୍ଷ୍ୟ ହେଲା । ମୋର ମୌଖିକ ସାକ୍ଷ୍ୟ ତଥା ଅପରାଧୀର କାର୍ ସିଟ୍‌ରେ ତଥା ମୋ ଅନ୍ତର୍ବସ୍ତ୍ରରେ ଥିବା ଡିଏନ୍, ଏ ପ୍ରମାଣ ଏବଂ ମେଡିକାଲ୍ ରିପୋର୍ଟକୁ ଆଧାର କରି କୋର୍ଟ ଅପରାଧୀକୁ ଷୋହଳ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କଲେ । ମୁଁ ଯଦି ଲଜ୍ୟା ଓ ଅପମାନ ଭୟରେ ଚୁପ୍ ରହିଥାନ୍ତି, ତା'ହେଲେ ଅପରାଧୀ ଆଜି ବି ରାଜରାସ୍ତାରେ ମୁଣ୍ଡଟେକି ଚାଲୁଥାଆନ୍ତା ଆଉ ମୁଁ ଚାରିକାନ୍ଥ ଭିତରେ ବନ୍ଦୀ ହୋଇ ତିଳତିଳ ହୋଇ ମରୁଥାଆନ୍ତି । ପୀଡ଼ିତାମାନେ ମନେରଖିବା ଉଚିତ, ସେମାନେ ଦୁର୍ବଳା ଅବଳା ନୁହନ୍ତି । ଅନ୍ୟମାନଙ୍କ ପରି ସେମାନଙ୍କର ବି ସମାଜରେ ବଞ୍ଚିବାର ଅଧିକାର ଅଛି । ନିରବ ରହିବା ଅର୍ଥ ନିଜକୁ ଅନ୍ଧକାରର ନର୍କ ଭିତରକୁ ଠେଲିଦେବା । ପୀଡ଼ିତା ନିର୍ଭୟରେ ଭୋଗିଥିବା ଲାଞ୍ଛନା କଥା ସର୍ବସମ୍ମୁଖରେ ଚିତ୍କାର କରି କହିବା ଦରକାର । ଯଦି କେହି ତାକୁ ଚୁପ୍ ରହିବାକୁ କହେ, ତା'ହେଲେ ସେ ଆହୁରି ଜୋର୍‌ରେ ଚିତ୍କାର କରିବା ଦରକାର । ଏହାଦ୍ୱାରା ଅନ୍ୟମାନେ ତା' କଥା ଶୁଣିବାକୁ ବାଧ ହେବେ । ବିଶେଷକରି ଭାରତୀୟ ସମାଜ ବ୍ୟବସ୍ଥାରେ ଜଣେ ଧର୍ଷିତା ନାରୀକୁ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼େ । ତାକୁ ସମସ୍ତେ ଘୃଣାଚକ୍ଷୁରେ ଦେଖନ୍ତି, ସତେ ଯେମିତି ସିଏ ଜାଣିଶୁଣି ଧର୍ଷଣର ଶିକାର ହୋଇଛି ! ଅନ୍ୟପକ୍ଷରେ ଧର୍ଷଣକାରୀ ବିନ୍ଦାସ୍ ରାସ୍ତାରେ ସଗର୍ବରେ ମୁଣ୍ଡଟେକି ଚାଲିବାର ଧୃଷ୍ଟତା କରେ । ଭାରତୀୟ ସମାଜରେ ଏପ୍ରକାର ଦୁର୍ବଳ ମାନସିକତା ଯୋଗୁଁ ନାରୀ-ନିର୍ଯାତନାର ହାର ବୃଦ୍ଧି ପାଇବାରେ ଲାଗିଛି ।"

ଦର୍ଶକ ଗ୍ୟାଲେରୀର ପ୍ରଥମ ଧାଡ଼ିରେ ବସିଥିବା ନିମଗ୍ନା ଅପଲକ ନୟନରେ ଚାହିଁରହିଥିଲା ଆବାରଗିଲ୍‌ଙ୍କ ମୁହଁକୁ । ତାଙ୍କ ବକ୍ତବ୍ୟର ପ୍ରତିଟି ଶବ୍ଦ ତା' ମନରେ ଗଭୀର ରେଖାପାତ କଲା । କ୍ରମଶଃ ସେ ନିଜର ସତ୍ତାକୁ ହରେଇ ଆବାରଗିଲ୍‌ରେ ରୂପାନ୍ତରିତ ହୋଇଗଲା । ଅଚାନକ ସମସ୍ତଙ୍କୁ ଚମତ୍କୃତ କରି ଚିତ୍କାର କଲା, "ମୁଁ ନିମଗ୍ନା ମହାପାତ୍ର ସର୍ବସମ୍ମୁଖରେ ଘୋଷଣା କରୁଛି, ମୁଁ ଜଣେ ଧର୍ଷିତା । ଆବାରଗିଲ୍‌ଙ୍କ ପରି ମୁଁ ବି ଦୁଇଜଣ ଉଚ୍ଛୃଙ୍ଖଳ ଯୁବକଙ୍କ ଦ୍ୱାରା ଧର୍ଷିତା ହୋଇଛି ।"

ସଭାଗୃହରେ ଉପସ୍ଥିତ ବକ୍ତା ଓ ଶ୍ରୋତା ଏପରି ଗୋଟିଏ ଅପ୍ରତ୍ୟାଶିତ ଘୋଷଣା ଶୁଣି ହତ୍‌ବାକ୍ ହୋଇପଡ଼ିଲେ । ନିମଗ୍ନା ଗୋଟିଏ ପ୍ରଳୟକାରୀ ଆଗ୍ନେୟଗିରି ପରି ଜଳୁଥିଲା । ହଠାତ୍ ଆବାରଗିଲ୍ ନିଜ ବକ୍ତବ୍ୟକୁ ଅସମାପ୍ତ ରଖି ମଞ୍ଚରୁ ଓହ୍ଲେଇ ଆସି ଉତ୍ତେଜନାରେ ଥରୁଥିବା ନିମଗ୍ନାକୁ ସାନ୍ତ୍ୱନା ଦେଲେ । ତାଙ୍କର ଯାଦୁକାରୀ ସ୍ପର୍ଶରେ ନିମଗ୍ନା କ୍ରମଶଃ ସ୍ୱାଭାବିକ ହୋଇଉଠିଲା ଏବଂ ନିରୋଳାରେ ଏପ୍ରିଲ୍ ଦୁଇ ତାରିଖ

କାଳରାତ୍ରିରେ ଘଟିଯାଇଥିବା ଘଟଣାର ପୁନରାବୃତ୍ତି କଲା । ଆବାରଗିଲ୍ କିଛି ପ୍ରତିକ୍ରିୟା ନକରି ପ୍ରାୟ ଅଧଘଣ୍ଟାଏ ଧରି ବେଶ୍ ସାବଲୀଳ ଢଙ୍ଗରେ ନିମଗ୍ନା ସହିତ କଥାବାର୍ତ୍ତା ହେଲେ । ତାଙ୍କର ସେହି କାଉନ୍‌ସେଲିଂର ମ୍ୟାଜିକ୍ ଟଚ୍‌ରେ ନିମଗ୍ନାର ମନରୁ ସବୁ ଭୟ, ଦ୍ୱନ୍ଦ୍ୱ, ଆବିଳତା ଦୂର ହୋଇଗଲା । ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ତାକୁ ବେଶୀ ସମୟ ଲାଗିଲାନି ।

ରାତି ଏଗାରଟା ବାଜିବାକୁ ଯାଉଥିଲା । ନିମଗ୍ନା ଅଫିସ୍ କାମ ସାରି ଗ୍ରାଉଣ୍ଡ ଫ୍ଲୋର୍‌କୁ ଆସିଲା । ଚାରିଆଡ଼େ ଶୂନ୍‌ଶାନ୍ । କିଛି ସମୟ ଅପେକ୍ଷା କଲାପରେ ଧୀରେ ଧୀରେ ମେନ୍ ରୋଡ୍‌କୁ ଗଲା । ରାସ୍ତାରେ ଗାଡ଼ି ମୋଟରର ଚଳାଚଳ ପ୍ରାୟତଃ ବନ୍ଦ ହୋଇଯାଇଥିଲା । ଲିଫ୍ଟ ପାଇଁ ତା'ର ଇସାରାକୁ ଉପେକ୍ଷା କରି ଗୋଟିଏ ଦୁଇଟା ଫୋର୍‌ହ୍ୱିଲର୍ ଦ୍ରୁତଗତିରେ ଚାଲିଗଲେ । ଅନ୍ୟମନସ୍କ ଭାବରେ ଠିଆ ହୋଇ ରହିଲା ନିମଗ୍ନା । ତା'ର ଅନ୍ୟମନସ୍କତାକୁ ଭଙ୍ଗ କରି ଅଟୋରିକ୍ସାଟିଏ ଠିକ୍ ତା' ସାମ୍ନାରେ ଠିଆ ହେଲା । ଅଟୋ ଚାଳକ ଷ୍ଟାର୍ଟ ବନ୍ଦ ନକରି ପଚାରିଲା, "ମାଡାମ୍, କୁଆଡ଼େ ଯିବେ ?"

ନିମଗ୍ନାର ସଂକ୍ଷିପ୍ତ ଉତ୍ତର, "ଗୌତମ ନଗର ।" ଅଟୋବାଲା ଭଦ୍ର ଭାବରେ କହିଲା, "ଶୀଘ୍ର ବସନ୍ତୁ ମାଡାମ୍ ! ଅନେକ ରାତି ହେଲାଣି ।"

ନିମଗ୍ନା ବିନା ବାକ୍ୟବ୍ୟୟରେ ଅଟୋରେ ବସିପଡ଼ିଲା । ଅଟୋ ଦ୍ରୁତଗତିରେ ଆଗକୁ ବଢ଼ିଚାଲିଲା । ଗୋଟିଏ କିଲୋମିଟର ପାଖାପାଖି ଯିବା ପରେ ଅଟୋବାଲା ରାସ୍ତା ବଦଳେଇଲା ।

ନିମଗ୍ନା ଭୟମିଶା ସ୍ୱରରେ କହିଲା, "ମେନ୍ ରୋଡ୍ ଛାଡ଼ି ଏମିତି ନିଛାଟିଆ ରାସ୍ତାରେ କାହିଁକି ଆସିଲ ?"

"ଆପଣ ନିଶ୍ଚିନ୍ତ ହୋଇ ବସିଥାଆନ୍ତୁ ମାଡାମ୍ । ଏଇଟା ସଟ୍‌କଟ୍ ରାସ୍ତା । ଗୌତମ ନଗର ପହଞ୍ଚିବାକୁ ମାତ୍ର ଦଶ ମିନିଟ୍ ଲାଗିବ ।" ନିମଗ୍ନା ତା' କଥାକୁ ଗୁରୁତ୍ୱ ନଦେଇ ମୋବାଇଲ୍‌ରୁ ମେସେଜ୍‌ଟିଏ କଲା । ଅଟୋଟା ଗୋଟିଏ ନିଛାଟିଆ ଜାଗାରେ ଅଟକିଲା । ଅଟୋକୁ ଫଲୋ କରୁଥିବା ବାଇକ୍‌ଟା ବି ଅଟକିଲା । ଏପ୍ରିଲ୍ ଦୁଇ ଘଟଣାର ପୁନରାବୃତ୍ତି ହେବାକୁ ଯାଉଥିଲା । ଏଥର ନିମଗ୍ନା କିନ୍ତୁ ଥିଲା ସ୍ଥିର, ଅବିଚଳିତ । ଅଟୋବାଲା ତା' କାନ୍ଧରେ ହାତ ରଖି କହିଲା, "ତୁ ତ ଆମର ପୋଷା ମଇନା । ଆଗଥର ପରି ଝାମେଲା ନକରି ଆମ କଥା ବୁଝିଦେ ।" ରାଗରେ ଥରୁଥିବା ନିମଗ୍ନା ସଂଯମ ହରେଇ ତା ଗାଲରେ ଶକ୍ତ ଚାପୁଡ଼ାଟିଏ ମାରିଲା । ଅନ୍ୟ ଯୁବକ ଜଣକ କିଛି ପ୍ରତିକ୍ରିୟା ପ୍ରକାଶ କରିବା ଆଗରୁ ପୂର୍ବ ଯୋଜନା ଅନୁସାରେ ପୁଲିସ୍ ସେମାନଙ୍କୁ ଆୟତ୍ତ କରିନେଲା ।

ପୁଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହେଲେ ଉଦ୍‌ଭ୍ରାନ୍ତ ଯୁବକ ଏବଂ ଅପରାଧର ମାଷ୍ଟର-ମାଇଣ୍ଡ ତଥା ବ୍ରୋକର୍ ଅଟୋ ଚାଳକ । ଫାଷ୍ଟଟ୍ରାକ୍ କୋର୍ଟ କେଶ୍‌ର ସମ୍ବେଦନଶୀଳତାକୁ ଗୁରୁତ୍ୱ ଦେଇ କ୍ଲୋଜ୍ କ୍ୟାମେରାରେ ଟ୍ରାଏଲ୍ ପାଇଁ ନିର୍ଦ୍ଦେଶ ଦେଲେ । ନିମଗ୍ନାର ଓକିଲ କୋର୍ଟର ନିଷ୍ପତ୍ତିକୁ ବିରୋଧ କରି ପ୍ରାର୍ଥନା କଲେ, "ମୋର କ୍ଲାଏଣ୍ଟ ଚାହାନ୍ତି କେଶ୍‌ର ଶୁଣାଣି ଖୋଲା କୋର୍ଟରେ ହେଉ । ସାଧାରଣ ଲୋକମାନେ ଅପରାଧୀମାନଙ୍କ ପ୍ରକୃତ ସ୍ୱରୂପକୁ ଦେଖନ୍ତୁ, ଜାଣନ୍ତୁ । ବିରୋଧୀ ପକ୍ଷ ଓକିଲଙ୍କ ଯେକୌଣସି ପ୍ରଶ୍ନର ଉତ୍ତର ସର୍ବସମ୍ମୁଖରେ ବିନା ସଙ୍କୋଚରେ ଦେବାକୁ ସେ ପ୍ରସ୍ତୁତ ଅଛନ୍ତି । ମାନ୍ୟବର କୋର୍ଟଙ୍କୁ ମୋର କ୍ଲାଏଣ୍ଟ ତରଫରୁ ଅନୁରୋଧ, ଅପରାଧୀମାନଙ୍କ ପିତାମାତାଙ୍କୁ ବିଚାର ବେଳେ କୋର୍ଟ ରୁମ୍‌ରେ ହାଜର ହେବା ପାଇଁ ସମନ ଜାରି ହେଉ । ଏହାଦ୍ୱାରା ସେମାନେ ତାଙ୍କର ସୁପୁତ୍ରମାନଙ୍କର ଗୁଣଗ୍ରାମ ବିଷୟରେ ଜାଣିବାର ସୁଯୋଗ ପାଇବେ ଏବଂ ଅପରାଧ ପାଇଁ ସେମାନେ ନିଜେ କେତେ ପରିମାଣରେ ଦାୟୀ ବିଚାର କରିବେ ।" କୋର୍ଟ ନିମଗ୍ନାର ଦୁଇଟିଯାକ ଆବେଦନକୁ ଗ୍ରହଣ କରି ଆଦେଶ ଦେଲେ ।

ଫାଷ୍ଟଟ୍ରାକ୍ କୋର୍ଟରେ ଦୁଇମାସ ଧରି ନିମଗ୍ନା କେଶ୍‌ର ଶୁଣାଣି ଜାରି ରହିଲା । ନିମଗ୍ନାର ବୟାନ, ପୁଲିସର ତଦନ୍ତ ରିପୋର୍ଟ, ସର୍‌କୁମଷ୍ଟେନ୍‌ସିଆଲ୍ ଏଭିଡେନ୍‌ସକୁ ଭିତ୍ତି କରି କୋର୍ଟ ଅପରାଧୀଙ୍କୁ ସାତବର୍ଷ ସଶ୍ରମ କାରାଦଣ୍ଡର ଆଦେଶ ଦେଲେ ।

କୋର୍ଟରୁମ୍ ବାହାରେ ତାକୁ ଅଭିନନ୍ଦନ ଜଣେଇବା ପାଇଁ ଉତ୍ସୁକତାର ସହିତ ରୁଣ୍ଡ ହୋଇଥିବା ଜନତାଙ୍କୁ ଦେଖି ନିମଗ୍ନା ଅଭିଭୂତ ହୋଇପଡ଼ିଲା । ପ୍ରିଣ୍ଟ ମିଡିଆ ଓ ଇଲୋକ୍‌ଟ୍ରୋନିକ୍ ମିଡିଆରେ ତା ବିଷୟରେ ବିସ୍ତୃତ ଭାବରେ ଚର୍ଚ୍ଚା ହେବାକୁ ଲାଗିଲା । ଟିଭି ଚ୍ୟାନେଲ୍‌ଗୁଡ଼ିକ ତା'ର ପ୍ରଶଂସାରେ ଶତମୁଖ ହୋଇଉଠିଲେ । ତା' ମୋବାଇଲ୍ ଇନ୍‌ବକ୍ସକୁ କଙ୍ଗ୍ରାଚ୍ୟୁଲେଟୋରୀ ମେସେଜ୍‌ମାନ ଆସିବାକୁ ଲାଗିଥିଲା । ମନର ଉତ୍ସୁକତାକୁ ଅବଦମିତ କରି ନପାରି ନିମଗ୍ନା ଇନ୍‌ବକ୍ସ ଓପନ୍ କଲା । ଶହେ ପାଖାପାଖି ମେସେଜ୍ ଭିତରୁ ପ୍ରଥମ ମେସେଜ୍‌ଟି ଥିଲା ଆବାରଗିଲ୍‌ଙ୍କର । ମସେଜ୍‌ରେ ଲେଖାଥିଲା, "ମେନି ମେନି କଙ୍ଗ୍ରାଚ୍ୟୁଲେସନ୍ ନିମଗ୍ନା ମହାପାତ୍ର । ଉଇସ୍ ୟୁ ହ୍ୟାପି ଏଣ୍ଡ ପ୍ରସ୍‌ପରସ୍ ଲାଇଫ୍ ।" ଏମିତି ଏକ ମେସେଜ୍ ଖୋଦ୍ ଆବାରଗିଲ୍‌ଙ୍କଠୁ ପାଇବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା । ମୁଣ୍ଡ ତା'ର ଆପେଆପେ ନଇଁଆସିଲା ସେଇ ଅସାଧାରଣ ମହିଳାଙ୍କ ମହାନତା ଆଗରେ ।

କେଇଘଣ୍ଟାର ଅନ୍ତରାଳରେ ନିମଗ୍ନା ପରି ଅଖ୍ୟାତ ଝିଅଟେ ବିଖ୍ୟାତ ହୋଇଗଲା । ଆଶାତୀତ ଭାବରେ ତା'ର ପ୍ରଶଂସକଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ଫ୍ୟାନ୍ କ୍ଲବ୍‌ମାନ ଗଢ଼ିଉଠିଲା । ତା'ର ଆଦର୍ଶରେ ଅନୁପ୍ରାଣିତ ହୋଇ ଚୁପ୍ ହୋଇ ରହିଥିବା ଦଳିତ, ଲାଞ୍ଛିତ ଏବଂ ଯୌନ-ଉତ୍ପୀଡ଼ିତ ମହିଳାମାନେ ମୁହଁ ଖୋଲିବାକୁ ସାହସ କଲେ । ପଥପ୍ରାନ୍ତ ନାଟକ, ସଭାମାନ ଆୟୋଜନ କରି ନାରୀ-ସଚେତନତା ସୃଷ୍ଟି ପାଇଁ ପ୍ରଚେଷ୍ଟା ଆରମ୍ଭ ହେଲା । ସମୟକ୍ରମେ ଏହା ଏକ ଆନ୍ଦୋଳନର ରୂପ ନେବାକୁ ବସିଲା । ଲୋକମୁଖରେ ନିମଗ୍ନା ଏକ ଚର୍ଚ୍ଚିତ ନାମ ହୋଇ ଉଭା ହେଲା ।

ମିଡ଼ିଆ, ବୁଦ୍ଧିଜୀବୀ; ଏପରିକି ସାଧାରଣ ଜନତା ତାକୁ ଭାରତର ଆବାରଗିଲ୍ ବୋଲି ସମ୍ବୋଧନ କରିବାକୁ ଲାଗିଲେ ।

ନୂଆପଡ଼ା (ବାଲିସାହି), ମଧୁପାଟଣା, କଟକ-୭୫୩୦୧୦

●●

# ବିଷ ବିଶ୍ୱାସ

**ଲକ୍ଷ୍ମୀ ଚାନ୍ଦ୍**

"ସତ କୁହନ୍ତୁ ଆପଣ ହିଁ ଆପଣଙ୍କ ସ୍ୱାମୀଙ୍କୁ ବିଷ ଦେଇ ମାରିଛନ୍ତି ।" ଇନ୍‌ସ୍ପେକ୍ଟର ଜଣକ ଗର୍ଜିଉଠିଲେ । ଆରତୀ ମୂକ ପାଲଟିଯାଇଥିଲା । ଏମାନଙ୍କୁ ସେ କ'ଣ ବୁଝେଇବ, ରୋହିତକୁ ସେ କେତେ ଭଲପାଉଥିଲା ! ରୋହିତକୁ ସେ ବିଷ ଦେଇ ମାରିପାରେ, ଏକଥା ଏମାନେ କଳ୍ପନା କରୁଛନ୍ତି କେମିତି ? କୌଣସି ବି ସ୍ତ୍ରୀ ତା ସ୍ୱାମୀକୁ କ'ଣ ବିଷ ଦେଇ ମାରିପାରେ ? କିନ୍ତୁ ସେତିକିବେଳୁ ତାକୁ ଥାନାକୁ ଧରିଆଣି ଗୋଟେ ପ୍ରକାର ବାଧ୍ୟ କରୁଛନ୍ତି ସେ ସ୍ୱୀକାର କରୁ ରୋହିତକୁ ବିଷ ଦେଇ ମାରିଛି । ଦୁଇଦିନ ଆଗରୁ ଯୋଉ ଦୁର୍ଘଟଣା ତା ଜୀବନରେ ଘଟିଗଲା, ତାକୁ ଏପର୍ଯ୍ୟନ୍ତ ବିଶ୍ୱାସ କରିବା ପାଇଁ ତା ମନରେ ସାହସ ନାହିଁ । ତାଙ୍କର ଗୋଟେ ହାପି ଫ୍ୟାମିଲି ଥିଲା । ପରସ୍ପର ପ୍ରତି ସମର୍ପଣ ଭାବ ଥିଲା । ଉଭୟେ ଜିଉଁଥିଲେ ଉଭୟଙ୍କ ପାଇଁ । ପୁଣି ଯା ଭିତରେ ସେ ରୋହିତକୁ ବିଷ ଦେବାର ପ୍ରଶ୍ନ କୋଉଠୁ ଆସିଲା ? ଆଉ ଏମାନେ କିଛି ନଜାଣି ତାକୁ ଏତେ ବାଧ୍ୟ କାହିଁକି କରୁଛନ୍ତି ସେ ମାନିଯାଉ, ସେ ହିଁ ରୋହିତକୁ ବିଷ ଦେଇଛି । ଇନ୍‌ସପେକ୍ଟର ଜଣଙ୍କ ତାକୁ ମନେଇବାର ପ୍ରଚେଷ୍ଟାରେ ଝାଳନାଳ । ସେ ତାଙ୍କ ସାର୍ଟର ଗୋଟେ ବୋତାମ ଖୋଲି କିଛି ସମୟ ଝାଳ ଶୁଖେଇବା ଉଦ୍ଦେଶ୍ୟରେ ଫ୍ୟାନ୍ ତଳକୁ ଚାଲିଗଲେ । ଆରତୀ ଟିକେ ଶାନ୍ତିରେ ନିଃଶ୍ୱାସ ନେଲା । ଖୁନୀଠୁ ସତ ଉଗାଳିବା ପାଇଁ ତାକୁ ବାଡ଼େଇ ବାଡ଼େଇ ହାଲିଆ ହେବା ପରି ଇନ୍‌ସପେକ୍ଟର ଜଣକ କ୍ଲାନ୍ତ ଦେଖାଯାଉଥାନ୍ତି ଓ ପକେଟରୁ ରୁମାଲ ବାହାର କରି ବାରମ୍ବାର ମୁହଁ ପୋଛୁଥାନ୍ତି । କିନ୍ତୁ ତାଙ୍କ ଆଖି ଆରତୀ ଉପରେ ଅନବରତ ଘୂରିବୁଲୁଥାଏ । ସେଇ ଦୁଇ ଜ୍ୱଳନ୍ତ ଆଖି ଦେଖି ଆରତୀ ଭୟରେ ଶିହରିଉଠିଲା । କିଛି ସମୟ ନିରବରେ କଟିଗଲା ପରେ ଆରତୀ ନିଷ୍ପତ୍ତି ନେଲା, ଯାହା ବି ହେଇଯାଉ ସେ ଏମାନଙ୍କ ଧମକକୁ ଡରିବନି । ସେ ତ ଦୋଷ କରିନି, ମାନିବ କାହିଁକି ? ତାକୁ ଟିକେ ବଳ ପାଇଲା ପରି ଲାଗିଲା । ରୋହିତ ଗଲାଦିନଠୁ ସେ ପ୍ରାୟ କିଛି ଖାଇନଥିଲା । ତାକୁ ଦୁର୍ବଳ ଲାଗୁଥିଲା । ଏବେ ମନ ଦୃଢ଼ ହେବାରୁ ତାକୁ ସତେଜ ଲାଗିଲା ଓ ସେ ଯେକୌଣସି ପରିସ୍ଥିତିରେ ମୁକାବିଲା କରିପାରିବ ବୋଲି ତା'ର ଧାରଣା ହେଲା ।

"କଥା କେମିତି ଆଦାୟ କରିବାକୁ ହୁଏ ମୁଁ ଠିକ୍ ଜାଣିଛି ।" ଇନ୍‌ସପେକ୍ଟର ଜଣକ ମନକୁମନ କହିଲେ, ଅଥଚ ତାଙ୍କ ମନକୁମନ କହିବା ଏତେ ଉଚ୍ଚସ୍ୱର ଥିଲା, ତାହା ଆରତୀକୁ ଘଡ଼ଘଡ଼ି ଶବ୍ଦ ପରି ଶୁଭିଲା । ଏଇ ଅବସରେ ଇନ୍‌ସପେକ୍ଟର ଜଣକ ପୁଣିଥରେ ରୁମାଲରେ ମୁହଁ ପୋଛିଲେ ଓ ଛାତି ପକେଟରୁ କ'ଣ ଗୋଟେ କାଗଜ ବାହାର କରି ତା ଉପରେ ଥରେ ଆଖି ଘୂରେଇ ଅଧିକା ଭୟଙ୍କର ଦେଖାଗଲେ । ଏଥର ତାଙ୍କ ଆଖି ଦୁଇଟି ଆହୁରି ଜଳିଉଠିଲା ଓ ଲାଲ୍ ଲାଲ୍ ଦେଖାଗଲା । ସେ ତାଙ୍କ ଦୁଇ ଆଖିର ଡୋଳାକୁ ଆରତୀର ଗୋଡ଼ରୁ ମୁଣ୍ଡ ଯାଏଁ ଘୂରେଇବାକୁ ଲାଗିଲେ । ତାଙ୍କ ଡୋଳାର ପୁଅ ନାଚିବାକୁ ଲାଗିଲା । ସେଇ ଆଖି ଦୁଇଟି ହିଁ ଯଥେଷ୍ଟ ଥିଲା ଯେକୌଣସି ଅପରାଧୀର ମୁହଁ ଖୋଲାଇବାକୁ । ଆରତୀକୁ ଟିକେ ଡର ଲାଗିଲା, ପରେ ସେ ନିଜକୁ ସହଜ କରିନେଲା । ସେ ତ ଅପରାଧୀ ନୁହେଁ, ବିନା କାରଣରେ କାହିଁକି ଡରିବ ? ସେ ସେମିତି ଧୀରସ୍ଥିର ଭାବେ ବସିରହିଲା । ଇନ୍‌ସପେକ୍ଟର ଜଣକ ତାକୁ ମଝିରେ ମଝିରେ ଚାହିଁ ଲେଡି କନ୍‌ଷ୍ଟେବଲକୁ କ'ଣ ଇସାରା କଲେ । ହୁଏତ ତାଙ୍କ ଭାଷାରେ ଥାର୍ଡ ଡିଗ୍ରୀ ବ୍ୟବହାର ପାଇଁ କଥା ଆଦାନପ୍ରଦାନ ହେଲା ।

ଲେଡି କନ୍‌ଷ୍ଟେବଲ ଜଣକ ତା ପାଖକୁ ମାଡ଼ିଆସି ଚିତ୍କାର ଛାଡ଼ିଲା, "ଏ ଶାଲୀ ! ମାନୁଛୁ କି ନାଇଁ ବେ ? ଘଇତାକୁ ମାରି ଏଠି ସତୀ ଦେଖେଇ ହଉଛୁ ? ତୋ ମୁହଁରୁ "ହଁ" ବାହାର କରିବାକୁ ଆମକୁ ମିନିଟିଏ ଲାଗିବନି । ପୋଲିସ୍‌ର ହାତ କେତେ ଲମ୍ବା, ଜାଣିନୁ ତୁ ।"

ହଁ, ପୋଲିସ୍‌ର ହାତ ଲମ୍ବା ସମସ୍ତେ କୁହନ୍ତି । ତେବେ ଏତେ ଲମ୍ବା ହାତ ଅପରାଧୀକୁ ଧରିପାରୁନି କେମିତି ? ତାକୁ କାହିଁକି ବାଧ୍ୟ କରୁଛନ୍ତି ସେ ସ୍ୱୀକାର କରୁ ରୋହିତକୁ ମାରିଛି ? ରୋହିତକୁ ସେ ଲଭ୍ ମ୍ୟାରେଜ୍ କରିଥିଲା । ଦୁହେଁ ପରସ୍ପରକୁ ଦୀର୍ଘ ପାଞ୍ଚବର୍ଷ ଧରି ଭଲପାଇ ଆସୁଥିଲେ । ବାହାଘର ପାଇଁ କୌଣସି ପ୍ରତିବନ୍ଧକ ନଥିଲା, କେଡ଼େ ଖୁସିରେ ବିତୁଥିଲା ଦିନ । ହଜାରେ ବ୍ୟସ୍ତତା ଭିତରେ ଦୁହେଁ ଦୁହିଙ୍କ ପାଇଁ ସମୟ ବାହାର କରୁଥିଲେ । ଲଙ୍ଗ୍ ଡ୍ରାଇଭ୍‌ରେ ଯାଉଥିଲେ । ପରସ୍ପର ଇମୋଶନ୍‌କୁ ସମ୍ମାନ ଜଣାଉଥିଲେ । କେବେ କେହି ରାଗିଗଲେ ଅପର ଜଣକ ତାକୁ ମନେଇ ନଉଥିଲା । ଦୁହିଙ୍କ ଭଲପାଇବାର ମଧୁରତା ଦୁହେଁ ଅନୁଭବ କରୁଥିଲେ ।

ରୋହିତ ତାକୁ କହୁଥିଲା, "ଦେଖ, ଭୁଲ୍‌ରେ ବି ଯେମିତି ଆମ ଭିତରେ ମିସ୍‌ଅଣ୍ଡରଷ୍ଟାଣ୍ଡିଙ୍ଗ୍ ନହୁଏ, କେବେ ଅନ୍ୟର କଥା ମୁଣ୍ଡରେ ପୂରେଇବନି ।"

- ତୁମକୁ ପାଇଲା ପରେ ମୁଁ ଆଉ କାହା କଥା ଶୁଣିବାର ଆବଶ୍ୟକତା ଅନୁଭବ କରୁନି । ମୋ ଜୀବନର ଲକ୍ଷ୍ୟ ପୂରଣ ହେଇଛି ।

- ଆମ ଏ ପରିବାରକୁ କୌଣସି ତୃତୀୟ ବ୍ୟକ୍ତିର ପ୍ରବେଶ ନାହିଁ ।

- ଲୁକ୍ ମି । କାଲିକୁ କାଲି ଆମ ଛୁଆ ହବ, କ'ଣ ତା'ର ବି ପ୍ରବେଶ ନାହିଁ ?

- ନା ଛୁଆପିଲା ମୋତେ ପସନ୍ଦ ନୁହେଁ, ତୁମେ ମୋ ପାଇଁ ସବୁକିଛି ।

- କ'ଣ ତା'ହେଲେ ଆମର ଛୁଆପିଲା ହବନି ?

- ନା । ନିଜେ ବଞ୍ଚିବା ମୁସ୍କିଲ୍, ଛୁଆମାନଙ୍କୁ ସଂସାରକୁ ଆଣି କାଇଁ ହଇରାଣ କରିବା ?

- କିନ୍ତୁ ବାହାଘର ପରେ ତ ସମସ୍ତଙ୍କର ଛୁଆ ହୁଏ ।

- ଆରେ ସେମିତି କେମିତି ହବ ? ଲୋକ କ'ଣ କହିବେ ?

– ଓ ମାଡାମ୍ ! ଏ ଯୁଗରେ ପିଲାଝିଲା ନଥିବା ବାପାମା'ମାନଙ୍କୁ ବାହାବା ମିଳେ, ବିଭିନ୍ନ ପ୍ରକାର ପ୍ରୋତ୍ସାହନ ମିଳେ । ସେମାନେ ବଢ଼ନ୍ତା ଜନସଂଖ୍ୟାକୁ ନିୟନ୍ତ୍ରଣ କରୁଛନ୍ତି; ଏଇଟା କ'ଣ କମ୍ କଥା ?

– ତୁମେ ଯେତେ ବୁଝେଇଲେ ବି ମୋର କିନ୍ତୁ ପିଲାଟିଏ ଦର୍କାର ଥିଲା । ମୁଁ ତା ସାଙ୍ଗରେ ଖେଳିଥାନ୍ତି ।

– ମୋ ସାଙ୍ଗରେ ଖେଳୁନ, ମୁଁ ତୁମ ପାଖରେ ସବୁବେଳେ ଅଛି । ମୁଁ ଚାହେଁ ଆମ ଦୁହିଙ୍କ ଭଲପାଇବାରେ କେହି ଭାଗ ନ ବସାଉ । ପିଲାଟିଏ ହେଇଗଲା ପରେ ଭଲପାଇବା ବି ଭାଗ ହେଇଯାଏ । ତୁମେ ମୋ ସାମନାରେ ସବୁବେଳେ ଏମିତି ତାଜା ଓ ଜବାନ ଥାଅ । ପିଲାଟିଏ ଆସି ତୁମ ଯୌବନ ନଷ୍ଟ ନ ହେଉ ।

ଆହୁରି କେତେ କ'ଣ କହି ରୋହିତ ତାକୁ ବୁଝେଇଥିଲା । ତା ମନ ବୁଝୁନଥିଲେ ବି ରୋହିତର ଖୁସି ପାଇଁ ସେ ସବୁ ମାନିନେଇଥିଲା । ରୋହିତ ତାକୁ କଥା ଦେଇଥିଲା ପିଲାଟିଏର ଅବସୋସ ଜୀବନରେ କେବେ ତାକୁ ସେ କରିବାକୁ ଦେବନି । ଉଭୟେ ଉଭୟଙ୍କ ପିଲା ଓ ଗାର୍ଡିୟନ୍ । ପରସ୍ପରକୁ ସମ୍ଭାଳିବେ ଓ ତାଗିଦ୍ କରିବେ । ଦୁହେଁ ଦୁହିଙ୍କ ପାଇଁ ସଂପୂର୍ଣ୍ଣ ସମର୍ପିତ ରହିବେ ଓ ତୃତୀୟ କାହାକୁ ତାଙ୍କ ଭିତରେ ପ୍ରବେଶ କରିବାକୁ ଦେବେନି । ସାତ ବର୍ଷ ଧରି ସେମିତି ଚାଲୁଥିଲା ମଧ୍ୟ । କିଛି ଅବସୋସ ନଥିଲା କାହାର । ଅଫିସ୍‌ରୁ ଆସି ଦୁହେଁ ଦୁହିଙ୍କ ଭିତରେ ହଜିଯାଆନ୍ତି । ଯିଏ ଯେତେବେଳେ ସମୟ ପାଏ ଅନ୍ୟ ପାଇଁ ଉତ୍ସର୍ଗ କରେ । ତାଙ୍କ ଭିତରେ ଇଗୋ ନାମକ ଜିନିଷଟି ସ୍ଥାନ ପାଇନଥିଲା । ଦିନ ବିତିଯାଉଥିଲା ।

ଏବେ କିଛିଦିନ ଧରି ରୋହିତ ଅନ୍ୟମନସ୍କ ରହୁଥିଲା । ଯାହା ପଚାରିଲେ କିଛି କହୁନଥିଲା । ଆରତୀ ଭାବୁଥିଲା କାମର ପ୍ରେସରରେ ସେ ସେମିତି ହଉଛି । କିନ୍ତୁ ଧୀରେ ଧୀରେ ତା ଅନ୍ୟମନସ୍କତା ବଢ଼ିଲା । କୌଣସି କାମ ସେ ଠିକ୍ ଢଙ୍ଗରେ କଲାନି । ଅଫିସ୍‌କୁ ଠିକ୍ ସମୟରେ ଯାଏ; କିନ୍ତୁ ଘରକୁ ଆସିଲେ ତାକୁ ଅପରିଚିତ ପରି ବ୍ୟବହାର କରେ । ଟିକେ ଟିକେ କଥାରେ ତା ଉପରେ ଚିଡ଼ଚିଡ଼୍ ହୁଏ । ଆରତୀ କିଛିଦିନ ଯାଏଁ ତା ବ୍ୟବହାରରେ ହତବାକ୍ ହେଇ ରହିଲା । ତା'ପରେ ଏସବୁର କାରଣ ଅନୁସନ୍ଧାନ ପାଇଁ ରୋହିତ ଅଫିସ୍‌ର କିଛି ସାଙ୍ଗଙ୍କ ସହ ଯୋଗାଯୋଗ କଲା । ସେମାନେ ଯଦିଓ କିଛି ପୂର୍ଣ୍ଣ ବିବରଣୀ ଦେଇପାରିଲେନି, ଏତିକି ଜଣାଇଦେଲେ ଯେ ଅଫିସ୍‌ରେ ନୂଆଁ ଜଏନ୍ କରିଥିବା ଗୋଟେ ଝିଅ ନିଶା ସହ ରୋହିତର ଅନ୍ତରଙ୍ଗତା ବେଶ୍ ବଢ଼ିଛି । କିନ୍ତୁ ଦୁହିଙ୍କ ଆଫେୟାର୍‌ର ସେମିତି କୌଣସି ଠୋସ୍ ପ୍ରମାଣ ନାହିଁ । ଆରତୀର ଅବଚେତନ ମନରେ ଯାହା ଧୂଆଁଳିଆ ଦେଖାଯାଉଥିଲା, ଏବେ ସ୍ପଷ୍ଟ ହେବାକୁ ଲାଗିଲା ।

ସମୟ ବିତୁଥିଲା । ରୋହିତ ଅଳ୍ପ ଅଳ୍ପ ବଦଳିଯାଉଥିଲା । ତା କଥାରେ, ତା ଭଲପାଇବାରେ, ତା ଚୁମାରେ, ତା ଆଲିଙ୍ଗନରେ ସବୁଥିରେ ଉଷ୍ମତା କମିବାକୁ ଲାଗିଲା । ଆରତୀ ଠିକ୍ କଲା ନିଶା ସହ କଥା ହବ । ଏମିତି ତା ଘରକୁ ସେ ଭାଙ୍ଗିଯିବାକୁ ଦବନି । ନିଶା ସହ କଥା ହେଇ ଜାଣିଲା ସେ ଖୁବ ଭଲ ଝିଅଟେ । ତା'ର ରୋହିତ ପ୍ରତି ସେମିତି କିଛି ସଫ୍ଟ କର୍ଣ୍ଣର୍ ନାହିଁ । ରୋହିତ ହିଁ ଉପରେ ପଡ଼ି ତା ସହ ଅନ୍ତରଙ୍ଗ ହେବାକୁ ଚେଷ୍ଟା କରୁଛି । ସେ ଏକଥା ମଧ୍ୟ ମାନିନେଲା ଯେ ସେ ଏବେଠୁ ରୋହିତକୁ ଯେତେ ସମ୍ଭବ ଆଭଏଡ୍ କରିବ ।

ଘରେ ରୋହିତ ସହ ମଧ୍ୟ ଏ ବିଷୟରେ କଥା ହେଲା ।

– ଆମ ଭିତରେ କଥା ହେଇଥିଲା ଯେ ଆମ ଭିତରକୁ କେହି ତୃତୀୟ ପଶିବନି ।

– ହଁ ।

– ଫେର୍ ନିଶା କୋଉଠୁ ଆସିଲା ?

– ଏସବୁ ବାଜେ କଥା ତୁମ ମୁଣ୍ଡକୁ କେମିତି ଆସିଲା ? ନିଶା କାହିଁକି ଆମ ଭିତରକୁ ପଶିବ ?

– ତୁମ ଭିତରେ ମୁଁ କ'ଣ ଏବେ ବି ସୁରକ୍ଷିତ ଅଛି ?

– ଏଥିରେ ସନ୍ଦେହ ଅଛି ?

– ତୁମର ଗତ କିଛିଦିନର ବ୍ୟବହାର ?

– ସେ କାମର ପ୍ରେସର୍ । ଜାଣିଛ, ଆଜିକାଲି ମାର୍କେଟ୍ ଡାଉନ୍ । ଟାର୍ଗେଟ୍ ପୂରଣ ପାଇଁ ଉପରୁ ପ୍ରେସର୍ ।

– ଏତେ କ୍ଲାରିଫିକେସନ୍‌ର ଆବଶ୍ୟକତା ନାହିଁ । ମୋର ତୁମ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି ।

– ଦାଟ୍‌ସ ଲାଇକ୍ ମାଇଁ ଗୁଡ୍ ୱାଇଫ୍ ।

ରୋହିତ ତା'ପରେ ତାକୁ ବହୁତ ଗେହ୍ଲା କଲା । ଅନ୍ତତଃ ଏଇ ଛୋଟ ଘଟଣାଟା ଆରତୀ ମନରୁ ପାଶୋରିଲା ଯାଏଁ ସେ ତା ପାଖେପାଖେ ରହିଲା ଓ ତାକୁ ଭୁଲିବାରେ ସାହାଯ୍ୟ କଲା । ରୋହିତର ଏତେ ଯତ୍ନଶୀଳତା ଆରତୀକୁ ଅଣନିଃଶ୍ୱାସୀ ଲାଗୁଥିଲେ ମଧ୍ୟ ସେ ସବୁ ଭୁଲିବାକୁ ଚେଷ୍ଟା କଲା । ଦୁହେଁ ତ ଦୁହିଙ୍କ ପାଇଁ ବଞ୍ଚିବେ, ତୃତୀୟ ଜଣକୁ ନେଇ କଳି କାହିଁକି ?

ଧୀରେ ଧୀରେ ଘର ସଜାଡ଼ିହେଇ ଆସିଲା । ସବୁ ପୁଣିଥରେ ଠିକଠାକ୍ ଚାଲିଲା । ଆରତୀ ମନେମନେ ଭାବିଲା ସେ ଯଦି ଟିକିଏ ଚେଷ୍ଟା କରିନଥାନ୍ତା, ତା ସଂସାରଟା ଉଚ୍ଛନ୍ନ ହେବାକୁ ଆଉ ବେଶୀ ସମୟ ଲାଗିନଥାନ୍ତା । ଯା ଭିତରେ ପ୍ରାୟ ମାସଟିଏ ବିତିଯାଇଥିଲା । ସେମିତି ଆଉ କୌଣସି ଘଟଣା ଘଟିନଥିଲା, ଯାହାକୁ ନେଇ ଆରତୀ ମନସ୍ତାପ କରିଥାନ୍ତା କିମ୍ବା ରୋହିତ କି ନିଶାକୁ ଦୋଷ ଦେଇଥାନ୍ତା । ରୋହିତ ସଂପୂର୍ଣ୍ଣଭାବେ ତା'ର ପାଲଟିଯାଇଥିଲା । ଏଇ ତ ଆଠଦିନ ତଳେ ତାକୁ ନେଇ କେତେ କୁଆଡ଼େ ବୁଲେଇ ଆଣିଥିଲା । ଦୁହେଁ ପୂର୍ବପରି ପୁଣି ଜୀବନକୁ ଉପଭୋଗ କରୁଥିଲେ । ବରଂ ରୋହିତ ତାକୁ ପୂର୍ବ ଅପେକ୍ଷା ଆହୁରି ଅଧିକ ଭଲ ପାଉଥିଲା ।

ଇନ୍‌ସପେକ୍ଟର ଜଣକ ପୁଣି ଗୁରାଳିହେଲେ । ଆରତୀ ଚମକି ପଡ଼ିଲା । ସେ ତାଙ୍କ ରୁଲ୍‌ବାଡ଼ିକୁ କଟିଲା ପରି ଟେବୁଲ୍ ଉପରେ ରଖିଲେ ଓ ଲେଡି କନ୍‌ଷ୍ଟେବଲକୁ ଗୋଟେ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ । ସେ ଧଇଁସଇଁ ହେଉଥିବା କାରଣରୁ ତାଙ୍କ ପୃଥୁଳ ପେଟଟା ଉଠୁଥାଏ ପଡୁଥାଏ । ସେମିତି ଅବସ୍ଥାରେ ତାଙ୍କ ପେଟଟି କାନ୍ଥରେ ଲାଗିଥିବା ଘଡ଼ିର ଦୋଳାୟମାନ ପେଣ୍ଡୁଲମ୍ ପରି ମନେହେଉଥାଏ । ଯାହା ଏକଡ଼ସେକଡ଼

ନହେଇ ଉପରତଳ ହଉଥାଏ । ଆରତୀ ବର୍ଷେ ପୂର୍ବରୁ ସମ୍ବାଦପତ୍ରଗୁଡ଼ିକରେ ପଢ଼ିଥିଲା ପେଟ ବାହାରିଥିବା ପୋଲିସ୍ ଅଫିସରମାନଙ୍କୁ କୁଆଡ଼େ ପେଟ କମାଇବା ପାଇଁ ଜୋରଦାର୍ ତାଗିଦ୍ କରାହେଇଛି । ପେଟ ନ କମିଲେ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବ । ତେବେ ଏ ମହାଶୟଟି ସେ ନିୟମ ଜାଣିନାହାନ୍ତି ଅବା ଜାଣିଥିଲେ ବି ଏତେ କଷ୍ଟରେ ବଢ଼ାଇଥିବା ପେଟ ଲୋଭରେ ତାକୁ ଖାତିର କରିନାହାନ୍ତି, ଆରତୀ ବୁଝିପାରିଲାନି । ପୁଣି ସମସ୍ତଙ୍କ ପାଇଁ ସେ ନିୟମଟି କଡ଼ାକଡ଼ି ପାଳନ ହେଉଥିଲା ବେଳେ ୟାଙ୍କୁ କୋଉ ଖାତିରିରେ ରିହାତି ଦିଆଯାଇଛି ? ସେ ଧଇଁସଇଁ ହେବା ସହ ଅତି ଯତ୍ନରେ ବଢ଼େଇଥିବା ନିଜ ପ୍ରଜାପତିଆ ନିଶ ହଳକୁ ମଝିରେ ମଝିରେ ସାଉଁଳୁଥାନ୍ତି । ନିଶକୁ ସାଉଁଳିଲା ବେଳେ ତାଙ୍କ କଟାସ ଆଖି ଯୋଡ଼ିକ ଏବଂ ଅଣ୍ଡାକୃତି ମୁହଁଟି ଏକ ଅଦ୍ଭୁତ ଦୀପ୍ତିରେ ଝଲମଲ କରୁଥାଏ । ମନେମନେ ସେ ଯେମିତି ପ୍ରତିଜ୍ଞା କରୁଥାନ୍ତି, "ମୋ ନାକନିଶ ଆଜିଯାଏଁ ତଳେ ପଡ଼ିନି... ଏଇ ସାମାନ୍ୟ ଘଟଣାରେ କ'ଣ ତଳେ ପଡ଼ିଯିବ ?"

ଲେଡି କନ୍‌ଷ୍ଟେବଲଟା ଅଚାନକ ତା ଚୁଟି ଟାଣି ଧମକ ଦେଲା, "ମାନୁଛୁ ନା ନାଇଁ ବେ ହାରାମଜାଦି ! ଦେଖିବୁ ରୁଲ୍ ବାଡ଼ି ପୂରେଇଦେବି ! ତୋ ଭଳିଆ କେତେକଙ୍କୁ ମୁଁ ସାବାଡ଼୍ କରିଛି, ତୁ କି ଛାର ? ତୋ ଅକଡ଼ ଗୋଟେ ମିନିଟ୍‌ରେ ଭାଙ୍ଗିଦେବି ।"

ଇନ୍‌ସପେକ୍ଟର ଜଣକ ତାଙ୍କ ଡାହାଣ ହାତ ଉଠାଇ ଲେଡି କନ୍‌ଷ୍ଟେବଲକୁ ଚୁପ୍ ରହିବାକୁ ନିର୍ଦ୍ଦେଶ ଦେଇ ତା ଆଡ଼କୁ ସାମାନ୍ୟ ଝୁଙ୍କିଆସି ବ୍ୟଙ୍ଗାତ୍ମକ ସ୍ୱରରେ କହିଲେ, "ବୁଝିଲ ମ୍ୟାଡାମ୍ ! ଆମେ ତୁମ ବିରୋଧରେ ଠୋସ୍ ପ୍ରମାଣ ପାଇ ତୁମକୁ ଏଠିକୁ ଆଣିଛୁ । ଭାବନାଇଁ ଅନ୍ଧ ଭାବେ ବାଡ଼ି ବୁଲାଉଛୁ । ତୁମ ସ୍ୱାମୀ ତାଙ୍କ ଅଫିସ୍ ଷ୍ଟାଫ୍ କ'ଣ ତା ନାଁ ନିଶା ସହ ଯୋଉ ନାରେନାରେ ହଉଥିଲା, ସେ ଖବର ଉଣାଅଧିକେ ତୁମେ ଜାଣିସାରିଥିଲ ଓ ତୁମେ ନିଶା ସହ ଝଗଡ଼ା କରିବାର ବି ସମସ୍ତେ ଜାଣିଛନ୍ତି । ନିଶା ସହ ତୁମ ସ୍ୱାମୀଙ୍କ ସଂପର୍କକୁ ନେଇ ତୁମ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ ଖିଟ୍‌ପିଟ୍ ଲାଗିରହୁଥିଲା । ତୁମ ରସିକ ନାଗର ତୁମ କଥା ନ ମାନିବାରୁ ତୁମେ ଭିତରେ ଭିତରେ ଉତ୍‌କ୍ଷିପ୍ତ ଥିଲ । ବକ ଯେମିତି ସୁଯୋଗ ଅପେକ୍ଷା କରିଥାଏ, ସୁଯୋଗ ମିଳିଲା ମାତ୍ରେ ଟାକ୍ କିନା ମାଛଟାକୁ ଗିଳିଦିଏ; ତୁମେ ସେମିତି ଏକ ସୁଯୋଗରେ ଥିଲ ।"

ଇନ୍‌ସପେକ୍ଟର ଜଣକ ଟିକେ ଦମ୍ ନେଲେ । ସମ୍ଭବତଃ ଏଇ କେଶ୍‌ଟି ସମାଧାନ କରିଦେଲେ ତାଙ୍କ ପ୍ରୋମଶନ୍ ସୁନିଶ୍ଚିତ । ତା'ପରେ ସେ ହାୟର୍ ଲେଭୁଲ୍‌ରେ ଧରାଧରି କରି କଟକ କିମ୍ବା ଭୁବନେଶ୍ୱର ବଦଳି ହେଇ ଆସିବାକୁ ଚେଷ୍ଟା କରିବେ । ପତ୍ନୀଙ୍କ ଅପାରଗ ନାମକ କଟୂକ୍ତି ତାଙ୍କର ଆଉ ସହ୍ୟ ହେଉନି । ଏଭଳିଆ ଏକ ଛୋଟ ଜାଗାରେ ଥିବାରୁ ପିଲାମାନେ କିଛି ସ୍କୋପ୍ ପାଉନାହାନ୍ତି ବୋଲି ବାରମ୍ବାର ତାଙ୍କ ଅଭିଯୋଗ । ତେଣୁ ସେ ଏ ସୁଯୋଗ ହାତଛଡ଼ା କରିବେ କାହିଁକି ?

ଆଉଟିକେ ଗଳା ସଫା କରି ସେ କହିଲେ, "ନିଜ ସୁନା ସଂସାର ଚୂନା ହେଇଯାଉଥିବା ଦେଖି ତୁମେ ଅସହ୍ୟ ହେଇ ସ୍ୱାମୀଙ୍କୁ ମାରିବାକୁ ନିଷ୍ପତ୍ତି ନେଲ । କଥାରେ କୁହନ୍ତିନି ଘଇତା ପଛେ ମରୁ ସଉତୁଣୀ ରାଣ୍ଡ ହଉ... ସେଇ ନ୍ୟାୟରେ ନିଜକୁ ପ୍ରସ୍ତୁତ କଲ । ସେଦିନ ସୁବିଧା ଦେଖି ରାତିରେ ଶୋଇବା ପୂର୍ବରୁ ପିଉଥିବା କ୍ଷୀରରେ କିଛି ଗୋଟେ ଉତ୍କଟ ବିଷ ମିଶାଇଦେଲ, ଯାହାକୁ ପିଇ ସଙ୍ଗେସଙ୍ଗେ ରୋହିତ ମରିଗଲା ଓ ତୁମେ ସେ ମରିସାରିଲା ପରେ ନିଜ ମୁଣ୍ଡରୁ ଦୋଷ ଓହ୍ଲାଇବା ପାଇଁ ତାକୁ ହସ୍‌ପିଟାଲ୍ ନେଇଆସିଲ ।"

ରଥଯାତ୍ରାର ଧାରା ବିବରଣୀ ଦେଲା ପରି କିଛି ସମୟ କହିସାରି ସେ ଲେଡି କନ୍‌ଷ୍ଟେବଲ ମୁହଁକୁ ଚାହିଁଲେ । ଲେଡି କନ୍‌ଷ୍ଟେବଲ ଜଣକ ଏଥର ଆରତୀ ବସିଥିବା ଚେୟାରଟା ତା ପାଖକୁ ଘୋଷାଡ଼ି ଆଣି ତା ଚୁଟିକୁ ମୁଠେଇ ଦାନ୍ତ କାମୁଡ଼ି କହିଲା, "ତା'ପରେ ତୁ କିଛି ନଜାଣିଲା ପରି କଚାଡ଼ିମଚାଡ଼ି ହେଇ କାନ୍ଦିଲୁ । କାନ୍ଦିକାନ୍ଦି ମେଦିନୀ ଫଟେଇଦେଲୁ । ତୋ କାନ୍ଦ ଶୁଣି ଲୋକ ଆହା ଚୁ ଚୁ କଲେ । ତୋ କାନ୍ଦର ଡ୍ରାମା ଦେଖି କିଏ ବା ବିଶ୍ୱାସ କରିବ ତୁ ତୋ ସ୍ୱାମୀକୁ ମାରିଥିବୁ ! ହେଲେ ପୋଲିସ୍‌ର ହଜାରେ ଆଖି ଲୋ ମା' କୁଆଡ଼େ ଯିବୁ ? ଆମେ ସମସ୍ତେ ଜାଣିଛୁ ତୁ ତୋ ସ୍ୱାମୀକୁ ମାରିଛୁ; କିନ୍ତୁ ତୋ ମୁହଁରୁ ଥରେ ଶୁଣିବାକୁ ଚାହୁଁଛୁ । ତୋ ମୁହଁରୁ ଥରେ ଶୁଣିଦେଲେ ଆମ କାନ ପବିତ୍ର ହେଇଯିବ, ଆମେ ଅମର ହେଇଯିବୁ । ତେଣୁ କହିଦେ ତୁ ତା କ୍ଷୀରରେ ବିଷ ମିଶେଇଥିଲୁ କି ନାଇଁ ? ମୋତେ ଆଉ ରଡ଼ାନି ।"

ପୁଣିଥରେ ଧାରା ବିବରଣୀ ଅଦଳ ବଦଳ ହେଲା । ଇନ୍‌ସପେକ୍ଟର ଜଣକ ରୁଲ୍‌ବାଡ଼ି ଠକ୍‌ଠକ୍ କରି କହିଲେ, "ନା ନା, ସେ କ'ଣ ସେମିତି ମାରିଥିବେ କି... ଗୋଟେ ଷ୍ଟାଇଲ୍‌ରେ ମାରିଥିବେନା ! ଗୋଟେ କ୍ଷୀରଗ୍ଲାସ୍‌ରେ ବିଷ ମିଶେଇ ସ୍ୱାମୀଙ୍କୁ ପାଖରେ ବସେଇଥିବେ । ଗେହ୍ଲାରେ କହିଥିବେ, 'ଆଜି ମୁଁ ତୁମକୁ ମୋ ହାତରେ କ୍ଷୀର ପିଏଇଦେବି ।' ତା'ପରେ ମ୍ୟୁଜିକ୍ ଅନ୍ କରିଥିବେ । ବିଷବାଲା ଗ୍ଲାସ୍‌ଟା ନିଜ ପଟକୁ ରଖିଥିବେ ଓ ତାଙ୍କୁ କହିଥିବେ, 'ତୁମେ ମଧ୍ୟ ମୋତେ ପିଏଇଦିଅ ।' ମତୁଆଲା ଆଖିରେ ସ୍ୱାମୀଙ୍କୁ ଏମିତି ଚାହିଁଥିବେ ଯେ, ଗ୍ଲାସ୍‌ରୁ କ୍ଷୀର କେତେବେଳେ ସରିଯାଇଥିବ ସେ ଜାଣିପାରିବେନି । ବାସ୍... ତା'ପରେ ଆରମ୍ଭ ହେଇଯାଇଥିବ ବିଷର ତୀବ୍ର ପ୍ରତିକ୍ରିୟା, ସଙ୍ଗେସଙ୍ଗେ ମୃତ୍ୟୁ । ଆଉ ତା'ପରେ ଏ ଅଭିଲା ଡ୍ରାମା ।"

ଇନ୍‌ସପେକ୍ଟରଙ୍କ ବର୍ଣ୍ଣନା ଶୁଣି ଆରତୀ ଫେରିଗଲା ଦୁଇଦିନ ତଳକୁ । ହଁ, ଏମିତି କିଛି ସେଦିନ ବି ତ ଘଟିଥିଲା । ନିଶାକୁ ନେଇ ଝଗଡ଼ା ହେଲା ପରଠୁ ରୋହିତ ପୂର୍ବ ଅବସ୍ଥାକୁ ଫେରିଆସିଥିଲା । ଆରତୀର ଆଉ କୌଣସି ସନ୍ଦେହ ନଥିଲା ତା ଉପରେ । ଦୁହିଙ୍କ ଜୀବନ ପୁଣି ସ୍ୱାଭାବିକ ହେଇଯାଇଥିଲା । ସେଦିନ ଅଫିସ୍‌ରୁ ଫେରି ରୋହିତ ଭାରି ଖୁସି ଜଣାପଡୁଥିଲା । ସଂଧ୍ୟାସାରା ସେମାନେ ଖୁସିଗପ କଲେ । ରୋହିତ ତାକୁ ଛାତ ଉପରକୁ ଡାକିନେଲା । ଛାତ ଉପରେ ତାକୁ କୋଳରେ ଶୁଆଇ ବହୁତ ସମୟ ଗେହ୍ଲା କଲା । ଆରତୀର ବେକ ପଛ ପେନ୍ ହେଉଥିବାରୁ ବହୁତ ସମୟ ଯାଏଁ ବେକ ପିଠି ଚିପିଦେଲା । ଗଭୀର ଆଲିଙ୍ଗନରେ ଭିଡ଼ିଧରିଲା ତାକୁ ।

ଆରତୀ ତାକୁ ପଚାରିଲା, "ଆଜି ତ ଭାରି ରୋମାଣ୍ଟିକ୍ ମୁଡ୍‌ରେ । ଛାଡ଼ ମୋତେ, ଅଣନିଃଶ୍ୱାସୀ ଲାଗିଲାଣି ।

– ହମମମ ଆଜି ତୁମେ ଦୁନିଆର ସବୁଠୁ ସୁନ୍ଦର ଦେଖାଯାଉଛ ଯେହେତୁ, ଆଜି ତମକୁ ଜମା ଛାଡ଼ିବିନି ।

– ଶୁକ୍ରିୟା ଜନାବ୍... ତେବେ ମୁଁ କ'ଣ ଆଗରୁ ସୁନ୍ଦର ଦେଖାଯାଉ ନଥିଲି ?

–ମୋହତରମା ତୁମେ ତ ସବୁବେଳେ ସୁନ୍ଦର, ତେବେ ଆଜି କିଛି ସ୍ପେସାଲ୍ ଲାଗୁଛ । ସେଥିପାଇଁ ମୁଁ ଆଜି ତୁମକୁ ଗୋଟେ ସ୍ପେସାଲ୍ ଗିଫ୍ଟ ଦେବି ।

– ସତେ ନା କ'ଣ ? କହିଲ କହିଲ ମୋ ପାଇଁ କ'ଣ ଆଣିଛ ?

– ଆରେ ରୁହ, କହିଦେଲେ ସସ୍‌ପେନ୍ସ କ'ଣ ରହିଲା ? ଠିକ୍ ସମୟରେ ଦେବି ।

ରାତିରେ ଖାଇସାରିଲା ପରେ ରୋହିତ ବହୁତ ଆଗ୍ରହରେ ତାକୁ ପାଖରେ ବସେଇ କହିଲା, "ଆଜି ମୁଁ ତୁମ ପାଇଁ କ୍ଷୀର ନେଇଆସୁଛି, ଖାଲି ଆଣିବିନି, ନିଜ ହାତରେ ପିଏଇଦେବି ।"

ରୋହିତ ନିଜେ ଯାଇ କିଚେନ୍‌ରୁ ଦୁଇଗ୍ଲାସ୍ କ୍ଷୀର ନେଇଆସିଲା । ଆରତୀ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥାଏ, ସମୟ ସେଇଠି ଅଟକିଯାଆନ୍ତା କି ! ଆଜି ତା ହାତମୁଠାରେ ସରଗ ଚାନ୍ଦ । ମଝିରେ ମଝିରେ ରୋହିତ ତାକୁ ଏମିତି ସ୍ପେଶାଲ୍ ଟ୍ରିଟମେଣ୍ଟ କରେ । କିଛି କାମ କରେଇ ଦିଏନି, ନିଜେ ସବୁ କରେ । ଏମିତିକି ଖୁଆଇଦିଏ ମଧ୍ୟ ।

ରୋହିତ ରିଭଲ୍‌ଭିଙ୍ଗ୍ ଟେବୁଲ ଉପରେ କ୍ଷୀର ଦୁଇଗ୍ଲାସ୍ ରଖି ମ୍ୟୁଜିକ୍ ଲଗାଇବାକୁ ବୁଲିପଡ଼ିଲା ତ ଟେବୁଲ ମଧ୍ୟ ଘୂରିଗଲା । ଏକଥା କିନ୍ତୁ ସେ ଜାଣିପାରିଲାନି । ମ୍ୟୁଜିକ୍ ଲଗେଇ ବୁଲିପଡ଼ି ତା ଗ୍ଲାସ୍ ଉଠାଇ ଆରତୀକୁ ପିଏଇବାକୁ ଲାଗିଲା । ଆରତୀ ମଧ୍ୟ ଆର ଗ୍ଲାସ୍ ଉଠାଇ ରୋହିତକୁ ପିଆଇବାକୁ ଲାଗିଲା । ସେତେବେଳେ ରୋହିତ ତାକୁ ଏମିତି ମତୁଆଲା ହେଇ ଦେଖୁଥିଲା, ଆରତୀ କ୍ଷୀରଗ୍ଲାସ୍ କେତେବେଳେ ସରିଲା ଜାଣିପାରିଲାନି । କ୍ଷୀରଗ୍ଲାସ୍ ସରୁ ନସରୁଣୁ ରୋହିତର ଚେହେରା କେମିତି ଗୋଟେ ବିକଟାଳ ଦେଖାଗଲା । ସେ ତା ତଣ୍ଟିକୁ ଧରି ଗଁ ଗଁ ହେଲା ଓ ତଳେ ପଡ଼ି ଛଟିପିଟି ହେଲା । ତା ପାଟିରୁ ଫେଣ ବାହାରିବାକୁ ଲାଗିଲା । ଆରତୀ ବୁଝିପାରିଲାନି ହଠାତ୍ କ'ଣ ହେଲା । ସେ ବଡ଼ପାଟିରେ ପାଖଲୋକଙ୍କୁ ଡକାହକା କଲା, ଲୋକ ଆସି ଜମା ହେଲାବେଳକୁ ଆଉ କିଛି ନଥିଲା । ରୋହିତର ଶରୀର ପଡ଼ିରହିଥିଲା ଅଚଳ ସ୍ଥବିର ପରି । ଦେହହାତ ପୂରା ଥଣ୍ଡା । ତଣ୍ଟିଠୁ ଛାତି ଏକ୍‌ଦମ୍ ନୀଳ ।

ଆଜି ଇନ୍‌ସପେକ୍ଟରଙ୍କ ବର୍ଣ୍ଣନା ଶୁଣି ସେଦିନର କଥାକୁ ଗଭୀର ଭାବେ ମନେପକାଇଲା ଆରତୀ । ରୋହିତର ଶୋକରେ ସେ ଏସବୁ ଭୁଲିଯାଇଥିଲା । କିଛି ସମୟ ଭିତରେ ତା ଆଖି ଦୁଇଟି ଭୟ, ଘୃଣା, ଅବିଶ୍ୱାସରେ ସାଙ୍କୁଡ଼ିଗଲା । ତା'ହେଲେ ସେଦିନ ରୋହିତ ତାକୁ ବିଷ ଦେବା ପାଇଁ ପ୍ରସ୍ତୁତି କରିଥିଲା ? ତାକୁ ରାସ୍ତାରୁ ହଟେଇ ନିଶା ସହ ସଂସାର ପାତିଥାନ୍ତା ? ଘରେ ପାଟିତୁଣ୍ଡ ହେଲାପରେ ଖୁବ୍ ସୁନ୍ଦର ଭାବେ କିଛି ନହେବାର ଅଭିନୟ କରିଚାଲିଥିଲା । ସୁଯୋଗ ପାଇଲାମାତ୍ରେ ହାତଛଡ଼ା କଲାନି । ଏତେ ବିଶ୍ୱାସକୁ ଟୋପାଏ ବିଷ ଛାରଖାର କରିଦେଲା ! ରିଭଲ୍‌ଭିଂ ଟେବୁଲଟା ଘୂରିଗଲା ବୋଲି ସିନା ! ହଁ, ରୋହିତ ତାକୁ ବିଷ ଦେବାର ପୂର୍ଣ୍ଣପ୍ରସ୍ତୁତି କରିଥିଲା । ମନେମନେ ସେ ଏତେ ପ୍ଲାନ୍ କରିଥିଲା, ଅଥଚ ସେ ତା ଏତେ ପାଖରେ ଥାଇ ସାମାନ୍ୟ ଟେର୍ ପାଇଲାନି । ଦୁହିଙ୍କ ଭିତରେ ବିଶ୍ୱାସ ନଥିଲା, ବିଷ ଥିଲା ବିଷ ! ଯୋଉ ବିଷରେ ଆଜିଠୁ ସେ ସାରାଜୀବନ ଜଳିବ । ରୋହିତକୁ ଭଲପାଇବାର ସଜା ତାକୁ ଭୋଗିବାକୁ ପଡ଼ିବ ।

ଅଚାନକ ଆରତୀ ଚିତ୍କାର କଲା, "ହଁ ହଁ ମୁଁ ମାରିଛି ରୋହିତକୁ । ମୁଁ ତାକୁ ବିଷ ଦେଇଛି । ମୁଁ ମାରିଛି ତାକୁ... ମୁଁ ମୁଁ ମୁଁ... ।"

ଲେଡି କନ୍‌ଷ୍ଟେବଲ ଜଣକ ମୁହଁମୋଡ଼ି ତା ରୁଲ୍‌ବାଡ଼ି ଧରି ବାହାରକୁ ଚାଲିଗଲାବେଳେ ଇନ୍‌ସପେକ୍ଟର ଜଣକ ତାଙ୍କ ସାର୍ଟର ଅବଶିଷ୍ଟ ବୋତାମ ଖୋଲି ଚେୟାର ଉପରେ ବସି ପେଟକୁ ଆଉଁସିବାକୁ ଲାଗିଲେ ।

୯ ଷ୍ଟେସନ ସ୍କୋୟାର, ଭୁବନେଶ୍ୱର-୧

●●

# ଆଫ୍ରିକା ଠେକୁଆ

**ରାଧାଶ୍ୟାମ ରାଉଳ**

ଫକଡ଼ରାମ ଫତେସିଂହ ଓରଫ୍ ଫକଡ଼ ବାବୁଙ୍କର ପେସା ଓକିଲାତି, ନିଶା କିନ୍ତୁ ମନ୍ଦ ପ୍ରକୃତି । ଅନୀତି, ଦୁର୍ନୀତି, ଗଫଲତି, ଫିସାଦି, ବରବାଦି, ବେହିଆମି, ଚୁତିଆମି, ଚୁଚୁନ୍ଦ୍ରାମି, ବାତେରାମି, ଛତରାମି, ଚୋଠାମି, ଅଭଦ୍ରାମି ଇତ୍ୟାଦି ଯାବତ୍ ଅବିଗୁଣର ସୂତ୍ରଧର ଏବଂ କର୍ଣ୍ଣଧାର ହେଉଛନ୍ତି ସେ । ଏଇସବୁ ଦୃଷ୍ଟିରୁ କୁହାଯାଇପାରେ ବାବୁ ହେଉଛନ୍ତି ଜଣେ ସୁପର୍ ଡୁପର୍ ସ୍ୱାର୍ଥପର । ସ୍ୱାର୍ଥ ଯେଉଁଠି ବାବୁ ସେଇଠି । ଛଳେ ବଳେ ଅଥବା କଉଶଳେ  ବାବୁ ଯେକୌଣସି କ୍ଷେତ୍ରକୁ ପହିଲେ ଧସେଇ ପ୍ରବେଶିବେ । ତତ୍ପରେ ସେ କ୍ଷେତ୍ରରେ ହୀନ ରାଜନୀତି, କୂଟ, କପଟ ଓ ବିଭ୍ରାଟ ନୀତି ପ୍ରୟୋଗ କରି ସ୍ୱାର୍ଥ ହାସଲରେ କାମୟାବ୍ ହେବେ । ଏମନ୍ତ ସ୍ୱଭାବ ବାବୁଙ୍କର । ହରି ଓମ୍ ତତ୍ ସତ୍ !

ଯୋଗକୁ ଏକ ଶୁଭବେଳାରେ (ସିର୍ଫ ତାଙ୍କ ପାଇଁ ଶୁଭ ବେଳା !) ଫକଡ଼ ବାବୁ ଧସେଇକରି ପ୍ରବେଶିଲେ କଲୋନୀ ମାମଲାରେ । କଲୋନୀ ବୋଇଲେ ସେ ଯେଉଁଠି ରହୁଛନ୍ତି, ଦଶ ପଚାଶଙ୍କ ଗହଣରେ ମିଶୁଛନ୍ତି, ପରସ୍ପର ଭିତରେ ପଡ଼ୋଶୀ ସମ୍ପର୍କ ଗଢ଼ିଛନ୍ତି, "ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ସମାଜ ବିନା ସେ ବଞ୍ଚିପାରିବ ନାହିଁ" ବୋଲି ଟ୍ରାଡିସ୍ନାଲ୍ ଡାଇଲଗ୍ ମାରି ଯେଉଁ ସମାଜରେ ସେ ଆତଯାତ ହେଉଛନ୍ତି । ତେବେ ସେଇ କଲୋନୀବାସୀଙ୍କ ଭଲମନ୍ଦ, ହାନିଲାଭ, ସୁଖ ସମୃଦ୍ଧି ଇତ୍ୟାଦି କଲ୍ୟାଣମୂଳକ କାର୍ଯ୍ୟ ବୁଝିବା ପାଇଁ ଏକ କମିଟି ଗଢ଼ାହେଲା । କହିବା ବାହୁଲ୍ୟ, ପ୍ରଚଣ୍ଡ ଧୂର୍ତ୍ତାମିର ଅଧିକାରୀ ଫକଡ଼ ବାବୁ ସ୍ୱକୀୟ ପେଞ୍ଚପାଞ୍ଚ ପ୍ରପଞ୍ଚ ନୀତି ପ୍ରୟୋଗ କରି ଉକ୍ତ କମିଟିର କୋଷାଧ୍ୟକ୍ଷ ପଦ ପ୍ରାପ୍ତ ହୋଇପାରିଲେ । ଅବଶ୍ୟ ପରବର୍ତ୍ତୀ ସମୟରେ ହିସାବରୁ ଜଣାଗଲା, କମିଟି ଗଢ଼ାହେବାର ଦୁଇବର୍ଷ ଭିତରେ ଫକଡ଼ ବାବୁ କମିଟିରୁ ଲକ୍ଷାଧିକ ଟଙ୍କା ହଡ଼ପ କରି ନେଇଛନ୍ତି । ଏନେଇ ଜନଅସନ୍ତୋଷ ତେଜିବାରୁ ବାବୁ ଅତର୍ଛିଆ ହୋଇ ନିଜ ପଦରୁ ଇସ୍ତଫା ଦେଇ ଛୁ ଚମ୍ପଟ୍ ମାରିଲେ । ତେବେ ଦୁର୍ନୀତି ଅଭିଯୋଗରେ ବାବୁଙ୍କ ବିରୋଧରେ କମିଟି ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ଛାତି ଫୁଲେଇ ଫୁଲ୍ ବିନ୍ଦାସ୍ ହୋଇ ବାବୁ ବୁଲିଲେ । ସାରାଂଶରେ ଏଇୟା ହେଲା ଯେ, କଲୋନୀବାସୀଙ୍କୁ ପଟି ମାରିସାରିବା ପରେ ବାବୁ ନିରାପଦ ବଳୟରେ ଥାଇ ଆହିସ୍ତା ଆହିସ୍ତା ଡାଇଲଗ୍ କ୍ଷେପିଲେ, ଆରେ ଭାଇ, ମନ୍ତ୍ରୀ, ଯନ୍ତ୍ରୀ, ଅମଲାତନ୍ତ୍ରୀଙ୍କ ମଧ୍ୟରୁ କେହି ଯଦି ଅକଳରେ ପଡ଼ିଯାଉଛି ତ ଦୁର୍ନୀତି ନିବାରଣ ବିଭାଗ ତାଙ୍କୁ ଯାଇ ପକଡୁଛି । ହେଲେ ଆମେ ନା ମନ୍ତ୍ରୀ, ନା ଯନ୍ତ୍ରୀ, ନା ଅମଲାତନ୍ତ୍ରୀ । ଆମ୍ଭେ ହେଲୁ ଓକିଲ, ୟାନିକୀ ଫୁଲ୍ ବିଛୁଆତି । ଆମ୍ଭକୁ ପକଡ଼ିବା ଅର୍ଥ, ବୁମେରାଂ ମାଡ଼ । ଜଳାପୋଡ଼ା, ଯନ୍ତ୍ରଣା, ଉତ୍ତେଜନା, ବୋପାଲୋ ! ହାଃ ହାଃ ହାଃ । ଦ୍ୱିତୀୟରେ କଲୋନୀ ହେଉଛି ପ୍ରାଇଭେଟ୍ ଏରିଆ । ଏହା ଭିତରକୁ ଦୁର୍ନୀତି ନିବାରଣ ବିଭାଗର ଅଫିସର ପ୍ରବେଶ କରିବାର ସୁଯୋଗ ନାହିଁ । ଆମ୍ଭେ ତେଣୁ ବେପରୁଆ ଭାବରେ ବୁଲିବୁ । ସୁଯୋଗ ମିଳିବା ମାତ୍ରେ ଅନ୍ୟ ଏକ କ୍ଷେତ୍ର ସୃଷ୍ଟି କରି ତହିଁରେ ଜୋକ ପରି ଲାଗିଯିବୁ ।

କଲୋନୀରେ ଦୀର୍ଘ ଦଶବର୍ଷ ରହଣି ଭିତରେ ସେ ଭଲଭାବେ ଜାଣିଛନ୍ତି କଲୋନୀବାସୀଙ୍କ ମନସ୍ତତ୍ତ୍ୱକୁ । କାହାର କେଉଁ ଭାବଧାରା କି ଚିନ୍ତାଧାରା ସେକଥା ଦୋସରା, କିନ୍ତୁ ପ୍ରାୟ ସଭିଙ୍କର ଉଦ୍ଦେଶ୍ୟ, କାଦୁଅକୁ ଯିବେନାହିଁ କି ଗୋଡ଼ ଧୋଇବେ ନାହିଁ । ସତକଥା, ଝିନ୍‌ଝଟ, ଝାମେଲା ଭିତରକୁ ପଶିବାକୁ କାହା ପାଖରେ ସମୟ ଅଛି ଯେ ? ଅଧିକାଂଶ ତ ହେଲେ ଉଚ୍ଚଶିକ୍ଷିତ, ଚାକିରିଆ । ଟଙ୍କାର ଅଭାବ ନାହିଁ ସେମାନଙ୍କ ପାଖରେ । କଲୋନୀର କଲ୍ୟାଣ ନାଁରେ ଯିଏ ବି ଅର୍ଥ ମାଗିଲା, ସେମାନେ ଆଗପଛ ବିଚାର ନକରି ଅକୁଣ୍ଠିତ ଚିତ୍ତରେ ଦାନ କରିଦିଅନ୍ତି ଅର୍ଥ । ଫକଡ଼ ବାବୁ ସୁସ୍ଥମନରେ ଚିନ୍ତା କଲେ, "ସୁବର୍ଣ୍ଣ ସୁଯୋଗ । ଜିଅଳ ଗୁଣ୍ଡି ଶେଉଳ ଧରିବାର କ୍ଷେତ୍ର । କମିଟିର କୋଷାଧ୍ୟକ୍ଷ ପଦଟି ସିନା ହାତରୁ ଖସିଗଲା, ତା ବୋଲି କ'ଣ ମନ ମାରି ଘରେ ବସିରହିଲେ ଚଳିବ ?"

ହଠାତ୍ ତାଙ୍କର ନଜରକୁ ଆସିଲା କଲୋନୀର ସର୍ବସାଧାରଣ ଜାଗା । "ଆରେ ବାଃ ! ଏହା ହିଁ ତ ସୁବର୍ଣ୍ଣ ସୁଯୋଗ ।" ସେ ଉଚ୍ଚାରି ବସିଲେ, ସେଇଠୁ ସେ ଆଉ ଦୁଇଜଣ ଗୋତ୍ରମରା ଟାଉଟରଙ୍କ ସହ ହାତ ମିଳେଇ ଯୁଦ୍ଧକାଳୀନ ଭିତ୍ତିରେ ସର୍ବସାଧାରଣ ଜାଗାରେ ଏକ ବୃହତ୍ ଅଂଶରେ ଗଢ଼ିଦେଲେ ଲକ୍ଷ୍ମୀନାରାୟଣ ମନ୍ଦିର । ଅଭିସନ୍ଧି, ଲକ୍ଷ୍ମୀନାରାୟଣ ହେଉଛନ୍ତି ସକଳ ଦେବଦେବୀଙ୍କ ମଧ୍ୟରେ ସୁପର୍‌ଷ୍ଟାର୍ । ମେଗାଷ୍ଟାର୍ । ଏହାବାଦ୍ ଲକ୍ଷ୍ମୀନାରାୟଣ ହେଉଛନ୍ତି ଆଦର୍ଶ ପତ୍ନୀ ଓ ପତି । ମାନବବାଦର ପ୍ରବକ୍ତା, ଉଦ୍‌ଗାତା, ସବୁକିଛି । ଲକ୍ଷ୍ମୀନାରାୟଣଙ୍କ ନାଁ ଶୁଣିବା ମାତ୍ରେ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ସହଜରେ ଭଳିଯିବେ । ନୋ ପ୍ରୋବ୍ଲେମ୍ ।

ପରେ ପରେ ମନ୍ଦିର ଟ୍ରଷ୍ଟ୍‌ଟିଏ ଗଢ଼ାହେଲା । ସେ ଟ୍ରଷ୍ଟ୍‌ର ସର୍ବେସର୍ବା ହେଲେ ଫକଡ଼ ବାବୁ । ବଦାନ୍ୟ ବ୍ୟକ୍ତି ତଥା ଶ୍ରଦ୍ଧାଳୁ ଭକ୍ତମାନଙ୍କର ଦାନ, ଅନ୍ୟାନ୍ୟ ସଂଗଠନ ଓ ସଂସ୍ଥା ତରଫରୁ ମିଳୁଥିବା ଅନୁଦାନ ଇତ୍ୟାଦି ସବୁ ରହିଲା ଫକଡ଼ ବାବୁଙ୍କ ହାତରେ ।

ସେଇଠୁ ଧର୍ମକୁ ନେଇ ରାଜନୀତି, ଦିଅଁ ଦେବତାଙ୍କୁ ନେଇ ଚାଲିଲା ଇମୋସନାଲ୍ ବ୍ଲାକ୍‌ମେଲିଂ । ବିଭିନ୍ନ ଉତ୍ସରୁ ଆସିଥିବା ପ୍ରଚୁର ଅର୍ଥକୁ ଏପଟସେପଟ (ହେରାଫେରି) କରି ଏବଂ ନିଜେ ମଧ୍ୟ କଲୋନୀର ସର୍ବସାଧାରଣ ଜାଗାରେ ବୃହତ୍ ଅଂଶ ଜବରଦଖଲ କରି, ଫକଡ଼ ବାବୁ କଲୋନୀବାସୀଙ୍କ ନିକଟରେ ଏକାଧାରରେ ଜଣେ ନିରଳସ କର୍ମୀ, ତ୍ୟାଗୀ, ପୁଣ୍ୟାତ୍ମା, ଧର୍ମାତ୍ମା, ସଫଳ ସଙ୍ଗଠକ, ସମାଜସେବୀ ଭାବରେ ବିଦିତ ହେବାକୁ ଲାଗିଲେ ।

ସମୟ ବଡ଼ ବଳବାନ୍ । ସମୟ ବଦଳେଇଦେଇଛି ସବୁକିଛି । କ'ଣ ଆଉ କରାଯାଇପାରେ ?

ତେବେ ଫକଡ଼ ବାବୁଙ୍କର ଏକମାତ୍ର ପୁତ୍ର ଭଗୀରଥ ଓରଫ୍ ଭଗିଆ ନିଜ ବାପାଙ୍କ ଗୁଣରେ ଷୋଳଅଣା ଅନୁପ୍ରାଣିତ । ବାପାର ଚଉକାକୁ ପୁଅର ଛକା ନ୍ୟାୟରେ ବାପାଙ୍କ ଗୁଣଠାରୁ ପୁଅର ଆଉ କିଛି ଅଧିକ ଗୁଣ ରହିବା ଶାସ୍ତ୍ରସଙ୍ଗତ !

ଭଗିଆ ଛୋଟରୁ ବଡ଼ ହେଲା । ସ୍କୁଲ୍ ଛାଡ଼ି କଲେଜ୍ ଗଲା । କଲେଜ୍‌ରେ ନଲେଜ୍ ବଢ଼େଇଲା । କୁସଙ୍ଗରେ ପଡ଼ି ବିଶୃଙ୍ଖଳ ହେଲା । ଏଣିକି କଲୋନୀବାସୀ ଫକଡ଼ ବାବୁଙ୍କୁ ଛାଡ଼ି ତାଙ୍କ ପୁଅ ଭଗିଆକୁ ନେଇ ଚର୍ଚ୍ଚା କଲେ । ପୁଅ, ସାଙ୍ଗସାଥୀଙ୍କୁ ଧରି ଦାରୁ ପିଉଛି, ସାଇପଡ଼ିଶାଙ୍କର ଝିଅବୋହୂଙ୍କୁ କମେଣ୍ଟ୍ ମାରୁଛି, ଅଶ୍ଳୀଳ ଇଙ୍ଗିତ ଦେଉଛି । ଏକଥା କ'ଣ ପୁଅର ମାମଲତକାର ବାପା ଜାଣୁନାହାନ୍ତି ? ଜାଣୁନାହାନ୍ତି କ'ଣ ? ଅଲବତ୍ ଜାଣୁଛନ୍ତି । ହେଲେ ପୁଅ ଚାରିଦଉଡ଼ି କଟା । ବୋପା କଣ୍ଟ୍ରୋଲ୍‌ରେ ଆଉ ନାହିଁ ।

ଦିନକର କଥା । ଏକ ହୋଟେଲ୍‌ରେ ନିଜର ସାଙ୍ଗମାନଙ୍କ ସହ ମିଶି ପ୍ରଚୁର ମଦ୍ୟପାନ କରି ହୋଟେଲ୍‌ର କର୍ମଚାରୀଙ୍କୁ ମାରପିଟ୍ କରିବା ଅଭିଯୋଗରେ ପୋଲିସ୍ ଭଗିଆକୁ ଗିରଫ କରି ଥାନାକୁ ଆଣିଲେ । ଏ ସମ୍ବାଦ ଯେମିତି ଫକଡ଼ ବାବୁଙ୍କ କାନରେ ପଡ଼ିଲା, ଅବିଳମ୍ବେ ଯାଇ ହାଜର ହେଲେ ଥାନାରେ । ନିଜକୁ ଜଣେ ବରିଷ୍ଠ ଓକିଲର ପରିଚୟ ଦେଇ ଭଗିଆକୁ ପୋଲିସ୍ ପାଖରୁ ମୁକୁଳେଇ ଆଣିଲେ ସେ । ଅବଶ୍ୟ ତା ପୂର୍ବରୁ ପୋଲିସ୍ ବାବୁ ଭଗିଆକୁ ଭଲଭାବରେ ଛେଚାଛେଚି କରି ନିଶା ଛଡ଼େଇଦେଇଥିଲେ ।

ଥାନା ଛାଡ଼ିବା ପୂର୍ବରୁ ପୋଲିସ୍ ବାବୁଙ୍କୁ ନିଜର ଓକିଲାତି ଷ୍ଟାଇଲ୍‌ରେ ଫକଡ଼ ବାବୁ ଡାଇଲଗ୍ ଛାଡ଼ିଲେ, "ହେଇଟି ମଣି, ୟାନିକୀ ପୋଲିସ୍ ବାବୁ, କେତେ ବଡ଼ ବଡ଼ ଅପରାଧ ସହରରେ ଘଟୁଛି, ସେସବୁଥିରେ ତମର ତତ୍ପରତା ନାହିଁ । ଅଥଚ ପିଲାମାନେ ହୋଟେଲ୍‌ରେ ଖାଇବା ପିଇବା ଭିତରେ କ'ଣ ଟିକିଏ କରିପକେଇଲେ ଯେ, ସେନେଇ ତମେ ଫୁଲ୍ ତୟାର୍, ତତ୍ପର ? ଭଲ ଲୋକ ହୋ ?"

ଆଦୌ ବିରକ୍ତିଭାବ ପ୍ରକାଶ ନକରି ବେଶ୍ ସହଜ ଭଙ୍ଗୀରେ ପୋଲିସ୍ ବାବୁ କହିଲେ, "ବୁଝିଲେ, ମାମଲାଟି ମୋ ପାଖରେ ଥିଲା ବୋଲି ଆପଣଙ୍କ ଅନୁରୋଧରେ ୟାକୁ (ଭଗିଆ ପ୍ରତି ଅଙ୍ଗୁଳି ଦେଖେଇ) ଛାଡ଼ିଦେଲି । ମାମଲାଟିକୁ ଯଦି ଉପର ସ୍ତରକୁ ପଠେଇଦେଇଥାନ୍ତି, ସେତେବେଳେ ନେଡ଼ିଗୁଡ଼ କହୁଣିକୁ ବୋହିଯାଇଥାନ୍ତା । କେଜାଣି ଆପଣଙ୍କ ଓକିଲ ବୁଦ୍ଧି ଆପଣଙ୍କୁ ସେ ବେଳରେ ସହାୟକ ହୋଇଥାନ୍ତା କି ନାହିଁ !"

ପୋଲିସ୍ ବାବୁଙ୍କର ଏମନ୍ତ ଶାଣଦିଆ କଥା ତାଙ୍କ ଇଗୋକୁ ହଟ୍ କରିବାରୁ ଦିମାକିଆ ଠାଣିରେ କହିଲେ, "ହଇହୋ ବାବୁ, ଓଭରସ୍ମାର୍ଟ ହେବା ଜମାରୁ ଭଲ ନୁହଁ । ଧରାଯାଉ, ମନେକରାଯାଉ, ଆମ୍ଭେ ଆଫ୍ରିକା ଠେକୁଆ ସମ ଖୁବ୍ ତରକା, ୟାନିକୀ ଚତୁର, ଜାଗତିଆର । ଆମ୍ଭକୁ ପକଡ଼ିବ କ'ଣ, ତା ପୂର୍ବରୁ ଆମ୍ଭେ ରାସ୍ତା କାଟି ଚମ୍ପଟ ମାରିବା ଲୋକ । ବରଂ ଆମ୍ଭେ ଚାହିଁଲେ ତମକୁ ଗାବୁକିନା ପକଡ଼ିଦେବୁ । ରାତିଅଧିଆ ତମକୁ ନକ୍ସଲ୍ ଏରିଆକୁ ଟ୍ରାନ୍‌ସଫର୍ କରିଦେଇପାରିବୁ । ହାଃ ହାଃ ହାଃ ।"

ଆଦୌ ବିଚଳିତ ନହୋଇ କିଛିମାତ୍ରାରେ ଗମ୍ଭୀର ହୋଇଯାଇ ପୋଲିସ୍ ବାବୁ କହିଲେ, "ଆବଶ୍ୟକସ୍ଥଳେ, ଆଫ୍ରିକା ଠେକୁଆକୁ ଫାଶରେ ପକେଇବା ବିଦ୍ୟା ଆମ୍ଭକୁ ବେଶ୍ ଭଲଭାବରେ ଜଣାଅଛି ହୋ ମିଷ୍ଟର୍ ଫକଡ଼ରାମ ଫତେସିଂହ !"

ଫକଡ଼ ବାବୁ ବୋକାଙ୍କ ଭଳି ବଲବଲ କରି ଅନେଇ ରହିଥିଲେ ପୋଲିସ୍ ବାବୁଙ୍କ ମୁହଁକୁ ।

ଡ୍ୟୁପ୍ଲେକ୍ସ-୧୦(ବି), ବୀମାବିହାର
ସେକ୍ଟର-୬, ମର୍କତନଗର, କଟକ-୧୪

●●

## ରମ୍ୟରଚନା ବିଭାଗ

# ରାଧେ ରାଧେ

### ରାଜେଶ କୁମାର ଜୈନ୍ (ଶାନ୍ତିରାଜେଶ)

ହଠାତ୍ ଆକାଶିଆ ବିଜୁଳି ପ୍ରେମକୁ ସମ୍ଭାଳି ନପାରି ବିଚରା ମୁଁ ହରିଦ୍ୱାରରେ ବାବାଙ୍କ ଓଲମ୍ ବିଲମ୍ ଆଶ୍ରମରେ ଶରଣ ପଶିଛି । କ'ଣ କହିବି ଅବା ଶ୍ରୀମତୀଙ୍କ କଥା ! ଘରଟାଯାକ ରାଜୁତି । ନାମକୁ ଖାଲି ରହିଯାଇଥିଲି ପତି । ଘରେ ରହିଲେ ଦୋଷ, ବାହାରୁ ଆସିଲେ ଦୋଷୀ । ଏମିତିଆ ଡାଆଣିଆ ନଜର ଖସୁ ପାଇଁ ଚନ୍ଦନ ଟିକା ଲାଗିଥିବା ବୋଦାକୁ କଞ୍ଚା ଗିଳିଯିବ । ଚାକର ନଆସିଲେ ତ ପୂରାପୂରି ହାଇ ବ୍ଲଡ୍‌ପ୍ରେସର୍ । ଗଧ ସମ ଏ ତୁଠରୁ ସେ ତୁଠକୁ ଦଉଡ଼ାଇଥାଏ । ଟିକିଏ ହଇଚଇ ହେଲେ ସାକ୍ଷାତ ରଣଚଣ୍ଡୀର ଦର୍ଶନ । ମୁଁ ତ ପିଲାଙ୍କ ଯୋଗୁଁ ଏଠି ବାନ୍ଧିହୋଇ ପଡ଼ିଛି । ନହେଲେ ତୁମ ଭଳିଆ କୁଳା ପାଛୁଡ଼ା ବେହେଲ ସାଥେ ଗୋଟାଏ ମୁହୂର୍ତ୍ତ ବି ବରଦାସ୍ତ କରିବା ଦ୍ରୌପଦୀର ବସ୍ତ୍ରହରଣ ଅପମାନ ସମ । ସତେ ଯେପରି ପିଲାଗୁଡ଼ାକ ବ୍ୟକ୍ତିଗତ ରେଜିଷ୍ଟ୍ରି ! ପଦେ କହିଦେଲେ ମାନବ ଅଧିକାର ହନନର ଦଫା ଲାଗିଯିବ । ଯଦି ଛୁଟିଦିନରେ ଦାଣ୍ଡ ନଡେଇଁବା ତ୍ରୁଟି କଲ, ଭାରତ-ପାକ୍ ସୀମାର ବାଘା ବର୍ଡର୍ ସମ ତୂରୀ ଫୁଙ୍କା । ହାତେହାତେ କଇଁଚି ଦାଢ଼ । ପଡ଼ୋଶୀ ବିଭୀଷଣ ଆଉ ତା ଭାରିଜା ମନ୍ଥରାର ଗୁଣଗାନ । ଦେଖ, କିପରି ଚାରିଚକା ଯାନେ ବସି ମହାନଦୀଠାରୁ କାଠଯୋଡ଼ି ନାପିଦେଉଛନ୍ତି ! ତୁମର ସେଇ ଭଙ୍ଗା ଅମଳର ଧତଡ଼ା ବଜାଜ ସ୍କୁଟର । ଦୁର୍ଭିକ୍ଷିଆ ନର ସମ ଦୃଷ୍ଟିଗୋଚର । ହମ୍ପସରେ ଥୁକୁଲ୍ ମାରିଲେ ଗଡ଼ାଣିରେ ଦମ୍ ନେଉଛି । ପ୍ରାୟତଃ ତା ମା' ଚଣ୍ଡୀ ସାଙ୍ଗରେ ଫୋନ୍‌ରେ କଥା ହୁଏ । ବୁଢ଼ୀଟାର ରାମନାମ ବୟସ ହେଲାଣି, ହେଲେ ଥୋବରା ଦୋଷ ଯାଇନି । କିପରି ପତିକୁ ପାନେ ଦେବାର ବଶୀକରଣ ମନ୍ତ୍ର ତା କାନେ ନିଆଁରେ ଘିଅ ଢାଳିଲା ପରି ଫୁଙ୍କିଦିଏ । ଏଇଟା ତ ସତକଥା ଯେ, ଯେଉଁ ଘରେ ନାରୀଙ୍କ ରାଜୁତି ଚାଲେ, ସେଠାରେ ପ୍ରେମ ତ ବହୁତ ଦୂରର କଥା, ହାଇ ଟେନ୍‌ସନ୍ ତାରର ଜାଲ ବିଛେଇ ହୋଇଯାଇଥାଏ । ଆଗରେ କୂଅ, ପଛରେ ଖାଇ । ନର ଜୀବଟି ପୂରାପୂରି ଗାଈ । କି ଦୋଷ କରିଥିଲା ସଂସାରୀ ହୋଇ କେବଳ ଘୋଡ଼ାଦୌଡ଼ର ଧଇଁସଇଁ । ନିଜ ଅସ୍ତ୍ର ଯଦି ବୁମେରାଂ ସାଜଇ । ସୃଷ୍ଟିକର୍ତ୍ତା ବି ଉଦ୍ଧାର କରି ନପାରଇ । ହୃଦୟେ ହୃଦୟେ କାନ୍ଦଇ । ବିଶ୍ୱାସର ଚକଟି ସମ୍ପୂର୍ଣ୍ଣ ଭ୍ରଷ୍ଟ୍ ହୋଇଯାଇଛି । ଷ୍ଟେପିନ୍ ଲଗେଇ ଗାଡ଼ିଟିକୁ କେତେଦିନ ଅବା ଭିଡ଼ିବ ? କେତେ ସମ୍ଭାଳିଥାନ୍ତି ପ୍ରେସର ! ମରଦପଣିଆ ଦେଖାଇ ଦିନେ କହିଦେଲି, "ତୋ ବୋପା-ଭାଇଙ୍କୁ କହିଦଉନୁ, ଏବର୍ଷ ଆସୁଥିବା ଆମ ବିବାହର ପଚିଶିତମ ପାଳା ଦିବସରେ ଗୋଟାଏ ସ୍ୱିଫ୍‌ଟ ଚାରିଚକିଆ ଗିଫ୍ଟରେ ଦେଇଦେବେ । ହାତକୁ ଦି'ହାତ କଳାବେଳେ ତ ଲଣ୍ଠନ ଦେଇ ତଡ଼ିପାର କରିଦେଇଥିଲେ । ଏବେ ତ ଥୋଡ଼ାଏ ଧରମଭାଇ କଲୁଣି, ମିଳିତ ଆକାରରେ ମୋଟା ଚାନ୍ଦା ଦେଇଦେଲେ ଘରଟାର ବି ପୁନର୍ଗଠନ ହୋଇଯାଆନ୍ତା ।" କଥା ସରିଛି କି ନାହିଁ, ଆଉ ଢୋକି ବି ପାରିନି । ହରର୍ ସିନେମା ଅଭିନେତ୍ରୀ ପରି ଗାଧୁଆଘର ବାହାରେ ପଡ଼ିଥିବା ଦି'ଫାଳିଆଟା ତା ହାତରେ ଲାଖିଗଲା । ସେ ବିଷୟରେ ପଦେ ବି ବର୍ଣ୍ଣନା କରିବା ନିଶୁଆ ଜନ୍ମ ଉପରେ କଳଙ୍କ ଲାଗିଯିବ । ନିର୍ଯାତିତ ନରଟି ମା' ଛେଉଣ୍ଡ ଭାରତୀୟ ରେଳରେ ବସି କୃଷ୍ଣ ନଗରୀରେ ବାବାଙ୍କ ସହିତ ମିଶି ରାଧେ ରାଧେ କୀର୍ତ୍ତନ କରୁଛି ।

ଦିନେ ବାବାଙ୍କର କୃପାଦୃଷ୍ଟି ମୋ ଉପରେ ପଡ଼ିଲା । ଘଟଣା-ଦୁର୍ଘଟଣାଗୁଡ଼ିକ ଅଣନିଃଶ୍ୱାସୀ ହୋଇ ଏକାଥରେ କହିଗଲି । ପଚାରିଲି ଏ ବନ୍ଧନରୁ ମୁକ୍ତିର ଉପାୟ । ସାଥେସାଥେ ବାବା ଉତ୍ତର ଦେଲେ, "ଏ ସମ୍ପର୍କର ମୂଳମନ୍ତ୍ର 'ପ୍ରେମର କୋଟା'କୁ ଭାରତୀୟମାନେ ଗୋଟାଏ ଜନ୍ମରେ ଖର୍ଚ୍ଚ କରିପାରନ୍ତି ନାହିଁ । ଏ ସାତଜନ୍ମ ଯାଏଁ ସେ ପିଛା ଛାଡ଼େନି । ତୁମେ ଯଦି ଏହି ଜନ୍ମରେ ଏତେ ପ୍ରେମ କର କି ?" ଆଉ ବାବାଜିଙ୍କ କଥା କିଏ ଶୁଣୁଛି ! ହଜିଲା ଧନକୁ ପାଇଗଲା ପରି ଏକାଥରେ ଟ୍ରେନ୍‌ରେ । ବସିକରି ଝିରି-ଝେଟୁଡ଼ିର ଝିଆଲିଆ ସ୍ୱାଦ ଅନୁଭବ କରୁଥିଲି । ଯଦି ଏହି ଜନ୍ମରେ 'ପ୍ରେମର କୋଟା'କୁ ଅନ୍ତତଃ ଦୁଇବର୍ଷ ଭିତରେ ପୂରଣ କରିଦିଆଯାଏ, ତା'ହେଲେ ଆଉ ଗୋଟେ... ରାଧେ ରାଧେ... ରାଧେ ରାଧେ... ।

ଶାନ୍ତିସଦନ, ଅପର୍ଣ୍ଣାନଗର, ଚାଉଳିଆଗଞ୍ଜ, କଟକ

●●

Regd. No. : 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

## ସମସ୍ତଙ୍କର ପେଟ ପୁରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK**



CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube


IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ